(ପୃଷ୍ଠା–୧୨+୮)

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ନଭେମ୍ବର ୧୦/୨୦୨୩ (୧୨+୮=୨୦ ପୃଷ୍ଠା) | Bhubaneswar, Friday, November 10/2023 | Page 20 | ₹ 7.00

୪୯ଶ ଭାଗ ୩୪୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 345 | ମୂଲ୍ୟ₹୭/-





# ଲାଲ୍‌ଚାନ୍ଦ୍‌ର ଧନତେରସ୍ ଓ ଦୀପାବଳି ଅଫର୍

**ଏକ୍ସକ୍ଲୁସିଭ୍ ଡିଜାଇନ୍ ପାଆନ୍ତୁ ସର୍ବନିମ୍ନ ଗଢ଼ା ମୂଲ୍ୟ, ସ୍ୱଚ୍ଛ ରିହାତି ଏବଂ ବିନା ଲୁକ୍କାୟିତ ସର୍ତ୍ତରେ**

LALCHND
Trusted Brand Since 1948



## ଗଢ଼ା ମୂଲ୍ୟ ଉପରେ ବିଭ୍ରାନ୍ତିକର ଅଫର୍‌ଠାରୁ ଦୂରେଇ ରୁହନ୍ତୁ

| ବିଭ୍ରାନ୍ତିକର ଦାବି/ ଅଫର୍ | ସତ୍ୟତା |
|---|---|
| ମୋଟ୍ ସୁନା ମୂଲ୍ୟ ଉପରେ ଫ୍ଲାଟ୍ ୪.୫% ରିହାତି | ଗ୍ରାହକମାନେ କ୍ରୟ କରିଥିବା ସୁନା ଗହଣାର ମୋଟ ମୂଲ୍ୟ ଉପରେ ଫ୍ଲାଟ୍ ୪.୫% ରିହାତି ପାଉଥିବା ବେଳେ ବାସ୍ତବରେ ଗଢ଼ା ମୂଲ୍ୟ କେତେ, ସେ ସମ୍ପର୍କରେ କୌଣସି ତଥ୍ୟ ପାଉନାହାନ୍ତି । ଏଠାରେ ଅଧିକ ରିହାତି ଆଳ ଦେଖାଇ ଗ୍ରାହକଙ୍କୁ ଆକର୍ଷିତ କରାଯାଉଛି । ଏତଦ୍‌ଦ୍ୱାରା ଗ୍ରାହକମାନେ ଠକେଇର ଶିକାର ହେଉଥିବା ସ୍ପଷ୍ଟ ଜଣାପଡୁଛି । |
| ୩୦% ପର୍ଯ୍ୟନ୍ତ ରିହାତି ମୂଲ୍ୟବାନ ପଥର ଓ ପୋଲ୍‌କି ଜୁଏଲାରୀର ଗଢ଼ା ମୂଲ୍ୟ ଉପରେ | ଏହି ଜୁଏଲର୍ କମ୍ ବିକ୍ରୟ ଜୁଏଲାରୀ ଉପରେ ସର୍ବାଧିକ ୩୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରୁଥିବା ବେଳେ ଅନ୍ୟ ସମସ୍ତ ଜୁଏଲାରୀ ଉପରେ ଅଧିକ ଗଢ଼ାମୂଲ୍ୟ ନେଇଥାଏ । ଏଥିସହ କେତେକ ମନୋନୀତ ଡିଜାଇନ୍‌ର ଜୁଏଲାରୀ ଉପରେ ହିଁ ଏହି ଅଫର୍ ଲାଗୁ କରାଯାଇଛି । |
| ୨୦୦୦/-, ୧୦୦୦/-, ୫୦୦/- ଟଙ୍କାର ଗିଫ୍ଟ ଭାଉଚର୍, ନିର୍ଦ୍ଦିଷ୍ଟ କ୍ରୟମୂଲ୍ୟ ଉପରେ | କେତେକ ଜୁଏଲର୍ ଗିଫ୍ଟ ଭାଉଚର୍‌ର ଆଳ ଦେଖାଇ ଗ୍ରାହକଙ୍କୁ ଆକର୍ଷିତ କରୁଛନ୍ତି, କିନ୍ତୁ ପ୍ରକୃତରେ ଗ୍ରାହକଙ୍କୁ ଏହି ଅଫର୍‌ର ଯୋଗ୍ୟ ହେବା ପାଇଁ ମୋଟାଅଙ୍କର ସୁନା ଗହଣା କ୍ରୟ କରିବାକୁ ପଡ଼ିଥାଏ । |
| ୨୫% ପର୍ଯ୍ୟନ୍ତ ଛାଡ଼ ସୁନା ଗହଣାର ମଜୁରୀ ଉପରେ | ସୁନା ଗହଣାର ଗଢ଼ା ମୂଲ୍ୟ ଉପରେ ୨୫% ପର୍ଯ୍ୟନ୍ତ ରିହାତି ଦେଉଛନ୍ତି, କିନ୍ତୁ ନିଜ ମନମୁତାବକ ଗଢ଼ା ମୂଲ୍ୟକୁ ବଢ଼ାଇ ଦେଇ ତା' ଉପରେ ରିହାତି ପ୍ରଦାନ କରି ଗ୍ରାହକଙ୍କୁ ଭୁଆଁ ବୁଲାଉଛନ୍ତି । |
| ୨୦% ପର୍ଯ୍ୟନ୍ତ ଛାଡ଼ ସୁନା ଗହଣାର ଗଢ଼ା ମୂଲ୍ୟ ଉପରେ | ଏହି ପ୍ରତିଷ୍ଠାନ ସୁନା ଗହଣା ଉପରେ ସର୍ତ୍ତମୂଳକ (*) ଅଫର୍ ରଖି ୨୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରୁଛନ୍ତି, କିନ୍ତୁ ସଠିକ୍ ଗଢ଼ା ମୂଲ୍ୟ ସମ୍ପର୍କରେ ଗ୍ରାହକଙ୍କୁ ଜଣାଉନାହାନ୍ତି, ଯାହାଦ୍ୱାରା ଗ୍ରାହକମାନେ କ୍ରୟ ସମୟରେ ଦ୍ୱନ୍ଦ୍ୱରେ ପଡୁଛନ୍ତି । |
| ଫ୍ଲାଟ୍ ୫୯୯ଟଙ୍କା ଗଢ଼ା ମୂଲ୍ୟ ରେଗୁଲାର୍ ସୁନା ଗହଣା ଉପରେ | ଏଠାରେ ଜୁଏଲର୍ ଏଚ୍‌ୟୁଆଇଡି ହଲ୍‌ମାର୍କ ସୁନା ସମ୍ପର୍କରେ କୌଣସି ତଥ୍ୟ ନଦେଇ ରେଗୁଲାର୍ ସୁନା ଗହଣାର ଗଢ଼ା ମୂଲ୍ୟ ଉପରେ ୫୯୯ଟଙ୍କା ରିହାତି ପ୍ରଦାନ କରୁଛନ୍ତି । ଏଥିସହ ଏହି ଅଫର୍ କେବଳ ସୀମିତ ଡିଜାଇନ୍ ଉପରେ ଲାଗୁ ହେଉଥିବା ବେଳେ ଅନ୍ୟ ସମସ୍ତ ଗହଣା ଉପରେ ଗ୍ରାହକଙ୍କୁ ୧୨୦୦ଟଙ୍କା ଗଢ଼ା ମୂଲ୍ୟ ଦେବାକୁ ପଡୁଛି । |
| ସ୍ୱର୍ଣ୍ଣ ମୁଦ୍ରା(*) | ଏହି ଜୁଏଲର୍ ସର୍ତ୍ତମୂଳକ (*) ଅଫର୍ ରଖି ମାଗଣା ସ୍ୱର୍ଣ୍ଣ ମୁଦ୍ରା ପ୍ରଦାନ କରିଥାଏ । |

### ଲାଲ୍‌ଚାନ୍ଦ୍ ଜୁଏଲର୍ସ

ଲାଲ୍‌ଚାନ୍ଦ୍ ଜୁଏଲର୍ସ ସମସ୍ତ ଗହଣା ଉପରେ ଫ୍ଲାଟ୍ ଗଢ଼ା ମୂଲ୍ୟ ଏବଂ ସ୍ୱଚ୍ଛ ରିହାତି ପ୍ରଦାନ କରେ ।

**୬୨୫ ଟଙ୍କା/ଗ୍ରାମ୍**
ସମସ୍ତ ଏଚ୍‌ୟୁଆଇଡି ହଲ୍‌ମାର୍କଯୁକ୍ତ ସୁନା ଗହଣାର ଗଢ଼ା ମୂଲ୍ୟ

ଫ୍ଲାଟ୍ **୨୦,୦୦୦ ଟଙ୍କା/କ୍ୟାରେଟ୍**
ରିହାତି ହୀରା ମୂଲ୍ୟ ଉପରେ

ଫ୍ଲାଟ୍ **୫୦% ରିହାତି**
ରୁପା ଗହଣାର ଗଢ଼ା ମୂଲ୍ୟ ଉପରେ

ଫ୍ଲାଟ୍ **୨୦% ରିହାତି**
ନିର୍ଦ୍ଦିଷ୍ଟ ହାତଘଣ୍ଟା ବ୍ରାଣ୍ଡ ଗୁଡ଼ିକ ଉପରେ

ଫ୍ଲାଟ୍ **୧୫% ରିହାତି**
ବ୍ରାଣ୍ଡେଡ୍ ଆଇଟମ୍‌ର ମୂଲ୍ୟ ଉପରେ

**ମାଗଣା ରୁପା ମୁଦ୍ରା**
(ଆଇଜେଏସ୍‌ଏଫ)୨୫,୦୦୦ ଟଙ୍କା ବା ତଦୂର୍ଦ୍ଧ୍ୱ ମୂଲ୍ୟର କ୍ରୟ ଉପରେ
ଏବଂ
**ନିଶ୍ଚିତ ଉପହାର**
୨୫,୦୦୦ ଟଙ୍କା ବା ତଦୂର୍ଦ୍ଧ୍ୱ ମୂଲ୍ୟର କ୍ରୟ ଉପରେ

**ହିସାବ କରନ୍ତୁ | ତୁଳନା କରନ୍ତୁ | ତା'ପରେ କିଣନ୍ତୁ**

**ଗଢ଼ା ମୂଲ୍ୟ ଉପରେ ହେଉଥିବା ସ୍କାମ୍ ସମ୍ପର୍କରେ ଗ୍ରାହକମାନଙ୍କୁ ଅବଗତ କରାଇବା ଲାଲ୍‌ଚାନ୍ଦ୍ ଜୁଏଲର୍ସର ଦାୟିତ୍ୱ**

ଉତ୍ତମ ଗ୍ରାହକ ସେବା ପ୍ରଦାନ କରିବା ଲାଲ୍‌ଚାନ୍ଦ୍‌ର ମୂଳମନ୍ତ୍ର । କାରଣ ଆମେ ଶତ ପ୍ରତିଶତ ଏଚ୍‌ୟୁଆଇଡି (ହଲ୍‌ମାର୍କଯୁକ୍ତ ଏକକ ପରିଚୟପତ୍ର) ନିୟମ ଅନୁପାଳନ କରିଅଛୁ, ଯାହାଦ୍ୱାରା ଆମର ପ୍ରିୟ ଗ୍ରାହକଙ୍କୁ ସର୍ବୋତ୍ତମ ସପିଂର ଅଭିଜ୍ଞତା ପ୍ରଦାନ କରିପାରିବୁ ।

**ବିଆଇଏସ୍ ହଲ୍‌ମାର୍କଯୁକ୍ତ ପୁରୁଣା ସୁନା ଏକ୍ସଚେଞ୍ଜରେ ପାଆନ୍ତୁ ୧୦୦% ସୁନା ମୂଲ୍ୟ**

ସମସ୍ତ ଆକାରର ୯୯୯ ଶୁଦ୍ଧତା ବିଶିଷ୍ଟ ସ୍ୱର୍ଣ୍ଣ ମୁଦ୍ରା ଉପଲବ୍ଧ

**ଆକର୍ଷଣୀୟ ଜୁଏଲାରୀ ସପିଂ**
୨୫ ହଜାର ଟଙ୍କାର ଗହଣା ଉପରେ ନିଶ୍ଚିତ କୁପନ୍ ଏବଂ ସୀମିତ ସଂସ୍କରଣର ରୁପା ମୁଦ୍ରା

**ଲାଲ୍‌ଚାନ୍ଦ୍ ଜୁଏଲର୍ସରେ ବିଶ୍ୱର ସର୍ବବୃହତ ଅଳଙ୍କାର ମହୋତ୍ସବ**

**ଅବିଶ୍ୱସନୀୟ ପୁରସ୍କାର**
ପର୍ଯ୍ୟାୟକ୍ରମେ ଡ୍ର'ରେ ୫୦୦୦ କୁପନ୍‌ର ପ୍ରତି ସେଟ୍‌ରେ ୨୫ ଗ୍ରାମ୍ ସୁନା ମୁଦ୍ରା

ଚମକ୍ରିତ ସମସ୍ତଙ୍କ ଭାଗ୍ୟ! ଜିତନ୍ତୁ*

- ୧ କିଲୋଗ୍ରାମ ସୁନାର ୫ଟି ପୁରସ୍କାର
- ୧୦ ଲକ୍ଷ ଟଙ୍କା ବିଶିଷ୍ଟ ଜଡ଼ାଉ ଜୁଏଲାରୀର ୫ଟି ପୁରସ୍କାର
- ୧୦ ଲକ୍ଷ ଟଙ୍କା ବିଶିଷ୍ଟ ଟେମ୍ପଲ୍ ଜୁଏଲାରୀର ୫ଟି ପୁରସ୍କାର
- ୫ ଲକ୍ଷ ଟଙ୍କା ବିଶିଷ୍ଟ ହୀରା ଓ ମୂଲ୍ୟବାନ ପଥର ଖଚିତ ଜୁଏଲାରୀର ୧୦ଟି ପୁରସ୍କାର
- ୨.୫ ଲକ୍ଷ ଟଙ୍କା ବିଶିଷ୍ଟ ସୁନା ଗହଣାର ୧୦ଟି ପୁରସ୍କାର
- 'ଡିଭାଇନ୍ ସଲିଟେଆର୍' ତରଫରୁ ହୀରା ଖଚିତ ସୁନା ମୁଦ୍ରାର ୧୦୦ଟି ପୁରସ୍କାର

IJSF INDIA JEWELLERY SHOPPING FESTIVAL 2023
ପ୍ରାୟୋଜକ DIVINE SOLITAIRES

ଉପରିସ୍ଥ ଆଇଜେଏସ୍‌ଏଫ୍ ସ୍କିମ୍ ୧୫ ଅକ୍ଟୋବରରୁ ୨୨ ନଭେମ୍ବର ପର୍ଯ୍ୟନ୍ତ ବୈଧ

HDFC BANK
FESTIVE TREATS
- ଏଚ୍‌ଡିଏଫ୍‌ସି ବ୍ୟାଙ୍କ କ୍ରେଡିଟ୍/ଡେବିଟ୍ କାର୍ଡ ବ୍ୟବହାରରେ ତୁରନ୍ତ ୫% ଛାଡ଼
- ସର୍ବନିମ୍ନ ୪୦,୦୦୦ଟଙ୍କାର ନେଣଦେଣ ଉପରେ ଏହା ବୈଧ । ସର୍ବାଧିକ ୩,୦୦୦ଟଙ୍କାର ଛାଡ଼
- ପ୍ରତି କାର୍ଡ ପିଛା ଥରେ ବ୍ୟବହାର ଉପରେ ଏହି ଛାଡ଼ ୧୪ ନଭେମ୍ବର ୨୦୨୩ ପର୍ଯ୍ୟନ୍ତ ବୈଧ

ମାଷ୍ଟର କ୍ୟାଣ୍ଟିନ୍ ଶୋ'ରୁମ୍‌ରେ ଏମ୍‌ଏମ୍‌ଟିସି ସ୍ୱର୍ଣ୍ଣମୁଦ୍ରା ଏବଂ ରଘୁନାଥପୁର, କଟକ ତଥା ବ୍ରହ୍ମପୁରରେ ଏମ୍‌ଏମ୍‌ଟିସି ରୁପା ମୁଦ୍ରା ଉପଲବ୍ଧ

**ଲାଲ୍‌ଚାନ୍ଦ୍ ପ୍ରତିଶ୍ରୁତି** ★ ଏଚ୍‌ୟୁଆଇଡି ହଲ୍‌ମାର୍କ ସୁନା ★ ସର୍ବନିମ୍ନ ଗଢ଼ାମୂଲ୍ୟ ★ ଆଜୀବନ ରକ୍ଷଣାବେକ୍ଷଣ ★ ବାଏବ୍ୟାକ୍‌ର ଗ୍ୟାରେଣ୍ଟି ★ ଉଚ୍ଚ ଶୁଦ୍ଧତା ପରିମାପକ କ୍ୟାରେଟ୍ ମିଟର୍

**JEWELLERS SINCE 1988**

| ଭୁବନେଶ୍ୱର ରଘୁନାଥପୁର | ଭୁବନେଶ୍ୱର ମାଷ୍ଟର୍ କ୍ୟାଣ୍ଟିନ୍ | ଭୁବନେଶ୍ୱର ଏସ୍‌ପ୍ଲାନେଡ୍ ମଲ୍ | ବ୍ରହ୍ମପୁର ଧର୍ମ ନଗର | କଟକ କ୍ୟାଣ୍ଟନ୍‌ମେଣ୍ଟ ରୋଡ୍ | ନୂଆଦିଲ୍ଲୀ ଲାଜ୍‌ପତ୍ ନଗର |
|---|---|---|---|---|---|
| 0674-2469149/150/151 | 0674-2534016/17/18 | +91-99372 29625 | 0680-2229401/02/04 | 0671-2302505/3505/4505 | 011-45769564 |

ଆପଣମାନଙ୍କ ସୁବିଧା ପାଇଁ ଆମର ମାଷ୍ଟର୍ କ୍ୟାଣ୍ଟିନ୍ ଶୋ'ରୁମ୍‌ର ପଛପାର୍ଶ୍ୱସ୍ଥ ନୂତନ ଦ୍ୱାରଠାରେ ପର୍ଯ୍ୟାପ୍ତ ପାର୍କିଂର ସୁବ୍ୟବସ୍ଥା ସହ ନିୟମିତ ସମ୍ମୁଖ ଦ୍ୱାର ନିକଟରେ ଭାଲେ ପାର୍କିଂ ଉପଲବ୍ଧ ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ନଭେମ୍ବର ୧୦/୨୦୨୩ Bhubaneswar, Friday, November 10/2023



KHIMJI TRUST • SINCE 1936 •

Dhanteras Dhanvarsha
3rd Nov. Onwards

Embrace prosperity in the most purest form this Dhanteras.

Flat 4.5% Off* on total value of Gold Jewellery

Flat 20% Off* on Diamonds

Flat 25% Off* on Silver M/C
15% Off on Silver MRP Items

999 Purity Gold & Silver Coins available with Buyback Guarantee

5% EXTRA CASHBACK* SBI card
#Min. Trxn.: ₹25,000; Max. Cashback: ₹1,500 per card account. Validity: 03 Nov - 12 Nov 2023. T&C Apply.

Happy Dhanteras!
All Our Showrooms will open At 9: 30 am On 10th & 11th Nov

*T&C apply

Celebrate this Dhanteras with a touch of style and brilliance. Grace yourself with our exquisite ornaments on this festive season and embrace the blessings of prosperity and good fortune.

**BHUBANESWAR**
621, Saheed Nagar, Janpath

**BHUBANESWAR**
309, District Centre, Chandrashekarpur

**BHUBANESWAR**
Soubhagya Nagar

**BERHAMPUR**
Venkatraju Arcade, Sano Bazar

**CUTTACK**
558/834, Cantonment Rd

**JHARSUGUDA**
Sarbahal Road, Marwadi Para

**PURI**
Opp. Police Line, VIP Road

**ROURKELA**
Kesar Bhawan, Main Road

khimjijewellers.com | 1800 3131 777 | | Follow us:

KHIMJI®
JEWELLERS SINCE 1936

**ଆଜିର ମନ୍ତବ୍ୟ**

"ପ୍ରଶ୍ନ ପାଇଁ ଲାଞ୍ଚ ବିବାଦରେ ମୋତେ ଲୋକ ସଭାରୁ ବହିଷ୍କାର କରିବା ପାଇଁ ଏଥିବୃ କମିଟି ସୁପାରିସ୍ କରିବା 'କଙ୍ଗାରୁ କୋର୍ଟ ଦ୍ୱାରା ପୂର୍ବରୁ ଫିକ୍ସ ହୋଇଥିବା ମ୍ୟାଚ୍' ଭଳି। ଭାରତରେ ସଂସଦୀୟ ଗଣତନ୍ତ୍ରର ହତ୍ୟାକୁ ଏହା ସୂଚିତ କରୁଛି। **-ମହୁଆ ମୋଇତ୍ର, ଟିଏମ୍ସି ଏମ୍ପି**"

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଢିଙ୍କିଆ ଲାଉ !**
**ତୋ ଲାଗି ମୋହର ପରାଣ ଯାଉ।**

ଲାଉ ଖାଇବା ନେଇ ମନରେ ଅସୀମ ଆସକ୍ତି ଭାବ। ପରୋକ୍ଷରେ ପ୍ରଗାଢ଼ ପ୍ରେମର ନିଦର୍ଶନ। ଯାହା ପ୍ରତି ମନରେ ଯେତେ ଅଧିକ ଆସକ୍ତି ଭାବ ରହିଥାଏ ତା'ଲାଗି ସେ ନିଜ ଜୀବନ ଦେବାକୁ କେବେ ପଛାଉ ନଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଢିଙ୍କି ସ୍ୱର୍ଗକୁ ଗଲେ ମଧ**
**ଧାନ କୁଟିବ।**

ସାଧାରଣତଃ କେତେକ ବ୍ୟକ୍ତି ଉଚ୍ଚ ପଦବୀରେ ରହୁଥିଲେ ମଧ ସେ ତାଙ୍କ ପ୍ରକୃତିକୁ ସହଜରେ ଛାଡ଼ି ପାରୁ ନ ଥିବାର ଦେଖିବାକୁ ମିଳିଥାଏ। ଯେଉଁଠାକୁ ଗଲେ ମଧ ସେ ତାଙ୍କ ପୂର୍ବ ବୃତ୍ତି ଆରମ୍ଭ କରୁଥିବାର ଲକ୍ଷ୍ୟ କରାଯାଇଥାଏ। ଏପରି ବ୍ୟକ୍ତିଙ୍କ କାର୍ଯ୍ୟକଳାପ ତଥା ସ୍ୱଭାବକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




# ଅନ୍ତର୍ଜାତୀୟ ମିଲେଟ୍ସ ସମ୍ମିଳନୀ ଆରମ୍ଭ | 'ଆଦିବାସୀ ସମ୍ପ୍ରଦାୟକୁ ସଶକ୍ତ କରିବ ମିଲେଟ୍'


ଭୁବନେଶ୍ୱର ଜନତା ମଇଦାନଠାରେ ଗୁରୁବାର ଆୟୋଜିତ ଅନ୍ତର୍ଜାତୀୟ ମିଲେଟ୍ସ ସମ୍ମିଳନୀରେ ସମ୍ବର୍ଦ୍ଧିତ କୃଷକଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ବରିଷ୍ଠ ଅଧିକାରୀବୃନ୍ଦ। **(ଫଟୋ: ବିକାଶ ନାୟକ)**

- **ଉଦ୍‌ଘାଟନକଲେ ମୁଖ୍ୟମନ୍ତ୍ରୀ**
- **ଯୋଗଦେଲେ ୬ ଦେଶର ପ୍ରତିନିଧି**

**ଭୁବନେଶ୍ୱର, ୯।୧୧**
**(ଅସମାପିକା ସାହୁ)**

ପୁଷ୍ଟିଶସ୍ୟ ମିଲେଟ୍ ବା ମାଣ୍ଡିଆ ଆମକୁ ଅନେକ ସ୍ୱାସ୍ଥ୍ୟଗତ ସୁବିଧାମାନ ପ୍ରଦାନ କରିଥାଏ। ଏହା ଯେକୌଣସି ଜଳବାୟୁ ଏବଂ ଭୂଭାଗରେ ଅମଳ ହୋଇପାରୁଥିବାରୁ କ୍ଷୁଦ୍ର ଓ ନାମମାତ୍ର କୃଷକଙ୍କୁ ଏହା ବିଶେଷ ଭାବରେ ସାହାଯ୍ୟ କରିଥାଏ। ମିଲେଟ୍ ଚାଷରେ ସ୍ୱଳ୍ପ ପାଣିର ବ୍ୟବହାର ହେଉଥିବାରୁ ଓ ଏହି ପ୍ରକ୍ରିୟାରେ ଅଙ୍ଗାରକାମ୍ଳ ଉତ୍ପନ୍ନ କମ୍ ରହୁଥିବାରୁ ଏହା ପରିବେଶ ଅନୁକୂଳ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଭୁବନେଶ୍ୱର ଜନତା ମଇଦାନରେ ଦୁଇଦିନିଆ ଅନ୍ତର୍ଜାତୀୟ ମିଲେଟ୍ସ ସମ୍ମିଳନୀକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଏପରି ସମ୍ମିଳନୀ ଆୟୋଜନ କରିବାରେ ଓଡ଼ିଶା ଦେଶର ପ୍ରଥମ ରାଜ୍ୟ। ମୋ ସରକାର ମିଲେଟ୍ ଚାଷ ଲାଗି ୨୫୦୦ କୋଟି ଟଙ୍କା ବିନିଯୋଗ କରୁଛି। ଯୁଗଯୁଗରୁ ମିଲେଟ୍ ଆମ ଖାଦ୍ୟପେୟର ଏକ ବିଶେଷ ଅଂଶ ହୋଇ ରହିଆସିଛି। ଓଡ଼ିଶାରେ ଏହାକୁ ବିଶେଷତଃ ଆଦିବାସୀ ସମ୍ପ୍ରଦାୟର କୃଷକମାନେ ଚାଷ କରି ଆସୁଛନ୍ତି। ସେମାନଙ୍କ ପାଇଁ ଏହି ମୂଲ୍ୟବାନ ଶସ୍ୟ ଆଜି ବି ବଞ୍ଚି ରହିଛି ଓ ବର୍ତ୍ତମାନର ପିଢ଼ି ପାଖରେ ପହଞ୍ଚି ପାରିଛି। ପୁଷ୍ଟିଶସ୍ୟର ପୁନରୁଦ୍ଧାର ସହିତ ଏହାକୁ ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ଓଡ଼ିଶା ସରକାର ଉଭୟ ପ୍ରଶାସନ ଓ ସମାଜକୁ ନେଇ ଏକ ସାମଗ୍ରିକ ଆଭିମୁଖ୍ୟ ଗ୍ରହଣ କରିଛି। ଏହି ମହତ ପ୍ରୟାସ ସହିତ ପ୍ରତ୍ୟେକ ସାଧାରଣ ଲୋକର ଖାଇବା ଥାଳିରେ ମିଲେଟ୍ ଭଳି ଏକ ସର୍ବୋତ୍ତମ ଖାଦ୍ୟ ପହଞ୍ଚାଇବାକୁ ଆମ ରାଜ୍ୟ ସର୍ବୋତ୍ତମ ଭାବେ କାର୍ଯ୍ୟ କରିବ। ମିଲେଟ୍ ଓ ମିଲେଟ୍ ଭିତ୍ତିକ ଉଦ୍ୟୋଗ ମାଧ୍ୟମରେ ଆଦିବାସୀ ସମ୍ପ୍ରଦାୟକୁ ସଶକ୍ତ କରିବା ଆମର ଉଦ୍ଦେଶ୍ୟ। ଓଡ଼ିଶା ମିଲେଟ ମିଶନ ମାଧ୍ୟମରେ ସଚେତନତା ସୃଷ୍ଟି କରିବା ସହିତ ନାଗରିକଙ୍କ ମଧ୍ୟରେ ଏକ ସକାରାତ୍ମକ ଦୃଷ୍ଟିକୋଣ ବିକଶିତ କରି ରାଜ୍ୟ ସ୍ୱାସ୍ଥ୍ୟ ସୂଚକାଙ୍କକୁ ଉନ୍ନତ କରିବା ପାଇଁ ନିରନ୍ତର କାର୍ଯ୍ୟ କରୁଛୁ। ମୁଁ ଆଶା କରୁଛି, ଏହି ଅନନ୍ୟ ଶସ୍ୟ ଆଜିର ସମାଜରେ ତା'ର ଯୋଗ୍ୟ ସ୍ୱୀକୃତି ଫେରିପାଇବ ଏବଂ ସୁସ୍ଥ ଜୀବନଯାପନ କରିବାରେ ଆମ୍ଭମାନଙ୍କୁ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଅନ୍ତର୍ଜାତୀୟ ମିଲେଟ୍ ସମ୍ମିଳନୀର ବିଷୟବସ୍ତୁ ରହିଛି 'ଆଧୁନିକ ଆହ୍ୱାନ ପାଇଁ ପୁରାତନ ଶସ୍ୟ-ମିଲେଟ୍ସ'। କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, କେନ୍ଦ୍ର କୃଷି ମନ୍ତ୍ରଣାଳୟ ସଚିବ ମନୋଜ ଆହୁଜା, ଆଇସିଏଆର୍ ଡିଜି ହିମାଂଶୁ ପାଠକ, ଉନ୍ନୟନ କମିଶନର ଅନୁ ଗର୍ଗ, କୃଷି ସଚିବ ଅରବିନ୍ଦ ପାଢ଼ୀ, ଭାରତର ଏଫ୍ଏଓ ପ୍ରତିନିଧି ଟାକାୟୁକି ହାଗିୱାରା ପ୍ରମୁଖ ଉପସ୍ଥିତ ଥିଲେ। ସମ୍ମିଳନୀରେ ମିଲେଟ୍ ଚାଷ, ପ୍ରକ୍ରିୟାକରଣରେ କୃଷକଙ୍କ ସମ୍ପୃକ୍ତିରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ, ବୈଷୟିକ ଅଧିବେଶନ, ଅନ୍ତର୍ଜାତୀୟ ଖାଦ୍ୟମେଳା, କୁଇଜ ପ୍ରତିଯୋଗିତା, ରନ୍ଧନ ପ୍ରତିଯୋଗିତା ଆଦି କାର୍ଯ୍ୟକ୍ରମ ରହିଛି। ଏହା ସହ ମିଶନ ଶକ୍ତି ଅଧୀନ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଓ ମିଲେଟ୍ ଉଦ୍ୟୋଗୀଙ୍କ ସଫଳତାର କାହାଣୀ ପ୍ରଦର୍ଶିତ ହେଉଛି। ୬ଟି ଦେଶରୁ ପ୍ରତିନିଧି ଏହି ସମ୍ମିଳନୀରେ ଯୋଗଦେଇଥିବା କୃଷି ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି। ଏହି ଅବସରରେ ସଫଳ ଚାଷୀ ତଥା ଜିଲାକୁ ପୁରସ୍କୃତ କରାଯାଇଥିଲା।

ଉଦ୍‌ଘାଟନୀ କାର୍ଯ୍ୟକ୍ରମ ପରେ ୩ଟି ରାଉଣ୍ଡ ଟେବୁଲ ବୈଠକ ଓ ୮ଟି ଅଧିବେଶନରେ ଭିନ୍ନ ଭିନ୍ନ ବିଷୟବସ୍ତୁ ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ଖ୍ୟାତନାମା ସେଫ୍ ବିକାଶ ଖାନ୍ନା ମିଲେଟକୁ ନେଇ ଏକ ଖାଦ୍ୟ ପ୍ରସ୍ତୁତ କରିଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଆକର୍ଷଣ ଥିଲା ତିନିଥର ଗ୍ରାମୀ ପୁରସ୍କାର ବିଜେତା ରିକି କେଜ୍‌ଙ୍କ ଲାଇଭ୍ କନସର୍ଟ, ଯାହା ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା।

# ୨୭ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପାରାଦୀପ ଗସ୍ତ

**ବନ୍ଦର ବୋଇତ ବନ୍ଦାଣ କାର୍ଯ୍ୟକ୍ରମରେ ଭାଗ ନେବେ**



**ପାରାଦୀପ,୯।୧୧**
**(ଶରତ ରାଉତ)**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ୨୭ରେ ପାରାଦୀପ ଗସ୍ତରେ ଆସିବେ। ଏ ନେଇ ସରକାରୀ ଭାବେ ରାଷ୍ଟ୍ରପତି ଭବନର ସଚିବ ସମ୍ପଦ ମେହେଟ୍ଟା ଓଡ଼ିଶା ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଯୋଗେ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ଗୁରୁବାର ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଏ ନେଇ ପ୍ରସ୍ତୁତି ପ୍ରକ୍ରିୟା ଆରମ୍ଭ ହୋଇଛି। ପାରାଦୀପ ବନ୍ଦର ପକ୍ଷରୁ ଆୟୋଜିତ ବୋଇତ ବନ୍ଦାଣ ଉତ୍ସବରେ ରାଷ୍ଟ୍ରପତି ମୁର୍ମୁ ମୁଖ୍ୟ ଅତିଥିଭାବେ ଯୋଗ ଦେବେ ବୋଲି କୁହାଯାଇଛି। ପୂର୍ବାହ୍ନ ୧୦ଟାରୁ ମଧ୍ୟାହ୍ନ ୧୨ଟା୩୦ ପର୍ଯ୍ୟନ୍ତ ରାଷ୍ଟ୍ରପତି ପାରାଦୀପରେ ରହିବେ ବୋଲି ସରକାରୀ ଚିଠିରେ ଦର୍ଶାଯାଇଛି। ୬୧ ବର୍ଷର ପାରାଦୀପ ବନ୍ଦର ଇତିହାସରେ ଦେଶର ସର୍ବୋଚ୍ଚ ନାଗରିକଙ୍କ ପ୍ରଥମ ଗସ୍ତ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, ୧୯୬୨ ଜାନୁୟାରୀ ୩ରେ ପାରାଦୀପ ବନ୍ଦର ଶିଳାନ୍ୟାସ ହୋଇଥିଲା। ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁ ଓ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ପାରାଦୀପ ବନ୍ଦର ଆରମ୍ଭ କରିଥିଲେ। ପାରାଦୀପ ବନ୍ଦରର ବୋଇତ ବନ୍ଦାଣ ଉତ୍ସବ ୧୯୯୨ରୁ ଆରମ୍ଭ ହୋଇଥିଲା। ସେତେବେଳେ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ବୋଇତ ଯୋଗେ ଓଡ଼ିଶାର ଜଣେ ଝିଅ ନିବେଦିତା ଆଚାର୍ଯ୍ୟଙ୍କୁ ସେହି ବୋଇତରେ ଇଣ୍ଡୋନେସିଆ ପଠାଇଥିଲେ। ସେବେଠାରୁ ବୋଇତ ବନ୍ଦାଣ ଉତ୍ସବ ବର୍ଣ୍ଣାଢ୍ୟ ଭାବେ ପାଳନ ହେଉଛି। ବୋଇତ ବନ୍ଦାଣ ଦେଖିବା ପାଇଁ ପାରାଦୀପ ବନ୍ଦର ପ୍ରଶାସନ ସାଧାରଣ ଲୋକଙ୍କ ପାଇଁ କିଛି ସମୟ ପର୍ଯ୍ୟନ୍ତ ଗେଟ୍ ଖୋଲିଥାନ୍ତି। ଏହାକୁ ହଜାରରୁ ଅଧିକ ଲୋକ ଦେଖିଥାନ୍ତି। ବୋଇତ ବନ୍ଦାଣ ଉତ୍ସବ ପୂର୍ବ ସନ୍ଧ୍ୟାରେ କଳିଙ୍ଗ ବାଲିଯାତ୍ରା ମହୋତ୍ସବ ଆରମ୍ଭ ହୋଇଥାଏ। ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାକୁ ସମ୍ମାନ ଦେଇ ପାରାଦୀପରେ ଓଡ଼ିଶା ସରକାର ଓ ପାରାଦୀପ ବନ୍ଦର ଏଭଳି କାର୍ଯ୍ୟକ୍ରମ କରିଥାନ୍ତି। ଚଳିତବର୍ଷ ରାଷ୍ଟ୍ରପତିଙ୍କ ଗସ୍ତ ନିଷ୍ପତ୍ତି ପରେ ମହୋତ୍ସବର ଗୁରୁତ୍ୱ ବଢ଼ିଯାଇଛି।

# ୫-ଟି ଅଧକ୍ଷଙ୍କ ସମଲେଇ ପ୍ରକଳ୍ପ ସମୀକ୍ଷା

## ଡିସେମ୍ବର ୩୧ ସୁଦ୍ଧା ରୂପାନ୍ତରଣ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ



**ସମ୍ବଲପୁର,୯।୧୧**
**(ପ୍ରମୋଦ ବହିଦାର)**

୫-ଟି ତଥା ଆମ ଓଡ଼ିଶା ନବୀନ ଓଡ଼ିଶା ଅଧକ୍ଷ ଭି.କେ. ପାଣ୍ଡିଆନ ଗୁରୁବାର ସମ୍ବଲପୁର ଗସ୍ତରେ ଆସି ମା' ସମଲେଶ୍ୱରୀଙ୍କୁ ଦର୍ଶନକରିବା ସହ ସମଲେଇ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଥିଲେ। ଡିସେମ୍ବର ୩୧ ସୁଦ୍ଧା ସମସ୍ତ କାର୍ଯ୍ୟ ସମ୍ପନ୍ନ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ୫-ଟି ଅଧକ୍ଷ ପାଣ୍ଡିଆନ ପ୍ରତ୍ୟୁଷରେ ଜିଲାପାଳଙ୍କ କାର୍ଯ୍ୟାଳୟର ଭିସି ହଲ୍‌ରେ ଜିଲାପାଳ ଅନନ୍ୟା ଦାସ, ଉତ୍ତରାଞ୍ଚଳ ରାଜସ୍ୱ କମିଶନର ସୁରେଶ ଚନ୍ଦ୍ର ଦଳେଇ, ଆରକ୍ଷୀ ଅଧୀକ୍ଷକ ମୁକେଶ ଭାମୁ ପ୍ରମୁଖଙ୍କ ସହ ସମଲେଇ ପ୍ରକଳ୍ପ ଅଗ୍ରଗତିର ସମୀକ୍ଷା କରିଥିଲେ। ଏହାସହ ନବୀନ ଓଡ଼ିଶା ଯୋଜନାର ବିଭିନ୍ନ ପ୍ରସଙ୍ଗରେ ଜିଲା ପରିଷଦ ଅଧକ୍ଷା କୁମୁଦିନୀ ନାଏକ ଓ ଅନ୍ୟ ଜିଲା ପରିଷଦ ସଦସ୍ୟଙ୍କ ସହ ଆଲୋଚନା କରିଥିଲେ। ସେଠାରୁ ସେ ସମଲେଇ ମନ୍ଦିର ଯାଇ ମା'ଙ୍କୁ ଦର୍ଶନ କରିବା ପରେ ପ୍ରକଳ୍ପ କାର୍ଯ୍ୟ ବୁଲି ଦେଖିଥିଲେ।

ଅସମ୍ପୂର୍ଣ୍ଣ କାର୍ଯ୍ୟ ଯଥାଶୀଘ୍ର ସାରିବା ପାଇଁ ସେ ଅଧିକ ମାନବ ସମ୍ବଳ ଏପରି କି ଆବଶ୍ୟକସ୍ଥଳେ ମେଶିନ ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ। ପ୍ରକଳ୍ପ କାର୍ଯ୍ୟ ଡିସେମ୍ବର ଶେଷ ସୁଦ୍ଧା ସମ୍ପନ୍ନ କରିବାକୁ ସମ୍ପୃକ୍ତ ଠିକାସଂସ୍ଥା ତଥା ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ସେ ମନ୍ଦିର ଉନ୍ନତୀକରଣ ପାଇଁ ବିଭିନ୍ନ ପ୍ରସଙ୍ଗରେ ସେବାୟତଙ୍କ ସହ ଆଲୋଚନା କରିଥିଲେ। ଶ୍ରଦ୍ଧାଳୁଙ୍କ ପାଇଁ ପାନୀୟ ଜଳ ସୁବିଧା, ଫାଷ୍ଟଏଡ୍ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟସେବା, ଶୌଚାଳୟ, ସିସିଟିଭି କ୍ୟାମେରା ଓ ଆଲୋକୀକରଣ, ପୁଷ୍କରିଣୀ, ଫୁଟ୍ ଓଭରବ୍ରିଜ୍ ଆଦିର ନିର୍ମାଣ କାର୍ଯ୍ୟ ତୁରନ୍ତ ସାରିବାକୁ କହିଥିଲେ। ବର୍ତ୍ତମାନ ସୁଦ୍ଧା ପ୍ରକଳ୍ପ କାର୍ଯ୍ୟର ପ୍ରାୟ ୭୦ ପ୍ରତିଶତ କାର୍ଯ୍ୟ ସମ୍ପନ୍ନ ହୋଇସାରିଥିବା ବେଳେ ମନ୍ଦିରରେ ନୂତନ ବେଢ଼ା ନିର୍ମାଣ ସହ ଦ୍ୱିତୀୟ ଐତିହ୍ୟ ଫାଟକ, ସୌନ୍ଦର୍ଯ୍ୟକରଣ, ଭେଣ୍ଡିଂଜୋନ୍, ପୋଡିୟମ, ପାର୍କିଂସ୍ଥଳ, ତୀର୍ଥଯାତ୍ରୀ ସୁବିଧା କେନ୍ଦ୍ର, ସୂଚନା କେନ୍ଦ୍ର, ଦୀପଘର, ଭୋଗମଣ୍ଡପ ଆଦିର ନିର୍ମାଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଆଗେଇ ଚାଲିଛି। ଏହିସବୁ ନିର୍ମାଣ କାର୍ଯ୍ୟ ବୁଲି ଦେଖିବା ସହ ଏହାର ଗୁଣବତ୍ତା ସମ୍ପର୍କରେ ଉପସ୍ଥିତ ବିଭାଗୀୟ ଅଧିକାରୀଙ୍କଠାରୁ ଅବଗତ ହୋଇଥିଲେ।

ପରିଦର୍ଶନ ସମୟରେ ତାଙ୍କ ସହ ଆଇଟି ବିଭାଗ ପ୍ରମୁଖ ସଚିବ ମନୋଜ ମିଶ୍ର, ପୂର୍ତ୍ତ ବିଭାଗ ସଚିବ ବୀରବିକ୍ରମ ଯାଦବ, ଆର୍‌ଡିସି ଦଳେଇ, ଜିଲାପାଳ ଦାସ, ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟବୋର୍ଡ ସଭାପତି ସଞ୍ଜୟ ବାବୁଙ୍କ ସମେତ ମନ୍ଦିର ପୂଜକ, ଟ୍ରଷ୍ଟ ବୋର୍ଡର ଅନ୍ୟ କର୍ମକର୍ତ୍ତା, ପୂର୍ତ୍ତ, ଜନସ୍ୱାସ୍ଥ୍ୟ, ମହାନଗର ନିଗମ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଛାତ୍ରୀଙ୍କୁ ଗଣ ବଳାତ୍କାର ଅଭିଯୋଗ

- **ପ୍ରଧାନ ଶିକ୍ଷକଙ୍କ ସମେତ ୨ ଅଟକ**
- **ସମ୍ପୃକ୍ତ ଗୁରୁତର ଛାତ୍ରୀ ନବରଙ୍ଗପୁର ସ୍ଥାନାନ୍ତର**

**ରାଇଘର ୯।୧୧**
**(କିରଣ ପଟ୍ଟନାୟକ)**

ନବରଙ୍ଗପୁର ଜିଲା ରାଇଘର ବ୍ଲକ ଅନ୍ତର୍ଗତ କୁନ୍ଦେଇ ଥାନା ଅଞ୍ଚଳରେ ଜଣେ ୧୩ ବର୍ଷର ଛାତ୍ରୀଙ୍କୁ ଗଣବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏହି ଛାତ୍ରୀ ଜଣକ ଷଷ୍ଠ ଶ୍ରେଣୀରେ ପଢ଼ୁଛନ୍ତି। ସେ ପଢ଼ୁଥିବା ବିଦ୍ୟାଳୟର ପ୍ରଧାନଶିକ୍ଷକ ଏବଂ ଜଣେ କନିଷ୍ଠ ଶିକ୍ଷକ ତାଙ୍କୁ ବଳାତ୍କାର କରିଥିବା ଅଭିଯୋଗରେ ଉଲ୍ଲେଖ ରହିଛି। ପୋଲିସ ତ୍ୱରିତ ପଦକ୍ଷେପ ଗ୍ରହଣ କରି ସମ୍ପୃକ୍ତ ପ୍ରଧାନଶିକ୍ଷକ ଓ କନିଷ୍ଠ ଶିକ୍ଷକଙ୍କୁ ଧରିଆଣି ଥାନାରେ ଅଟକ ରଖି ପଚରାଉଚରା କରିଛି। ଏହି ଘଟଣା କୁନ୍ଦେଇ ଥାନା ଅଞ୍ଚଳରେ ଆଲୋଡ଼ନ ଖେଳାଇ ଦେଇଛି। ଖବରରୁ ଜଣାପଡ଼ିଛି, ଗୁରୁବାର ଛାତ୍ରୀଙ୍କ ଦେହ ଅସୁସ୍ଥ ହେବାରୁ ତାଙ୍କୁ ପରିବାର ଲୋକେ ହାଟଭରାଣ୍ଡି ମେଡିକାଲକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଗଣବଳାତ୍କାର କରାଯାଇଥିବା ଜାଣିପାରି ପରିବାର ପକ୍ଷରୁ ଛାତ୍ରୀଙ୍କ ବାପା କୁନ୍ଦେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହି ଅଭିଯୋଗରେ ଛାତ୍ରୀ ଜଣକ ପଢ଼ୁଥିବା ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ସହକାରୀ ଶିକ୍ଷକ ସମ୍ପୃକ୍ତ ଥିବା ଉଲ୍ଲେଖ ରହିଛି। ଫଳରେ ପୋଲିସ ଉଭୟ ଶିକ୍ଷକଙ୍କୁ ଧରିଆଣି ଅଟକ ରଖିଛି। ଅପରପକ୍ଷରେ ଛାତ୍ରୀ ଜଣକ ଗୁରୁତର ଥିବାରୁ ତାଙ୍କୁ ପ୍ରଥମେ ଉମରକୋଟ ଓ ପରେ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। କେସ୍ ନଂ. ୧୦୬/୨୩।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ପରିବାରରେ ଭ୍ରାତୃବର୍ଗ ଦ୍ୱାରା ସମସ୍ୟା ସୃଷ୍ଟି ହୋଇ ପାରିବାରିକ ଅଶାନ୍ତିର ସମ୍ଭାବନା ଦେଖାଦେଇପାରେ। ଅଫିସ୍‌ରେ ସ୍ଥଗିତ କାମପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିବ। ନୂତନ ଯାନବାହନ କ୍ରୟ କରିବା ସକାଶେ ମନ ବଳାଇ ପାରନ୍ତି। ବିଭିନ୍ନ ପ୍ରକାରର ପ୍ରତିବନ୍ଧକ ସୃଷ୍ଟି ହେବା କାରଣରୁ ନିର୍ମାଣାଧୀନ କାମ ସ୍ଥଗିତ ରହିଯାଇପାରେ।

**ବୃଷ** - ସନ୍ଦେହୀ ମନ ହେତୁ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖି ଅଶାନ୍ତ ରହିବେ। ଅର୍ଥ ସଂଗ୍ରହର ପ୍ରଚେଷ୍ଟା ଫଳବତୀ ହେବ ଓ ସଫଳତା ମଧ ମିଳିବ। କାର୍ଯ୍ୟବ୍ୟସ୍ତ ଯୋଗୁ ଖାଦ୍ୟପେୟ ଠିକ୍ ରହିବ ନାହିଁ, ଫଳରେ ସ୍ୱାସ୍ଥ୍ୟହାନିର ସମ୍ଭାବନା ରହିଛି। ସରକାରୀ ସ୍ତରରୁ ସୁଯୋଗ ଲାଭକରି ତୀର୍ଥାଟନ କଥା ଚିନ୍ତା କରିପାରନ୍ତି।

**ମିଥୁନ** - ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ମନ ଖୁସି ହୋଇପାରେ। ଅତୀତର ଅପୂର୍ଣ୍ଣ କାମକୁ ଆଜି ଅନ୍ୟମାନଙ୍କ ସାହାଯ୍ୟ ନେଇ ସମ୍ପୂର୍ଣ୍ଣ କରିବେ। କର୍ମକ୍ଷେତ୍ରରେ ପରୋକ୍ଷ ଶତ୍ରୁତା ସାମୟିକ ଭାବରେ ଟେନ୍ସନ ସୃଷ୍ଟି କରିବ। ପ୍ରତିବନ୍ଧକ ଲାଗିରହିବା କାରଣରୁ ସୁବିଧାରେ କାମ ହାସଲ କରିବା କଷ୍ଟକର ହୋଇପଡ଼ିବ।

**କର୍କଟ** - ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମି ଯାଇପାରେ, ଯାହାକି କର୍ମକୁ ପ୍ରଭାବିତ କରିବ। ଆର୍ଥିକ ଅନଟନ ଲାଗିରହିଲେ ମଧ ପରିସ୍ଥିତିକୁ ସମ୍ଭାଳି ନେବେ। ଆଜିର ପ୍ରତ୍ୟୁଷ ଯାତ୍ରା ଓ ଆନୁଷ୍ଠାନିକ କାମରୁ ଖୁସି ରହିବେ। ଆଜି ପରିଶ୍ରମ ତୁଳନାରେ ପାରିଶ୍ରମିକ କମ୍ ହେବ। ଭଡ଼ା ସୂତ୍ରରୁ କିମ୍ବା ଦୀର୍ଘଦିନରୁ ପାଉ ନ ଥିବା ବକେୟା ଟଙ୍କା ପାଇବେ।

**ସିଂହ** - ମାନସିକ ଦ୍ୱନ୍ଦ୍ୱ ମଧ୍ୟରେ ପଡ଼ି ପ୍ରତ୍ୟେକ କଥାକୁ ଠିକ୍ ଭାବେ ବୁଝି ପାରିବେନି। ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବାରୁ ଚିନ୍ତାପ୍ରକଟ କରିପାରନ୍ତି। ଅବହେଳିତ କାମଜନିତ କର୍ମକ୍ଷେତ୍ରରେ ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ହଠାତ୍ ମୋଟାଅଙ୍କ ଅର୍ଥର ଆବଶ୍ୟକତା ପଡ଼ିପାରେ।

**କନ୍ୟା** - ଆର୍ଥିକ ଅନଟନ ମାନସିକ ଦୁଶ୍ଚିନ୍ତାର କାରଣ ହେବ। ଅପେକ୍ଷା କରିବାକୁ ପ୍ରତିଶ୍ରୁତି ଦେଇଥିବା ବନ୍ଧୁଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନରେ ନ ପାଇ ବ୍ୟସ୍ତ ହୋଇପଡିବେ। କର୍ମକ୍ଷେତ୍ରରେ ସମ୍ମାନଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଅଧିକ କିଛି ଆଶା କରି କିମ୍ବା ବନ୍ଧୁଙ୍କ କଥାରେ ଭରସା କରି ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ।

**ତୁଳା** - ପୂର୍ବରୁ ପାଇଥିବା ପ୍ରତିଶ୍ରୁତି ଅନୁଯାୟୀ ଆଜି ଅର୍ଥ ଓ ସମ୍ମାନ ପାଇବେ। ଆନୁଷ୍ଠାନିକ କାମରେ ବନ୍ଧୁବର୍ଗଙ୍କ ସହାନୁଭୂତି ଯୋଗୁ କର୍ମମୁଖର ହେବେ। ଫଳରେ ଘରକାମ ଛାଡି ବାହାର କାମରେ ବେଶି ସମୟ କଟାଇବେ। ଆଲୋଚନା କିମ୍ବା ସଭାସମିତିରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହୋଇପାରନ୍ତି।

**ବିଛା** - କାର୍ଯ୍ୟବ୍ୟସ୍ତତା କାରଣରୁ ଗଠନମୂଳକ କାର୍ଯ୍ୟରେ ଗତି ମନ୍ଥର ହେବ। ପିଲାମାନଙ୍କ ଅସାବଧାନତା ଦ୍ୱାରା ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି। ପ୍ରେସ୍, ପବ୍ଲିକେଶନ, ସଭାସମିତି, ରାଜନୀତି, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ପ୍ରଶଂସିତ ହେବେ। ସହକର୍ମୀଙ୍କୁ ଗଠନମୂଳକ ପ୍ରସ୍ତାବ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ।

**ଧନୁ** - ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରନ୍ତୁ, ଦେଖିବେ ସମୟାନ୍ତରରେ ସଫଳତା ଅବଶ୍ୟ ମିଳିବ। ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି, ଏଣୁ ଏଥିପ୍ରତି ସତର୍କତା ଅବଲମ୍ବନ କରିବା ଭଲ ହେବ। ଜମିଜମା କାରବାରଜନିତ ନୂତନ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇପାରେ। ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ।

**ମକର** - ପାରିବାରିକ ଜୀବନ ସୁଖ ସନ୍ତୋଷରେ କାଟିବେ। କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ନିକଟ ସମ୍ପର୍କୀୟ ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ। ସ୍ୱାସ୍ଥ୍ୟହାନି କାରଣରୁ ବାରମ୍ବାର ଡାକ୍ତରଙ୍କ ପରାମର୍ଶ ପାଇଁ ଦୌଡ଼ିବାକୁ ପଡ଼ିପାରେ।

**କୁମ୍ଭ** - ଆଶା କରୁଥିବା କୌଣସି ଶୁଭଖବର ପଡ଼ୋଶୀଙ୍କ ନିକଟରୁ ପାଇ ଖୁସି ହେବେ। ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକାନ୍ତ ରହିପାରେ। ବାରମ୍ବାର ଅସଫଳତା କାରଣରୁ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବେ। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେବାର ଆଶଙ୍କା ରହିଛି।

**ମୀନ** - ପାରିବାରିକ କ୍ଷେତ୍ରରେ ଅହେତୁକ ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ମନାନ୍ତର ଦେଖାଦେବାର ସୂଚନା ରହିଛି। ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ଅର୍ଥ ସଂଗ୍ରହର ପ୍ରଚେଷ୍ଟା କଦାପି ନିଷ୍ଫଳ ହେବ ନାହିଁ, ତଥାପି ଏଥିପାଇଁ ବହୁତ ଶ୍ରମ କରିବାକୁ ପଡ଼ିବ।

ଆଜି କାର୍ତ୍ତିକ କୃଷ୍ଣ ଦ୍ୱାଦଶୀ ଯୁକ୍ତ ତ୍ରୟୋଦଶୀ ଶୁକ୍ରବାର, ନଭେମ୍ବର ୧୦ ତାରିଖ, ବିଶ୍ୱ ବିଜ୍ଞାନ ଦିବସ, ଧନତେରସ-ଲକ୍ଷ୍ମୀପୂଜା, ଯମ ଦୀପଦାନ, ରାଶିନକ୍ଷତ୍ର- ହସ୍ତା/କନ୍ୟା, ତ୍ରୟୋଦଶୀର ପାର୍ବଣ ଶ୍ରାଦ୍ଧ, କନ୍ୟା ରାଶିର ଘାତ ଚନ୍ଦ୍ର, ଦିବା ଘ.୦୫।୫୫ ଗତେ ଘ. ୦୬।୪୦ ମଧ୍ୟେ, ଘ. ୦୭।୨୫ ଗତେ ଘ.୦୮।୪୩ ମଧ୍ୟେ ଶୁଦ୍ଧ ଶୁଭ ବେଳା, ସକାଳ ଘ.୧୦।୦୬ ଗତେ ଘ.୧୧।୩୦ ମଧ୍ୟେ ରାହୁକାଳ।

**ଆଜିର ମନ୍ତବ୍ୟ**

ପ୍ରଶ୍ନ ପାଇଁ ଲାଞ୍ଚ ବିବାଦରେ ମୋତେ ଲୋକ ସଭାରୁ ବହିଷ୍କାର କରିବା ପାଇଁ ଏଥିକ୍ସ କମିଟି ସୁପାରିସ୍ କରିବା 'କଙ୍ଗାରୁ କୋର୍ଟ ଦ୍ୱାରା ପୂର୍ବରୁ ଫିକ୍ସ ହୋଇଥିବା ମ୍ୟାଚ୍' ଭଳି। ଭାରତରେ ସଂସଦୀୟ ଗଣତନ୍ତ୍ରର ହତ୍ୟାକୁ ଏହା ସୂଚିତ କରୁଛି। **-ମହୁଆ ମୋଇତ୍ର, ଟିଏମ୍‌ସି ଏମ୍‌ପି**

**ଭିଜିଲାନ୍ସ ଜାଲରେ କୋଟିପତି ଆୟୁର୍ବେଦ କଲେଜ ଅଧକ୍ଷ**




# ୫-ଟି ଅଧ୍ୟକ୍ଷଙ୍କ ସମଲେଇ ପ୍ରକଳ୍ପ ସମୀକ୍ଷା

## ଡିସେମ୍ବର ୩୧ ସୁଦ୍ଧା ରୂପାନ୍ତରଣ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ

**ସମ୍ବଲପୁର,୯।୧୧**
**(ପ୍ରମୋଦ ବହିଦାର)**



୫-ଟି ତଥା ଆମ ଓଡ଼ିଶା ନବୀନ ଓଡ଼ିଶା ଅଧକ୍ଷ ଭି.କେ. ପାଣ୍ଡିଆନ ଗୁରୁବାର ସମ୍ବଲପୁର ଗସ୍ତରେ ଆସି ମା' ସମଲେଶ୍ୱରୀଙ୍କୁ ଦର୍ଶନକରିବା ସହ ସମଲେଇ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଥିଲେ। ଡିସେମ୍ବର ୩୧ ସୁଦ୍ଧା ସମସ୍ତ କାର୍ଯ୍ୟ ସମ୍ପନ୍ନ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ୫-ଟି ଅଧକ୍ଷ ପାଣ୍ଡିଆନ ପ୍ରତ୍ୟୁଷରେ ଜିଲାପାଳଙ୍କ କାର୍ଯ୍ୟାଳୟର ଡିସି ହଲ୍‌ରେ ଜିଲାପାଳ ଅନନ୍ୟା ଦାସ, ଉତ୍ତରାଞ୍ଚଳ ରାଜସ୍ୱ କମିଶନର ସୁରେଶ ଚନ୍ଦ୍ର ଦଳେଇ, ଆରକ୍ଷୀ ଅଧୀକ୍ଷକ ମୁକେଶ ଭାମୁ ପ୍ରମୁଖଙ୍କ ସହ ସମଲେଇ ପ୍ରକଳ୍ପ ଅଗ୍ରଗତିର ସମୀକ୍ଷା କରିଥିଲେ। ଏହାସହ ନବୀନ ଓଡ଼ିଶା ଯୋଜନାର ବିଭିନ୍ନ ପ୍ରସଙ୍ଗରେ ଜିଲା ପରିଷଦ ଅଧକ୍ଷା କୁମୁଦିନୀ ନାଏକ ଓ ଅନ୍ୟ ଜିଲା ପରିଷଦ ସଦସ୍ୟଙ୍କ ସହ ଆଲୋଚନା କରିଥିଲେ। ସେଠାରୁ ସେ ସମଲେଇ ମନ୍ଦିର ଯାଇ ମା'ଙ୍କୁ ଦର୍ଶନ କରିବା ପରେ ପ୍ରକଳ୍ପ କାର୍ଯ୍ୟ ବୁଲି ଦେଖିଥିଲେ। ଅସମ୍ପୂର୍ଣ୍ଣ କାର୍ଯ୍ୟ ଯଥାଶୀଘ୍ର ସାରିବା ପାଇଁ ସେ ଅଧିକ ମାନବ ସମ୍ବଳ ଏପରି କି ଆବଶ୍ୟକସ୍ଥଳେ ମେଶିନ ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ। ପ୍ରକଳ୍ପ କାର୍ଯ୍ୟ ଡିସେମ୍ବର ଶେଷ ସୁଦ୍ଧା ସମ୍ପନ୍ନ କରିବାକୁ ସମ୍ପୃକ୍ତ ଠିକାସଂସ୍ଥା ତଥା ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ସେ ମନ୍ଦିର ଉନ୍ନତୀକରଣ ପାଇଁ ବିଭିନ୍ନ ପ୍ରସଙ୍ଗରେ ସେବାୟତଙ୍କ ସହ ଆଲୋଚନା କରିଥିଲେ। ଶ୍ରଦ୍ଧାଳୁଙ୍କ ପାଇଁ ପାନୀୟ ଜଳ ସୁବିଧା, ଫାଷ୍ଟଏଡ୍ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟସେବା, ଶୌଚାଳୟ, ସିସିଟିଭି କ୍ୟାମେରା ଓ ଆଲୋକୀକରଣ, ପୁଷ୍କରିଣୀ, ଫୁଟ୍ ଓଭରବ୍ରିଜ୍ ଆଦିର ନିର୍ମାଣ କାର୍ଯ୍ୟ ତୁରନ୍ତ ସାରିବାକୁ କହିଥିଲେ। ବର୍ତ୍ତମାନ ସୁଦ୍ଧା ପ୍ରକଳ୍ପ କାର୍ଯ୍ୟର ପ୍ରାୟ ୭୦ ପ୍ରତିଶତ କାର୍ଯ୍ୟ ସମ୍ପନ୍ନ ହୋଇସାରିଥିବା ବେଳେ ମନ୍ଦିରରେ ନୂତନ ବେଢ଼ା ନିର୍ମାଣ ସହ ଦ୍ୱିତୀୟ ଐତିହ୍ୟ ଫାଟକ, ସୌନ୍ଦର୍ଯ୍ୟକରଣ, ଭେଣ୍ଡିଂଜୋନ୍, ପୋଡିୟମ, ପାର୍କିଂସ୍ଥଳ, ତୀର୍ଥଯାତ୍ରୀ ସୁବିଧା କେନ୍ଦ୍ର, ସୂଚନା କେନ୍ଦ୍ର, ଦୀପଘର, ଭୋଗମଣ୍ଡପ ଆଦିର ନିର୍ମାଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଆଗେଇ ଚାଲିଛି। ଏହିସବୁ ନିର୍ମାଣ କାର୍ଯ୍ୟ ବୁଲି ଦେଖିବା ସହ ଏହାର ଗୁଣବତ୍ତା ସମ୍ପର୍କରେ ଉପସ୍ଥିତ ବିଭାଗୀୟ ଅଧିକାରୀଙ୍କଠାରୁ ଅବଗତ ହୋଇଥିଲେ।

ପରିଦର୍ଶନ ସମୟରେ ତାଙ୍କ ସହ ଆଇଟି ବିଭାଗ ପ୍ରମୁଖ ସଚିବ ମନୋଜ ମିଶ୍ର, ପୂର୍ତ୍ତ ବିଭାଗ ସଚିବ ବୀରବିକ୍ରମ ଯାଦବ, ଆର୍‌ଡିସି ଦଳେଇ, ଜିଲାପାଳ ଦାସ, ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟବୋର୍ଡ ସଭାପତି ସଞ୍ଜୟ ବାବୁଙ୍କ ସମେତ ମନ୍ଦିର ପୂଜକ, ଟ୍ରଷ୍ଟ ବୋର୍ଡର ଅନ୍ୟ କର୍ମକର୍ତ୍ତା, ପୂର୍ତ୍ତ, ଜନସ୍ୱାସ୍ଥ୍ୟ, ମହାନଗର ନିଗମ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଅନ୍ତର୍ଜାତୀୟ ମିଲେଟ୍ସ ସମ୍ମିଳନୀ ଆରମ୍ଭ | 'ଆଦିବାସୀ ସମ୍ପ୍ରଦାୟକୁ ସଶକ୍ତ କରିବ ମିଲେଟ୍'

**ଭୁବନେଶ୍ୱର, ୯।୧୧**
**(ଅସମାପିକା ସାହୁ)**




ଭୁବନେଶ୍ୱର ଜନତା ମଇଦାନଠାରେ ଗୁରୁବାର ଆୟୋଜିତ ଅନ୍ତର୍ଜାତୀୟ ମିଲେଟ୍ସ ସମ୍ମିଳନୀରେ ସମ୍ବର୍ଦ୍ଧିତ କୃଷକଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ବରିଷ୍ଠ ଅଧିକାରୀବୃନ୍ଦ।

- **ଉଦ୍‌ଘାଟନକଲେ ମୁଖ୍ୟମନ୍ତ୍ରୀ**
- **ଯୋଗଦେଲେ ୬ ଦେଶର ପ୍ରତିନିଧି**

ପୁଷ୍ଟିଶସ୍ୟ ମିଲେଟ୍ ବା ମାଣ୍ଡିଆ ଆମକୁ ଅନେକ ସ୍ୱାସ୍ଥ୍ୟଗତ ସୁବିଧାମାନ ପ୍ରଦାନ କରିଥାଏ। ଏହା ଯେକୌଣସି ଜଳବାୟୁ ଏବଂ ଭୂଭାଗରେ ଅମଳ ହୋଇପାରୁଥିବାରୁ କ୍ଷୁଦ୍ର ଓ ନାମମାତ୍ର କୃଷକଙ୍କୁ ଏହା ବିଶେଷ ଭାବରେ ସାହାଯ୍ୟ କରିଥାଏ। ମିଲେଟ୍ ଚାଷରେ ସ୍ୱଳ୍ପ ପାଣିର ବ୍ୟବହାର ହେଉଥିବାରୁ ଓ ଏହି ପ୍ରକ୍ରିୟାରେ ଅଙ୍ଗାରକାମ୍ଳ ଉତ୍ପନ୍ନ କମ୍ ରହୁଥିବାରୁ ଏହା ପରିବେଶ ଅନୁକୂଳ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଭୁବନେଶ୍ୱର ଜନତା ମଇଦାନରେ ଦୁଇଦିନିଆ ଅନ୍ତର୍ଜାତୀୟ ମିଲେଟ୍ସ ସମ୍ମିଳନୀକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଏପରି ସମ୍ମିଳନୀ ଆୟୋଜନ କରିବାରେ ଓଡ଼ିଶା ଦେଶର ପ୍ରଥମ ରାଜ୍ୟ। ମୋ ସରକାର ମିଲେଟ୍ ଚାଷ ଲାଗି ୨୫୦୦ କୋଟି ଟଙ୍କା ବିନିଯୋଗ କରୁଛି। ଯୁଗଯୁଗରୁ ମିଲେଟ୍ ଆମ ଖାଦ୍ୟପେୟର ଏକ ବିଶେଷ ଅଂଶ ହୋଇ ରହିଆସିଛି। ଓଡ଼ିଶାରେ ଏହାକୁ ବିଶେଷତଃ ଆଦିବାସୀ ସମ୍ପ୍ରଦାୟର କୃଷକମାନେ ଚାଷ କରି ଆସୁଛନ୍ତି। ସେମାନଙ୍କ ପାଇଁ ଏହି ମୂଲ୍ୟବାନ ଶସ୍ୟ ଆଜି ବି ବଞ୍ଚି ରହିଛି ଓ ବର୍ତ୍ତମାନର ପିଢ଼ି ପାଖରେ ପହଞ୍ଚି ପାରିଛି। ପୁଷ୍ଟିଶସ୍ୟର ପୁନରୁଦ୍ଧାର ସହିତ ଏହାକୁ ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ଓଡ଼ିଶା ସରକାର ଉଭୟ ପ୍ରଶାସନ ଓ ସମାଜକୁ ନେଇ ଏକ ସାମଗ୍ରିକ ଆଭିମୁଖ୍ୟ ଗ୍ରହଣ କରିଛି। ଏହି ମହତ ପ୍ରୟାସ ସହିତ ପ୍ରତ୍ୟେକ ସାଧାରଣ ଲୋକର ଖାଇବା ଥାଳିରେ ମିଲେଟ୍ ଭଳି ଏକ ସର୍ବୋତ୍ତମ ଖାଦ୍ୟ ପହଞ୍ଚାଇବାକୁ ଆମ ରାଜ୍ୟ ସର୍ବୋତ୍ତମ ଭାବେ କାର୍ଯ୍ୟ କରିବ। ମିଲେଟ୍ ଓ ମିଲେଟ୍ ଭିତ୍ତିକ ଉଦ୍ୟୋଗ ମାଧ୍ୟମରେ ଆଦିବାସୀ ସମ୍ପ୍ରଦାୟକୁ ସଶକ୍ତ କରିବା ଆମର ଉଦ୍ଦେଶ୍ୟ। ଓଡ଼ିଶା ମିଲେଟ ମିଶନ ମାଧ୍ୟମରେ ସଚେତନତା ସୃଷ୍ଟି କରିବା ସହିତ ନାଗରିକଙ୍କ ମଧ୍ୟରେ ଏକ ସକାରାତ୍ମକ ଦୃଷ୍ଟିକୋଣ ବିକଶିତ କରି ରାଜ୍ୟ ସ୍ୱାସ୍ଥ୍ୟ ସୂଚକାଙ୍କକୁ ଉନ୍ନତ କରିବା ପାଇଁ ନିରନ୍ତର କାର୍ଯ୍ୟ କରୁଛୁ। ମୁଁ ଆଶା କରୁଛି, ଏହି ଅନନ୍ୟ ଶସ୍ୟ ଆଜିର ସମାଜରେ ତା'ର ଯୋଗ୍ୟ ସ୍ୱୀକୃତି ଫେରିପାଇବ ଏବଂ ସୁସ୍ଥ ଜୀବନଯାପନ କରିବାରେ ଆମ୍ଭମାନଙ୍କୁ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଅନ୍ତର୍ଜାତୀୟ ମିଲେଟ୍ ସମ୍ମିଳନୀର ବିଷୟବସ୍ତୁ ରହିଛି 'ଆଧୁନିକ ଆହ୍ୱାନ ପାଇଁ ପୁରାତନ ଶସ୍ୟ-ମିଲେଟ୍ସ'। କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, କେନ୍ଦ୍ର କୃଷି ମନ୍ତ୍ରଣାଳୟ ସଚିବ ମନୋଜ ଆହୁଜା, ଆଇସିଏଆର୍ ଡିଜି ହିମାଂଶୁ ପାଠକ, ଉନ୍ନୟନ କମିଶନର ଅନୁ ଗର୍ଗ, କୃଷି ସଚିବ ଅରବିନ୍ଦ ପାଢ଼ୀ, ଭାରତର ଏଫ୍‌ଏଓ ପ୍ରତିନିଧି ଟାକାୟୁକି ହାଗିୱାରା ପ୍ରମୁଖ ଉପସ୍ଥିତ ଥିଲେ। ସମ୍ମିଳନୀରେ ମିଲେଟ୍ ଚାଷ, ପ୍ରକ୍ରିୟାକରଣରେ କୃଷକଙ୍କ ସମ୍ପୃକ୍ତିରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ, ବୈଷୟିକ ଅଧିବେଶନ, ଅନ୍ତର୍ଜାତୀୟ ଖାଦ୍ୟମେଳା, କୁଇଜ ପ୍ରତିଯୋଗିତା, ରନ୍ଧନ ପ୍ରତିଯୋଗିତା ଆଦି କାର୍ଯ୍ୟକ୍ରମ ରହିଛି। ଏହା ସହ ମିଶନ ଶକ୍ତି ଅଧୀନ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଓ ମିଲେଟ୍ ଉଦ୍ୟୋଗୀଙ୍କ ସଫଳତାର କାହାଣୀ ପ୍ରଦର୍ଶିତ ହେଉଛି। ୬ଟି ଦେଶରୁ ପ୍ରତିନିଧି ଏହି ସମ୍ମିଳନୀରେ ଯୋଗଦେଇଥିବା କୃଷି ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି। ଏହି ଅବସରରେ ସଫଳ ଚାଷୀ ତଥା ଜିଲାକୁ ପୁରସ୍କୃତ କରାଯାଇଥିଲା।

ଉଦ୍‌ଘାଟନୀ କାର୍ଯ୍ୟକ୍ରମ ପରେ ୩ଟି ରାଉଣ୍ଡ ଟେବୁଲ ବୈଠକ ଓ ୮ଟି ଅଧିବେଶନରେ ଭିନ୍ନ ଭିନ୍ନ ବିଷୟବସ୍ତୁ ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ଖ୍ୟାତନାମା ସେଫ୍ ବିକାଶ ଖାନ୍ନା ମିଲେଟକୁ ନେଇ ଏକ ଖାଦ୍ୟ ପ୍ରସ୍ତୁତ କରିଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଆକର୍ଷଣ ଥିଲା ତିନିଥର ଗ୍ରାମୀ ପୁରସ୍କାର ବିଜେତା ରିକି କେଜ୍‌ଙ୍କ ଲାଇଭ୍ କନସର୍ଟ, ଯାହା ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା।

# ୨୭ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପାରାଦୀପ ଗସ୍ତ | ବନ୍ଦର ବୋଇତ ବନ୍ଦାଣ କାର୍ଯ୍ୟକ୍ରମରେ ଭାଗ ନେବେ

**ପାରାଦୀପ,୯।୧୧**
**(ଶରତ ରାଉତ)**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ୨୭ରେ ପାରାଦୀପ ଗସ୍ତରେ ଆସିବେ। ଏ ନେଇ ସରକାରୀ ଭାବେ ରାଷ୍ଟ୍ରପତି ଭବନର ସଚିବ ସମ୍ପଦ ମେହେଟ୍ଟା ଓଡ଼ିଶା ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଯୋଗେ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ଗୁରୁବାର ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଏ ନେଇ ପ୍ରସ୍ତୁତି ପ୍ରକ୍ରିୟା ଆରମ୍ଭ ହୋଇଛି। ପାରାଦୀପ ବନ୍ଦର ପକ୍ଷରୁ ଆୟୋଜିତ ବୋଇତ ବନ୍ଦାଣ ଉତ୍ସବରେ ରାଷ୍ଟ୍ରପତି ମୁର୍ମୁ ମୁଖ୍ୟ ଅତିଥିଭାବେ ଯୋଗ ଦେବେ ବୋଲି କୁହାଯାଇଛି। ପୂର୍ବାହ୍ନ ୧୦ଟାରୁ ମଧ୍ୟାହ୍ନ ୧୨ଟା୩୦ ପର୍ଯ୍ୟନ୍ତ ରାଷ୍ଟ୍ରପତି ପାରାଦୀପରେ ରହିବେ ବୋଲି ସରକାରୀ ଚିଠିରେ ଦର୍ଶାଯାଇଛି। ୬୧ ବର୍ଷର ପାରାଦୀପ ବନ୍ଦର ଇତିହାସରେ ଦେଶର ସର୍ବୋଚ୍ଚ ନାଗରିକଙ୍କ ପ୍ରଥମ ଗସ୍ତ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, ୧୯୬୨ ଜାନୁୟାରୀ ୩ରେ ପାରାଦୀପ ବନ୍ଦର ଶିଳାନ୍ୟାସ ହୋଇଥିଲା। ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ପାରାଦୀପ ବନ୍ଦର ଆରମ୍ଭ କରିଥିଲେ। ପାରାଦୀପ ବନ୍ଦରର ବୋଇତ ବନ୍ଦାଣ ଉତ୍ସବ ୧୯୯୨ରୁ ଆରମ୍ଭ ହୋଇଥିଲା। ସେତେବେଳେ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ବୋଇତ ଯୋଗେ ଓଡ଼ିଶାର ଜଣେ ଝିଅ ନିବେଦିତା ଆଚାର୍ଯ୍ୟଙ୍କୁ ସେହି ବୋଇତରେ ଇଣ୍ଡୋନେସିଆ ପଠାଇଥିଲେ। ସେବେଠାରୁ ବୋଇତ ବନ୍ଦାଣ ଉତ୍ସବ ବର୍ଣ୍ଣାଢ୍ୟ ଭାବେ ପାଳନ ହେଉଛି। ବୋଇତ ବନ୍ଦାଣ ଦେଖିବା ପାଇଁ ପାରାଦୀପ ବନ୍ଦର ପ୍ରଶାସନ ସାଧାରଣ ଲୋକଙ୍କ ପାଇଁ କିଛି ସମୟ ପର୍ଯ୍ୟନ୍ତ ଗେଟ୍ ଖୋଲିଥାନ୍ତି। ଏହାକୁ ହଜାରରୁ ଅଧିକ ଲୋକ ଦେଖିଥାନ୍ତି। ବୋଇତ ବନ୍ଦାଣ ଉତ୍ସବ ପୂର୍ବ ସନ୍ଧ୍ୟାରେ କଳିଙ୍ଗ ବାଲିଯାତ୍ରା ମହୋତ୍ସବ ଆରମ୍ଭ ହୋଇଥାଏ। ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାକୁ ସମ୍ମାନ ଦେଇ ପାରାଦୀପରେ ରାଜ୍ୟ ସରକାର ଓ ପାରାଦୀପ ବନ୍ଦର ଏଭଳି କାର୍ଯ୍ୟକ୍ରମ କରିଥାନ୍ତି। ଚଳିତବର୍ଷ ରାଷ୍ଟ୍ରପତିଙ୍କ ଗସ୍ତ ନିଷ୍ପତ୍ତି ପରେ ମହୋତ୍ସବର ଗୁରୁତ୍ୱ ବଢ଼ିଯାଇଛି।






# ଭିଜିଲାନ୍ସ ଜାଲରେ ଆୟୁର୍ବେଦ କଲେଜ ଅଧ୍ୟକ୍ଷ

## ବଲାଙ୍ଗୀର, ପୁରୀ, ସମ୍ବଲପୁରର ୭ ସ୍ଥାନରେ ଚଢ଼ାଉ: ୨୮ ପ୍ଲଟ୍ ଚିହ୍ନଟ

ଭୁବନେଶ୍ୱର,୯।୧୧ (ସତ୍ୟଜିତ୍ ରାଉତ)

ବଲାଙ୍ଗୀର ଜିଲା ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟ ଓ ହସ୍ପିଟାଲ ଅଧ୍ୟକ୍ଷ ସୁଦର୍ଶନ ବେହେରା ଭିଜିଲାନ୍ସ ଜାଲରେ ଧରା ପଡ଼ିଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗୁରୁବାର ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନ୍ ପକ୍ଷରୁ ସୁଦର୍ଶନଙ୍କ ଘର ସମେତ ପୁରୀ, ସମ୍ବଲପୁର ଓ ବଲାଙ୍ଗୀର ଜିଲାର ୭ଟି ସ୍ଥାନରେ ଏକକାଳୀନ ଚଢ଼ାଉ ହୋଇଛି। ଯାଞ୍ଚ ବେଳେ ସୁଦର୍ଶନଙ୍କ ୨୮ଟି ପ୍ଲଟ୍ ରହିଥିବା ଭିଜିଲାନ୍ସ ଜାଣିବାକୁ ପାଇଛି।

ସୁଦର୍ଶନଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ଆସିଥିଲା। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ପୁରୀ ଜିଲା ସତ୍ୟବାଦୀ


ସୁଦର୍ଶନ ବେହେରା

ଥାନା ଅନ୍ତର୍ଗତ ଶ୍ରୀରାମଚନ୍ଦ୍ରପୁରସ୍ଥିତ ସୁଦର୍ଶନଙ୍କ ଘର, ସାକ୍ଷୀଗୋପାଳ ବସ୍‌ଷ୍ଟାଣ୍ଡ ନିକଟରେ ଗୋଟିଏ ଶପ୍, ପୁରୀ ସଦର ଥାନା ଅନ୍ତର୍ଗତ କାଶିହରିପୁରସ୍ଥିତ ଅନ୍ୟ ଏକ ଘର, ସମ୍ବଲପୁର ବୁର୍ଲା ସିଆର୍‌ପିଏଫ୍ କ୍ୟାମ୍ପସ୍ଥିତ ସ୍ତ୍ରୀଙ୍କ କ୍ୱାର୍ଟର ଓ ବଲାଙ୍ଗୀର ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟ ଓ ହସ୍ପିଟାଲସ୍ଥିତ ଅଫିସ୍ ଚାମ୍ବର ଆଦି ସ୍ଥାନରେ ଭିଜିଲାନ୍ସର ୭ଟି ଟିମ୍ ଚଢ଼ାଉ କରିବା ସହ ଯାଞ୍ଚ ଜାରି ରଖିଛି। ଭିଜିଲାନ୍ସ ଟିମ୍‌ରେ ୭ ଜଣ ଡିଏସ୍‌ପି, ୫ ଇନ୍ସପେକ୍ଟର, ୮ ଏଏସ୍‌ଆଇ ଏବଂ ଅନ୍ୟାନ୍ୟ କର୍ମଚାରୀ ନିୟୋଜିତ ହୋଇଛନ୍ତି। ଏହି ଚଢ଼ାଉ ଜାରି ରହିଥିବାବେଳେ ସନ୍ଧ୍ୟା ସୁଦ୍ଧା ଭିଜିଲାନ୍ସ ଟିମ୍ ବହୁ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କରିଛି।

ରିପୋର୍ଟ ଅନୁଯାୟୀ, ଭୁବନେଶ୍ୱର, ଗୋପ, ପିପିଲି, ସତ୍ୟବାଦୀର ମୁଖ୍ୟ ଅଞ୍ଚଳରେ ସୁଦର୍ଶନଙ୍କ ୨୮ଟି ପ୍ଲଟ୍ ବ୍ୟତୀତ ଭିଜିଲାନ୍ସ ଟିମ୍ ପୁରୀ ଜିଲା ସତ୍ୟବାଦୀ ଥାନା ଅନ୍ତର୍ଗତ ସାକ୍ଷୀଗୋପାଳ ବ୍ଲକ୍ ଛକସ୍ଥିତ ପ୍ରାୟ ୪,୬୦୦ ବର୍ଗଫୁଟ୍‌ରେ ଥିବା ୪ ମହଲା ଆବାସିକ କୋଠା, ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ନହଲାସ୍ଥିତ ଦୁଇ ମହଲା କୋଠା, ଗୋପ ସୋରିସିଆପଡ଼ାସ୍ଥିତ ପ୍ଲଟ୍ ନଂ.୧୭୨୩/୫୮୮ରେ ଥିବା କୋଠା ଠାବ କରିଛି। ଠାବ ହୋଇଥିବା କୋଠା ଏବଂ ପ୍ଲଟ୍‌ଗୁଡ଼ିକର ପ୍ରକୃତ ମୂଲ୍ୟ ଜାଣିବାକୁ ଭିଜିଲାନ୍ସର ଟେକ୍ନିକାଲ୍ ଉଇଙ୍ଗ୍ ଅଧିକ ଯାଞ୍ଚ କରୁଛି। ☞ପୃଷ୍ଠା-୫

## ସୁଦର୍ଶନଙ୍କ ସମେତ ୫ଜଣଙ୍କ ନାଁରେ ଥାନାରେ ଅଭିଯୋଗ

**ବିନା ଯୋଗ୍ୟତାରେ ଡାକ୍ତରୀ ପାଠ ପ୍ରସଙ୍ଗ**

ଧରିତ୍ରୀ ପ୍ରଭାବ

ଖୋର୍ଦ୍ଧା,୯।୧୧(ପ୍ରଭାତ ପାଣିଗ୍ରାହୀ)

ପୁରୀସ୍ଥିତ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ (ଜିଏଏମ୍)ରେ ଗତ ୫ବର୍ଷରେ ବିନା ଯୋଗ୍ୟତାରେ ବାହାର କଲେଜର ୫ଜଣ ଛାତ୍ରୀଛାତ୍ରଙ୍କୁ ନାମଲେଖା ସୁଯୋଗ ଦିଆଯାଇଛି। ଏହି ନାମଲେଖା କେଳେଙ୍କାରୀର ଗୋଟିଏ ପରେ ଗୋଟିଏ କାରନାମା 'ଧରିତ୍ରୀ'ରେ ପ୍ରକାଶ ପାଇବା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ପ୍ରାଥମିକ ପର୍ଯ୍ୟାୟରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଗତ ଅକ୍ଟୋବର ୨୫ତାରିଖରେ ଜିଏଏମ୍ କଲେଜ ଅଧ୍ୟକ୍ଷ ଡ. ସୁଦର୍ଶନ ବେହେରାଙ୍କୁ ବଲାଙ୍ଗୀର ସରକାରୀ ଆୟୁର୍ବେଦ କଲେଜକୁ ବଦଳି ☞ପୃଷ୍ଠା-୫


ବିନା ଯୋଗ୍ୟତାରେ ଡାକ୍ତରୀ ଡିଗ୍ରୀ

ଚର୍ଚ୍ଚାରେ ଗୋପବନ୍ଧୁ ଆୟୁର୍ବେଦ କଲେଜ

# ସ୍ୱତନ୍ତ୍ର ଖଣ୍ଡପୀଠରେ ହେବ ଦ୍ରୁତ ଶୁଣାଣି

**ଏମ୍‌ପି, ବିଧାୟକଙ୍କ ନାଁରେ ଆପରାଧିକ ମାମଲା**

## ହାଇକୋର୍ଟଗୁଡ଼ିକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ,୯।୧୧

ରାଜନୀତିକୁ ଅପରାଧମୁକ୍ତ କରିବା ପାଇଁ ଏମ୍‌ପି ଏବଂ ବିଧାୟକମାନଙ୍କ ବିରୋଧରେ ବିଚାରାଧୀନ ଥିବା ୫,୦୦୦ରୁ ଊର୍ଦ୍ଧ୍ୱ ଆପରାଧିକ ମାମଲାର ଦ୍ରୁତ ଶୁଣାଣି ଜରୁରୀ। ତେଣୁ ଏଭଳି ମାମଲାର ଶୀଘ୍ର ଫଇସଲା ପାଇଁ ସ୍ୱତନ୍ତ୍ର ଖଣ୍ଡପୀଠ ଗଠନ କରିବାକୁ ଗୁରୁବାର ହାଇକୋର୍ଟଗୁଡ଼ିକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଶୀର୍ଷ ଅଦାଲତ ନିଜ ରାୟରେ ଏକ ନିର୍ଦ୍ଦେଶାବଳୀ ମଧ୍ୟ ଜାରି କରିଛନ୍ତି।

ଆଇନଜୀବୀ ଅଶ୍ୱିନୀ ଦୁବେଙ୍କ ଜରିଆରେ ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଖଲ ହୋଇଛି। ଆପରାଧିକ ମାମଲାରେ ଅଭିଯୁକ୍ତ ଥିବା ରାଜନେତାମାନଙ୍କ ଦୋଷ ପ୍ରମାଣିତ ହେଲେ ସେମାନଙ୍କୁ ନିର୍ବାଚନ ଲଢ଼ିବାରୁ ଆଜୀବନ ବାସନ୍ଦ କରିବାକୁ ଉକ୍ତ ପିଟିଶନରେ ନିବେଦନ କରାଯାଇଛି। ଆଇନପ୍ରଣେତାମାନଙ୍କ ବିରୋଧରେ ଥିବା ମାମଲାଗୁଡ଼ିକର ଦ୍ରୁତ ଶୁଣାଣି ନିମନ୍ତେ ସାରା ଦେଶରେ ସ୍ୱତନ୍ତ୍ର କୋର୍ଟ ପ୍ରତିଷ୍ଠା କରିବାକୁ ମଧ୍ୟ ଏଥିରେ ଅନୁରୋଧ କରାଯାଇଛି। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ଉକ୍ତ ଆବେଦନର ଶୁଣାଣି କରି ହାଇକୋର୍ଟ ଓ ଟ୍ରାଏଲ୍ କୋର୍ଟଗୁଡ଼ିକ ପାଇଁ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଜଷ୍ଟିସ୍ ଜେ.ବି. ପରଦିୱାଲା ଏବଂ ମନୋଜ ମିଶ୍ର ସାମିଲ ଥିବା ଖଣ୍ଡପୀଠ କହିଛନ୍ତି, ଆଇନପ୍ରଣେତାଙ୍କ ନାମରେ ଥିବା ମାମଲାର ଦ୍ରୁତ ବିଚାର ଲାଗି ଟ୍ରାଏଲ କୋର୍ଟଗୁଡ଼ିକ ପାଇଁ ସମାନ ଗାଇଡ୍‌ଲାଇନ ଜାରି କରିବା ସମ୍ଭବ ନୁହେଁ। ସମ୍ବିଧାନର ଅନୁଚ୍ଛେଦ ୨୨୭ରେ ପ୍ରଦତ୍ତ କ୍ଷମତାକୁ ଉପଯୋଗ କରି ହାଇକୋର୍ଟଗୁଡ଼ିକ ସ୍ୱତନ୍ତ୍ର ଖଣ୍ଡପୀଠ ଗଠନ କରିବେ। ସେଥିରେ ସମ୍ପୃକ୍ତ ହାଇକୋର୍ଟର ମୁଖ୍ୟ ବିଚାରପତି କିମ୍ବା ତାଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ଜଣେ ବିଚାରପତି ଅଧ୍ୟକ୍ଷତା କରିବେ। ଆବଶ୍ୟକ ମନେହେଲେ ନିୟମିତ ବ୍ୟବଧାନରେ ଆପରାଧିକ ମାମଲାଗୁଡ଼ିକର ଶୁଣାଣି କରାଯାଇପାରେ। ଏପରି ହେଲେ ଆଇନପ୍ରଣେତାଙ୍କ ବିରୋଧରେ ଥିବା ଆପରାଧିକ ମାମଲାଗୁଡ଼ିକର ଶୁଣାଣି ଉପରେ ନିରୀକ୍ଷଣ କରାଯାଇପାରିବ। ☞ପୃଷ୍ଠା-୫

**ଆଜିର ସମ୍ପାଦକୀୟ** ଅର୍ଥନୈତିକ ରାଷ୍ଟ୍ରବାଦ ଓ ବିଶ୍ୱ

# ୪ରୁ ପାର୍ଲାମେଣ୍ଟ ଶୀତ ଅଧିବେଶନ

ନୂଆଦିଲ୍ଲୀ,୯।୧୧(ପି.ଟି.)

ପାର୍ଲାମେଣ୍ଟର ଶୀତ ଅଧିବେଶନ ଡିସେମ୍ବର ୪ରେ ଆରମ୍ଭ ହୋଇ ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଗୁରୁବାର ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଶୀ ସୂଚନା ଦେଇଛନ୍ତି। ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏକ୍ସ'ରେ କେନ୍ଦ୍ରମନ୍ତ୍ରୀ ଜୋଶୀ ଏକ ପୋଷ୍ଟ କରି କହିଛନ୍ତି, ୧୯ ଦିନ ଧରି ଚାଲିବାକୁ ଥିବା ଏହି ଅଧିବେଶନରେ ମୋଟ ୧୫ଟି କାର୍ଯ୍ୟଦିବସ ରହିବ। ଅମୃତକାଳ ଚାଲିଥିବାବେଳେ ଅଧିବେଶନରେ ବ୍ୟବସ୍ଥାପିକା କାର୍ଯ୍ୟ ଓ ଅନ୍ୟ ପ୍ରସଙ୍ଗଗୁଡ଼ିକ ଉପରେ ଆଲୋଚନା କରାଯିବ।

ସେହିପରି ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏମ୍‌ପି ମହୁଆ ମୋଇତ୍ରଙ୍କ ବିରୋଧରେ 'ପ୍ରଶ୍ନ ପାଇଁ ଟଙ୍କା' ନେବା ଅଭିଯୋଗ ମାମଲାରେ ଏଥିକ୍ସ କମିଟି ରିପୋର୍ଟକୁ ମଧ୍ୟ ଏହି ଅଧିବେଶନ ବେଳେ ଲୋକ ସଭାରେ ଉପସ୍ଥାପନ କରାଯିବ। ଏଥିସହ ମହୁଆଙ୍କୁ ଗୃହରୁ ନିଲମ୍ବନ କରିବା ନିଷ୍ପତ୍ତି ମଧ୍ୟ ନିଆଯିବ। ଭାରତୀୟ ଦଣ୍ଡବିଧି ଆଇନ (ଆଇପିସି), ଆପରାଧିକ ଦଣ୍ଡ ସଂହିତା (ସିଆର୍‌ପିସି) ଏବଂ ସାକ୍ଷ୍ୟପ୍ରମାଣ ଆଇନକୁ ଉଚ୍ଛେଦ କରି ୩ ନୂଆ ଆଇନ ଆଣିବା ପାଇଁ ମଧ୍ୟ ବିଚାର କରାଯିବ। ସେହିପରି ମୁଖ୍ୟ ନିର୍ବାଚନ କମିଶନର ଓ ନିର୍ବାଚନ କମିଶନରମାନଙ୍କ ନିଯୁକ୍ତି ସମ୍ପର୍କିତ ବିଧେୟକ ମଧ୍ୟ ପାର୍ଲାମେଣ୍ଟର ଅନୁମୋଦନ ଲାଭ କରିପାରେ। ମୌସୁମୀ ଅଧିବେଶନରେ ଆଗତ ହୋଇଥିବା ଏହି ବିଲ୍ ହଟ୍ଟଗୋଳ ଯୋଗୁ ପାରିତ ହୋଇପାରି ନ ଥିଲା।

# ମାନସିକ ବିକାରଗ୍ରସ୍ତ ମହିଳାଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

ନୟାଗଡ଼,୯।୧୧ (ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଇଟାମାଟି ଥାନା ଅଞ୍ଚଳରେ ଜଣେ ମାନସିକ ବିକାରଗ୍ରସ୍ତ ମହିଳାଙ୍କୁ ବଳାତ୍କାର କରାଯାଇଛି। ବଳାତ୍କାର ଅଭିଯୋଗ ପରେ ପୋଲିସ ବାଉଁଶିଆପଡ଼ା ଗାଁର ସୂର୍ଯ୍ୟକାନ୍ତ ମହାନ୍ତି ଓରଫ୍ ପାଣ୍ଡା(୨୪)ଙ୍କୁ ଗିରଫ କରି ତଦନ୍ତ ଆରମ୍ଭ କରିଛି।

ପୀଡ଼ିତାଙ୍କ ମା'ଙ୍କ ଅଭିଯୋଗ ଅନୁଯାୟୀ, ମୋ ଝିଅ ବିବାହ କରିଥିଲା। ତାଙ୍କ ସ୍ୱାମୀ ତାଙ୍କୁ ଛାଡିଦେବା ପରେ ସେ ମାନସିକ ରୋଗୀ ହୋଇଯାଇଛି। ସେ କେତେବେଳେ କେଉଁଠି ରୁହେ ଜାଣିହୁଏନି। ବୁଧବାର ରାତିରେ ଆମ ଗାଁର ଜଣେ ଲୋକଙ୍କ ବାରଣ୍ଡାରେ ସେ ଶୋଇଥିଲା। ବିଳମ୍ବିତ ରାତିରେ ପାଣ୍ଡା ମୋ ଝିଅକୁ ଏକୁଟିଆ ପାଇ ବଳାତ୍କାର କରି ଫେରାର ହୋଇଥିଲେ। ଝିଅ ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେଠାରେ ପଡ଼ି ରହିଥିଲା। ଖବର ପାଇ ଆମେ ଝିଅକୁ ଉଦ୍ଧାର କରି ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲୁ। ବଳାତ୍କାର ଯୋଗୁ ଝିଅର ବ୍ଲିଡିଂ ବନ୍ଦ ହେଉ ନ ଥିଲା। ଆବଶ୍ୟକ ଚିକିତ୍ସା ପରେ ସେ ଏବେ ଭଲ ଅଛି। ଝିଅ ପାଣ୍ଡା ନାଁ ନେଉଛି। ଏହି ଘଟଣାରେ ପାଣ୍ଡା ଏକୁଟିଆ ନା ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି ତାହା ତଦନ୍ତ ପରେ ଜଣାପଡ଼ିବ। ଘଟଣା ସମ୍ପର୍କରେ ପୋଲିସକୁ ଲିଖିତ ଭାବେ ଅବଗତ କରାଯାଇଛି ବୋଲି ସେ କହିଛନ୍ତି। ଇଟାମାଟି ଥାନା ଆଇଆଇସି ଦିଲୀପ ସ୍ୱାଇଁ କୁହନ୍ତି, ବଳାତ୍କାର ନେଇ ପୀଡ଼ିତାଙ୍କ ପରିବାର ଲୋକେ ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ.୨୪୫/୨୩) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ଘଟଣାର ତଦନ୍ତ ଚାଲୁ ରହିଛି। ଗୁରୁବାର ପୀଡ଼ିତାଙ୍କ ଡାକ୍ତରୀ ମାଇନା କରାଯାଇଛି। ଅଭିଯୁକ୍ତଙ୍କ ଶୁକ୍ରବାର ଡାକ୍ତରୀ ମାଇନା ପରେ କୋର୍ଟ ଚାଲାଣ କରାଯିବ। ତେବେ ଏହି ଘଟଣାରେ ପୀଡ଼ିତାଙ୍କୁ ଛୁରାମାଡ଼ ହୋଇଥିବା ଚର୍ଚ୍ଚା ହେଉଛି। ହେଲେ ତାହା ଠିକ୍ ନୁହେଁ ବୋଲି ଆଇଆଇସି ସ୍ୱାଇଁ କହିଛନ୍ତି।

# ନକଲି ଘିଅ କାରଖାନା ଠାବ

ବ୍ରହ୍ମପୁର ୯।୧୧ (ସୁବାସ ଚନ୍ଦ୍ର ପାଢ଼ୀ)

ଦକ୍ଷିଣ ଓଡ଼ିଶାର ବ୍ୟବସାୟିକ ପେଣ୍ଠସ୍ଥଳ ବ୍ରହ୍ମପୁରରେ ନକଲି ଘିଅ କାରଖାନା ଠାବ କରାଯାଇଛି। ବଡବଜାର ଥାନା ପୋଲିସ ବୁଧବାର ରାତିରେ ମଦନମୋହନ ନଗରରେ ଚାଲିଥିବା ଅପମିଶ୍ରିତ ଘିଅ କାରଖାନାରେ ଚଢ଼ାଉ କରି ବିପୁଳ ପରିମାଣର ନକଲି ଘିଅ ଓ ପ୍ରସ୍ତୁତି ସରଞ୍ଜାମ ଜବତ କରିଛି। ସେଠାରୁ ଜଣେ ବ୍ୟବସାୟୀଙ୍କୁ ଗିରଫ କରାଯାଇଛି। ସେ ହେଲେ ଗୋଷାଣୀ ନୂଆଗାଁ ଅନ୍ତର୍ଗତ ହାଉସିଂ ବୋର୍ଡ ଅଞ୍ଚଳର ଇପାରି ରାଜେଶ୍ୱର ପାତ୍ର। ତେବେ ଏହି କାରଖାନାକୁ ଚଳାଉଥିବା ମୁଖ୍ୟ ଅଭିଯୁକ୍ତ ଇ.କୋଟେଶ୍ୱର ପାତ୍ର ପୋଲିସକୁ ଚକମା ଦେଇ ଫେରାର ହୋଇଯାଇଛନ୍ତି। ଖୁବ୍‌ଶୀଘ୍ର ତାଙ୍କୁ ଗିରଫ କରାଯିବ ବୋଲି ଏସ୍‌ପି ଡ. ସର୍ବଣା ବିବେକ ଏମ୍ ସୂଚନା ଦେଇଛନ୍ତି।

ଗତ କିଛିମାସ ହେଲା ସହର ଉପକଣ୍ଠରେ ବିଭିନ୍ନ ଅସ୍ୱାସ୍ଥ୍ୟକର ତେଲରେ ପ୍ରସ୍ତୁତ ମା' ଦୁର୍ଗା ନାମକ ଏକ ଘିଅ ବଜାରରେ ବିକ୍ରି ଚାଲିଥିବା ପୋଲିସ ଖବର ପାଇଥିଲା। ବୁଧବାର ରାତିରେ ପୋଲିସର ଏକ ଟିମ୍ ମଦନ ମୋହନ ନଗରରେ ଏକ ଘରେ ଚଢ଼ାଉ କରି ବିପୁଳ ପରିମାଣର ଅପମିଶ୍ରିତ ଘିଅ ଜବତ କରିଥିଲା। ସେଠାରୁ ବୈଧତା ନ ଥିବା ମହାନଗର ଟ୍ରେଡ ଲାଇସେନ୍ସ, ଘିଅ ପ୍ରସ୍ତୁତ ଲାଇସେନ୍ସ ସମେତ, ୩ଟି ଅତ୍ୟାଧୁନିକ ଘିଅ ପ୍ୟାକିଂ ମେଶିନ ଆଦି ଜବତ ହୋଇଥିଲା। ଏହି ଘିଅକୁ ଅଭିଯୁକ୍ତ ମୁଖ୍ୟତଃ ଗ୍ରାମାଞ୍ଚଳ ଓ ମଫସଲ ଅଞ୍ଚଳରେ ରହୁଥିବା ଲୋକଙ୍କୁ ଟାର୍ଗେଟ କରି ବିକ୍ରି କରୁଥିବା ଜଣାପଡ଼ିଛି।



ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୦ ନଭେମ୍ବର, ୨୦୨୩

ଏକ ଆଧ୍ୟାତ୍ମିକ ଜୀବନ ବଞ୍ଚିବା ପାଇଁ ବିଶ୍ୱ ସଂଗ୍ରାମ କରି ଚାଲିଛି । କିନ୍ତୁ ଅବିଦ୍ୟା ଓ ବିରୋଧୀ ଶକ୍ତିମାନେ ଏଠାରେ ପୁଳ ହୋଇ ସମସ୍ତଙ୍କୁ ଭୀତତ୍ରସ୍ତ କରୁଛନ୍ତି। ପ୍ରଭୁ ! ଆମେ ଚାହୁଁ – ଆପଣଙ୍କ ପକ୍ଷରେ ରହି ବୀର ଯୋଦ୍ଧା ରୂପରେ ଲଢିବାକୁ ଏବଂ ବିଜୟ ଲାଭକରିବାକୁ। –ଶ୍ରୀମା



# ଅର୍ଥନୈତିକ ରାଷ୍ଟ୍ରବାଦ ଓ ବିଶ୍ୱ



ଡାନି ରୋଡ୍ରିକ୍

ଆମେରିକା ଯେଭଳି ନେତୃତ୍ୱ ନେଉଛି ସେଥିରୁ ମନେହେଉଛି ଯେ, ବିଶ୍ୱ ଇକୋନୋମିକ ନ୍ୟାଶନାଲିଜମ ବା ଅର୍ଥନୈତିକ ରାଷ୍ଟ୍ରବାଦ (ଏକ ବିଚାରଧାରା ; ଯାହା ଅର୍ଥ ବ୍ୟବସ୍ଥା ଓ ଘରୋଇ ନୀତିଗୁଡ଼ିକରେ ହସ୍ତକ୍ଷେପକୁ ପ୍ରାଥମିକତା ଦିଏ ଏବଂ ଶ୍ରମ, ସାମଗ୍ରୀ ଓ ପୁଞ୍ଜି ନିର୍ମାଣରେ କଟକଣାକୁ ଯୋଡ଼ିଦିଏ)ର ଏକ ନୂତନ ଯୁଗରେ ପ୍ରବେଶ କରୁଛି। ମୁକ୍ତ ଘରୋଇ ବାଣିଜ୍ୟ ଏବଂ ବହୁଦେଶୀୟ ଭାଗୀଦାରି ତୁଳନାରେ ଅନେକ ଦେଶ ଘରୋଇ, ସାମାଜିକ, ଅର୍ଥନୈତିକ ଏବଂ ପରିବେଶ କାର୍ଯ୍ୟସୂଚୀକୁ ଅଧିକ ପ୍ରାଧାନ୍ୟ ଦେଉଥିବାରୁ ଏଭଳି ଘଟିବାକୁ ଯାଉଛି। ଡୋନାଲ୍ଡ ଟ୍ରମ୍ପଙ୍କ ତୁଳନାରେ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ଆଭିମୁଖ୍ୟ ଅନ୍ତର୍ଜାତୀୟ ସହଯୋଗ ଦିଗରେ ଅଧିକ ନିୟନ୍ତ୍ରିତ ଏବଂ ମୁକ୍ତ ଥିଲେ ବି ଏହା ଅର୍ଥନୈତିକ ଉଦାରବାଦୀଙ୍କ ଚିନ୍ତା ବଢ଼ାଇଦେଇଛି। ୧୯୩୦ ଦଶକ ଶୈଳୀର ସଂରକ୍ଷଣବାଦ ଏବଂ ଆର୍ଥିକ ସ୍ୱାଧୀନତା ନୀତିକୁ ଏହା ପ୍ରତ୍ୟାବର୍ତ୍ତନ କରୁଥିବା ସେମାନେ ଲକ୍ଷ୍ୟ କରୁଛନ୍ତି। ଅର୍ଥନୈତିକ ରାଷ୍ଟ୍ରବାଦ ବିଭିନ୍ନ ରୂପରେ ଆସେ, ସେଥିରୁ କିଛି କ୍ଷତିକାରକ ଏବଂ କିଛି ଲାଭଦାୟକ। ତେବେ ଆଲେକ୍ସଜାଣ୍ଡାର୍ ହାମିଲଟନ ଏବଂ ଫ୍ରିଡ୍ରିଚ ଲିଷ୍ଟଙ୍କ ପରି ରାଜନୈତିକ ଉଦାରବାଦୀ ଅର୍ଥନୈତିକ ରାଷ୍ଟ୍ରବାଦର କେତେଜଣ ଅଗ୍ରଣୀ ସିଦ୍ଧାନ୍ତବାଦୀଙ୍କ ମଧ୍ୟରେ ଥିଲେ ଅନ୍ୟତମ। ଅର୍ଥନୈତିକ ରାଷ୍ଟ୍ରବାଦକୁ ଚରମ ସ୍ତରକୁ ନିଆଗଲେ ତାହାର ଯେଭଳି ବିପରୀତ ପ୍ରଭାବ ପଡ଼େ, ଠିକ୍ ସେହିଭଳି ଅର୍ଥନୈତିକ ଉଦାରବାଦରେ ଘଟିପାରେ। ଅର୍ଥନୈତିକ ସାମର୍ଥ୍ୟ ଗଠନ ଏବଂ ଜାତୀୟ ଭାବନାକୁ ଦୃଢ଼ କରିବା ପାଇଁ ଏହାକୁ ନ୍ୟାୟପୂର୍ଣ୍ଣ ଭାବରେ ପ୍ରୟୋଗ କରାଗଲେ ତାହା ଅନ୍ୟ ଦେଶଗୁଡ଼ିକ ପ୍ରତି ଲାଭଦାୟକ ହୋଇପାରେ ।

ଅର୍ଥନୈତିକ ରାଷ୍ଟ୍ରବାଦ ଅର୍ଥ ବ୍ୟବସ୍ଥାକୁ ଗଢ଼େ ରାଷ୍ଟ୍ରର ସେବା କରିବା ପାଇଁ। ତେବେ 'ରାଷ୍ଟ୍ର ସେବା' କିମ୍ବା 'ଜାତୀୟ ସ୍ୱାର୍ଥ'ର ଅର୍ଥ ବ୍ୟାଖ୍ୟା ନ କରିବା ପର୍ଯ୍ୟନ୍ତ କୌଣସି ନୀତିର ଗୁରୁତ୍ୱ ରହେ ନାହିଁ। ଜାତୀୟ ଅର୍ଥନୀତି ଉପରେ ଧ୍ୟାନ ଦେବା ଉତ୍ତମ ହୋଇପାରେ, ଏହା ଅନ୍ତର୍ଜାତୀୟ ବାଣିଜ୍ୟ ଏବଂ ଅର୍ଥ ଯୋଗାଣ ପାଇଁ ଅତ୍ୟଧିକ ସୁସଙ୍ଗତ ହୋଇପାରେ। ହେଲେ ପାରମ୍ପରିକ ଅର୍ଥନୈତିକ ତତ୍ତ୍ୱ ଅନୁଯାୟୀ, ମୁକ୍ତ ବାଣିଜ୍ୟ ଗ୍ରହଣ କଲେ ଦେଶର ସ୍ୱାର୍ଥ ସାଧିତ ହୋଇଥାଏ। ଅର୍ଥନୈତିକ ସ୍ୱାଧୀନତାକୁ ଅନୁସରଣ କରୁଥିବା ଏକ ସରକାର ଲାଭ ଓ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାରୁ ବଞ୍ଚିତ ହୁଏ ଏବଂ ବିଦେଶୀ ପୁଞ୍ଜି ପାଇପାରେ ନାହିଁ। ଅର୍ଥନୈତିକ ଐତିହାସିକ ମାର୍ଭିନ୍ ସୁସେ ଯୁକ୍ତି କରନ୍ତି, ଅର୍ଥନୈତିକ ରାଷ୍ଟ୍ରବାଦ ଦୁଇଟି ପରସ୍ପର ବିରୋଧୀ ପ୍ରେରଣା ମଧ୍ୟରେ ଗତିକରେ। ଏହି ଦୁଇଟି ହେଉଛି– ଅନ୍ୟ ଦେଶ ସହିତ ଅର୍ଥନୈତିକ ବିନିମୟକୁ ସୀମିତ କରିବାର ପ୍ରଲୋଭନ ଏବଂ ଜାତୀୟ ଅର୍ଥନୈତିକ ଅଭିବୃଦ୍ଧି ଏବଂ ବିକାଶର ସେବାରେ ଅନ୍ତର୍ଜାତୀୟ ସମ୍ପର୍କ ବିସ୍ତାର ଏବଂ ଲାଭ ପାଇବାର ଇଚ୍ଛା। ସମ୍ପ୍ରତି ପୂର୍ବ ଏସିଆର ବିକାଶଶୀଳ ଦେଶ ତୁଳନାରେ ଏହି ପ୍ରେରଣାକୁ ଏକାଠି ନେଇ ଚାଲିବାରେ ଅନ୍ୟ କେହି ଭଲ କାର୍ଯ୍ୟ କରିପାରିନାହାନ୍ତି। ଜାପାନ, ଦକ୍ଷିଣ କୋରିଆ, ତାଇୱାନ ଏବଂ ଚମତ୍କାର ଭାବେ ଚାଇନା ସମସ୍ତେ ସମାବେଶୀ ନୀତି ଉପରେ ନିର୍ଭର କରିଛନ୍ତି; ଯାହା ଉଭୟ ବିଶ୍ୱ ଅର୍ଥନୈତିକ ଏକୀକରଣକୁ ଉତ୍ସାହିତ କରେ ଏବଂ କେତେକ ପ୍ରମୁଖ ଶିଳ୍ପଗୁଡ଼ିକୁ ସୁରକ୍ଷା କରେ। ବ୍ୟାପକ ଶିଳ୍ପ ନୀତି ମାଧ୍ୟମରେ ପ୍ରତ୍ୟେକ ନିଜସ୍ୱ ଅର୍ଥନୈତିକ ଭବିଷ୍ୟତ ଗଢ଼ିଛନ୍ତି, ଯାହା ଅର୍ଥନୈତିକ ଦକ୍ଷତାର ନୂତନ କ୍ଷେତ୍ର ବିକାଶ କରିବାରେ ସାହାଯ୍ୟ କରିଛି। ସେଗୁଡ଼ିକ କେବଳ ଅର୍ଥନୈତିକ କାର୍ଯ୍ୟକ୍ରମ ନୁହେଁ, ବରଂ ପାଶ୍ଚାତ୍ୟ ଦେଶକୁ ଛୁଇଁବା ଲକ୍ଷ୍ୟରେ ଥିଲା ନବୀକରଣର ଜାତୀୟ ପ୍ରକଳ୍ପ। ନ୍ୟୁ ସାଉଥ୍ ୱେଲ୍ସ ବିଶ୍ୱବିଦ୍ୟାଳୟର ରାଜନୈତିକ ବୈଜ୍ଞାନିକ ଏଲିଜାବେଥ ଥୁର୍ବନ ଏବଂ ତାଙ୍କ ସହ–ଲେଖକମାନେ କହିଛନ୍ତି ଯେ, ବିକାଶମୂଳକ ମାନସିକତା ଥିବା ନୀତିନିର୍ଦ୍ଧାରକମାନେ ସ୍ଥାନୀୟ ଉତ୍ପାଦନ କ୍ଷମତା, ବୈଷୟିକ ସ୍ୱାଧୀନତା ଏବଂ ରପ୍ତାନି ପ୍ରତିଯୋଗିତାକୁ ଘରୋଇ ରାଜନୈତିକ ବୈଧତା, ଜାତୀୟ ନିରାପତ୍ତା ଏବଂ ଅତ୍ୟାବଶ୍ୟକ ଭିତ୍ତିଭୂମି ଏବଂ ଅନ୍ତର୍ଜାତୀୟ ସ୍ତରରେ ସ୍ଥିତି ଓ ପ୍ରତିଷ୍ଠା ଭାବରେ ଦେଖନ୍ତି।



ଏହାସହ ବଜାରରେ ରଣନୀତିକ ହସ୍ତକ୍ଷେପ ମାଧ୍ୟମରେ ଏହି ଲକ୍ଷ୍ୟରେ ଅଗ୍ରଗତି ହେବାକୁ ଦେଶ ପାଇଁ ସେମାନେ ଏକ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି। ତେବେ ଏହିସବୁ ଦେଶର ସଫଳତାକୁ କେହି ଅସ୍ୱୀକାର କରିପାରିବେ ନାହିଁ। ସେମାନଙ୍କର ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି ଅନେକ ଶହ କୋଟି ଲୋକଙ୍କୁ ଉତ୍କଟ ଦାରିଦ୍ର୍ୟରୁ ମୁକ୍ତ କରିଛି ଏବଂ ସେମାନଙ୍କ ମଧ୍ୟରୁ କେତେକଙ୍କୁ ଦୁଇ ପିଢ଼ିରୁ କମ୍ ସମୟ ମଧ୍ୟରେ ଉନ୍ନତ ଅର୍ଥ ବ୍ୟବସ୍ଥାର ସ୍ଥିତିକୁ ଉନ୍ନୀତ କରିପାରିଛି। ଚାଇନା କେବଳ ଏକ ଅର୍ଥନୈତିକ ଶକ୍ତି ଭାବେ ଉଭା ହୋଇନାହିଁ, ବରଂ ପାଶ୍ଚାତ୍ୟର ମୁଖ୍ୟ ଭୌଗୋଳିକ ପ୍ରତିଦ୍ୱନ୍ଦ୍ୱୀ ହୋଇପାରିଛି।

ପ୍ରତ୍ୟେକଟି ଦେଶର ନାଟକୀୟ ଉତ୍‌ଥାନ ହୋଇଛି। ଇସ୍ପାତ, ଅଟୋ, ସୋଲାର ସେଲ୍ ଇତ୍ୟାଦି ପାଇଁ ବ୍ୟାପକ ସରକାରୀ ସବ୍‌ସିଡି ବହୁ ସମୟରେ ବିଦେଶୀ ସଂସ୍ଥାଗୁଡ଼ିକର ପ୍ରତିଯୋଗିତାମୂଳକ ସ୍ଥିତିକୁ କ୍ଷୁଣ୍ଣ କରିଥିଲା। ତଥାପି, ପୂର୍ବ ଏସିଆର ଅର୍ଥନୈତିକ ରାଷ୍ଟ୍ରବାଦ ବିଶ୍ୱର ଅନ୍ୟମାନଙ୍କ ପାଇଁ ଲାଭଦାୟକ ଥିଲା। ସବୁଠି ବାଣିଜ୍ୟିକ ପ୍ରତିବନ୍ଧକ ଥାଇ ବି ବାଣିଜ୍ୟ ଭାଗୀଦାରିମାନଙ୍କ ପାଇଁ ସୃଷ୍ଟି ହୋଇଥିବା ବଜାରଗୁଡ଼ିକ ବଡ଼ ଥିଲା। ଅର୍ଥନୈତିକ ଉଦାରବାଦୀମାନଙ୍କର ତର୍କ ଅନୁଯାୟୀ ସବ୍‌ସିଡିଗୁଡ଼ିକ ଅନ୍ୟ ଦେଶ ପାଇଁ ଏକ ଉପହାର ଥିଲା, କାରଣ ସେସବୁ ସେମାନଙ୍କ ଗ୍ରାହକଙ୍କ ପାଇଁ ମୂଲ୍ୟ କମ୍ କରିବାରେ ସାହାଯ୍ୟ କରିଥିଲା।

ଏହା ନିଶ୍ଚିତ ଯେ, ଚାଇନାର ରପ୍ତାନିରେ ଦ୍ରୁତ ବିସ୍ତାର ଉନ୍ନତ ଅର୍ଥ ବ୍ୟବସ୍ଥାଗୁଡ଼ିକ ପାଇଁ କିଛି ଅସୁବିଧା ସୃଷ୍ଟି କରିଛି। ଚାଇନାରୁ ଆମଦାନୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଦେଶରେ ଦୀର୍ଘକାଳୀନ ଚାକିରି କମିଲା। ଫଳରେ ଉଭୟ ଆମେରିକା ଏବଂ ପଶ୍ଚିମ ୟୁରୋପରେ ଦକ୍ଷିଣପନ୍ଥୀ ଏକଚ୍ଛତ୍ରବାଦୀ ନେତାଙ୍କ ସପକ୍ଷରେ ରାଜନୈତିକ ସମର୍ଥନ ବୃଦ୍ଧି ପାଇଲା। ପାଶ୍ଚାତ୍ୟ ସରକାରମାନେ ଚାଇନା ସହିତ ବାଣିଜ୍ୟକୁ ଉପଯୁକ୍ତ ଭାବରେ ପରିଚାଳନା କରିବାରେ ବିଫଳ ହେଲେ। ଚାଇନା ରପ୍ତାନି କ୍ଷେତ୍ରରେ ଆଶାତୀତ ପ୍ରଦର୍ଶନ ହାସଲ କରୁଥିବାବେଳେ ଏହି ସରକାରଗୁଡ଼ିକ ଅର୍ଥନୈତିକ ଉଦାରବାଦୀବାଦ ଉପରେ ଅତ୍ୟଧିକ ବିଶ୍ୱାସକୁ ଧରିରଖିଲେ। ଅବଶ୍ୟ ଅର୍ଥନୈତିକ ରାଷ୍ଟ୍ରବାଦ ସବୁଆଡ଼େ ଭଲ ହୋଇପାରି ନାହିଁ। ଅନେକ ସରକାର ସାମାଜିକ ଓ ଆର୍ଥିକ କ୍ଷେତ୍ରକୁ ଅତ୍ୟଧିକ ନିୟନ୍ତ୍ରଣ କରୁଛନ୍ତି। ଅପାରଗ ସଂସ୍ଥାଗୁଡ଼ିକୁ ଅଧିକ ସମୟ ଧରି ସମର୍ଥନ କରି ଅର୍ଥ ବ୍ୟବସ୍ଥାର ଦ୍ୱାର ମଧ୍ୟ ବନ୍ଦ କରି ଦେଇଛନ୍ତି। ଯେତେବେଳେ ସରକାରଗୁଡ଼ିକ ଏଭଳି ତ୍ରୁଟି କରନ୍ତି, ସେତେବେଳେ ସେମାନଙ୍କ ନାଗରିକମାନେ ହିଁ ଏହାର ମୂଲ୍ୟ ଦିଅନ୍ତି। ଅର୍ଥନୈତିକ ରାଷ୍ଟ୍ରବାଦ ଭୁଲ୍ ହୋଇଗଲେ ତାହା ଦେଶରେ ତଥା ପଡ଼ୋଶୀର କ୍ଷତି କରେ ଓ ଲାଭ ପାଇପାରେ ନାହିଁ। ପୂର୍ବ ଏସିଆର ବିକାଶବାଦ ଆଜିର ଦୁନିଆକୁ ଗୁରୁତ୍ୱପୂର୍ଣ୍ଣ ଶିକ୍ଷାଦିଏ। ଯଦି ଆମେରିକାରେ ଅର୍ଥନୈତିକ ରାଷ୍ଟ୍ରବାଦ ଶକ୍ତିଶାଳୀ ସମାବେଶୀ ଘରୋଇ ଅର୍ଥ ବ୍ୟବସ୍ଥା ସୃଷ୍ଟି କରିବା ଉପରେ ଧ୍ୟାନ ଦିଏ, ତେବେ ଏହା ବହୁତ ଭଲ କାମ କରିବ। ବାସ୍ତବରେ, ଏହିପରି ରଣନୀତି ଆମେରିକାର ଇତିହାସରେ ବିକାଶର ପୂର୍ବ ପରମ୍ପରାକୁ ପୁନର୍ଜୀବିତ କରିବ। ଅନ୍ୟ ଦେଶଗୁଡ଼ିକ ଶେଷରେ ଆମେରିକାର ସୁସ୍ଥ ଅର୍ଥ ବ୍ୟବସ୍ଥା ଏବଂ ଅଧିକ ସମନ୍ୱିତ ସମାଜରୁ ଉପକୃତ ହେବେ।

ମାର୍ଭିନ୍ ସୁସେ ଦର୍ଶାଇଛନ୍ତି, ଅର୍ଥନୈତିକ ରାଷ୍ଟ୍ରବାଦ କ୍ଷେତ୍ରରେ ଏବେ ଆମେରିକାର ଅଭିଜ୍ଞତା ଟିକିଏ ଅଲଗା। ଯଦିଓ ଅନ୍ୟମାନେ ବିଶେଷକରି ଚାଇନା ଏହାକୁ ଜୋର କରି ଧରି ରଖିଛି, ତଥାପି ଆମେରିକା ବୈଷୟିକ ତଥା ସାମରିକ କ୍ଷେତ୍ରରେ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଦେଶ ହୋଇ ରହିଛି। ତେବେ ବିପଦ ହେଉଛି, ଆମେରିକାର ଅର୍ଥନୈତିକ ରାଷ୍ଟ୍ରବାଦକୁ ଏକ ଉନ୍ନତ ସମାଜ ଗଠନ କରିବା ଏବଂ ଏକ ସୁସ୍ଥ ଓ ସୁଖୀ ଜୀବନ ପାଇଁ ଆବଶ୍ୟକତାଠାରୁ ଅଧିକ କିଛି କରିବାକୁ ପଡ଼ିବ। ଯଦି ଏହା ଅନ୍ୟମାନଙ୍କ ଉପରେ ଏହାର ନୀତିକୁ ଲାଗୁ କରେ ଏବଂ ଏହାର ପ୍ରତିଦ୍ୱନ୍ଦ୍ୱୀଙ୍କ ବୈଷୟିକ ବିକାଶକୁ ଦୁର୍ବଳ କରିବାକୁ ଚେଷ୍ଟା କରେ, ତେବେ ଏହା ଅବଶିଷ୍ଟ ବିଶ୍ୱକୁ ଅଧିକ କ୍ଷତି କରିବା ସହ ନିଜ ପାଇଁ ଏହା ଭଲ ହେବ ନାହିଁ।

**ପ୍ରାଧ୍ୟାପକ (ଅନ୍ତର୍ଜାତୀୟ ରାଜନୈତିକ ଅର୍ଥ ବ୍ୟବସ୍ଥା), ହାର୍ଭାର୍ଡ କେନେଡି ସ୍କୁଲ**

# ସମଲିଙ୍ଗୀ



ଡା. ସମ୍ରାଟ କର

ସମଲିଙ୍ଗୀ ବିବାହକୁ ଆଇନଗତ ମାନ୍ୟତା ଦେବାକୁ ସୁପ୍ରିମକୋର୍ଟ ମନା କରିଦେଲେ। ଏ ସଂକ୍ରାନ୍ତରେ ଆଇନ ତିଆରି କରିବା ହେଉଛି ସଂସଦର କାମ ଆଉ ବିବାହ ମୌଳିକ ଅଧିକାରଭୁକ୍ତ ହୋଇ ନ ଥିବାରୁ ସମଲିଙ୍ଗୀ ବିବାହକୁ ସେହି ଶ୍ରେଣୀରେ ବିଚାର କରାଯାଇ ପାରିବ ନାହିଁ। ସମଲିଙ୍ଗୀ ଯୋଡ଼ିଙ୍କୁ ପୋଷ୍ୟ ସନ୍ତାନ ଗ୍ରହଣ କରିବା ଅଧିକାର ମଧ୍ୟ ଦିଆଯାଇନାହିଁ। ଭାରତୀୟ ପିଙ୍ଗଳ କୋଡ୍‌ର ଦଫା ୩୭୭କୁ ଦେଖିଲେ ଗୋଟିଏ କଥା ଅନେକଙ୍କ ବିଚାରକୁ ଆସୁଛି ତାହା ହେଉଛି ଭାରତରେ ସରକାର ଚଳାଉଥିବା ଓ ନ୍ୟାୟିକ ବ୍ୟବସ୍ଥାରେ ରହିଆସିଥିବା ପୁରୁଣା ଚିନ୍ତାଧାରାର କେତେଜଣ ମହିଳା ପୁରୁଷ ସମୟ ଅନୁଯାୟୀ ପରିବର୍ତ୍ତନକୁ ସ୍ୱୀକାର କରିପାରୁନାହାନ୍ତି। ୧୮୬୧ରେ ବ୍ରିଟିଶ ଶାସନ କାଳରେ ଆଇପିସିରେ ଏହି ଦଫା ଅନ୍ତର୍ଭୁକ୍ତ କରି ସମଲିଙ୍ଗୀ ସମ୍ପର୍କକୁ ଅପରାଧ ଭାବେ ବିବେଚନା କରାଯାଇଥିଲା। ଗତବର୍ଷ ଅଗଷ୍ଟ ୨୪ରେ ଏକ ଐତିହାସିକ ରାୟରେ ଅନ୍ତରଙ୍ଗ ଗୋପନୀୟତା ବା ପ୍ରାଇଭେସିକୁ ମୌଳିକ ଅଧିକାର ମାନ୍ୟତା ଦେଇଥିଲେ। ସମଲିଙ୍ଗୀ ସମ୍ପର୍କ ବ୍ୟକ୍ତିଗତ ବ୍ୟାପାର ଭିତରେ ଅନ୍ତର୍ଭୁକ୍ତ ହେଉଥିବାରୁ ସେମାନଙ୍କ ଭିତରେ ଆନନ୍ଦଜାତ ହୋଇଥିଲା। ତେବେ ସମ୍ପ୍ରତି ସୁପ୍ରିମକୋର୍ଟ ୨୦୧୮ ଜାନୁୟାରୀ ୮ରେ ଆଲିଗଡ଼ ମୁସଲିମ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ଶ୍ରୀନିବାସ ରାମଚନ୍ଦ୍ର ଶିରଦଙ୍କ ଦୁଃଖଦ ଆତ୍ମହତ୍ୟା ମାମଲାରେ ପୂର୍ବ ରାୟର ପୁନର୍ବିଚାର ପାଇଁ ରାଜି ହୋଇଛନ୍ତି। କାରଣ ଏହି ମାମଲାରେ ଶ୍ରୀନିବାସଙ୍କୁ ସମଲିଙ୍ଗୀ ସମ୍ପର୍କ କାରଣରୁ ବିଶ୍ୱବିଦ୍ୟାଳୟରୁ ବିତାଡ଼ିତ କରାଯାଇଥିବାରୁ ସେ ୨୦୧୦ ଏପ୍ରିଲରେ ଆତ୍ମହତ୍ୟା କରିଥିଲେ। ପରବର୍ତ୍ତୀ ସମୟରେ ୨୦୦୯ରେ ଦିଲ୍ଲୀ ହାଇକୋର୍ଟରେ ସମଲିଙ୍ଗୀ ସମ୍ପର୍କ ମାମଲାର ବିଚାର କରି ଆଇପିସିର ଦଫା ୩୭୭କୁ ଅସାମ୍ବିଧାନିକ ବୋଲି ରାୟ ଦେଇଥିଲେ, ଯାହାକି ପରେ ୨୦୧୩ରେ ସୁପ୍ରିମକୋର୍ଟ ୩୭୭ ଦଫା ଯୁକ୍ତିଯୁକ୍ତ ଓ ସାମ୍ବିଧାନିକ ବୋଲି ଦର୍ଶାଇ ହାଇକୋର୍ଟଙ୍କ ରାୟକୁ ଖାରଜ କରିଦେଇ ସୁପ୍ରିମକୋର୍ଟ ଉକ୍ତ ମାମଲାର ତର୍ଜମା ପାଇଁ ବୃହତ୍ ଖଣ୍ଡପୀଠକୁ ପଠାଇବାର ନିଷ୍ପତ୍ତି ନେଇଛନ୍ତି। ଭାରତୀୟ ଆଇନ ବ୍ୟବସ୍ଥାରେ ସମଲିଙ୍ଗୀ ସମ୍ପର୍କ ରଖୁଥିବା ବ୍ୟକ୍ତିଙ୍କୁ ଅପରାଧୀ ବୋଲି ଦର୍ଶାଇ ଆଜୀବନ କାରାଦଣ୍ଡ ଓ ଜରିମାନାର ବ୍ୟବସ୍ଥା ରହିଛି। ଅନେକ ୟୁରୋପୀୟ ରାଷ୍ଟ୍ର ୨୦୦୫ରେ ସ୍ପେନ୍, କାନାଡ଼ା ଏହାକୁ ସ୍ୱୀକୃତି ଦେବାପରେ ଆର୍ଜେଣ୍ଟିନା, ଫ୍ରାନ୍ସ, ବେଲଜିୟମ, ନ୍ୟୁଜିଲାଣ୍ଡ, ଜର୍ମାନୀ, ଆମେରିକା ଓ ଅଷ୍ଟ୍ରେଲିଆ ଭଳି ଦେଶ ସମଲିଙ୍ଗୀ ସମ୍ପର୍କକୁ ସ୍ୱୀକୃତି ଦେଇସାରିଲେଣି। ସେହିପରି ଜାତିସଂଘ ମାନବାଧିକାର ପରିଷଦ ୬ ବର୍ଷ ତଳୁ ଏକ ପ୍ରସ୍ତାବରେ ପୁରୁଷ ସମଲିଙ୍ଗୀ, ମହିଳା ସମଲିଙ୍ଗୀ, ଉଭୟଲିଙ୍ଗୀ ଓ ତୃତୀୟ ଲିଙ୍ଗୀ ଅଧିକାରକୁ ସ୍ୱୀକୃତି ଦେଇଥିଲେ। ଅନେକ କ୍ଷେତ୍ରରେ ସମଲିଙ୍ଗୀ ସମ୍ପର୍କକୁ ବ୍ୟଭିଚାରର ଆଖ୍ୟା ଦିଆଯାଇ ଏହା ସଂସ୍କୃତିର ବିରୋଧୀ ବୋଲି ବିବେଚନା କରାଯାଏ।

ସମଲିଙ୍ଗ କାମୁକ ପୁରୁଷମାନଙ୍କୁ ଗେ କୁହାଯାଏ। ଅନ୍ୟ ସ୍ତ୍ରୀଲୋକମାନଙ୍କ ସହିତ ସମ୍ଭୋଗ ପ୍ରବୃତ୍ତିରେ ଲିପ୍ତ ଥିବା ନାରୀକୁ ଲେସ୍‌ବିୟାନ୍ କୁହାଯାଏ। ପ୍ରାୟ ଦୁଇରୁ ଚାରି ପ୍ରତିଶତ ପୁରୁଷ ଓ ସ୍ତ୍ରୀ ଏଭଳି ବ୍ୟବହାର କରିଥାନ୍ତି। ସିଗ୍‌ମଣ୍ଡ ଫ୍ରଏଡଙ୍କ ଅନୁସାରେ ଶିଶୁଟିର ବୟସ ୩ରୁ ୪ ବର୍ଷ ହୋଇଥିବାବେଳେ ନିଜର ଯୌନାଙ୍ଗ ବିଷୟରେ ଭାବନା ମନକୁ ଆସେ। ସେ ଏହି ସମୟରେ ବିପରୀତ ଲିଙ୍ଗର ମାତା ପିତାଙ୍କ ପ୍ରତି ଆକୃଷ୍ଟ ହୋଇଥାଏ। ଝିଅଟିଏ ପାଇଁ ତା'ର ବାପା ପୃଥିବୀର ମହାନାୟକ ହୋଇଥିବାବେଳେ ପୁଅଟିଏ ଭବିଷ୍ୟତରେ ବାପାଙ୍କ ଭଳି ହେବାକୁ ଇଚ୍ଛା କରେ। ମାତ୍ର ପୁଅଟିଏ ଯଦି ମା' ପ୍ରତି ଅତ୍ୟଧିକ ଆକୃଷ୍ଟ ହୋଇଗଲା ଓ ବାପାଙ୍କର ଉପଯୁକ୍ତ ସ୍ନେହ ପାଇଲା ନାହିଁ, ତେବେ ତା'ର ମାନସିକ ପରିପକ୍ୱତା ଆସେ ନାହିଁ। ସେ ନିଜକୁ ନିଜେ ବହୁତ ଭଲ ପାଏ। ସେ ନିଜର ଲିଙ୍ଗର ବ୍ୟକ୍ତିଟି ପ୍ରତି ଆକୃଷ୍ଟ ହୋଇଥାଏ। ଏହି ବୟସରେ ଝିଅଟିର ମାନସିକ ପରିପକ୍ୱତା ନ ଆସିଲେ, ସେ ସମଲିଙ୍ଗ ପ୍ରତି ଆଗ୍ରହୀ ହୋଇଥାଏ। ୩ରୁ ୫ବର୍ଷର ଝିଅଟିକୁ ପୁଅର ଲିଙ୍ଗପ୍ରତି ଈର୍ଷା ଆସେ। ଧୀରେ ଧୀରେ ଏହି ଈର୍ଷାଭାବ କମିଯାଏ। ଯଦି ଏହା କମ୍ ହୁଏନାହିଁ ତେବେ ନାରୀଟିର ନାରୀପ୍ରତି ଆଗ୍ରହ ଆସିଥାଏ। ସିଗ୍‌ମଣ୍ଡ ଫ୍ରଏଡ୍ ସମଲିଙ୍ଗୀକୁ ଏକ ରୋଗ ବୋଲି ଭାବୁ ନ ଥିଲେ। ଏହା ଯଦିଓ ଏକ ସୁବିଧାଜନକ ପରିସ୍ଥିତି ନୁହେଁ, ମାତ୍ର ଲାଜ କରିବାର ଆବଶ୍ୟକତା ନାହିଁ। ଏହା କେବଳ ନିଜର ଯୌନ ପ୍ରକ୍ରିୟାକୁ ଭିନ୍ନ ଭାବେ ପ୍ରକାଶ କରିବାର ଶୈଳୀ।

**ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ, କଟକ**
**ମୋ: ୯୧୩୨୪୩୩୩୩୩**

## ଏଇ ଭାରତରେ

ସେବାରେ ଆନନ୍ଦ, ସେବାରେ ପୁଣ୍ୟ– ଏହି କଥା ଉପଲବ୍ଧି କରିଛନ୍ତି ହରିୟାଣାର ଦେବଦାସ ଗୋସ୍ୱାମୀ। ସେ ଗୃହହୀନ ଓ ନିଃସଙ୍ଗ ଜୀବନ ବିତାଉଥିବା ଲୋକମାନଙ୍କ ଆଶାବାଡ଼ି ପାଲଟିଛନ୍ତି। ଏବେ ସୁଦ୍ଧା ସେ ୨୦୦ରୁ ଅଧିକ ଲୋକଙ୍କୁ ଆଶ୍ରୟ ଦେଇଛନ୍ତି। ପେସାରେ ଜଣେ ଡ୍ରାଇଭର ହେଲେ ବି ସେମାନଙ୍କୁ ଖାଦ୍ୟଠାରୁ ଆରମ୍ଭ କରି ଚିକିତ୍ସା ଯୋଗାଇ ଦେବାରେ କେବେ ବି ଅବହେଳା କରିନାହାନ୍ତି। ହରିୟାଣାର ଏକ ଗରିବ ପରିବାରରେ ଦେବଙ୍କ ଜନ୍ମ। ତାଙ୍କ ପରିବାରର ଆର୍ଥିକ ଅବସ୍ଥା ଭଲ ନ ଥିଲା । ପିଲାବେଳୁ ସେ କ୍ଷୁଧାର ସମ୍ମୁଖୀନ ହୋଇଛନ୍ତି । ଦାରିଦ୍ର୍ୟକୁ ନିକଟରୁ ଦେଖିଥିବା ଦେବ ଗରିବ ଲୋକଙ୍କୁ ଆଶ୍ରୟ ଓ ଖାଦ୍ୟ ଦେବା ଲାଗି ନିଷ୍ପତ୍ତି ନେଇ ତାହାକୁ ସୁଚାରୁରୂପେ ଚଳାଇଛନ୍ତି। ଏଥିପାଇଁ ସେ 'ଡାଭୋ' ସଂସ୍ଥା ପ୍ରତିଷ୍ଠା କରି ତା'ଦ୍ୱାରା ସେବା କାର୍ଯ୍ୟ ଚଳାଇଛନ୍ତି। ବହୁ ସମୟରେ ସେ ଅର୍ଥାଭାବର ସମ୍ମୁଖୀନ ହେଉଥିଲେ ବି ତାଙ୍କ କାର୍ଯ୍ୟରୁ ବିରତ ହୋଇନାହାନ୍ତି। ସେ ଦ୍ୱାରକା, ଦିଲ୍ଲୀରେ ଦୁଇଟି ଆଶ୍ରୟସ୍ଥଳ ଖୋଲି ସେଠାରେ ଏହି ଅସହାୟ ଲୋକଙ୍କୁ ରଖିଛନ୍ତି। କେବଳ ଏତିକି ନୁହେଁ ସେ ରାଜପଥରେ ଗାଡ଼ି ଚଳାଉଥିବା ସମୟରେ ରାସ୍ତାକଡ଼ରେ ଅଚିହ୍ନା ଶବ ଦେଖିଲେ ତାହାର ସଂସ୍କାର ଦାୟିତ୍ୱ ଆଇନଗତ ଭାବେ ନିଜେ ବହନ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୦ ନଭେମ୍ବର ୧୯୯୮

- ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ଉପସଭାପତି ପଦରୁ ରାଜେନ୍ଦ୍ର କୁମାର ଭାନ୍ତିଆଙ୍କ ଇସ୍ତଫା ପ୍ରଦାନ।
- ଭାରତ ଓ ପାକିସ୍ତାନ ଉପରେ ଆମେରିକା ଜାରି କରିଥିବା ଆର୍ଥିକ କଟକଣାକୁ କିଛି ଅଂଶରେ ପ୍ରତ୍ୟାହାର କରିନେବା ପାଇଁ ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ ଆନୁଷ୍ଠାନିକ ଭାବେ ଏକ ବିଜ୍ଞପ୍ତି ଜାରି କରିଛନ୍ତି।
- ଜାତିସଂଘର ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ହୁ)ର ସ୍ରଷ୍ଟା ଜେମିଙ୍ଗ ଜେଙ୍କ ୯୦ ବର୍ଷ ବୟସରେ ପରଲୋକ।

# ଗାନ୍ଧୀଙ୍କ ଦୃଷ୍ଟିରେ ଦୁଇ ଦେଶ



ଇପ୍ସିତା ମହାନ୍ତି

ପଶ୍ଚିମ ଏସିଆର ପାଲେଷ୍ଟାଇନ ଏବଂ ଇସ୍ରାଏଲ ମଧ୍ୟରେ ଚାଲିଥିବା ହିଂସାତ୍ମକ ବିବାଦ ଦ୍ୱାରା ଆଜି ବିଶ୍ୱରେ ଏକ ପ୍ରମୁଖ ମାନବୀୟ ସଙ୍କଟ ସୃଷ୍ଟି ହୋଇଛି। ତେବେ ଦୁଇ ପଡ଼ୋଶୀ ରାଷ୍ଟ୍ର ପାଲେଷ୍ଟାଇନ ଏବଂ ଇସ୍ରାଏଲ ପରସ୍ପରର କଟ୍ଟର ବିରୋଧୀ କାହିଁକି?

ମହାତ୍ମା ଗାନ୍ଧୀ ନିଜର ଅହିଂସା ଅସ୍ତ୍ର ସାହାଯ୍ୟରେ ଇଂରେଜ ସରକାରଙ୍କ ବିରୋଧରେ ଭାରତ ସ୍ୱାଧୀନତାର ଯୁଦ୍ଧ ଲଢୁଥିଲେ, କିନ୍ତୁ ସେହି ସମୟରେ ଦୁନିଆରେ ଘଟୁଥିବା ଅନ୍ୟ ଘଟଣାଗୁଡ଼ିକ ଉପରେ ତାଙ୍କର ତୀକ୍ଷ୍ଣ ନଜର ରହିଥିଲା। ବିଶେଷକରି ଏସିଆର ଭବିଷ୍ୟତ ବିଷୟରେ ମହାତ୍ମା ଗାନ୍ଧୀ କମ୍ ଚିନ୍ତା କରୁ ନ ଥିଲେ। ୧୯୧୮ରେ ପ୍ରଥମ ବିଶ୍ୱଯୁଦ୍ଧର ଅନ୍ତ ପରେ ଯଦିଓ ଅଳ୍ପ କିଛି ଦେଶ ଉପରେ ଫ୍ରାନ୍ସର ପ୍ରଭାବ ରହିଥିଲା, ପ୍ରାୟତଃ ସମଗ୍ର ପଶ୍ଚିମ ଏସିଆ ବ୍ରିଟିଶ୍ ସରକାରଙ୍କ ଅଧୀନକୁ ଚାଲିଯାଇଥିଲା। ଭାରତରେ ବ୍ରିଟିଶ୍‌ମାନେ ଯେତେବେଳେ ନୂଆଦିଲ୍ଲୀକୁ ରାଜଧାନୀ କଲେ, ସେତେବେଳେ ଏଠାକାର ଭାଇସ୍‌ରାୟ(ବଡ଼ଲାଟ୍) ହାଉସ୍‌ରୁ ପଶ୍ଚିମ ଏସିଆର ଏହିସବୁ ବ୍ରିଟିଶ୍‌ଶାସିତ ଦେଶର ପ୍ରଶାସନିକ ବ୍ୟବସ୍ଥା ନିୟନ୍ତ୍ରିତ ହୋଇଥିଲା।

ଇହୁଦୀମାନେ ନିର୍ଯାତିତ ହେଉଥିବା ଦେଖି ବ୍ରିଟିଶ୍ ସରକାର ପାଲେଷ୍ଟାଇନ ଦେଶରେ ସେମାନଙ୍କ ପାଇଁ ଏକ ପୃଥକ୍ ରାଷ୍ଟ୍ର ଗଠନ ସକାଶେ ଯୋଜନା କରିଥିଲେ। ପ୍ରାରମ୍ଭରେ ଅନ୍ୟ ଦେଶରୁ ଇହୁଦୀମାନଙ୍କୁ ଅଣାଯାଇ ସେଠାରେ ରଖାଗଲା, ଯାହାର ନାମ ଥିଲା 'ସେଟଲର୍ସ'। ଧୀରେ ଧୀରେ ଏହା ଏକ ଇହୁଦୀ ରାଷ୍ଟ୍ର ଭାବରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲା। ୧୯୩୮ ବେଳକୁ ଏହା ପ୍ରକୃତ ରୂପ ନେଇଥିଲା। ୨୬ ନଭେମ୍ବର ୧୯୩୮ରେ ମହାତ୍ମା ଗାନ୍ଧୀ ନିଜ ସାପ୍ତାହିକ ଖବରକାଗଜ 'ହରିଜନ'ରେ 'ଦି ଇହୁଦୀ' ନାମକ ଏକ ସମ୍ପାଦକୀୟ ଲେଖିଥିଲେ। ଏହି ସମ୍ପାଦକୀୟରେ ଗାନ୍ଧିଜୀ ପାଲେଷ୍ଟାଇନ ଦେଶରେ ଇହୁଦୀମାନଙ୍କ ପାଇଁ ଏକ ପୃଥକ୍ ଦେଶ ଭାବରେ ଇସ୍ରାଏଲର ଗଠନକୁ ବିରୋଧ କରିଥିଲେ। ମନେ ରଖିବାକୁ ହେବ ଯେ ସେହି ସମୟରେ ଭାରତରେ ଏଭଳି କିଛି ଘଟୁଥିଲା। ଭାରତକୁ ବିଭାଜନ କରି ପାକିସ୍ତାନ ସୃଷ୍ଟି ପାଇଁ ମହମ୍ମଦ ଅଲ୍ଲୀ ଜିନ୍ନା ପାର୍ଟି ମୁସ୍‌ଲିମ୍ ଲିଗ୍ ମାଧ୍ୟମରେ ସାମ୍ପ୍ରଦାୟିକ ରାଜନୀତିର ଆନ୍ଦୋଳନ ଆରମ୍ଭ କରିଥିଲେ। ଧର୍ମ ଆଧାରରେ ମୁସଲମାନ୍‌ମାନଙ୍କ ପାଇଁ ଏକ ପୃଥକ୍ ରାଷ୍ଟ୍ର ଗଠନ କରିବାକୁ ସେ ଦାବି କରୁଥିଲେ।

ମହାତ୍ମା ଗାନ୍ଧୀ ପାକିସ୍ତାନ ଗଠନକୁ ଦୃଢ଼ ବିରୋଧ କରୁଥିଲେ। ସେ ବିଶ୍ୱାସ କରୁଥିଲେ ଭାରତର ହିନ୍ଦୁ ଏବଂ ମୁସଲମାନ ଗୋଟିଏ ଦେଶର ବାସିନ୍ଦା ଏବଂ ସେମାନଙ୍କର ରାଷ୍ଟ୍ରୀୟତା କେବେ ଭିନ୍ନ ହୋଇପାରିବ ନାହିଁ। ତେଣୁ ୨୬ ନଭେମ୍ବର ୧୯୩୮ରେ ମହାତ୍ମା ଗାନ୍ଧୀ 'ହରିଜନ'ରେ ଲେଖିଥିବା ସମ୍ପାଦକୀୟଟିକୁ ଆମକୁ ବୃହତ ସନ୍ଦର୍ଭରେ ତର୍ଜମା କରିବାକୁ ପଡ଼ିବ। ମହାତ୍ମା ଗାନ୍ଧୀ ଲେଖିଥିଲେ, ''ଯେପରି ଫ୍ରାନ୍ସ ଫରାସୀମାନଙ୍କର ଏବଂ ଇଂଲଣ୍ଡ ଇଂରେଜମାନଙ୍କର, ସେହିପରି ପାଲେଷ୍ଟାଇନ ମଧ୍ୟ ଏଠାରେ ରହୁଥିବା ଆରବ ପାଲେଷ୍ଟିନୀୟମାନଙ୍କର। ଇହୁଦୀମାନଙ୍କୁ ଧର୍ମ ଆଧାରରେ ଅବା ବ୍ରିଟିଶ୍ ବନ୍ଧୁକ କିମ୍ବା ବୋମାର ଭୟ ଦେଖାଇ ପାଲେଷ୍ଟାଇନରେ ଅବସ୍ଥାପିତ କରାଇବା ଉଚିତ ହେବନାହିଁ। ଯଦି ଇହୁଦୀମାନେ ସ୍ୱଇଚ୍ଛାରେ ପାଲେଷ୍ଟିନୀୟଙ୍କ ହୃଦୟକୁ ଜିତି ଏବଂ ସେମାନଙ୍କ ଗ୍ରହଣୀୟତାରେ ସେଠାରେ ବସତି ସ୍ଥାପନ କରନ୍ତି ତାହା କେବଳ ସେମାନଙ୍କ ପାଇଁ ହିଁ ନୁହେଁ, ଜଗତ ପାଇଁ ଉଚିତ ହେବ। ଅବଶ୍ୟ ଏଥିପାଇଁ ସେମାନଙ୍କୁ ବ୍ରିଟିଶ୍‌ମାନଙ୍କର ଛତ୍ରଛାୟା ପରିତ୍ୟାଗ କରିବାକୁ ପଡ଼ିବ।''

ଗାନ୍ଧୀ କହିଥିଲେ, ପାଲେଷ୍ଟାଇନ ହେଉଛି ମୂଳତଃ ଆରବ ପାଲେଷ୍ଟିନୀୟମାନଙ୍କର ଘର। ଯେଉଁଭଳି ଭାବେ ବ୍ରିଟିଶ୍‌ମାନେ ଇହୁଦୀମାନଙ୍କୁ ଆଣି ସେଠାରେ ବସତି ସ୍ଥାପନ ପାଇଁ ବ୍ୟବସ୍ଥା କରାଉଛନ୍ତି ତାହା ଏକ ହିଂସାତ୍ମକ କାର୍ଯ୍ୟ। ଗାନ୍ଧୀ ଏହା ମଧ୍ୟ ବିଶ୍ୱାସ କରୁଥିଲେ ଯେ ଇହୁଦୀମାନଙ୍କୁ ଆରବର ପାଲେଷ୍ଟାଇନ ଦେଶକୁ ଯେପରି ଅଣାଯାଉଛି ଏବଂ ଏଠାରେ ସେମାନେ ବସବାସ କରିବା ଦ୍ୱାରା ପାଲେଷ୍ଟିନୀୟମାନେ ନିଜ ଅଧିକାରରୁ ବଞ୍ଚିତ ହେବେ। ଏହା ସତ୍ୟ ଯେ ପାଲେଷ୍ଟାଇନ ବ୍ୟତୀତ ଇହୁଦୀମାନଙ୍କ ପାଇଁ ଦୁନିଆରେ ଅନ୍ୟ କୌଣସି ଦେଶ ସୃଷ୍ଟି ହୋଇପାରିବ ନାହିଁ। ତେବେ ବର୍ଷ ବର୍ଷ ଧରି ସେମାନେ ଏଠାରେ ରହିଗଲେ ଭବିଷ୍ୟତରେ ସେମାନଙ୍କୁ ଏଠାରୁ ତଡ଼ି ବାହାର କରିବା ପାଇଁ ସହଜରେ ବଳ ମିଳିବ ନାହିଁ।

ଜର୍ମାନୀରୁ ଇହୁଦୀମାନଙ୍କୁ ଯେଉଁଭଳି ଢଙ୍ଗରେ ବିତାଡ଼ିତ କରାଯାଉଛି ଏଥିରୁ ତାହା ସ୍ପଷ୍ଟ ପ୍ରତୀୟମାନ। ଏଥିସତ୍ତ୍ୱେ ମହାତ୍ମା ଗାନ୍ଧୀ ସମଗ୍ର ବିଶ୍ୱରେ, ବିଶେଷକରି ଜର୍ମାନୀରେ ଇହୁଦୀମାନଙ୍କ ପ୍ରତି ହେଉଥିବା ଅପମାନଜନକ ଆଚରଣକୁ ଘୋର ବିରୋଧ କରୁଥିଲେ। ଖ୍ରୀଷ୍ଟିଆନ ଧର୍ମରେ ଇହୁଦୀମାନଙ୍କ ପ୍ରତି ଯେଉଁଭଳି ବ୍ୟବହାର ହେଉଛି ତାହାକୁ ମହାତ୍ମା ଗାନ୍ଧୀ ଅସ୍ପୃଶ୍ୟତାର ସଂଜ୍ଞା ଦେଇଥିଲେ। ଇହୁଦୀମାନଙ୍କ ସହିତ ମହାତ୍ମା ଗାନ୍ଧୀଙ୍କ ମନ ଓ ହୃଦୟରେ ଯଦିଓ ଗଭୀର ସମବେଦନା ଥିଲା କିନ୍ତୁ କୌଣସି ଭୂଖଣ୍ଡ ଉପରେ ପ୍ରଥମ ତଥା ସର୍ବାଧିକ ଅଧିକାର ସେଠାକାର ଅଧିବାସୀମାନଙ୍କର ହିଁ ହୋଇଥାଏ, ଏ କଥା ମହାତ୍ମା ଗାନ୍ଧୀ ଜୋର୍ ଦେଇ କହୁଥିଲେ।

ଇହୁଦୀମାନଙ୍କୁ ଜର୍ମାନୀରେ ନରସଂହାର କରାଗଲା, ଏହାର ତୁଳନାତ୍ମକ ଚିତ୍ର ଇତିହାସର ପାଇବା ନାହିଁ। ଏହି ପରିପ୍ରେକ୍ଷୀରେ ଜର୍ମାନୀର ଶାସକ ହିଟ୍‌ଲରଙ୍କ ପ୍ରତି ବ୍ରିଟେନର ଦୋମୁହାଁ ନୀତିକୁ ନେଇ ମହାତ୍ମା ଗାନ୍ଧୀ ଚିନ୍ତା ପ୍ରକଟ କରିଥିଲେ। ଗାନ୍ଧୀ ଲେଖିଥିଲେ, ମାନବିକତା ନାମରେ ଯଦି କାହା ବିରୁଦ୍ଧରେ ଏକ ଯୁଦ୍ଧ ହୋଇପାରିବ, ତେବେ ଏହା କେବଳ ଜର୍ମାନୀ ବିରୁଦ୍ଧରେ ହେବ। କିନ୍ତୁ ସେତେବେଳକୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହୋଇ ନ ଥିଲା। ସେପ୍ଟେମ୍ବର ୧୯୩୯ରେ ୨ୟ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଥିଲା। ଜର୍ମାନୀ ଦ୍ୱାରା ଏହା ଆରମ୍ଭ ହୋଇଥିଲା। ଏହି ଘଟଣାରୁ ଗାନ୍ଧୀଙ୍କ ଦୂରଦୃଷ୍ଟି ଅନୁମେୟ। ଏହା ଅତ୍ୟନ୍ତ ସ୍ପଷ୍ଟ ଯେ ରାଷ୍ଟ୍ର ଏବଂ ରାଷ୍ଟ୍ରୀୟତାର ପରିକଳ୍ପନା ବିଷୟରେ ଗାନ୍ଧୀଙ୍କ ଦୃଷ୍ଟିକୋଣ ଅତ୍ୟନ୍ତ ସ୍ପଷ୍ଟ ଥିଲା। କିନ୍ତୁ ଆମକୁ ଇସ୍ରାଏଲ ଏବଂ ପାଲେଷ୍ଟାଇନରେ ଘଟୁଥିବା ଘଟଣାଗୁଡ଼ିକୁ ବର୍ତ୍ତମାନର ସନ୍ଦର୍ଭରେ ଦେଖିବାକୁ ପଡ଼ିବ । ଏହା ମଧ୍ୟ ଚିନ୍ତା କରିବାକୁ ପଡ଼ିବ ଯେ ଜାତିସଂଘର ଇସ୍ରାଏଲ ଗଠନ ପ୍ରସ୍ତାବରେ ଇସ୍ରାଏଲ ଓ ପାଲେଷ୍ଟାଇନ ଦୁଇଟି ସ୍ୱାଧୀନ ରାଷ୍ଟ୍ର ମଧ୍ୟରୁ ପାଲେଷ୍ଟାଇନ କାହିଁକି ଏପର୍ଯ୍ୟନ୍ତ ଏକ ପୂର୍ଣ୍ଣାଙ୍ଗ ରାଷ୍ଟ୍ର ହୋଇପାରିଲା ନାହିଁ।



**ବୈପାରୀଗୁଡ଼ା, କୋରାପୁଟ,**
**ମୋ– ୬୩୭୦୬୭୯୪୦୫**

## ସୁ–ଡୋ–କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 9 | 6 | | | | 2 | | |
| | 8 | 7 | | 5 | 9 | | | |
| | | | 1 | | 7 | | 3 | |
| | | | | | 5 | | | 9 |
| 9 | | | | | | 4 | | 2 |
| | 6 | | | | | 7 | | |
| | | | | | | | | 6 |
| | | 1 | | | 3 | | 8 | |
| | | 4 | 6 | | 8 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 8 | 4 | 1 | 6 | 5 | 3 | 9 | 2 |
| 3 | 2 | 1 | 7 | 9 | 8 | 6 | 5 | 4 |
| 5 | 6 | 9 | 4 | 3 | 2 | 8 | 1 | 7 |
| 6 | 5 | 3 | 2 | 8 | 1 | 7 | 4 | 9 |
| 1 | 7 | 8 | 6 | 4 | 9 | 5 | 2 | 3 |
| 4 | 9 | 2 | 5 | 7 | 3 | 1 | 6 | 8 |
| 8 | 3 | 6 | 9 | 5 | 4 | 2 | 7 | 1 |
| 2 | 4 | 5 | 8 | 1 | 7 | 9 | 3 | 6 |
| 9 | 1 | 7 | 3 | 2 | 6 | 4 | 8 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ମଙ୍ଗୁଳିରେ ମାଲ୍‌ଗୋଦାମ ହେଉ

ମହାଶୟ,

ପୁରାତନ ମାଲଗୋଦାମ ମଙ୍ଗୁଳିକୁ ସ୍ଥାନାନ୍ତର କରାଯାଉ। କାରଣ ଦୀର୍ଘଦିନରୁ ରେଳବାଇ ଜମିରେ ମାଲଗୋଦାମ ହୋଇଥିଲା। ଗମନାଗମନ ଅସୁବିଧା ତଥା ଭିଡ଼ ଦୃଷ୍ଟିରୁ ପଦକ୍ଷେପ ନେବା ଆବଶ୍ୟକ। ଜାତୀୟ ରାଜପଥ ପାର୍ଶ୍ୱରେ ରହିଲେ ସବୁଦୃଷ୍ଟିରୁ ସୁବିଧା ହୋଇପାରିବ। ବର୍ତ୍ତମାନ ଅଣଓସାରିଆ ରାସ୍ତାରେ ବହୁ ସମୟ ଧରି ମାଲଗାଡ଼ି ଅଟକ ଯାଉଛି। ଗୋଟିଏ ଗାଡ଼ି ମାଲ୍ ଖାଲି ପାଇଁ ବହୁ ସମୟ ଲାଗୁଛି। ସେହିପରି ମାଲ୍ ଦେବାକୁ ଆସୁଥିବା ଗାଡ଼ି ବୋଝେଇ ବି ସମୟସାପେକ୍ଷ।

–ରମେଶ ଚନ୍ଦ୍ର ବେହେରା, ଆୟତପୁର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ରୁଣ୍ଣୁ ଝୁଣ୍ଣୁ ଶବଦେ ପୂରିଲା ଦାଣ୍ଡ
ଅଭୂଷଣ କଥା ଗୋ ଅରୂପ କାଣ୍ଡ !
କି ଥିଲା ସେ ଶବଦେ ହୋଇ ଆକୁଳ
କୁଳ ଭୁଆସୁଣୀ ତ ତେଜିଲେ କୁଳ !
–(ବଂଶୀ ଧ୍ୱନି)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

**ଭଦ୍ରକ ମହିଳା ମହାବିଦ୍ୟାଳୟ**
**ଧରିତ୍ରୀର ୫୦ବର୍ଷ ଉପଲକ୍ଷେ ବକ୍ତୃତା ପ୍ରତିଯୋଗିତା**

# ଅନ୍ୟର ମତ ଶୁଣିବା ହିଁ ଗଣତନ୍ତ୍ର





ଭଦ୍ରକ ମହିଳା ମହାବିଦ୍ୟାଳୟଠାରେ ଗୁରୁବାର ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ବିଚାରକ ଅନୀତା ଦଳାଇ, ଧରିତ୍ରୀ ଏବଂ ଓଡ଼ିଶାପୋଷ୍ଟ ସମ୍ପାଦକ ତଥାଗତ ସତପଥୀ, ମହାବିଦ୍ୟାଳୟ ଅଧ୍ୟକ୍ଷା ସୁପ୍ରୀତି କର, ବିଚାରକ ଡ. ଅଭୟ କୁମାର ଦାଶ, ଡ. ମନୋଜ କୁମାର ସାହୁ ଏବଂ କାର୍ଯ୍ୟକ୍ରମ ସଂଯୋଜିକା ଡ. ଆଭାମୟୀ ମହାପାତ୍ରଙ୍କ ଗହଣରେ ବିଜେତା ଛାତ୍ରୀ(ବାମ)। କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀମାନେ।

**ଭଦ୍ରକ, ୯।୧୧ (ସନାତନ ରାଉତ)**

ଗଣମାଧ୍ୟମ ନିରପେକ୍ଷ ହେବା ଜରୁରୀ। ଗଣତନ୍ତ୍ରରେ ପ୍ରଶ୍ନ ପଚାରିବାର ଅଧିକାର ସମସ୍ତଙ୍କର ରହିଛି। କହିବା ଅପେକ୍ଷା ଅନ୍ୟର ମତକୁ ଶୁଣିବା ହେଉଛି ଗଣତନ୍ତ୍ରର ମୂଳଦୁଆ। ଆମ ଭିତରେ ସହନଶୀଳତା ରହିଲେ ଆମେ ଏକାଠି ହେବା ସହ ଦେଶରେ ଏକତା ବୃଦ୍ଧି ପାଇବ। ସଚେତନତା ବୃଦ୍ଧି ନ ହେଲେ ଆମେ ପୁଣି ଅନ୍ଧାରକୁ ଫେରିଯିବା ବୋଲି ଭଦ୍ରକ ମହିଳା ମହାବିଦ୍ୟାଳୟରେ ଗୁରୁବାର ଧରିତ୍ରୀର ୫୦ ବର୍ଷ ପାଳନ ଉପଲକ୍ଷେ ଆୟୋଜିତ 'ଗଣମାଧ୍ୟମ, ଗଣତନ୍ତ୍ର ଓ ଯୁବପିଢ଼ି' ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ ଯୋଗଦେଇ ଧରିତ୍ରୀ ଏବଂ ଓଡ଼ିଶାପୋଷ୍ଟର ସମ୍ପାଦକ ତଥାଗତ ସତପଥୀ ମତବ୍ୟକ୍ତ କରିଛନ୍ତି। ଦେଶର କୋଣ ଅନୁକୋଣରେ ଘଟୁଥିବା ଘଟଣାକୁ ଗଣମାଧ୍ୟମ ଲୋକଲୋଚନକୁ ଆଣିଥାଏ। ଗଣମାଧ୍ୟମ ଏବଂ ଗଣତନ୍ତ୍ର ଗୋଟିଏ ମୁଦ୍ରାର ଦୁଇପାର୍ଶ୍ୱ ଭଳି। ଯୁବପିଢ଼ି ନେତାଙ୍କ ଜିନ୍ଦାବାଦ ନ ପକାଇ ଦେଶ ପ୍ରତି କର୍ତ୍ତବ୍ୟ କରିବା ଉଚିତ। ଯୁବପିଢ଼ି ସଚେତନ ହେଲେ ଗଣତନ୍ତ୍ର ସମୃଦ୍ଧ ଓ ସୁରକ୍ଷିତ ହୋଇପାରିବ ବୋଲି ବକ୍ତୃତା ପ୍ରତିଯୋଗିତାରେ ଛାତ୍ରୀମାନେ ବକ୍ତବ୍ୟ ରଖିଥିଲେ।

ମହାବିଦ୍ୟାଳୟ ଅଧ୍ୟକ୍ଷା ସୁପ୍ରୀତି କର ପିଲାମାନଙ୍କ ମଧ୍ୟରେ ଗଣମାଧ୍ୟମ ଓ ଗଣତନ୍ତ୍ରକୁ ନେଇ ସଚେତନତା ପାଇଁ ଧରିତ୍ରୀ ପକ୍ଷରୁ କରାଯାଇଥିବା ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ଏହା ସେମାନଙ୍କର ଜ୍ଞାନକୁ ସଶକ୍ତ କରିବ ବୋଲି କହିଥିଲେ। ପ୍ରତିଯୋଗିତାକୁ ସମ୍ପାଦକ ସତପଥୀ ଉଦ୍‌ଘାଟନ କରିଥିବା ବେଳେ ଫିଚର୍ ସମ୍ପାଦକ ବୀରଭଦ୍ର ବିଶ୍ୱାଳ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରତିଯୋଗିତାର ନିୟମାବଳୀ ସମ୍ପର୍କରେ ଶିକ୍ଷା ବିଭାଗ ମୁଖ୍ୟ ଡ. ଆଭାମୟୀ ମହାପାତ୍ର ସୂଚନା ଦେବା ସହ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ବିଚାରକ ଭାବେ ଓଡ଼ିଆ ବିଭାଗର ମୁଖ୍ୟ ଅଧ୍ୟାପକ ଡ. ଅଭୟ କୁମାର ଦାଶ କହିଥିଲେ, ଗଣମାଧ୍ୟମ ବ୍ୟକ୍ତି ଚେତନାକୁ ଜାଗ୍ରତ କରିଥାଏ ଏବଂ ରାଷ୍ଟ୍ରକୁ ସୁରକ୍ଷା ଦେଇଥାଏ। ଜଣେ ସୈନିକଙ୍କ ଭୂମିକା ଯେତିକି, ଗଣମାଧ୍ୟମର ଭୂମିକା ସେତିକି ହୋଇଥାଏ। ଗଣମାଧ୍ୟମର ପ୍ରକୃତ ଉଦ୍ଦେଶ୍ୟ ସାଧନ ହୋଇପାରିଲେ ରାଷ୍ଟ୍ରର ଉନ୍ନତି ହୋଇପାରିବ। ବହୁ ବଡ଼ ବଡ଼ ଖବରକାଗଜ ହଜିଯାଇଥିବା ବେଳେ ଧରିତ୍ରୀ ତା'ର ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିପାରିଛି। ଧରିତ୍ରୀ ସବୁବେଳେ ନିରପେକ୍ଷତା ଉପରେ ଗୁରୁତ୍ୱ ଦେଇଥାଏ। ଅନ୍ୟତମ ବିଚାରକ ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଅନୀତା ଦଳାଇ ଧରିତ୍ରୀ ଖବରକାଗଜ ହେଉଛି ସାଧାରଣ ଓଡ଼ିଆ ଲୋକଙ୍କ ସ୍ୱରର ପ୍ରତିବିମ୍ବ ଏବଂ ସବୁବର୍ଗ ଲୋକଙ୍କ ପାଖରେ ପହଞ୍ଚିବାକୁ ସବୁବେଳେ ଚେଷ୍ଟା କରିଛି ବୋଲି କହିଥିଲେ। ଅନ୍ୟତମ ବିଚାରକ ଇତିହାସ ବିଭାଗ ମୁଖ୍ୟ ଡ. ମନୋଜ କୁମାର ସାହୁ ଧରିତ୍ରୀର ଏପରି କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ଏହି କାର୍ଯ୍ୟକ୍ରମ ପିଲାମାନଙ୍କ ମଧ୍ୟରେ ଗଣତନ୍ତ୍ର ଓ ଗଣମାଧ୍ୟମ ପ୍ରତି ସଚେତନତା ସୃଷ୍ଟି କରିପାରିବ ବୋଲି ମତ ରଖିଥିଲେ।

ମହାବିଦ୍ୟାଳୟର ୧୮ଜଣ ପ୍ରତିଯୋଗୀ ଏଥିରେ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ସାବ୍‌ନା କାଦ୍ରୀ ପ୍ରଥମ, ସନ୍ତୋଷୀ ସାହୁ ଦ୍ୱିତୀୟ ଓ ପୁଷ୍ପାଞ୍ଜଳି ଖଟୁଆ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଛାତ୍ରୀ ଦୁର୍ଗାବତୀ ସୋରେନ୍, ଭାର୍ଗବୀ କାହାଳିଆ, ଭାରତୀ ମୁଣ୍ଡା ଓ ଚମ୍ପାବତୀ ସ୍ୱାଗତ ସଙ୍ଗୀତ ଗାନ କରିଥିବା ବେଳେ ମାଇନା ମାଝି ସମ୍ବଲପୁରୀ ନୃତ୍ୟ ଓ ଭାସ୍ୱତୀଶ୍ରେୟା ଦାଶ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟ ଅଧ୍ୟକ୍ଷା ଧରିତ୍ରୀ ସମ୍ପାଦକ ସତପଥୀଙ୍କୁ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀ ଓ ମହାବିଦ୍ୟାଳୟର ଅଧ୍ୟାପିକା ଅଧ୍ୟାପକ ଉପସ୍ଥିତ ଥିଲେ। ଧରିତ୍ରୀର ସହସମ୍ପାଦକ ଅରୁଣ କାନୁନ୍‌ଗୋ, ଶ୍ରୀମନ୍ତ ରାଉତରାୟ, ପ୍ରସାର ପରିଚାଳକ ଆଲୋକ କାନୁନ୍‌ଗୋ, ତ୍ୟାଗଭୂମି ସମ୍ମେଳନର ସଭାପତି ଅଜୟ ନାୟକ, ଖବରଦାତା ସଞ୍ଜିତ୍ ବଳ, ରବିନାରାୟଣ ଖିଲାର, ନାରାୟଣ ବାରିକ, ଦୀପ୍ତିରଞ୍ଜନ ନାୟକ, ଦେବେନ୍ଦ୍ର ଆଢିଆ, ସନ୍ତୋଷ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ଜିଲା ପ୍ରତିନିଧି ସନାତନ ରାଉତ ଧନ୍ୟବାଦ ଦେଇଥିଲେ।

## କ'ଣ କୁହନ୍ତି ବିଜେତା

### 'ଯୁବପିଢ଼ି ଓ ଗଣମାଧ୍ୟମ ସବୁବେଳେ ଜାଗ୍ରତ ରହିବା ଆବଶ୍ୟକ'



"ଲୋକେ ହେଉଛନ୍ତି ଗଣତନ୍ତ୍ରର ଅଂଶବିଶେଷ। ଗଣମାଧ୍ୟମ ସବୁବେଳେ ଲୋକଙ୍କ ସମସ୍ୟା ଲୋକଲୋଚନକୁ ଆଣିବା ସହ ସତ୍ୟ ଓ ତଥ୍ୟଭିତ୍ତିକ ଖବର ପରିବେଷଣ କଲେ ଲୋକଙ୍କ ବିଶ୍ୱାସଭାଜନ ହୋଇପାରିବ। ଦେଶର ଉନ୍ନତି ପାଇଁ ଯୁବପିଢ଼ି ଓ ଗଣମାଧ୍ୟମ ସବୁବେଳେ ଜାଗ୍ରତ ରହିବା ଆବଶ୍ୟକ। କୋଭିଡ୍ ସମୟରେ ଗଣମାଧ୍ୟମର ଭୂମିକା ବହୁ ଗୁରୁତ୍ୱପୂର୍ଣ୍ଣ ଥିଲା।

-ସାବ୍‌ନା କାଦ୍ରୀ, ଛାତ୍ରୀ, ପ୍ରଥମ

### 'ଲୋକଙ୍କ ମନରୁ ଅସ୍ପୃଶ୍ୟତା ଦୂର କରେ ଗଣତନ୍ତ୍ର'



"ଗଣତନ୍ତ୍ର ଲୋକଙ୍କ ମନରୁ ଅସ୍ପୃଶ୍ୟତା ଦୂର କରେ। ଗଣତନ୍ତ୍ରରେ ସମାନ ଅଧିକାର ପାଇବାର ସମସ୍ତଙ୍କର ହକ୍ ରହିଛି। ପୁରୁଷ ପ୍ରାଧାନ୍ୟ ରାଷ୍ଟ୍ରରେ ନାରୀମାନଙ୍କୁ ଉପରକୁ ଉଠିବାକୁ ସୁଯୋଗ ଦିଆଯାଉନାହିଁ। କିନ୍ତୁ ଗଣତାନ୍ତ୍ରିକ ସମାଜରେ ନାରୀ ନିର୍ଯାତନା ଓ ବଳାତ୍କାର ସମ୍ପୂର୍ଣ୍ଣ ବିଲୋପ ହୋଇପାରୁନି।

- ସନ୍ତୋଷୀ ସାହୁ, ଛାତ୍ରୀ, ଦ୍ୱିତୀୟ

### 'ଦେଶର ଉନ୍ନତିରେ ଯୁବପିଢ଼ିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'



"ଯୁବପିଢ଼ି ନିଜର କାର୍ଯ୍ୟକୁ ସବୁବେଳେ ବିଶ୍ଳେଷଣ କରିବା ଆବଶ୍ୟକ। ଜନସଚେତନତା ଅଭାବରୁ ଗଣତନ୍ତ୍ର ଆଜି ବିପଦରେ। ଅଧିକାର ପାଇବା ପାଇଁ ହେଲେ କର୍ତ୍ତବ୍ୟ କରିବାକୁ ପଡ଼ିବ। ଯୁବାବସ୍ଥାରେ ଆମେ ମାନସିକ ଓ ଶାରୀରିକ ସ୍ତରରେ ସକ୍ଷମ ଥାଆନ୍ତି। ତେଣୁ ଦେଶର ଉନ୍ନତି ପାଇଁ ଯୁବପିଢ଼ିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ।

-ପୁଷ୍ପାଞ୍ଜଳି ଖଟୁଆ, ଛାତ୍ରୀ, ତୃତୀୟ


ସଞ୍ଜୁକ୍ତା ନାଥ

ତରନ୍ନୁମ କାଦ୍ରୀ

ମେରିୟା ରିଆଜ

କସ୍ତୁରୀ କଲ୍ଲୋଳ ସାମଲ

ସୁଭଦ୍ରା ଜେନା

ଶୁଭଲକ୍ଷ୍ମୀ ମଲ୍ଲିକ

ବୈଜୟନ୍ତୀ ଦାଶ

ପ୍ରିତ୍ୱପ୍ରିୟା ନାୟକ

ନିରୁପମା ଜେନା

ପ୍ରିୟଙ୍କା ପରିଡ଼ା

ଅଙ୍କିତା ପ୍ରିୟଦର୍ଶିନୀ ବାରିକ

ଉର୍ମିଳା ଜେନା

ଦମୟନ୍ତୀ ପାଣିଗ୍ରାହୀ

ନିକିତାରାଣୀ ଭଞ୍ଜ

ଭାସ୍ୱତିଶ୍ରେୟା ଦାଶ

# ଅଞ୍ଜନାଙ୍କ ଚିତ୍ରକଳାକୁ ପ୍ରଶଂସା କଲେ ରାଷ୍ଟ୍ରପତି



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଚିତ୍ରକଳା ପ୍ରଦାନ କରୁଛନ୍ତି ଅଞ୍ଜନା।

**ବାରିପଦା, ୯।୧୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା କୁସୁମୀ ବ୍ଲକର ଆଦିବାସୀ ଝିଅ ଅଞ୍ଜନା ମାର୍ଣ୍ଡିଙ୍କ ଚିତ୍ରକଳାକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପ୍ରଶଂସା କରିଛନ୍ତି। ଏ ନେଇ ଅଞ୍ଜନାଙ୍କ ପରିବାର ଓ ଅଞ୍ଚଳବାସୀ ଖୁସି ପ୍ରକଟ କରିଛନ୍ତି। ରାଜ୍ୟ ତଥା ଜିଲାର ବିଭିନ୍ନ ମହଲରୁ ଅଞ୍ଜନାଙ୍କୁ ଶୁଭେଚ୍ଛା ପ୍ରଦାନ କରାଯାଇଛି।

ନୂଆଦିଲ୍ଲୀଠାରେ ବ୍ୟାଘ୍ର ପ୍ରକଳ୍ପର ୫୦ବର୍ଷ ପୂର୍ତ୍ତି ଅବସରରେ ନଭେମ୍ବର ୩ରୁ ୫ତାରିଖ ପର୍ଯ୍ୟନ୍ତ ଏକ ଜାତୀୟସ୍ତରୀୟ ଚିତ୍ରକଳା ପ୍ରଦର୍ଶନୀ ହୋଇଥିଲା । ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ ଓ ସଂକଳ୍ପ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ପ୍ରଦର୍ଶନୀରେ ସମଗ୍ର ଭାରତ ବର୍ଷରୁ ୫୩ଟି ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳରେ ବସବାସ କରୁଥିବା ଆଦିବାସୀ ଚିତ୍ରଶିଳ୍ପୀଙ୍କୁ ସୁଯୋଗ ଦିଆଯାଇଥିଲା। ସେଥିମଧ୍ୟରୁ ଓଡ଼ିଶାର ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଅଞ୍ଚଳର ୪ଜଣ ଶିଳ୍ପୀଙ୍କ ମଧ୍ୟରୁ ଏକ ମାତ୍ର ଝିଅ ଭାବେ କୁସୁମୀ ବ୍ଲକର ଚିତ୍ରଶିଳ୍ପୀ ଅଞ୍ଜନା ମାର୍ଣ୍ଡିଙ୍କ ଚିତ୍ର ଉକ୍ତ ପ୍ରଦର୍ଶନୀରେ ସ୍ଥାନ ପାଇଥିଲା। ଏହି ଚିତ୍ରକଳା ରାଷ୍ଟ୍ରପତିଙ୍କ ହୃଦୟ ଜିତିବା ସହିତ ଉଚ୍ଚ ପ୍ରଶଂସିତ ହୋଇଥିଲା। ମୟୂରଭଞ୍ଜ ଜିଲାର କଳା, ସଂସ୍କୃତି ତଥା ଶିମିଳିପାଳର ଝଲକ ଦିଲ୍ଲୀରେ ଢେର ପ୍ରଶଂସା ସାଉଁଟିପାରିଥିଲା। ଅଞ୍ଜନା ତାଙ୍କ ଚିତ୍ରରେ ଶିମିଳିପାଳ ଅଞ୍ଚଳରେ ବସବାସ କରୁଥିବା ଆଦିବାସୀଙ୍କ ଜୀବନ ଶୈଳୀକୁ ଅତି ନିଖୁଣ ଭାବେ ଚିତ୍ରଣ କରିଥିଲେ। ଜଙ୍ଗଲ ଓ ବନ୍ୟଜନ୍ତୁଙ୍କ ସହିତ ସୁସମ୍ପର୍କ ରଖି କେମିତି ପାରମ୍ପରିକ ଏବଂ ସାଂସ୍କୃତିକ ଢଙ୍ଗରେ ଆଦିବାସୀମାନେ ଜୀବନ ଅତିବାହିତ କରୁଛନ୍ତି, ତାହାକୁ ଖୁବ୍ ସୁନ୍ଦର ଭାବରେ ଉପସ୍ଥାପନ କରିଥିଲେ।

## ଏସ୍‌ଏଚ୍‌ଜି ସଦସ୍ୟାଙ୍କଠାରୁ ୮୩ ହଜାର ଲୁଟ୍

**ଚୌଦ୍ୱାର, ୯।୧୧ (ଆଶୁତୋଷ ଦାସ):** ଚୌଦ୍ୱାର ଥାନା ଅଧୀନ ଗାନ୍ଧୀଛକ ନିକଟରେ ଗୁରୁବାର ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)ର ଜଣେ ସଦସ୍ୟାଙ୍କଠାରୁ ୮୩ ହଜାର ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଇନ୍ଦ୍ରାଣୀପାଟଣା ପଞ୍ଚାୟତ ଚଷାପଡ଼ା ଗ୍ରାମର ବାଟମଙ୍ଗଳା ଶକ୍ତି ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୫୬୩/୨୩) ରୁଜୁ କରିଛି। ଅଭିଯୋଗ ଅନୁଯାୟୀ, ଗୋଷ୍ଠୀର ସଭାପତି ମୀନା ଗୋଚ୍ଛାୟତ ଓ ଅନ୍ୟ ସଦସ୍ୟାମାନେ ଗୁରୁବାର କଳିଙ୍ଗ ଛକସ୍ଥିତ ଇଣ୍ଡିଆନ୍ ବ୍ୟାଙ୍କରୁ ଗୋଷ୍ଠୀ ଋଣ ବାବଦକୁ ୭୫ ହଜାର ଟଙ୍କା ଉଠାଇଥିଲେ। ପରେ ସେମାନେ ପରିବା କିଣିବାକୁ ନିକଟସ୍ଥ ପରିବା ମାର୍କେଟକୁ ଯାଇଥିବା ବେଳେ ଏକ ବାଇକ୍‌ରେ ଦୁଇଜଣ ଦୁର୍ବୃତ୍ତ ଆସି ଜୟନ୍ତୀ ସାହୁ ନାମ୍ନୀ ସଦସ୍ୟାଙ୍କୁ ଧକ୍କାମାରି ତାଙ୍କ ହାତରୁ ଟଙ୍କା ବ୍ୟାଗ୍ ଛଡାଇ ନେଇ ପଳାଇ ଯାଇଥିଲେ।

## ବିଭିନ୍ନ ସୁନା ଦୋକାନରେ ସିଟି ଏଣ୍ଡ୍ ଜିଏସ୍‌ଟି ଚଢ଼ଉ

**କଣ୍ଟାବାଞ୍ଜି, ୯।୧୧ (ଗୁରୁଦୟାଲ ହଂସ)**

ସିଟି ଏଣ୍ଡ୍ ଜିଏସ୍‌ଟି ପକ୍ଷରୁ ରାଜ୍ୟର ବିଭିନ୍ନ ସୁନା ଦୋକାନରେ ଗୁରୁବାର ଚଢ଼ଉ ହୋଇଛି। ଟିକସ ଫାଙ୍କିବା ଅଭିଯୋଗରେ ବଡ଼ଗଡ଼, ବଲାଙ୍ଗିର, ନବରଙ୍ଗପୁର ଓ ସୁନ୍ଦରଗଡ଼ ଜିଲାର ସୁନା ଦୋକାନଗୁଡ଼ିରେ ଜିଏସ୍‌ଟିର ଏକାଧିକ ଟିମ୍ ଯାଞ୍ଚ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଚଢ଼ଉ ହୋଇଥିବା ସ୍ଥାନ ମଧ୍ୟରେ ବଡ଼ଗଡ଼ ମହାନ୍ତିପଡ଼ାରେ ଥିବା ସମଲେଶ୍ୱରୀ ଅର୍ନାମେଣ୍ଟସ, କଣ୍ଟାବାଞ୍ଜି ୨ ନଂ. ୱାର୍ଡ ବଜାରସ୍ଥିତ ବନମାଳି ଜୁଏଲର୍ସ, ଉମରକୋଟସ୍ଥିତ ସମ୍ପ୍ରଦାୟ ଜୁଏଲର୍ସ ଓ ରାଉରକେଲା ମେନରୋଡସ୍ଥିତ କନକ ଅଳଙ୍କାର ରହିଛି। ଚଢ଼ଉ ଓ ଯାଞ୍ଚ ବେଳେ ସୁନା ଦୋକାନ ମାଲିକ ଓ କର୍ମଚାରୀମାନଙ୍କୁ ଅଧିକାରୀମାନେ ପଚରାଉଚରା କରି ବହୁ ତଥ୍ୟ ହାସଲ କରିଛନ୍ତି। ଏଥିସହ ଦୋକାନଗୁଡ଼ିକରୁ ବ୍ୟବସାୟ ସଂକ୍ରାନ୍ତୀୟ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍ ଓ ଲ୍ୟାପଟପ୍ ଆଦିକୁ ସିଟି ଏଣ୍ଡ୍ ଜିଏସ୍‌ଟି ଅଧିକାରୀମାନେ ଜବତ କରିଥିବା ସୂଚନା ମିଳିଛି। ସୂଚନାଥାଉକି, ଏସବୁ ସୁନା ଦୋକାନ ମାଲିକମାନେ ଉପଯୁକ୍ତ ବିଲ୍ ବିନା ଗ୍ରାହକମାନଙ୍କୁ ଅଳଙ୍କାର ବିକ୍ରି କରୁଥିଲେ ବୋଲି ଅଭିଯୋଗ ରହିଛି।



# ଜେଏସ୍‌ପିକୁ ଟାଇମ୍ସ ବିଜ୍‌ନେସ୍ ଆୱାର୍ଡ

ଭୁବନେଶ୍ୱର,୯।୧୧ (ଅଭୟ ଦାଶ)



ଦେଶର ଅଗ୍ରଣୀ ଇସ୍ପାତ ନିର୍ମାତା ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର (ଜେଏସ୍‌ପି)କୁ ନିକଟରେ ଆଉ ଏକ ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଛି। ବିଶେଷକରି ଓଡ଼ିଶାର ଗ୍ରାମୀଣ କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଜେଏସ୍‌ପିକୁ 'ସ୍ପୋର୍ଟସ ପ୍ରୋଗ୍ରେସ ଆଣ୍ଡ ଇମ୍ପାକ୍ଟ ଆୱାର୍ଡ' ବର୍ଗରେ ଟାଇମ୍ସ ବିଜ୍‌ନେସ୍ ଆୱାର୍ଡ ଓଡ଼ିଶା-୨୦୨୩ ପୁରସ୍କାରରେ ପୁରସ୍କୃତ (ସମ୍ମାନିତ) କରାଯାଇଛି। ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱରଠାରେ ଆୟୋଜିତ ଏକ ସମ୍ମାନ ସମାରୋହରେ ଜଣାଶୁଣା ବଲିଉଡ୍ ଅଭିନେତା ବୋମନ୍ ଇରାନୀଙ୍କ ଦ୍ୱାରା ଉପରୋକ୍ତ ପୁରସ୍କାର ପ୍ରଦାନ କରାଯାଇଥିଲା। ଏପରିକି ଜେଏସ୍‌ପିର ଡିଜିଏମ୍ (ସିଏସ୍‌ଆର୍) ଭର୍ଜିଲ ଲାକ୍ରା ଏବଂ ମ୍ୟାନେଜର (ସିଏସ୍‌ଆର୍) ସୁବ୍ରତ ତ୍ରିପାଠୀ ଉକ୍ତ ପୁରସ୍କାର ବୋମନ୍ ଇରାନୀଙ୍କଠାରୁ ଗ୍ରହଣ କରିଥିଲେ। ଗ୍ରୁପ୍ ସିଏସ୍‌ଆର୍ ହେଡ୍ ପ୍ରଶାନ୍ତ ହୋତା କହିଛନ୍ତି, ଗ୍ରାମାଞ୍ଚଳ ତଥା ଆଦିବାସୀ ଯୁବକମାନଙ୍କ କ୍ରୀଡ଼ା ପ୍ରତିଭାର ବିକାଶ କରିବା ତଥା ଦେଶ ପାଇଁ ପଦକ (ପୁରସ୍କାର) ଆଣିବା ନିମନ୍ତେ ସେମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଜେଏସ୍‌ପି ପ୍ରତିଶ୍ରୁତିବଦ୍ଧ ରହିଛି। ଏପରିକି ଜେଏସ୍‌ପିର ଅଧ୍ୟକ୍ଷ ନବୀନ ଜିନ୍ଦଲ ମଧ୍ୟ ଦେଶର ଏକ ପ୍ରତିଷ୍ଠିତ କ୍ରୀଡ଼ା ପ୍ରତିଭା ହୋଇଥିବାବେଳେ ଗ୍ରାମାଞ୍ଚଳ ତଥା ଆଦିବାସୀ କ୍ରୀଡ଼ା ପ୍ରତିଭାର ବିକାଶ କରିବା ଏବଂ ଭାରତୀୟ ଗ୍ରାମାଞ୍ଚଳରେ କ୍ରୀଡ଼ାର ଉନ୍ନତି ନିମନ୍ତେ ଆବଶ୍ୟକ ସୁବିଧା ଓ ଭିତ୍ତିଭୂମି ଉପଲବ୍ଧ କରିବା ପାଇଁ ନବୀନ ଆମ ପାଇଁ ଦୂରଦୃଷ୍ଟି ଲକ୍ଷ୍ୟ ନିର୍ଦ୍ଧାରିତ କରିଛନ୍ତି। ବିଶେଷକରି ଦେଶ ପାଇଁ ଗୌରବ ଆଣିବାର ସ୍ୱପ୍ନ ଦେଖୁଥିବା ୩୦,୦୦୦ରୁ ଅଧିକ କ୍ରୀଡ଼ା ପ୍ରତିଭାଙ୍କୁ ଶାଲୁ ଜିନ୍ଦଲଙ୍କ ନେତୃତ୍ୱରେ ଜେଏସ୍‌ପି ଫାଉଣ୍ଡେଶନ ସହାୟତା ପ୍ରଦାନ କରୁଛି। ଅପରପକ୍ଷରେ ଜେଏସ୍‌ପିର ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କ ନେତୃତ୍ୱରେ ଓଡ଼ିଶାର ଗ୍ରାମାଞ୍ଚଳ ତଥା ଆଦିବାସୀ ଅଞ୍ଚଳରେ କ୍ରୀଡ଼ାର ବିକାଶ କ୍ଷେତ୍ରରେ କମ୍ପାନୀ ବିଶେଷ କାର୍ଯ୍ୟ କରିଆସୁଛି।

# ଖସିଲା ଶେୟାର ବଜାର କାରବାର

ଭୁବନେଶ୍ୱର, ୯।୧୧

ଗତ କିଛି ସପ୍ତାହ ହେଲା ଘରୋଇ ଶେୟାର ବଜାର କାରବାରରେ କ୍ରମାଗତ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୪୩ (୧୪୩.୪୧) ପଏଣ୍ଟ ଖସି (କମି) ୬୪,୮୩୨ (୬୪,୮୩୨.୨୦) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୪୮(୪୮.୨୦) ପଏଣ୍ଟ ହ୍ରାସ ଘଟି ୧୯,୩୯୫ (୧୯,୩୯୫.୩୦) ଅଙ୍କରେ କାରବାର ବନ୍ଦ କରିଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟିମିଡ୍‌କ୍ୟାପ୍, ସ୍ମଲ୍ କ୍ୟାପ୍ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ଘଟିଥିଲା। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ପରିବର୍ତ୍ତନ ଘଟିଛି।

# ରୁଙ୍ଗ୍‌ଟା ଷ୍ଟିଲ୍‌ର ନୂତନ ଟିଭିସି ଉନ୍ମୋଚିତ



ଭୁବନେଶ୍ୱର,୯।୧୧

ରୁଙ୍ଗ୍‌ଟା ମାଇନ୍‌ସ ଲିମିଟେଡ୍‌ର ନୂତନ ଟିଭିସି ତଥା ନୂଆ ଟିଭି ବିଜ୍ଞାପନକୁ ନିକଟରେ ଉନ୍ମୋଚନ କରାଯାଇଛି। ବିଶେଷକରି ବଲିଉଡ୍ ଅଭିନେତା ଶାହାରୁଖ ଖାନ୍,ରଣବୀର କପୁର ଏବଂ ଅଭିନେତ୍ରୀ ଆଲିଆ ଭଟ୍ଟଙ୍କୁ ନେଇ ଉକ୍ତ ଟିଭିସି ପ୍ରସ୍ତୁତ ହୋଇଛି, ଯାହା 'ଏକ ଦମ୍ ସଲିଡ୍' ପ୍ରତିବଦ୍ଧତାକୁ ଦୋହରାଉଛି। ଏପରିକି ଉକ୍ତ ବିଜ୍ଞାପନରେ ଅଭିନେତାମାନଙ୍କୁ 'ଘରର ମୂଳଦୁଆ ପୂରା ଦୃଢ଼ ଦରକାର' ଶୀର୍ଷକ ମୁଖ୍ୟ ବାର୍ତ୍ତା ଉପରେ ବିଶ୍ୱାସ, ଭରସା ଏବଂ ହାଲୁକା ଫୁଲକା ଆଲୋଚନା ଉପରୋକ୍ତ ଅଭିନେତାମାନେ କରୁଥିବା ଦେଖିବାକୁ ମିଳିବ। ସେହିଭଳି ପାରମ୍ପରିକ ଭାବେ ଏକ କଠିନ କ୍ଷେତ୍ର ବିବେଚନା କରାଯାଉଥିବା ଇସ୍ପାତ କ୍ଷେତ୍ରରେ ଏକ ଭିନ୍ନ ସ୍ୱରୂପ ପ୍ରଦାନ କରିବା ଲାଗି ରୁଙ୍ଗ୍‌ଟାର ନୂଆ ଟିଭି ବିଜ୍ଞାପନରେ ବିସ୍ତୃତ ଭାବେ ଅବଗତ କରାଇବା ପାଇଁ ପ୍ରୟାସ କରାଯାଇଛି। ଏଥିରେ ରଣବୀର ଓ ଆଲିଆଙ୍କୁ ସେମାନଙ୍କ ପ୍ରମୁଖ ସିନେମା ଚରିତ୍ର ସନାୟା, ବର୍ଫି ଓ ସଞ୍ଜୁ ଭୂମିକାରେ ଅଭିନୟ କରୁଥିବା ଦେଖିବାକୁ ମିଳୁଛି। ଏହାଦ୍ୱାରା ଦର୍ଶକଙ୍କ ସହ ସିଧାସଳଖ ସମ୍ପର୍କ ସ୍ଥାପନ ହୋଇପାରୁଛି।

# ପ୍ରଣବ ଓଏଚ୍‌ପିସିର ଅର୍ଥ ନିର୍ଦ୍ଦେଶକ



ପ୍ରଣବ କୁମାର ମହାନ୍ତି

ଭୁବନେଶ୍ୱର, ୯।୧୧

ଓଡ଼ିଶା ହାଇଡ୍ରୋ ପାୱାର କର୍ପୋରେଶନ (ଓଏଚ୍‌ପିସି) ଲିମିଟେଡ୍‌ର ବରିଷ୍ଠ ଅଧିକାରୀ ପ୍ରଣବ କୁମାର ମହାନ୍ତିଙ୍କୁ ନିକଟରେ ଓଏଚ୍‌ପିସିର ନିର୍ଦ୍ଦେଶକ (ଅର୍ଥ) ଭାବେ ନିଯୁକ୍ତି ଦିଆଯାଇଛି। ଏପରିକି ସେ ଅଫିସ୍ ଅଫ୍ ଡାଇରେକ୍ଟର (ଫାଇନାନ୍ସ)ର ଚାର୍ଜରେ ମଧ୍ୟ କାର୍ଯ୍ୟ କରିବେ। ଏହା ପୂର୍ବରୁ ସେ ଦେଶର ୨ଟି ପ୍ରମୁଖ ପ୍ରତିଷ୍ଠାନ ଆଇସିଏଆଇ ଏବଂ ଆଇସିଏସ୍‌ଆଇରେ ସଫଳତାପୂର୍ବକ କାର୍ଯ୍ୟ ସମ୍ପାଦନ କରିଛନ୍ତି। ପରବର୍ତ୍ତୀ ସମୟରେ ସେ ଓଏଚ୍‌ପିସିର ନିର୍ଦ୍ଦେଶକ (ଅର୍ଥ) ଭାବେ ଯୋଗଦାନ କରିଥିଲେ। ସେହିଭଳି ସେ ମଧ୍ୟ କମ୍ପାନୀ ସେକ୍ରେଟେରିରେ ମୁଖ୍ୟ (ଲିଗାଲ) ଏବଂ ଓଏଚ୍‌ପିସିର ସିଭିଓ ଭାବେ ମଧ୍ୟ ସଫଳତାର ସହ ଦାୟିତ୍ୱ ନିର୍ବାହ କରିଛନ୍ତି। ଏପରିକି ଦୀର୍ଘ ୩୦ବର୍ଷର ଅଭିଜ୍ଞତା ସହ ସଚ୍ଚୋଟ ଓ ନିର୍ଭୀକ ଅଧିକାରୀ ଭାବେ ସେ ବେଶ୍ ପରିଚିତ ବୋଲି ସବୁ ସ୍ତରରେ କୁହାଯାଉଛି।

# କେଏସ୍‌ବିର ତ୍ରୈମାସିକ ଫଳାଫଳ

ଭୁବନେଶ୍ୱର,୯।୧୧

ଦେଶର ପ୍ରମୁଖ ଘରୋଇ କମ୍ପାନୀ କେଏସ୍‌ବି ଲିମିଟେଡ୍‌ର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ କମ୍ପାନୀର କାରବାର ଓ ଆଗାମୀ କାର୍ଯ୍ୟକଳାପ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଚଳିତ ବର୍ଷର ୩ୟ ତ୍ରୈମାସ (୨୦୨୩ ଜୁଲାଇରୁ ସେପ୍ଟେମ୍ବର ଶେଷ ସୁଦ୍ଧା)ରେ କମ୍ପାନୀ ୩୧% ଅଭିବୃଦ୍ଧି ହାସଲ କରିଛି। ସେହିଭଳି ୩ୟ ତ୍ରୈମାସିକ ପାଇଁ ହାସଲ ହୋଇଥିବା ମୋଟ ୫,୬୩୭ ମିଲିୟନ ଟଙ୍କାର ବିକ୍ରୟ ମୂଲ୍ୟ ପୂର୍ବ ବର୍ଷ ତୁଳନାରେ ୩୧% ବୃଦ୍ଧି ରେକର୍ଡ କରିଛି। ଏପରିକି ୨୦୨୩ର ପ୍ରଥମ ତିନୋଟି ତ୍ରୈମାସିକ ପାଇଁ ବିକ୍ରୟ ମୂଲ୍ୟ ୧୬,୪୪୬ ମିଲିୟନ ଟଙ୍କା ରହିଛି, ଯାହା ଗତ ବର୍ଷର ସମାନ ଅବଧି ତୁଳନାରେ ପ୍ରାୟ ୨୭% ଅଭିବୃଦ୍ଧି ହୋଇଛି।


## OFFICE OF THE NOTIFIED AREA COUNCIL, ATHMALLIK

NO. 4240 DT.09.11.2023

**e-Procurement**

**Bid Identification No. Alkn-05/2023-24**

No. C-1797:- Bid documents consisting of work, estimated cost, cost of tender paper, EMD, time of completion, Class of contractors and the set of term and conditions of contract and details of other necessary documents can be seen in Govt. website i.e. www.tendersorissa.gov.in.

| | | |
|---|---|---|
| Name of the works | : | Civil works |
| No. of works | : | 01 No. |
| Estimated cost | : | Rs.69.08 Lakh |
| Date & Time of availability of Bid Documents in the portal | : | From 10.00 A.M. of dt.08.11.2023 to 29.11.2023 upto 5.00 P.M. |
| Last Date of receive of Bid through Online | : | On or before 29.11.2023 upto 5.00 P.M. |
| Submission of original Document | : | On or before 30.11.2023 upto 11.00 A.M. |
| Date of opening of bid on | : | At 11.30 A.M. on 30.11.2023 |

Sd./- Executive Officer, N.A.C., Athmallik

OIPR-13161/11/0014/2324

## BHUBANESWAR MUNICIPAL CORPORATION

No. C-1793 E-Mail Id: ee2@bmc.gov.in

**E-PROCUREMENT NOTICE**

1. Bid Reference No. : BMC-EED-II-19/2023-24 Dt.04.11.2023
2. Tender Call Notice No. : No.51974 / Dtd.04.11.2023
3. No. of Work : 7 Nos.
4. Bid Value : Rs.6,20,332.00 to Rs.37,62,982.00
5. Period of Completion : 60 days

Date and time Schedule

| Start | End | Opening |
|---|---|---|
| 11.00 A.M. of 10.11.2023 | 5.00 P.M. of 20.11.2023 | 11.00 A.M. of 21.11.2023 |

6. Tender details can be seen for the Procurement portal **https://www.tendersodisha.gov.in.** BMC Website: **https://www.bmc.gov.in**.

**Sd./- Executive Engineer, Div.-II**
**Bhubaneswar Municipal Corporation**

OIPR-13002/11/0200/2324

## GOVERNMENT OF ODISHA
No. O-1501

## "e" Procurement Notice

e-mail ID: rw_sambalpur@yahoo.co.in, Phone No.: 0663-2401850

No. 5661 Dated: 08.11.2023

**Bid Identification No. TENDER ONLINE SBPR - 09 of 23-24**

1. Name of the Work : Road & Building Works as per DTCN available in the website: **www.tendersodisha.gov.in**
2. Total No. of Work : 09 (Nine) Nos.
3. Estimated Cost : Varies from Rs.2.52 lakhs to Rs.47.46 lakhs
4. Period of Completion : 01 (One) to 04 (Four) Calendar Months
5. Period and time of availability of bid document in the portal for bidding : 14.11.2023 at 11.00 A.M. to 23.11.2023 upto 5.00 P.M.
6. Date and time of opening of Tender : 24.11.2023 at 11.00 A.M.
7. Name and address of the Officer Inviting Bid : S.E.R.W. Divn., Sambalpur
   (1) Other details can be seen from detailed notice inviting tenders, available in website: **www.tendersodishagov.in**.
   (2) Corrigendum if any shall only be published in the website: **www.tenderodisha.gov.in**.

**Sd./- Superintending Engineer**
**Rural Works Division, Sambalpur**

OIPR-25076/11/0015/2324

## GOVT. OF ODISHA
No. A-802

## OFFICE OF THE ENGINEER-IN-CHIEF WATER RESOURCES, ODISHA, BHUBANESWAR

**'e' Procurement Notice No. CEMKS 10 of 2023-24**

1. Name of the work : Raising & strengthening of Arakhakuda Saline Embankment within RD 2.00 Km. to 11.00 Km. with construction of sluices.
2. Amount put to tender : Rs.21,06,05,297.00
3. Bid Document Cost : Rs.10,000.00 (Online)
4. E.M.D. : Rs.21,06,100.00
5. Class of Contractor : "Special" Class & "Super" Class
6. Period of Completion : 18 Calendar months
7. Other details are as follows :

| Procurement Officer | Bid Identification No. | Availability of Tender Online for Bidding | | Date of Opening of Technical Bid (Cover-I) |
|---|---|---|---|---|
| | | From | To | |
| Chief Engineer & BM, Mahanadi Kathajodi System, Bhubaneswar | CEMKS PID 04 of 2023-24 | 13.11.2023 10.00 hrs. | 28.11.2023 17.00 hrs. | 29.11.2023 11.00 hrs. |

8. e-mail Id : **celmbbbsr@yahoo.co.in**

Further detail conditions can be seen from the Govt. website: **www.tendersodisha.gov.in**.

The Corrigendum/Cancellation of Tender, If any, will be uploaded and can be seen from the above website only.

**Sd./- Chief Engineer & Basin Manager**
**Mahanadi Kathajodi System, Bhubaneswar**

OIPR-32252/11/0013/2324

## ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଅନୁଗୁଳ

**ବିଜ୍ଞାପନ ରଦ୍ଦ ସୂଚନା**

No. M-51: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଅନୁଗୁଳଙ୍କ ତରଫରୁ ୨୨ଗୋଟି ପ୍ରାଣୀ ସହାୟକ (Attendant) ପଦବୀ ପୂରଣ କରିବା ପାଇଁ ଦୈନିକ ଖବରକାଗଜ ସମ୍ବାଦ ଓ ଧରିତ୍ରୀ ତା୦୪।୧୧।୨୦୨୩ରିଖ ଏବଂ ତା୦୫।୧୧।୨୦୨୩ରିଖରେ ପ୍ରକାଶିତ ବିଜ୍ଞାପନ ନଂ. M-46କୁ ଅନିର୍ଦ୍ଦିଷ୍ଟ ସମୟ ନିମନ୍ତେ ରଦ୍ଦ କରାଗଲା।

ସ୍ୱାକ୍ଷର/- ଡା. ନିରୋଦ ଦାସ
ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଅନୁଗୁଳ

OIPR-06069/11/0002/2324

## GOVT. OF ODISHA
No. A-803

## OFFICE OF THE ENGINEER-IN-CHIEF WATER RESOURCES, ODISHA, BHUBANESWAR

**NOTICE INVITING RFP (Request for Proposal)**

**'e' Procurement Notice No. CEMKS 09 of 2023-24**

Online Request For Proposal (RFP) are invited from the eligible Government Registered Firms for Appointment of Proof Engineering Consultant (PEC) for construction of distribution system for 3745 ha. of CCA of Kusumi Smart Irrigation Project over river Kusumi at Sunalati-Krushnaprasad in Nayagarh Block through under ground pipe line irrigation system (pressure flow) in Nayagarh District of Odisha on EPC mode of Contract (turn key basis)

1. Name of the work : Appointment of Proof Engineering Consultant (PEC) for construction of distribution system for 3745 ha. of CCA of Kusumi Smart Irrigation Project over river Kusumi at Sunalati-Krushnaprasad in Nayagarh Block through under ground pipe line irrigation system (pressure flow) in Nayagarh District of Odisha on EPC mode of Contract (turnkey basis).
2. Class of Contractor : Government Registered Firm
3. Tender Fee : Rs.10,000.00 to be transferred online (Non-refundable)
4. E.M.D. : Rs.81,000/- to be transferred online
5. Period of Completion : 18 (Eighteen) Months
6. Other details are as follows :

| Procurement Officer | RFP Identification No. | Availability of RFP Online for Bidding | | Date of Opening of Technical Bid (Cover-I) |
|---|---|---|---|---|
| | | From | To | |
| Chief Engineer & BM, Mahanadi Kathajodi System, Bhubaneswar | CEMKS NAYD RFP 01 of 2023-24 | 10.11.2023 10.00 hrs. | 11.12.2023 17.00 hrs. | 12.12.2023 11.30 hrs. |

8. e-mail Id : **celmbbbsr@yahoo.co.in**

Further detail conditions can be seen from the Govt. website: **www.tendersodisha.gov.in**.

The Corrigendum/Cancellation of Tender, if any, will be uploaded and can be seen from the above website only.

**Sd./- Chief Engineer & Basin Manager**
**Mahanadi Kathajodi System, Bhubaneswar**

OIPR-32252/11/0011/2324

## GOVERNMENT OF ODISHA
No. B-1227

## OFFICE OF THE SUPERINTENDING ENGINEER SAMBALPUR (R&B) DIVISION-I, SAMBALPUR

E-mail: exeengsbp@rediffmail.com

**e-Procurement Notice**

**Bid Identification No.: SE/R&B/SBP/26/2023-24**

Order No. 7276 Dtd.02.11.2023

1. The Superintending Engineer, Sambalpur (R&B) Division No. I, Sambalpur on behalf of Governor of Odisha, Invites Percentage Rate bids in Double Cover System in ONLINE MODE for construction of Civil/Electrical/P.H. Work as detailed in the DTCN from the eligible class of contractors.
2. No. of works : 01 (One)
3. Tender Cost : Rs.10,000/- (Online)
4. Class of Contractor : "B" Class Contractor
5. Date and time available in website & receipt of Bids : 11.00 Hrs. 10.11.2023 to 17.00 Hrs. of 24.11.2023
6. Date of Opening of tender : 24.11.2023 at 18.00 Hrs.
7. The biddes have to participate in ONLINE bidding only. Further details can be seen from the website.
8. Any Corrigendum/Addendum will be displayed in the website **www.tendersodisha.gov.in** only.

**Sd./- Superintending Engineer**
**Sambalpur R&B Division-I**

OIPR-34042/11/0008/2324

## GOVERNMENT OF ODISHA, "e"-PROCUREMENT NOTICE
## OFFICE OF THE CHIEF CONSTRUCTION ENGINEER, KHORDHA (R&B) CIRCLE, KHORDHA
## WORKS DEPARTMENT

**Tender Call Notice**

E-mail: rbcirciekhurda@gmail.com

Bid Identification No. CCE-Khordha (R&B) Circle-27/2023-24

Memo No -2313 Dt.31.10.2023

**No.B-1229:** The Chief Construction Engineer, Khordha (R&B) Circle, Khordha on behalf of Governor of Odisha inviting percentage rate bid in double cover system in ONLINE MODE from eligible contractors for temple works as detailed in the table below:

1. Nature of Work : Temple Works
2. No of Work : 7 No.
3. Tender Cost : Rs.10000.00 (On-line)
4. Class of Contractor : B & A Class
5. Available of Bid document in the Website : From 10.00 AM of Dt.10.11.2023 upto 05.00 PM of Dt.21.11.2023 upto 5.00 P.M.
6. Date of opening of Bid : Dt.22.11.2023 at 11.30 AM
7. The Bidders have to participate in ONLINE bidding only. Further details can be seen from the Website: https://tenderodisha.gov.in . Any Addendum / Corrigendum / Cancellation of tender can also be seen in the said website.

**Sd./- Chief Construction Engineer**
**Khordha (R&B) Circle, Khordha**

OIPR-34127/11/0035/2324

## OFFICE OF THE PROJECT ENGINEER PROJECT MANAGEMENT, UNIT-I,

**Orissa Water Supply & Sewerage Board**

Unnati Bhawan, 3rd Floor, Satyanagar, Bhubaneswar-7

E-mail: pepmu1owssb@gmail.com

No.CAD-2787: Notice Inviting Tenders (NIT) Dtd.08.11.2023

NATIONAL COMPETITIVE BIDDING THROUGH e-PROCUREMENT

| Sl. No. | Name of Work | Bid Reference No. | Estimated Cost excluding GST (Rs. in Lakh) | Cost of Bid Document (In Rs.) (Online) | Bid Security/ EMD (in Rs.) (Online) |
|---|---|---|---|---|---|
| 1 | Repair and restoration of 5-layered cornice, water proofing treatment of top floor (4th) sloped roof and exterior painting works of Unnati Bhawan Building (B+G+4), Satyanagar, Bhubaneswar | 27/PMU-I/ OWSSB/ BBSR/2023-24 Dt.08.11.2023 | 67.20 | 10,000.00 | 67,200.00 |

* Availability of Bid document for Online Bidding: From dt.14.11.2023 (15.00 Hrs) to dt.30.11.2023 (17.00 Hrs)
* Period of Completion of the Work: 03 (Three) Calendar Months.
* Name & Address of Officer Inviting Bid: Project Engineer, Project Management Unit-I, Orissa, Water Supply & Sewerage Board, At- Unnati Bhawan, 3rd Floor, Satyanagar, Bhubaneswar-7, e-mail:pepmu1owssb@gmail.com.
* Further details can be seen from the e-Procurement portal https://www.tendersodisha.gov.in.
* Corrigendum, Clarification, if any for the above work shall be uploaded in the website only. Intending Bidders are urged to visit the above website regularly to keep themselves updated.

OIPR-32496/11/0002/2324 **Sd./- Project Engineer, PMU-I, OWSSB, Bhubaneswar**

## ଜିଲ୍ଲାପାଳ କାର୍ଯ୍ୟାଳୟ, ସମ୍ବଲପୁର, ଓଡ଼ିଶା

ଇସ୍ତାହାର ସଂଖ୍ୟା ________/ତା ________

No.g-110:- ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶ କରାଯାଉଛି କି ନିମ୍ନରେ ଦିଆଯାଇଥିବା ଜଣେ ଶିଶୁକନ୍ୟାଟିକୁ କୁଚିଣ୍ଡା ଥାନା ଅନ୍ତର୍ଗତ ଖଣ୍ଡୋକତା ଗ୍ରାମରେ ଜଣେ ବ୍ୟକ୍ତିଙ୍କ ବାରିକଡ଼ରେ ପରିତ୍ୟକ୍ତ ଅବସ୍ଥାରେ ଉଦ୍ଧାର କରାଯାଇ, ନିକଟସ୍ଥ ଡାକ୍ତରଖାନାରେ ଚିକିତ୍ସା କରିବା ପରେ ଶିଶୁ କଲ୍ୟାଣ ସମିତି, ସମ୍ବଲପୁରର ନିର୍ଦ୍ଦେଶନାମା ଅନୁସାରେ ଶିଶୁଗୃହ, ରୁକ୍ମିଣୀଲାଠ ବାଳନିକେତନ, ଛଚାନପାଲି, ସମ୍ବଲପୁରରେ ସୁରକ୍ଷିତ ଭାବରେ ଥଇଥାନ କରାଯାଇଅଛି । ଉକ୍ତ ଶିଶୁର ଯଦି କେହି ଜନ୍ମିତ ପିତାମାତା ତଥା ଆଇନଗତ ଅଭିଭାବକ ଥାଆନ୍ତି, ତେବେ ଏହି ବିଜ୍ଞାପନ ପ୍ରକାଶନ ହେବାର ୩୦ ଦିନ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସମ୍ବଲପୁର, ଫୋ. ନମ୍ବର- ୦୬୬୩-୨୪୧୨୯୧୪ ଓ ଶିଶୁଗୃହ ପ୍ରବନ୍ଧକ, ରୁକ୍ମିଣୀଲାଠ ବାଳନିକେତନ, ଛଚାନପାଲି, ସମ୍ବଲପୁର ଫୋ. ନମ୍ବର- ୯୦୪୦୭୧୬୫୮୬ରେ ଯୋଗାଯୋଗ କରିବାକୁ ଅନୁରୋଧ । ଯଦି ଉପରୋକ୍ତ ସମୟ ସୀମା ମଧ୍ୟରେ କେହି ଦାବିଦାର ଦାବି ଉପସ୍ଥାପନ ନ କରନ୍ତି, ତେବେ ଶିଶୁଦ୍ୱୟଙ୍କୁ ପୋଷ୍ୟ ସନ୍ତାନ ଅଧିନିୟମ ୨୦୨୨ ଅନୁଯାୟୀ ପୋଷ୍ୟ ଯୋଗ୍ୟ ବୋଲି ବିବେଚିତ କରାଯିବ ।

| କ୍ର ନଂ. | ନାମ | ଲିଙ୍ଗ | ବୟସ | ଉଦ୍ଧାରସ୍ଥାନ | ବର୍ତ୍ତମାନ ଏହି ଶିଶୁ ଦ୍ୱୟ ରହୁଥିବା ଶିଶୁ ଯତ୍ନ ଅନୁଷ୍ଠାନ/ ଶିଶୁଗୃହର ନାମ | ଫଟୋ |
|---|---|---|---|---|---|---|
| ୧ | ଅଜଣା ଶିଶୁ କନ୍ୟା | କନ୍ୟା | ୦୭।୧୦।୨୦୨୩ | ଖଣ୍ଡୋକତା, କୁଚିଣ୍ଡା | ଶିଶୁଗୃହ, ରୁକ୍ମିଣୀଲାଠ ବାଳନିକେତନ, ଛଚାନପାଲି, ସମ୍ବଲପୁର |  |

OIPR-24174/11/0002/2324 ସ୍ୱା./- ଜିଲ୍ଲାପାଳ, ସମ୍ବଲପୁର

## ODISHA JOINT ENTRANCE EXAMINATION - 2023 (OJEE - 2023)

**No.: OJEE/567** **Date: 09.11.2023**

## NOTICE

No. h-26: This is for the information of all the candidates who have qualified in OJEE-2023/ NEET UG 2023/ JEE(MAIN)-2023 examinations and are interested to take admission into B.PHARM courses offered by various institutes in Odisha for the session 2023-24 that the process of choice filling and locking is scheduled to start from 10th November 2023, 5.00 PM. Same schedule is also applicable for candidates who have qualified in OJEE- 2023/ GPAT for M.Pharm examinations and are interested to apply for admission in M. PHARM Course. Candidates are advised to visit OJEE website and carefully read the "Counselling Brochure – 2023", Step by Step process for web-based counselling and also see the complete "Counselling Schedule".

**Sd./- CHAIRMAN, OJEE**

**OIPR-14020/11/0019/2324**

## ODISHA CONSTRUCTION CORPORATION LIMITED

BHUBANESWAR, ODISHA PIN-751012, Tel.No.(0674) 2562020
e-Mail:theoccltd@odishaconstruction.com, GSTIN-21AAACO2571K2ZM
"e"-Procurement Notice No.44/OCCL/2023-24 (online)

No.CAD-2779: Online tender is invited for the following work on EPC-Turn Key Basis.

| Sl. No. | Brief name of Work | Bid Identification No. | Approx value of work (Rs. in Cores) (excluding GST) | Bid Security (through online transfer/ as per procedure mentioned in DTCN) (in Rs.) | Period of Completion | Availability of Tender (online) | Submission of tender (online) |
|---|---|---|---|---|---|---|---|
| 01 | Implementation of Underground pipeline Irrigation to the Command Area of Ong Irrigation Extension Project, Subarnapur, Odisha on EPC-Turn Key Basis. | OC-CL-LSIP/02/ 2023-24 | Rs.272.39 | Rs.2,73,00,000/- | 24 (Twenty Four) Calendar Months | From 13.11.2023, 3.30 PM to 27.12.2023, 5.30 PM | From 13.11.2023, 3.30 PM to 27.12.2023, 5.30 PM |

Procurement Officer : Managing Director, OCCL.
Date of Opening of the Technical Bid: 28.12.2023, 12.00 Noon
Further details can be seen from the : e-Procurement portal:https://www.tendersodisha.gov.in.

OIPR-34120/11/0056/2324 **Sd./- Managing Director**


See Career Appointment on every Wednesday & Saturday

**ହତ୍ୟା ମାମଲାରେ ନାଏବ ସରପଞ୍ଚ ଗିରଫ**

ସୁନ୍ଦରଗଡ,୯।୧୧ (ଜୟ ନାରାୟଣ ମେଣ୍ଡୁଲି): ପଡୋଶୀ ଛତିଶଗଡ଼ ରାଜ୍ୟର ଏକ ହତ୍ୟା ମାମଲାରେ ଫେରାର ଥିବା ସୁନ୍ଦରଗଡ ଜିଲା ତଲସରା ଥାନା ଅନ୍ତର୍ଗତ ତୁମୁଲିଆ ଗ୍ରାମର ମୁଖ୍ୟ ଅଭିଯୁକ୍ତ ଦିଲୀପ ବାରିକଙ୍କୁ ବୁଧବାର ପୋଲିସ ଗିରଫ କରିଛି। ତଲସରା ଥାନା ଆଇଆଇସି ପୁଷ୍ପେନ୍ଦୁ ସାଗର ଅଭିଯୁକ୍ତ ଦିଲୀପଙ୍କୁ ସୁନ୍ଦରଗଡରୁ ଗିରଫ କରି ଛତିଶଗଡ଼ ପୋଲିସକୁ ହସ୍ତାନ୍ତର କରିଛି। ଦିଲୀପ ତୁମୁଲିଆ ପଞ୍ଚାୟତର ନାଏବ ସରପଞ୍ଚ ଅଛନ୍ତି। ଗତ ଏପ୍ରିଲ ୨୩ରେ ଦିଲ୍ଲୀପ ଓ କେତେଜଣ ଯୁବକ ଛତିଶଗଡ଼ ରାଜ୍ୟର ମିରିକଖୋଲ ଗ୍ରାମକୁ ଏକ ବାହାଘରରେ ଯାଇଥିବାବେଳେ କୌଣସି କଥାକୁ କେନ୍ଦ୍ର କରି ସେଠାକାର ଜଣେ ଯୁବକଙ୍କୁ ପଥରରେ ଛେଚି ହତ୍ୟାକରି ଜଙ୍ଗଲରେ ଫିଙ୍ଗି ଦେଇଥିଲେ।

# ମା' କୋଟ୍ରାକ୍ଷୀଙ୍କ ଆଶୀର୍ବାଦରୁ ମା'ଙ୍କ ପ୍ରାଚୀନ ମୂର୍ତ୍ତି ଓଡ଼ିଶା ଫେରୁଛି: ଧର୍ମେନ୍ଦ୍ର

ଭୁବନେଶ୍ୱର, ୯।୧୧(ସୁନିତ୍ ମିଶ୍ର)



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ନୂଆଦିଲ୍ଲୀଠାରେ ଗୁରୁବାର କଷ୍ଟମ ବିଭାଗର ଅଧିକାରୀମାନେ ଓଡ଼ିଶା ପ୍ରଶାସନକୁ ଦୀର୍ଘଦିନ ପୂର୍ବେ ଲୁଟ୍ ହୋଇଥିବା ଯାଜପୁର ଜିଲା ଦର୍ପଣଗଡ଼ର ଅଧିଷ୍ଠାତ୍ରୀ ଦେବୀ ମା' କୋଟ୍ରାକ୍ଷୀଙ୍କ ଅଷ୍ଟଧାତୁ ନିର୍ମିତ ଦୁର୍ଲଭ ପ୍ରାଚୀନ ମୂର୍ତ୍ତିକୁ ହସ୍ତାନ୍ତର କରିଛନ୍ତି। ଏହି ଅବସରରେ ଏଏସ୍ଆଇ ଅଧିକାରୀ ଏବଂ ଦର୍ପଣଗଡ଼ର ସ୍ଥାନୀୟ ଲୋକମାନେ ଉପସ୍ଥିତ ଥିଲେ। ଧର୍ମେନ୍ଦ୍ର କହିଛନ୍ତି, ମା' କୋଟ୍ରାକ୍ଷୀ ଦର୍ପଣଗଡ଼ ଗ୍ରାମବାସୀଙ୍କ ଆସ୍ଥା, ଐତିହ୍ୟ ଏବଂ ବିଶ୍ୱାସର ପ୍ରତୀକ। ମା'ଙ୍କ ଆଶୀର୍ବାଦ କାରଣରୁ ମା' କୋଟ୍ରାକ୍ଷୀଙ୍କ ପ୍ରାୟ ୯ମ ଓ ୧୦ମ ଶତାବ୍ଦୀର ପ୍ରାଚୀନ ଦୁର୍ଲଭ ମୂର୍ତ୍ତି ଓଡ଼ିଶା ଫେରୁଛି। ଖୁବ୍‌ଶୀଘ୍ର ଏହି ନିର୍ଦ୍ଧାରିତ ମୂର୍ତ୍ତିଟି କୋଟ୍ରାକ୍ଷୀ ମନ୍ଦିରରେ ପୁନଃ ପ୍ରତିଷ୍ଠା ହେବ। ଆଜି ସମଗ୍ର ଓଡ଼ିଶା, ଯାଜପୁର ବିଶେଷତଃ ଦର୍ପଣଗଡ଼ବାସୀଙ୍କ ପାଇଁ ଅତ୍ୟନ୍ତ ଶୁଭଦିନ। ମା'ଙ୍କ ଆଶୀର୍ବାଦ କାରଣରୁ ଏହା ସମ୍ଭବ ହୋଇପାରିଲା। ଗ୍ରାମବାସୀଙ୍କ ଭାବାବେଗକୁ ସମ୍ମାନ ଦେଇ ସେମାନଙ୍କ ଥିବା ଦୀର୍ଘଦିନର ଆକାଂକ୍ଷା ଓ ଅପେକ୍ଷାକୁ ପୂରଣ କରିଥିବାରୁ ପ୍ରଧାନମନ୍ତ୍ରୀ, ଅର୍ଥମନ୍ତ୍ରୀ, କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ, ସହଯୋଗୀ ହୋଇଥିବା କଷ୍ଟମ ବିଭାଗ, ଏଏସ୍ଆଇ ଏବଂ ଓଡ଼ିଶା ପୋଲିସକୁ ଧନ୍ୟବାଦ ଜଣାଇବା ଦର୍ପଣଗଡ଼ବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସୂଚନାଯୋଗ୍ୟ, ଗତ ଜୁଲାଇ ୧୪ରେ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ଏୟାର କାର୍ଗୋର କଷ୍ଟମ ବିଭାଗ ପାଖରେ ପଡ଼ି ରହିଥିବା ଏହି ଦୁର୍ଲଭ ମୂର୍ତ୍ତିକୁ ଫେରାଇବା ପାଇଁ ଧର୍ମେନ୍ଦ୍ର ଚିଠି ଲେଖି ଅନୁରୋଧ କରିଥିଲେ। ସେ ପତ୍ରରେ ଉଲ୍ଲେଖ କରିଥିଲେ, ଗତ ବର୍ଷ ଦିଲ୍ଲୀ ବିମାନବନ୍ଦରରେ ଏକ ଅଷ୍ଟଧାତୁ ପ୍ରତିମା ଚୋରା ଚାଲାଣ ବେଳେ ଦିଲ୍ଲୀ ବିମାନବନ୍ଦରରେ ଠାବ ହୋଇଥିଲା। ଏହା ପରେ ଏହାକୁ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ବିଭାଗ(ଏଏସ୍ଆଇ)କୁ ପରୀକ୍ଷା ପାଇଁ ପଠାଯାଇଥିଲା। ପରୀକ୍ଷା ନିରୀକ୍ଷା କରିବା ପରେ ଉକ୍ତ ପ୍ରତିମାଟି ଯାଜପୁର ଦର୍ପଣଗଡ଼ର ଅଧିଷ୍ଠାତ୍ରୀ ଦେବୀ ମା' କୋଟ୍ରାକ୍ଷୀଙ୍କ ବୋଲି ଏଏସ୍ଆଇ ଜାଣିବାକୁ ପାଇଥିଲା। ଉକ୍ତ ପ୍ରତିମାଟି ନୂଆଦିଲ୍ଲୀ ଏୟାର କାର୍ଗୋର କଷ୍ଟମ କମିଶନରଙ୍କ କାର୍ଯ୍ୟାଳୟ ଜବତକରି ନିଜ ହେପାଜତରେ ରଖିଥବା ଜଣାପଡ଼ିଥିଲା।

# କୋଟିପତି ଅଧୀକ୍ଷଣ ଯନ୍ତ୍ରୀ ବିଶ୍ୱବନ୍ଧୁ ଗିରଫ

## ଆୟଠାରୁ ୩୩୮ ପ୍ରତିଶତ ଅଧିକ ସମ୍ପତ୍ତି ଠାବ

ଭୁବନେଶ୍ୱର,୯।୧୧ (ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ଜନସ୍ୱାସ୍ଥ୍ୟ (ପିଏଚ୍) ଡିଭିଜନ୍‌ର ଅଧୀକ୍ଷଣ ଯନ୍ତ୍ରୀ (ଏସ୍ଇ) ବିଶ୍ୱବନ୍ଧୁ ପାଣିଗ୍ରାହୀଙ୍କ ବିପୁଳ ଆୟବହିର୍ଭୂତ ସମ୍ପତ୍ତି ଠାବ ହୋଇଛି। ଏହା ତାଙ୍କ ପ୍ରକୃତ ଆୟଠାରୁ ୩୩୮ ପ୍ରତିଶତ ଅଧିକ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଏହି ସମ୍ପତ୍ତି ସଂକ୍ରାନ୍ତରେ ବିଶ୍ୱବନ୍ଧୁ ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଗୁରୁବାର ଏକ ମାମଲା (ନଂ.୧୧/୨୦୨୩) ରୁଜୁ କରାଯାଇ ତାଙ୍କୁ ଗିରଫ କରାଯାଇଛି। ଏହି ମାମଲାରେ ବିଶ୍ୱବନ୍ଧୁଙ୍କ ସ୍ତ୍ରୀଙ୍କୁ ମଧ୍ୟ ଅଭିଯୁକ୍ତ ଦର୍ଶାଯାଇଛି। ଗିରଫ ପରେ ଅଭିଯୁକ୍ତ ବିଶ୍ୱବନ୍ଧୁଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଭିଜିଲାନ୍ସ ପକ୍ଷରୁ


ବିଶ୍ୱବନ୍ଧୁ ପାଣିଗ୍ରାହୀ

ବୁଧବାର ବିଶ୍ୱବନ୍ଧୁଙ୍କ ଭଦ୍ରକ ଜିଲା ତୋରଣପଦା ଗ୍ରାମସ୍ଥିତ ପୈତୃକ ଘର, ଭୁବନେଶ୍ୱର ଭିଏସ୍ଏସ୍‌ନଗରସ୍ଥିତ ସମ୍ପର୍କୀୟଙ୍କ ଘର ସମେତ ମୋଟ ୬ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଥିଲା। ଭୁବନେଶ୍ୱର ଭିଏସ୍ଏସ୍‌ନଗରଠାରେ ଦୁଇ ମହଲା କୋଠା ଓ ଭଦ୍ରକ ମଠସାହିରେ ଏକ ମହଲା କୋଠା ଠାବ ହୋଇଥିଲା। ଏଥିସହ ଭୁବନେଶ୍ୱର ରୁଦ୍ରପୁରସ୍ଥିତ ଆସୋଟେକ୍ ପ୍ରାଇଡ୍ ଆପାର୍ଟମେଣ୍ଟରେ ସ୍ତ୍ରୀଙ୍କ ନାଁରେ ଏକ ୩ ବିଏଚ୍‌କେ ଫ୍ଲାଟ୍ କିଣିବାକୁ ଅଗ୍ରୀମ ୩୯ ଲକ୍ଷ ଟଙ୍କା ଦେଇ ବିଶ୍ୱବନ୍ଧୁ ଚୁକ୍ତି କରିଥିବା ଜଣାପଡ଼ିଥିଲା। ସେହିଭଳି ଭୁବନେଶ୍ୱର ଓ ଭଦ୍ରକର ମୁଖ୍ୟ ଅଞ୍ଚଳରେ ତାଙ୍କର ୬ଟି ପ୍ଲଟ୍, ବ୍ୟାଙ୍କ, ପୋଷ୍ଟାଲ ଓ ଜୀବନବୀମା ଜମା ୪.୦୨ କୋଟି, ନଗଦ ୩.୧୮ ଲକ୍ଷ ଟଙ୍କା, ୪୨୧ ଗ୍ରାମ ସୁନା ଅଳଙ୍କାର ଏବଂ ପ୍ରାୟ ୧୭ ଲକ୍ଷ ଟଙ୍କାର ଗୋଟିଏ ଚାରିଚକିଆ ଯାନ, ୪ ବାଇକ୍ ଏବଂ ଅନ୍ୟାନ୍ୟ ଘରୋଇ ସାମଗ୍ରୀ ରହିଛି। ଏହି ମାମଲାରେ ଅଧିକ ତଦନ୍ତ କରାଯାଉଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

**ପ୍ରଥମ ପୃଷ୍ଠାରୁ...**

## ଭିଜିଲାନ୍ସ ଜାଲରେ...

ସେହିଭଳି ସୁଦର୍ଶନଙ୍କ ୩୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ୩ଟି ଚାରିଚକିଆ ଯାନ(ସବୁଗୁଡ଼ିକର ନମ୍ବର ୩୨୩୨) ଓ ଦୁଇଟି ବାଇକ ଏବଂ ୧୯ ଲକ୍ଷ ଟଙ୍କାର ବ୍ୟାଙ୍କ ଜମା ଓ ଘରୋଇ ଆସବାବପତ୍ର ଠାବ ହୋଇଛି। ତେବେ ସୁଦର୍ଶନଙ୍କ ପୋଷ୍ଟାଲ, ଜୀବନବୀମା ଓ ଅନ୍ୟାନ୍ୟ ଜମା ଆଦି ସଂକ୍ରାନ୍ତରେ ଯାଞ୍ଚ କରାଯାଉଥିବା ଭିଜିଲାନ୍ସ ସୂଚନା ଦେଇଛି। ଚଢ଼ାଉ ଜାରି ରହିଥିବାବେଳେ ଭିଜିଲାନ୍ସ ପକ୍ଷରୁ ସୁଦର୍ଶନଙ୍କୁ ସମ୍ପତ୍ତି ସଂକ୍ରାନ୍ତରେ ଅଧିକ ପଚରାଉଚରା କରାଯାଉଛି। ଚଢ଼ାଉ ଓ ଯାଞ୍ଚ ସରିବା ପରେ ସମ୍ପତ୍ତିର ପରିମାଣ ଆହୁରି ବଢ଼ିପାରେ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

## ସୁଦର୍ଶନଙ୍କ ସମେତ...

କରିଥିଲେ। ଗୁରୁବାର ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ନିର୍ଦ୍ଦେଶ କ୍ରମେ ଭିଜିଲାନ୍ସ ଅଧିକାରୀ ସୁଦର୍ଶନଙ୍କ ପୁରୀର ୪ଟି ସ୍ଥାନ ସମେତ ବଲାଙ୍ଗୀର ଓ ସମ୍ବଲପୁରରେ ଚଢ଼ାଉ କରିଛନ୍ତି। ଚଢ଼ାଉ ସମୟରେ ତାଙ୍କ ନିକଟରୁ ୫୦ କୋଟିର ସ୍ଥାବର ଅସ୍ଥାବର ସମ୍ପତ୍ତି ଜବତ ହୋଇଥିବା ଜଣାପଡ଼ିଛି। ଅପରପକ୍ଷରେ ନାମଲେଖା କେଳେଙ୍କାରୀରେ ସୁଦର୍ଶନଙ୍କ ସମେତ ଗୋପବନ୍ଧୁ ଆୟୁର୍ବେଦ କଲେଜର ୩ଜଣ କର୍ମଚାରୀ ଏବଂ ରାଜ୍ୟ ଆୟୁଷ ବିଭାଗର ଜଣେ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଦୁର୍ନୀତି ନିବାରଣ ସଂସ୍ଥାରେ ଜନୈକ ମାନବାଧିକାର କର୍ମୀ ଅଭିଯୋଗ କରିଛନ୍ତି। ଡାକ୍ତରୀପାଠ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ବେଆଇନ ଭାବେ ଛାତ୍ରୀଛାତ୍ରଙ୍କ ଠାରୁ ମୋଟା ଅଙ୍କ ନେଇ ନକଲି ନିଟ୍ ଆପ୍ଲିକେଶନ ନମ୍ବର, ର୍‍ୟାଙ୍କ କାର୍ଡ ଓ ଓଜେଇ ଆଲଟମେଣ୍ଟ ଲେଟର, କଲେଜ ଟ୍ରାନ୍ସଫର ସାର୍ଟିଫିକେଟ(ସିଏଲ୍‌ସି) ଓ ମାଇଗ୍ରେଶନ ସାର୍ଟିଫିକେଟ, କଲେଜ ଟ୍ରାନ୍ସଫର ସାର୍ଟିଫିକେଟ ପ୍ରସ୍ତୁତ କରାଯାଇ ନାମଲେଖା ସୁଯୋଗ ଦିଆଯାଇଥିବା ସମ୍ପର୍କରେ ଗୁରୁବାର ମାନବାଧିକାର କର୍ମୀ ଜୟନ୍ତ ଦାଶ ପୁରୀ କୁମ୍ଭାରପଡ଼ା ଥାନାରେ ମଧ୍ୟ ଲିଖିତ ଅଭିଯୋଗ କରିଛନ୍ତି। ଗୋଟେପଟେ ଭିଜିଲାନ୍ସ ଜାଲରେ ଫସିଥିବାବେଳେ ଏବେ ଥାନାରେ ଅଭିଯୋଗ ସୁଦର୍ଶନଙ୍କ ପାଇଁ ଅଡୁଆ ବଢ଼ାଇ ଦେଇଛି।

ପ୍ରକାଶ ଯେ, ଡାକ୍ତରୀ ପାଠ ପଢିବା ପାଇଁ ଏନ୍‌ଇଇଟି ଓ ଓଜେଇ ଆଲଟମେଣ୍ଟ ନମ୍ବର ବାଧ୍ୟତାମୂଳକ ରହିଥିବାବେଳେ ଶିକ୍ଷାବର୍ଷ ୨୦୧୬-୧୭, ୨୦୧୭-୧୮ ଏବଂ ୨୦୨୦-୨୧ ବ୍ୟାଚରେ ବିନା ଯୋଗ୍ୟତାରେ ଜିଏଏମ୍‌ରେ ଛାତ୍ରୀଛାତ୍ରଙ୍କୁ ପାଠପଢା ସୁଯୋଗ ଦିଆଯାଇଛି। ବିନା ଏନ୍‌ଇଇଟିଧାରୀ ୨୦୧୬ରେ ଜଣେ ଛାତ୍ରୀ ପାସ କରି ସାରିଛନ୍ତି। ୨୦୧୭ରେ ନାମ ଲେଖାଇଥିବା ଦୁଇଜଣ ଗତ ଜୁଲାଇ ମାସରେ ହାଉସ ସର୍ଜନ କାର୍ଯ୍ୟ ସାରି ସାର୍ଟିଫିକେଟ ହାସଲ କରିଛନ୍ତି। ଏପରି କି ୨୦୨୦-୨୧ରେ ନାମ ଲେଖାଇଥିବା ଦୁଇ ଜଣ ଛାତ୍ରୀଛାତ୍ରଙ୍କୁ କଲେଜ ନୋଟିସ ଦେଇ ବାହାର କରି ଦେଇଛି। ଆର୍‌ଟିଆଇ ସୂଚନା ବଳରେ ଆୟୁଷ ନିର୍ଦ୍ଦେଶକଙ୍କଠାରୁ ଆର୍‌ଟିଆଇ ଦ୍ୱାରା ହସ୍ତଗତ ରିପୋର୍ଟରେ ଗତ ୨୫।୮।୨୩ ବରଗଡ଼ ଜିଲା ଶ୍ରୀଶ୍ରୀ ନୃସିଂହନାଥ ଆୟୁର୍ବେଦ କଲେଜ ଓ ଗବେଷଣା ପ୍ରତିଷ୍ଠାନ(ଏସ୍ଏସ୍ଏନ୍ ଆଣ୍ଡ ଆର୍‌ଆଇ) ପାଇକମାଲ ଏବଂ ବ୍ରହ୍ମପୁର ଆୟୁର୍ବେଦ କଲେଜ ଅଧକ୍ଷ ସମ୍ପୃକ୍ତ ୫ଜଣ ଛାତ୍ରୀଛାତ୍ର ସେମାନଙ୍କ କଲେଜର ବିଦ୍ୟାର୍ଥୀ ନୁହନ୍ତି ବୋଲି ଆୟୁଷ ନିର୍ଦ୍ଦେଶକଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏଥିସହିତ ଓଜେଇଇ ଚେୟାରମ୍ୟାନ ମଧ୍ୟ ସମ୍ପୃକ୍ତ ଛାତ୍ରୀଛାତ୍ରଙ୍କ କୌଣସି ତଥ୍ୟ ଓଜେଇଇ କାର୍ଯ୍ୟାଳୟରେ ଉପଲବ୍ଧ ନ ଥିବା ରିପୋର୍ଟରେ ଦର୍ଶାଇଛନ୍ତି। ଉଭୟ କଲେଜ ଏବଂ ଓଜେଇଇ ଚେୟାରମ୍ୟାନଙ୍କ ରିପୋର୍ଟ ବୟାନ କରୁଛି, ସମ୍ପୃକ୍ତ ୫ଜଣ ଛାତ୍ରୀଛାତ୍ର କୌଣସି ଆୟୁର୍ବେଦ କଲେଜର ଛାତ୍ର ନୁହନ୍ତି ଏବଂ ସେମାନେ ଏନ୍‌ଇଇଟି ପରୀକ୍ଷା ମଧ୍ୟ ଦେଇ ନ ଥିବା ମାନବାଧିକାର କର୍ମୀ ଦାଶ ଅଭିଯୋଗରେ ଦର୍ଶାଇଛନ୍ତି। ଏହି ସମସ୍ତ ଘଟଣାରେ ତତ୍କାଳୀନ କଲେଜ ଅଧକ୍ଷ ସୁଦର୍ଶନ ବେହେରାଙ୍କ ସମେତ କଲେଜରେ କାର୍ଯ୍ୟରତ କର୍ମଚାରୀ ଯଥା ବସନ୍ତ ସାମନ୍ତରାୟ, ତାରା ପ୍ରସାଦ ମହାପାତ୍ର, ବ୍ରହ୍ମାନନ୍ଦ ପ୍ରଧାନଙ୍କ ସମେତ ଆୟୁଷ ନିର୍ଦ୍ଦେଶାଳୟ କାର୍ଯ୍ୟାଳୟର କିଛି ଅଧିକାରୀ, କର୍ମଚାରୀଙ୍କ ସମ୍ପୃକ୍ତି ରହିଛି। ଏମାନଙ୍କ ବିରୋଧରେ ଆଇନତଃ କାର୍ଯ୍ୟାନୁଷ୍ଠାନ ଲାଗି ଅଭିଯୋଗରେ ଦର୍ଶାଯାଇଛି।

## ସ୍ୱତନ୍ତ୍ର ଖଣ୍ଡପୀଠରେ...

ହାଇକୋର୍ଟ ମାମଲାର ଅଗ୍ରଗତି ସମ୍ପର୍କିତ ଷ୍ଟାଟସ୍ ରିପୋର୍ଟ ସ୍ୱତନ୍ତ୍ର ଅଦାଲତଙ୍କୁ ମାଗିପାରିବେ। ତେବେ ଟ୍ରାଏଲ କୋର୍ଟଗୁଡ଼ିକ ଅତି ଜରୁରୀ ନ ହେଲେ ଏମ୍‌ପି, ବିଧାୟକ ଏବଂ ବିଧାନ ପରିଷଦ ସଦସ୍ୟ (ଏମ୍ଏଲ୍‌ସି)ମାନଙ୍କ ବିରୋଧରେ ବିଚାରାଧୀନ ମାମଲାର ଶୁଣାଣି ସ୍ଥଗିତ କରିପାରିବେ ନାହିଁ। ଜିଲା ଓ ସେସନ୍ସ ଜଜ୍‌ମାନେ ସ୍ୱତନ୍ତ୍ର କୋର୍ଟଗୁଡ଼ିକରେ ପର୍ଯ୍ୟାପ୍ତ ଭିତ୍ତିଭୂମି ଓ କାରିଗରି ସୁବିଧା ଯୋଗାଇଦେବା ସକାଶେ ସୁନିଶ୍ଚିତ କରିବେ ବୋଲି ରାୟ ଶୁଣାଇବାବେଳେ ସିଜେଆଇ କହିଛନ୍ତି।

# ବ୍ରିଟେନ୍‌ର ସୁରକ୍ଷିତ ରାଷ୍ଟ୍ର ତାଲିକାରେ ସାମିଲ ହେବ ଭାରତ

ଲଣ୍ଡନ,୯।୧୧

ବ୍ରିଟେନ୍ ସରକାର ଏହାର ସୁରକ୍ଷିତ ରାଷ୍ଟ୍ର ତାଲିକାରେ ଭାରତକୁ ସାମିଲ କରିବା ପାଇଁ ଏକ ଯୋଜନା ଉପସ୍ଥାପନ କରିଛନ୍ତି। ଏହାଦ୍ୱାରା ଯେଉଁ ଭାରତୀୟମାନେ ବେଆଇନ ଭାବେ ଯାଇଛନ୍ତି ସେମାନଙ୍କୁ ଫେରାଇ ଆଣିବା ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରିବ। ବ୍ରିଟେନ୍‌ର ହାଉସ୍ ଅଫ୍ କମନ୍ସରେ ବୁଧବାର ଚିଠା ବିଧେୟକ ଉପସ୍ଥାପନ କରାଯାଇଛି, ଯେଉଁଥିରେ ଭାରତ ଏବଂ ଜର୍ଜିଆକୁ ସୁରକ୍ଷିତ ରାଷ୍ଟ୍ର ତାଲିକାରେ ସାମିଲ କରିବା ପ୍ରସ୍ତାବ ରହିଛି। ଏହା ଦେଶର ଇମିଗ୍ରେଶନ ବ୍ୟବସ୍ଥାକୁ ସୁଦୃଢ଼ କରିବ ବୋଲି ବ୍ରିଟେନ୍ ଗୃହ ବିଭାଗ ପକ୍ଷରୁ କୁହାଯାଇଛି।

# ଚିତ୍ରଶିଳ୍ପୀ ଯତୀନ୍ ଦାସଙ୍କ କଳାକୃତିର ପ୍ରଦର୍ଶନ

ନୂଆଦିଲ୍ଲୀ,୯।୧୧



ବିଶିଷ୍ଟ ଚିତ୍ରଶିଳ୍ପୀ ଯତୀନ୍ ଦାସଙ୍କ ୬ ଦଶନ୍ଧିର କଳାକୃତିଗୁଡ଼ିକର ପ୍ରଦର୍ଶନୀ ନୂଆଦିଲ୍ଲୀର ନ୍ୟାଶନାଲ୍ ଗ୍ୟାଲେରି ଅଫ୍ ମଡର୍ନ ଆର୍ଟ (ଏନ୍‌ଜିଏମ୍ଏ)ରେ ବୁଧବାର ଆରମ୍ଭ ହୋଇଛି। ଏହା ଆସନ୍ତା ବର୍ଷ ଜାନୁୟାରୀ ୭ ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ପାଇଁ ଖୋଲା ରହିବ। 'ଜତିନ୍ ଦାସ୍-ଏ ରେଟ୍ରୋସ୍ପେକ୍ଟିଭ୍: ୧୯୬୩-୨୦୨୩' ଶୀର୍ଷକରେ ଏହି ପ୍ରଦର୍ଶନୀ ଚିତ୍ରଶିଳ୍ପୀଙ୍କ ଜୀବନବ୍ୟାପୀ କାନ୍‌ଭାସ ଓ କାଗଜରେ କରିଥିବା ଚିତ୍ର; ଶ୍ୟାହି, ତୈଳ ଓ ୱାଟର କଲରରେ ଆଙ୍କିଥିବା ଚିତ୍ରଗୁଡ଼ିକର ଏକ ଝଲକ। ବିଭିନ୍ନ କଳାକୃତି, ଗ୍ରାଫିକ୍, ଟେରାକୋଟା ଆଦିରେ ସିଦ୍ଧହସ୍ତ ଜତିନ୍ କେତେକ କବିତା ତଥା କଳା ଓ ଜୀବନର ପ୍ରତିଫଳନ ଲେଖିଛନ୍ତି। ସେଗୁଡ଼ିକ ବହୁ ପୂର୍ବରୁ ପ୍ରଦର୍ଶିତ ହେବାର ଥିଲା। ସେ ନିଜକୁ ପ୍ରଦର୍ଶନୀଠାରୁ ଦୂରେଇ ରଖି ଜଣେ ଦର୍ଶକ ଭାବେ ନିଜ କୃତିଗୁଡ଼ିକୁ ଦେଖିବାର ସୁଯୋଗ ପାଇଥିବା ୮୩ ବର୍ଷୀୟ ଜତିନ୍ କହିଛନ୍ତି। ସେ ବିରୋଧାଭାସ ମଧ୍ୟରେ ସଂଘର୍ଷ କରିବା ସହ ନିଜ ପେଣ୍ଟିଂ ବିକି ଚଳୁଛନ୍ତି। ତେବେ ସେ ବିକିବା ପାଇଁ ପେଣ୍ଟିଂ କରି ନ ଥିଲେ ବୋଲି କହିଛନ୍ତି। ବାପାଙ୍କ ଗତ ୬ ଦଶନ୍ଧିର କଳାକୃତି ସମ୍ପର୍କରେ ଝିଅ ତଥା ଚଳଚ୍ଚିତ୍ର ନିର୍ମାତା ନନ୍ଦିତା ଦାସ କହିଛନ୍ତି, 'ବାପା ନିଜକୁ କଳାକାର ଭାବେ କେବେ ଦର୍ଶାଇ ନ ଥିଲେ। ସେ ସବୁବେଳେ ନିଜକୁ ଚିତ୍ରକର କହିବା ସହ କଳାକାର ହେବାକୁ ଚାହାନ୍ତି ବୋଲି କହୁଥିଲେ। କିନ୍ତୁ ବାସ୍ତବରେ ତାହା ବିପରୀତ ଥିଲା ବୋଲି ନନ୍ଦିତା ଭାବୁଥିବା କହିଛନ୍ତି।

ଯତୀନ୍ ଦାସଙ୍କ ଜନ୍ମ ଓଡ଼ିଶାର ମୟୂରଭଞ୍ଜରେ। ସେ ୧୭ ବର୍ଷ ବୟସରେ ମୁମ୍ବାଇର ସାର୍ ଜେ.ଜେ. ସ୍କୁଲ୍ ଅଫ୍ ଆର୍ଟରୁ ଚିତ୍ରକର ଜୀବନ ଆରମ୍ଭ କରିଥିଲେ। ବର୍ତ୍ତମାନ ପର୍ଯ୍ୟନ୍ତ ସେ ନିଜ କଳାକୃତିଗୁଡ଼ିକର ୮୦ରୁ ଊର୍ଦ୍ଧ୍ୱ ଶୋ' ଏକାକୀ ଆୟୋଜନ କରିଛନ୍ତି।


**HDFC BANK** We understand your world

**AUCTION NOTICE FOR GOLD ORNAMENTS**

The borrower (s) (whose details are provided in the table herein below), in particular, and the public, in general, are hereby informed that the below mentioned Loan account is overdue, and the borrower account holder has not responded to/ complied with the communications and notices send by HDFC Bank Limited (the "Bank") requesting the Borrower to clear his/her/their dues as per the documents in respect of the below mentioned Loan signed/accepted by the borrower (such documents, collectively " Loan Agreement") and therefore defaulted in terms thereof. The bank has in exercise of its rights as a pledge, decided to enforce the pledge and therefore hold a public auction of the gold ornaments pledged to the Bank as security for the loan for the purpose of selling the same and realizing / recovering the dues owed by the borrower to the Bank. **Kindly refer the below auctions schedule. In the event the auction of any pledged security cannot be conducted or concluded on the date mentioned below. Bank reserves the right to conduct or proceed with the said auction on any subsequent date.**

| AUCTIONS DATE | LOAN NO. | BORROWER'S NAME | LOAN AMOUNT | PLACE OF AUCTION |
|---|---|---|---|---|
| 18.11.2023 | 73672489 | GYANARANJAN PRADHAN | 57,000.00 | HDFC BANK LTD , 0236-BAJRAKABATI ROAD-CUTTACK-PRIME , GROUND FLOOR, BAJRAKABATI ROAD, NEAR GIRI OPTICALS CUTTACK - 753001 |
| 20.11.2023 | 73665156 | RANJAN KUMAR BADHEI | 47,100.00 | HDFC BANK LTD , 0369-SAMBALPUR-SAMBALPUR-PRIME , PRITI AUTO COMBINE,GOL BAZAR,SAMBHALPUR SAMBALPURORISSA768001 |
| 20.11.2023 | 73436451 | MEGHA AGARWAL | 5,02,000.00 | HDFC BANK LTD , 0630-JHARPHADA-BHUBANESWAR-PRIME, No 7 & 8, Cuttack Puri Road, Jharpada. District, Bhubaneswar - 751006 |
| 20.11.2023 | 73550116 | AMRIK SINGH | 3,00,500.00 | HDFC BANK LTD ,0664-BARBIL-ODISHA-PRI, GROUND FLOOR BARBIL, OPPOSITE HARI OM BHAWAN, HIGHWAY, MAIN RD, JODA, ODISHA 758035 |
| 20.11.2023 | 73936101 | DINABANDHU PARIDA | 76,600.00 | |
| 20.11.2023 | 73282685 | FARZANA BEGUM | 6,01,000.00 | HDFC BANK LTD, 1080-SAHEEDNAGAR BRANCH, BUSINESS PARK, FIRST FLOOR,C111-SAHEEDNAGAR, BHUBANESWAR,ORISSA-751007 |
| 20.11.2023 | 73679080 | SUMANTA ROUT | 2,82,200.00 | |
| 20.11.2023 | 74042057 | KSHIROD KUMAR ROUT | 1,41,500.00 | |
| 18.11.2023 | 74433072 | SUBASA KHORA | 84,200.00 | HDFC BANK LTD , 1096-DAMANJODI-KORAPUT-PBGL, BIJU PATTNAIK CIRCLE, NALCO DOWNSHIP, DAMANJODI, SECTOR 1 |
| 18.11.2023 | 73960407 | SANJAY KUMAR GARNAYAK | 2,36,000.00 | HDFC BANK LTD , 1816-TALCHER-TALCHER-PRIME, GROUND FLOOR, HATATOTA TALCHER ANGUL- 759100 - LANDMARK INFRONT OF KALI MAA MANDIR |
| 20.11.2023 | 50200056925704 | SOUMYA RANJAN JENA | 10,46,769.02 | HDFC BANK LTD, 1818-PARADEEP BRANCH , C/O HOTEL PARASAR BUILDING,IFFCO SQUARE, ATHARBANKI,PARADIP,ORISSA-754142 |
| 20.11.2023 | 74130664 | SIDHESWAR ROUT | 1,15,800.00 | |
| 20.11.2023 | 73738397 | ARJUN KUMAR NAYAK | 30,600.00 | |
| 18.11.2023 | 73680397 | RANJIT BARIK | 1,27,000.00 | HDFC BANK LTD , 1819-KEONJHAR-KEONJHAR-PRIME, 1ST FLOOR, KIRTI KUNJ, MAIN ROAD KEONJHAR KENDUJHAR - 758037 |
| 20.11.2023 | 73819949 | ANASAR KHAN | 35,800.00 | HDFC BANK LTD , 1821-SALEPUR-SALEPUR-PRIME, ANAND BHAWAN,INFRONT OF GIRLS HIGH SCHOOL, SALEPUR,CUTTACK,ORISSA,754202 |
| 20.11.2023 | 73677941 | MANOJ KUMAR PANDA | 77,800.00 | HDFC BANK LTD , 1956-BHADRAK-PRIME , GUPTA COMPLEX, SALANDI BYPASS. DISTRICT, BHADRAK - 756100 |
| 20.11.2023 | 73175855 | UMESH KUMAR ROUT | 2,04,000.00 | HDFC BANK LTD, 2257-KENDRAPARA-PRIME , GROUND FLOOR, MAHIPAL ; DISTRICT, KENDRAPARA - 754211 |
| 20.11.2023 | 73388407 | UMESH KUMAR ROUT | 98,600.00 | |
| 20.11.2023 | 73583382 | DEEPAK KUMAR PRADHAN | 59,797.00 | HDFC BANK LTD , 2283-PATTAMUNDAI-PRIME, GAJANAN MARKET COMPLEX PATTAMUNDAI KENDRAPARA - 754215 |
| 20.11.2023 | 74415414 | SRIMANTA MAITY | 49,800.00 | |
| 20.11.2023 | 73882120 | BAURIBANDHU SAHOO | 2,00,000.00 | HDFC BANK LTD, 2314-KHURDA-KHORDHA-PBGL BRANCH, PLOT NO 323/1000 PALLAHAT KHURDA, ORISSA- 752056 |
| 20.11.2023 | 74051371 | SASMITA SAHOO | 1,39,000.00 | HDFC BANK LTD, 2396-SAMANTARAPUR BRANCH, PLOT NO 191, 204, 205, AND 206,OPPOSITE KEDAR GOURI TEMPLE,UNIT - 36, SAMANTARAPUR, BHUBANESWAR,ORISSA-751014 |
| 20.11.2023 | 73695883 | SUBASIS SAHOO | 75,000.00 | |
| 20.11.2023 | 73668148 | JITU NAYAK | 31,500.00 | |
| 20.11.2023 | 74448385 | JENA DURJYODHANA | 1,15,000.00 | HDFC BANK LTD , 2682-PARALAKHEMUNDI-PRIME, AMAN PLAZA, MARKET SQUARE, PARALAKHEMUNDI ; DISTRICT, GAJAPATI - 761200 |
| 20.11.2023 | 74060034 | SHATRUGHAN PARIDA | 1,10,000.00 | HDFC BANK LTD , 2980-BALUGAON-PBGL, MAIN ROAD, BALUGAON, NEAR DIGANTIKA HOTEL. DISTRICT, KHORDA - 752030 |
| 20.11.2023 | 74149114 | ARVIND KUMAR | 5,83,500.00 | HDFC BANK LTD, 4281-PATRAPRA BRANCH,PATRAPADA, DIST-KHURDA,BHUBANESWAR,ORISSA-751019 |
| 20.11.2023 | 73019884 | KLIZA RANI PATRO | 1,10,700.00 | |
| 20.11.2023 | 74003233 | ARVIND KUMAR | 48,300.00 | |
| 18.11.2023 | 454365783 | RUPALI SAHOO | 10,300.00 | HDFC BANK LTD , 4337-BAPUJI NAGAR-BHUBANESWAR-PB , PLOT NO SCR/15, BAPUJI NAGAR, KHURDA. DISTRICT, BHUBANESWAR - 751009 |
| 18.11.2023 | 73945960 | BISHNUPRIYA DAKSHINARAY | 1,18,200.00 | HDFC BANK LTD , 5380-UDIT NAGAR-ROURKELA-PBGL, NO C8, 1ST FLOOR, MERIDIEN TOWER, SUNDARGARH |
| 18.11.2023 | 74171924 | MANARANJAN BARIK | 3,70,100.00 | HDFC BANK LTD, 9485-GOSANINUAGAON-BRAHMAPUR-PBGL , MAIN ROAD, NEAR UTTARSWAR TEMPLE, GOSANINUAGAN RD, GANJAM, ODISHA 760003 |

The auction shall be conducted on an "AS IS WHERE IS" and the "AS IS WHAT IS" basis and the Bank is not making and shall not make any representations or warranties as regards the quality, purity, caratage, weight or valuation of the said gold ornaments. It shall be the sole and absolute responsibility of the potential purchasers to verify, examine and satisfy themselves about the quality, purity, caratage, weight or valuation of the said gold ornaments prior to placing their bids and for such purpose it shall be open to potential purchasers to examine, at their sole cost and expense, and at the address set out hereinabove, the gold ornaments whether with or without expert advice 45 minutes prior to the time stipulated for the conduct of the auction. All bids shall be subject to such minimum reserve price as the Bank may deem fit to fix in this regard. The auction process and the sale (if any) pursuant to such auction shall be subject to such further terms and conditions as the Bank may at its sole discretion deem fit to impose. If the borrower(s) mentioned above pays the amount due to the bank in terms of the Loan agreement in his individual loan account in full before the auction as mentioned above, the pledged ornaments securing the said loan may be withdrawn by the bank from the said auction without any further notice. Please note that it is the absolute discretionary power of the undersigned authorized officer of the Bank, either to postpone or to cancel the auction proceedings without prior notice and without assigning any reason therefore and to reject any or all the bids or offers without assigning any reason for the same.

**Date : 10-11-2023,**
**Place : ORISSA**

**Sd/- Authorised Officer, HDFC BANK LTD.**



**NATIONAL LAW UNIVERSITY ODISHA, CUTTACK**
(Established by Odisha Act IV of 2008)
Kathajodi Campus, Sector 13, CDA, Cuttack -753015, Odisha

**QUOTATION CALL NOTICE FOR DRILLING OF BOREWELL IN UNIVERSITY CAMPUS AT NLUO CUTTACK**

Sealed quotations in prescribed format are invited for Drilling of Bore well in the University campus at NLUO Cuttack. Last date & time of receipt is **19.11.2023 at 11.00 AM**. For details please visit website: www.nluo.ac.in.

**Sd/- Registrar**



**PREMISES REQUIRED IN BHUBANESWAR**

SBI Funds Management Limited (A Joint Venture between SBI & Amundi), the Asset Management Company for SBI Mutual Fund invites offers from owners/PSUs/PSU Banks/Reputed parties for furnished/unfurnished office premises on **Ground Floor** with parking facility at **Bhubaneswar (In & around Unit-III, Unit-IV, Unit-IX & Janpath Area)** area admeasuring around **2500 to 3000 sq. ft. carpet area.**

The premises should be available for possession immediately or within one month from the date of acceptance of the offer. Interested parties are requested to download the details from our website www.sbimf.com available under 'Downloads - Tenders' and submit offers having premises in those areas only. The last date of receipt / submit of offer in the prescribed formats is **November 20, 2023 at 4 P.M.** The Company reserves the right to reject any or all the proposals without assigning any reasons thereof.

**SBI FUNDS MANAGEMENT LIMITED**

**SBI Funds Management Limited**
(A Joint Venture between SBI & AMUNDI)
(CIN: U65990MH1992PLC065289)
9th Floor, Crescenzo, C-38 & 39, G Block, Bandra-Kurla Complex, Bandra (E), Mumbai – 400 051.



नालको NALCO
A NAVRATNA COMPANY

**National Aluminium Company Limited**
(A Government of India Enterprise)
NALCO Bhawan, P/1, Nayapalli,
Bhubaneswar-751 013, Odisha, India
CIN : L27203OR1981GOI000920

Bauxite Mining Aluminium Smelter Alumina Refinery Renewable Energy Power Generation

NALCO: EMPOWERING PROGRESS, NURTURING EXCELLENCE

**Extracts of Financial Results for the Quarter and Six Months ended September 30, 2023**

(₹ in Crore)

| Sl. No. | Particulars | Standalone | | | | | | Consolidated | | | | | |
|---|---|---|---|---|---|---|---|---|---|---|---|---|---|
| | | Quarter Ended | | | Six Months Ended | | Year Ended | Quarter Ended | | | Six Months Ended | | Year Ended |
| | | 30/09/2023 (Unaudited) | 30/06/2023 (Unaudited) | 30/09/2022 (Unaudited) | 30/09/2023 (Unaudited) | 30/09/2022 (Unaudited) | 31/03/2023 (Audited) | 30/09/2023 (Unaudited) | 30/06/2023 (Unaudited) | 30/09/2022 (Unaudited) | 30/09/2023 (Unaudited) | 30/09/2022 (Unaudited) | 31/03/2023 (Audited) |
| 1. | Total Income from Operations | 3,043.42 | 3,178.36 | 3,491.66 | 6,221.78 | 7,286.81 | 14,254.86 | 3,043.42 | 3,178.36 | 3,491.66 | 6,221.78 | 7,286.81 | 14,254.86 |
| 2. | Net Profit/(Loss) for the period (before Tax, Exceptional and /or Extraordinary items) | 274.97 | 470.91 | 245.88 | 745.88 | 1,023.93 | 1,954.99 | 274.97 | 470.91 | 245.88 | 745.88 | 1,023.93 | 1,954.99 |
| 3. | Net Profit/(Loss) for the period before Tax (after Exceptional and/or Extraordinary items) | 274.97 | 470.91 | 245.88 | 745.88 | 1,023.93 | 1,954.99 | 256.06 | 455.28 | 201.19 | 711.34 | 958.51 | 1,845.16 |
| 4. | Net Profit/(Loss) for the period after Tax ( after Exceptional and/or Extraordinary items) | 206.26 | 349.39 | 170.12 | 555.65 | 748.76 | 1,544.49 | 187.35 | 333.76 | 125.43 | 521.11 | 683.34 | 1,434.66 |
| 5. | Total Comprehensive Income for the period Comprising Profit/Loss for the period (after tax) and other Comprehensive Income (after tax) | 196.80 | 357.11 | 194.35 | 553.91 | 771.31 | 1,602.14 | 177.89 | 341.48 | 149.66 | 519.37 | 705.89 | 1,492.31 |
| 6. | Equity Share Capital | 918.32 | 918.32 | 918.32 | 918.32 | 918.32 | 918.32 | 918.32 | 918.32 | 918.32 | 918.32 | 918.32 | 918.32 |
| 7. | Reserves (excluding Revaluation Reserve) as shown in the Audited Balance Sheet of the previous year | | | | | | 12,320.13 | | | | | | 12,208.05 |
| 8. | Earnings Per Share (before extraordinary items) (of ₹5/- each) (not annualised): | | | | | | | | | | | | |
| | 1. Basic | 1.12 | 1.90 | 0.93 | 3.03 | 4.08 | 8.41 | 1.02 | 1.82 | 0.68 | 2.84 | 3.72 | 7.81 |
| | 2. Diluted | 1.12 | 1.90 | 0.93 | 3.03 | 4.08 | 8.41 | 1.02 | 1.82 | 0.68 | 2.84 | 3.72 | 7.81 |

The above is an extract of the detailed format of Quarterly Financial Results filed with the Stock Exchanges under Regulation 33 of the SEBI ( Listing Obligations and Disclosure Requirements) Regulations, 2015. The full format of the above financial results are available on the Stock Exchange websites, www.nseindia.com and www.bseindia.com; and Company's website, www.nalcoindia.com.

**Notes :**

(1) The financial results have been reviewed and recommended by the Audit Committee and approved by the Board of Directors in their respective meeting held on 9th November, 2023. Limited review as required under Regulation 33 of the SEBI (Listing Obligations and Disclosure Requirements) Regulations, 2015 has been carried out by the Joint Statutory Auditors of the Company.

(2) Out of the four joint venture companies whose financials have been consolidated, financials of two joint venture companies M/s. Angul Aluminium Park Company Limited and M/s. Utkarsha Aluminium Dhatu Nigam Limited have been consolidated on the basis of financials as certified by the Management, the effects whereof are not material. Further, consolidated financials for the quarter ended 30th September, 2023 does not include the financials of M/s. Khanij Bidesh India Limited, the joint venture company, due to non-availability of its financials, which is not material.

(3) The Board of Directors at its meeting held on 09.11.2023 has approved interim dividend of ₹1/- per equity share (20% on face value of ₹5/- each) amounting to ₹183.66 crore for the FY 2023-24.

(4) Based on the recommendation of the Board, the shareholders of the Company has approved final dividend of ₹1/- per equity share (20% on face value of ₹5/- each) amounting to ₹183.66 crore for the FY 2022-23 at the 42nd Annual General Meeting held on 21st September, 2023 and the same was paid on 19 October, 2023.
The total dividend pay out for the FY 2022-23 is ₹4.50/- per equity share (interim dividend of ₹3.50/- per share and final dividend of ₹1/- per share) amounting to ₹826.48 crore.

(5) Figures pertaining to previous periods have been regrouped, recasted and rearranged, wherever necessary.

**Place : Bhubaneswar**
**Dated : 9th November, 2023**

**(CA Sridhar Patra)**
**Chairman-cum-Managing Director**








# ସେମି ଦୌଡ଼ରେ ନ୍ୟୁଜିଲାଣ୍ଡ ଆଗୁଆ

**ବେଙ୍ଗାଲୁରୁ,୯।୧୧**

ଅନ୍ତିମ ଲିଗ୍ ମ୍ୟାଚ୍‌ରେ ଶ୍ରୀଲଙ୍କାକୁ ୫ ଉଇକେଟରେ ପରାସ୍ତ କରିବା ସହିତ ସେମି ଫାଇନାଲ ଦୌଡରେ ନିଜ ସ୍ଥାନକୁ ଅଧିକ ମଜବୁତ କରିଛି ନ୍ୟୁଜିଲାଣ୍ଡ। ଅନ୍ତିମ ମ୍ୟାଚ୍‌ରେ ବିଜୟୀ ହେବା ସହିତ ଦଳ ୯ ମ୍ୟାଚ୍‌ରୁ ୫ ବିଜୟ ସହିତ ୧୦ ପଏଣ୍ଟ ଅର୍ଜନ କରି ପଏଣ୍ଟ ଟେବୁଲର ଚତୁର୍ଥ ସ୍ଥାନରେ ରହିଛି। ତେବେ ଦଳକୁ ସେମି ଫାଇନାଲରେ ପ୍ରବେଶ କରିବାକୁ ହେଲେ ଦକ୍ଷିଣ ଆଫ୍ରିକା-ଆଫଗାନିସ୍ତାନ ଓ ପାକିସ୍ତାନ-ଇଂଲଣ୍ଡ ମ୍ୟାଚ୍‌ର ଫଳାଫଳ ଉପରେ ନିର୍ଭର କରିବାକୁ ପଡିବ। ତେବେ ନେଟ୍ ରନରେଟ୍ ଉପରେ ନଜର ଦେଲେ ନ୍ୟୁଜିଲାଣ୍ଡର ସେମି ଫାଇନାଲ ପ୍ରବେଶ ଏକ ପ୍ରକାର ନିଶ୍ଚିତ ହୋଇ ଯାଇଛି। ପ୍ରଥମେ ବୋଲିଂ କରିଥିବା ନ୍ୟୁଜିଲାଣ୍ଡ ପ୍ରତିପକ୍ଷ ଶ୍ରୀଲଙ୍କାକୁ ୧୭୧ ରନ୍‌ରେ ସୀମିତ ରଖିଥିଲା। ପରେ ୨୩.୨ ଓଭରରେ ଦଳ ୫ ଉଇକେଟ ହରାଇ ବିଜୟ ହାସଲ କରି ନେଇଥିଲା। ଏହି ବିଜୟ ସହ ନ୍ୟୁଜିଲାଣ୍ଡ ପଏଣ୍ଟ ଟେବୁଲର ଚତୁର୍ଥ ସ୍ଥାନକୁ ଉନ୍ନୀତ ହୋଇଥିବା ବେଳେ ଶ୍ରୀଲଙ୍କା ୯ ମ୍ୟାଚ୍‌ରୁ ୨ ବିଜୟ ଓ ୭ ପରାଜୟ ସହିତ ନବମ ସ୍ଥାନରେ ରହିଛି। ଏହା ସହିତ ଶ୍ରୀଲଙ୍କାର ଚାମ୍ପିୟନ୍ସ ଟ୍ରଫି ପାଇଁ ସିଧାସଳଖ ଯୋଗ୍ୟତା ହାସଲ କରିବାକୁ ନେଇ ଆଶଙ୍କା ଦେଖା ଦେଇଛି।

ଗୁରୁବାର ନ୍ୟୁଜିଲାଣ୍ଡ ଅଧିନାୟକ କେନ୍ ୱିଲିୟମସନ୍ ଟସ୍ ଜିତି ପ୍ରଥମେ ବୋଲିଂ ନେଇଥିଲେ। ଦ୍ୱିତୀୟ ଓଭରରେ ପଥୁମ୍ ନିଶଙ୍କାଙ୍କୁ ଆଉଟ କରିଥିଲେ ଟିମ୍ ସାଉଦି। ତେବେ ପଞ୍ଚମ ଓଭରରେ ୩ ବଲ ବ୍ୟବଧାନରେ ୨ ଉଇକେଟ ନେଇ ଶ୍ରୀଲଙ୍କାର ବ୍ୟାଟିଂ ମେରୁଦଣ୍ଡ ଭାଙ୍ଗି ଦେଇଥିଲେ ଟ୍ରେଣ୍ଟ ବୋଲ୍ଟ। କୁଶାଲ ପରେରା(୫୧ରନ୍)ଙ୍କ ବ୍ୟତୀତ ଟପ୍-୫ ମଧ୍ୟରେ ଜଣେ ବି ଖେଳାଳି ୨ ଅଙ୍କ ଛୁଇଁ ପାରି ନ ଥିଲେ। ଦଳୀୟ ସ୍କୋର ୭୦ ରନ୍‌ରେ ପରେରା ପଞ୍ଚମ ଖେଳାଳି ଭାବରେ ଆଉଟ ହେବା ପରେ ଶ୍ରୀଲଙ୍କା ସଙ୍କଟରେ ପଡିଥିଲା। ଶ୍ରୀଲଙ୍କା ପକ୍ଷରୁ ଟପ୍ ସ୍କୋରର ରହିଥିବା ପରେରା ୨୮ ବଲ୍ ଖେଳି ୯ ଚୌକା ଓ ୨ ଛକା ମାରିଥିଲେ। ଷଷ୍ଠ ଉଇକେଟରେ ଆଞ୍ଜେଲୋ ମାଥ୍ୟୁସ୍(୧୬) ଓ ଧନଞ୍ଜୟ ଡି ସିଲ୍‌ଭା(୧୯)ଙ୍କ ମଧ୍ୟରେ ୩୪ ରନ୍‌ର ଭାଗୀଦାରି ହୋଇଥିଲେ ମଧ୍ୟ ମାତ୍ର ୧ ରନ୍ ବ୍ୟବଧାନରେ ଉଭୟ ଖେଳାଳିଙ୍କୁ ଆଉଟ କରିଥିଲେ ମିଚେଲ୍ ସାଣ୍ଟନର। ୧୨୮ ରନ୍‌ରେ ନବମ ଉଇକେଟର ପତନ ଘଟିଥିଲେ ମଧ୍ୟ ଅନ୍ତିମ ଉଇକେଟରେ ୪୩ ରନ୍ ଯୋଡିଥିଲେ ମହୀଷ ଥିକ୍‌ସାନା(୩୮*) ଓ ଦିଲଶାନ ମଦୁଶଙ୍କା(୧୯)। ନ୍ୟୁଜିଲାଣ୍ଡ ପକ୍ଷରୁ ଟ୍ରେଣ୍ଟ ବୋଲ୍ଟ ସର୍ବାଧିକ ୩ ଉଇକେଟ ନେଇଥିବା ବେଳେ ଲୋକି ଫର୍ଗୁସନ, ମିଚେଲ ସାଣ୍ଟନର ଓ ରାଚିନ୍ ରବୀନ୍ଦ୍ର ଦୁଇଟି ଲେଖାଏ ଉଇକେଟ ନେଇଥିଲେ।

୧୭୧ ରନ୍ ଜବାବରେ ନ୍ୟୁଜିଲାଣ୍ଡର ଦୁଇ ଓପନରୁ ରାଚିନ୍ ରବୀନ୍ଦ୍ର(୪୨) ଓ ଡେଭନ୍ କନ୍‌ୱେ(୪୫) ପ୍ରଥମ ଉଇକେଟରେ ୮୬ ରନ୍ ଯୋଡିଥିଲେ। କେନ୍ ୱିଲିୟମସନ୍(୧୪), ମାର୍କ ଚାପମାନ୍(୭) ସହଜରେ ଆଉଟ ହୋଇଥିବା ବେଳେ ଡାରିଲ୍ ମିଚେଲ୍ ଦ୍ରୁତ ୪୩ ରନ୍ ସ୍କୋର କରିଥିଲେ। ଗ୍ଲେନ୍ ଫିଲିପ୍ସ ୧୭ ରନ୍‌ରେ ଅପରାଜିତ ରହିଥିବା ବେଳେ ଚୌକା ମାରି ଷ୍ଟାଇଲରେ ମ୍ୟାଚ୍ ଫିନିଶ କରିଥିଲେ। ଶ୍ରୀଲଙ୍କା ପକ୍ଷରୁ ଆଞ୍ଜେଲୋ ମାଥ୍ୟୁସ୍ ୨ ଉଇକେଟ ନେଇଥିବା ବେଳେ ଦୁଷ୍ମନ୍ତ ଚମୀରା ଓ ମହୀଷ ଥିକ୍‌ସାନା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଟ୍ରେଣ୍ଟ ବୋଲ୍ଟଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ଶ୍ରୀଲଙ୍କା ୪୬.୪ ଓଭରରେ ୧୭୧/୧୦(କୁଶାଲ ପରେରା-୫୧, ମହୀଷ ଥିକ୍‌ସାନା-୩୮*, ଧନଞ୍ଜୟ ଡି ସିଲ୍‌ଭା-୧୯, ଟ୍ରେଣ୍ଟ ବୋଲ୍ଟ-୩/୩୭, ଲୋକି ଫର୍ଗୁସନ-୨/୩୫, ମିଚେଲ ସାଣ୍ଟନର-୨/୨୨, ରାଚିନ୍ ରବୀନ୍ଦ୍ର-୨/୨୧)। ନ୍ୟୁଜିଲାଣ୍ଡ ୨୩.୨ ଓଭରରେ ୧୭୨/୫(ରାଚିନ୍ ରବୀନ୍ଦ୍ର-୪୨, ଡେଭନ୍ କନ୍‌ୱେ-୪୫, ଡାରିଲ୍ ମିଚେଲ-୪୩, ଆଞ୍ଜେଲୋ ମାଥ୍ୟୁସ୍-୨/୨୯, ଦୁଷ୍ମନ୍ତ ଚମୀରା-୧/୨୦, ମହୀଷ ଥିକ୍‌ସାନା-୧/୪୩)।



ପ୍ଲେୟର ଅଫ୍ ଦି ମ୍ୟାଚ୍ ଟ୍ରେଣ୍ଟ ବୋଲ୍ଟ।

## ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ୍‌ହାର |
|---|---|---|---|---|---|
| ଭାରତ | ୮ | ୮ | ୦ | ୧୬ | +୨.୪୫୬ |
| ଦକ୍ଷିଣ ଆଫ୍ରିକା | ୮ | ୬ | ୨ | ୧୨ | +୧.୩୭୬ |
| ଅଷ୍ଟ୍ରେଲିଆ | ୮ | ୬ | ୨ | ୧୨ | +୦.୮୬୧ |
| ନ୍ୟୁଜିଲାଣ୍ଡ | ୯ | ୫ | ୪ | ୧୦ | +୦.୭୪୩ |
| ପାକିସ୍ତାନ | ୮ | ୪ | ୪ | ୮ | +୦.୦୩୬ |
| ଆଫଗାନିସ୍ତାନ | ୮ | ୪ | ୪ | ୮ | -୦.୩୩୮ |
| ଇଂଲଣ୍ଡ | ୮ | ୨ | ୬ | ୪ | -୦.୮୮୫ |
| ବାଂଲାଦେଶ | ୮ | ୨ | ୬ | ୪ | -୧.୧୪୨ |
| ଶ୍ରୀଲଙ୍କା | ୯ | ୨ | ୭ | ୪ | -୧.୪୧୯ |
| ନେଦରଲାଣ୍ଡ୍ସ | ୮ | ୨ | ୬ | ୪ | -୧.୬୩୫ |

**ଦିନିକିଆ ବିଶ୍ୱକପ**

ICC MEN'S CRICKET WORLD CUP INDIA 2023

**(ଆଜିର ମ୍ୟାଚ)**

**ଦକ୍ଷିଣ ଆଫ୍ରିକା ବନାମ ଆଫଗାନିସ୍ତାନ**

ସ୍ଥାନ: ଅହମଦାବାଦ,
ସମୟ: ଅପରାହ୍ନ ୨ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ସଚିନଙ୍କ ରେକର୍ଡ ଭାଙ୍ଗିଲେ ରାଚିନ୍

ନ୍ୟୁଜିଲାଣ୍ଡର ଯୁବ ପ୍ରତିଭା ରାଚିନ୍ ରବୀନ୍ଦ୍ର ଭାରତୀୟ କିମ୍ବଦନ୍ତୀ କ୍ରିକେଟର ସଚିନ୍ ତେନ୍ଦୁଲକରଙ୍କ ରେକର୍ଡ ଭାଙ୍ଗିଛନ୍ତି। ୧୯୯୬ ବିଶ୍ୱକପରେ ତେନ୍ଦୁଲକର ମାତ୍ର ୨୩ ବର୍ଷ ବୟସରେ ୫୨୩ ରନ୍ ସ୍କୋର କରିଥିଲେ। ୨୫ ବର୍ଷରୁ କମ୍ ବୟସରେ କୌଣସି ବି ଖେଳାଳି ଏଭଳି କରି ନ ଥିବା ବେଳେ ଦୀର୍ଘ ୨୭ ବର୍ଷ ପରେ ଏହି ରେକର୍ଡ ଭାଙ୍ଗିଛନ୍ତି ରାଚିନ୍। ଏହି ରେକର୍ଡ ଭାଙ୍ଗିବା ପାଇଁ ୨ ରନ୍ ଆବଶ୍ୟକ ଥିବା ବେଳେ ମହୀଷ ଥିକ୍‌ସାନାଙ୍କୁ ମାରି ସେ ୨ ରନ୍ ସଂଗ୍ରହ କରିଥିଲେ। ଏହି ମ୍ୟାଚରେ ୪୩ ରନ୍ ସ୍କୋର କରିବା ସହ ପଦାର୍ପଣ ବିଶ୍ୱକପରେ ସର୍ବାଧିକ ରନ୍ କରିବାର ରେକର୍ଡ ମଧ୍ୟ ନିଜ ନାମରେ କରିଛନ୍ତି। ୨୦୧୯ ବିଶ୍ୱକପରେ ଜନି ବେୟାରଷ୍ଟୋ ୫୩୨ ରନ୍ କରିଥିବା ବେଳେ ରବୀନ୍ଦ୍ର ତାଙ୍କୁ ଅତିକ୍ରମ କରିଛନ୍ତି।



## ପାକିସ୍ତାନ, ଆଫଗାନିସ୍ତାନର ସମ୍ଭାବନା କ୍ଷୀଣ

**ବେଙ୍ଗାଲୁରୁ,୯।୧୧**

ଅନ୍ତିମ ଲିଗ୍ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ବିଜୟ ହାସଲ କରିଥିବା ବେଳେ ଆଫଗାନିସ୍ତାନ ଓ ପାକିସ୍ତାନର ସେମି ଫାଇନାଲ ପ୍ରବେଶ ଆଶା ସଙ୍କଟରେ। ନେଟ୍ ରନ୍ ରେଟ୍‌ରେ ନ୍ୟୁଜିଲାଣ୍ଡ ସକରାତ୍ମକ ସ୍ଥିତିରେ ରହିଥିବା ବେଳେ ପାକିସ୍ତାନ ଓ ଆଫଗାନିସ୍ତାନ ପାଇଁ ଜଟିଳ ସମୀକରଣ ସୃଷ୍ଟି କରିଛି। ପଞ୍ଚମ ସ୍ଥାନରେ ଥିବା ପାକିସ୍ତାନ ଅନ୍ତିମ ମ୍ୟାଚ୍‌ରେ ଇଂଲଣ୍ଡକୁ ଭେଟିବ। ଏହି ମ୍ୟାଚ୍‌ରେ ଦଳ ଯଦି ୨୮୭ ରନ୍ ଅଥବା ୩ ଓଭରରେ ବିଜୟୀ ହେଉଛି ତେବେ ଏହା ରନ୍‌ରେଟ୍‌ରେ ନ୍ୟୁଜିଲାଣ୍ଡକୁ ପଛରେ ପକାଇ ପାରିବ। ଉଦାହରଣ ସ୍ୱରୂପ ଯଦି ପାକିସ୍ତାନ ପ୍ରଥମେ ବ୍ୟାଟିଂ କରେ ତେବେ ଏହା ଯେତିକି ସ୍କୋର କରିବ ତା ଠାରୁ ୨୮୭ ରନ୍ ପଛରେ ଇଂଲଣ୍ଡକୁ ଅଟକାଇବାକୁ ହେବ। ମାତ୍ର ଯଦି ପାକିସ୍ତାନକୁ ରନ୍ ଚେଜ୍ କରିବାକୁ ପଡେ ତେବେ ଇଂଲଣ୍ଡ ଯେତିକି ରନ୍ ସ୍କୋର କରିଥିବ ଏହାକୁ ମାତ୍ର ୩ ଓଭର ମଧ୍ୟରେ ହାସଲ କରିବାକୁ ପଡିବ। ଉଭୟ ସମୀକରଣ ବର୍ତ୍ତମାନ ସ୍ଥିତିରେ ପାକିସ୍ତାନ ପାଇଁ କଷ୍ଟସାଧ୍ୟ ପରିସ୍ଥିତି ସୃଷ୍ଟି କରିଛି। ଅନ୍ୟ ପକ୍ଷରେ ଆଫଗାନିସ୍ତାନ ଯଦି ୪୩୮ ରନରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରେ ତେବେ ଯାଇ ଏହା ସେମି ଫାଇନାଲରେ ପ୍ରବେଶ କରି ପାରିବ।

## ଦକ୍ଷିଣ ଆଫ୍ରିକା ଆଗରେ ରନ୍ ଚେଜ୍ ଚ୍ୟାଲେଞ୍ଜ

**ଅହମଦାବାଦ,୯।୧୧(ପି.ଟି.)**

ଅଣ୍ଡର ଡଗ୍ ଭାବରେ ବିଶ୍ୱକପ୍‌କୁ ଆସିଥିବା ଆଫଗାନିସ୍ତାନ ଓ ସେମିଫାଇନାଲରେ ପହଞ୍ଚିସାରିଥିବା ଦକ୍ଷିଣ ଆଫ୍ରିକା ଶୁକ୍ରବାର ବିଶ୍ୱକପ୍‌ର ୪୨ ତମ ମ୍ୟାଚ୍‌ରେ ପରସ୍ପର ସମ୍ମୁଖୀନ ହେବେ। ଏହି ମ୍ୟାଚ୍‌କୁ ଜିତିବା ସହିତ ସେମିଫାଇନାଲ ଦୌଡରେ ବଜାୟ ରହିବା ପାଇଁ ଆଫଗାନିସ୍ତାନ ପ୍ରୟାସ କରିବ। ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକା ରନ୍ ପିଛା କରିବାରେ ରହିଥିବା ଦୁର୍ବଳତା ଏଡାଇବାକୁ ଚେଷ୍ଟା କରିବ। ଆଫଗାନିସ୍ତାନ ୮ ପଏଣ୍ଟ ସହିତ ପଏଣ୍ଟ ଟେବୁଲର ଷଷ୍ଠ ସ୍ଥାନରେ ରହିଛି। ତେବେ ଏହାର ନେଟ୍ ରନରେଟ୍ ନ୍ୟୁଜିଲାଣ୍ଡ ଓ ପାକିସ୍ତାନ ତୁଳନାରେ ପଛୁଆ ରହିଛି। ତେବେ ଦକ୍ଷିଣ ଆଫ୍ରିକା ଦଳର ପ୍ରମୁଖ ସମସ୍ୟା ରହିଛି ରନ ପିଛା କରିବା। ଟୁର୍ନାମେଣ୍ଟରେ ଦକ୍ଷିଣ ଆଫ୍ରିକା ସର୍ବାଧିକ ଥର ୩୦୦ ରନ୍ ସ୍କୋର କରିଥିଲେ ମଧ୍ୟ ରନ୍ ପିଛା କରିବା ସମୟରେ ଦଳ ଚାପର ବଶବର୍ତ୍ତୀ ହେଉଥିବାର ନଜର ଆସିଛି। ତେଣୁ ନକ୍‌ଆଉଟ ପୂର୍ବରୁ ଦକ୍ଷିଣ ଆଫ୍ରିକା ଏହି ସମସ୍ୟାର ସମାଧାନ କରିବାକୁ ପ୍ରୟାସ କରିବ। ପ୍ରଥମେ ବ୍ୟାଟିଂ କରିବା ସମୟରେ ଦକ୍ଷିଣ ଆଫ୍ରିକା ଯେଉଁଭଳି ପ୍ରଦର୍ଶନ କରୁଛି ରନ୍‌ର ପିଛା କରିବା ସମୟରେ ତାହା ବଜାୟ ରଖିବା ସମ୍ଭବ ହେଉନାହିଁ।

ସ୍ପିନ୍ ଆଫଗାନିସ୍ତାନର ଶକ୍ତି ହୋଇଥିଲେ ମଧ୍ୟ ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍‌ରେ ଦୁଇ ପେସ୍ ବୋଲର ନବୀନ ଉଲ୍ ହକ ଓ ଅଜମତଉଲ୍ଲା ଓମାରଜାଇ ଚମତ୍କାର ବୋଲିଂ କରିଥିଲେ। ଏହି ମ୍ୟାଚ୍ ପୂର୍ବରୁ ଦକ୍ଷିଣ ଆଫ୍ରିକା ଅଧିନାୟକ ଟେମ୍ବା ବଭୁମାଙ୍କ ଉପରେ ସାମାନ୍ୟ ଅତିରିକ୍ତ ଚାପ ରହିବ। କ୍ୱିଣ୍ଟନ୍ ଡି'କକ୍ ଚମତ୍କାର ବ୍ୟାଟିଂ ଜରିଆରେ ରନ୍‌ର ପାହାଡ ଛିଡା କରିଥିବା ବେଳେ ବଭୁମାଙ୍କ ବ୍ୟାଟ୍ ନୀରବ ରହିଛି। ମାର୍କୋ ଜାନ୍‌ସେନ୍ ଦଳର ଷ୍ଟ୍ରାଇକ୍ ବୋଲର ରହିଥିବା ବେଳେ କେଶବ ମହାରାଜ ପ୍ରଥମ ପସନ୍ଦର ସ୍ପିନର ଥିବା ବେଳେ ଟାବରେଜ୍ ସାମ୍‌ସିଙ୍କୁ ଏହି ମ୍ୟାଚ୍ ପାଇଁ ଦଳରେ ସାମିଲ କରାଯାଇପାରେ।








ଜାତୀୟ କ୍ରୀଡ଼ାରେ ଶ୍ରେଷ୍ଠ ପୁରୁଷ ଆଥଲେଟ୍ ଶ୍ରୀହରି ନଟରାଜ, ଶ୍ରେଷ୍ଠ ମହିଳା ଆଥଲେଟ ସଂଯୁକ୍ତା ପ୍ରାସେନ କାଲେ ଏବଂ ଓଭର ଅଲ ଚାମ୍ପିୟନ ମହାରାଷ୍ଟ୍ର ଦଳକୁ ପୁରସ୍କୃତ କରାଯାଉଛି।

**ଜାତୀୟ କ୍ରୀଡ଼ା ଉଦ୍‌ଯାପିତ**

# ଓଡ଼ିଶାର ପ୍ରଣତି ଯୁଗ୍ମ ଶ୍ରେଷ୍ଠ ମହିଳା ଆଥ୍‌ଲେଟ

**ପଣଜୀ, ୯।୧୧ (ପି.ଟି.)**

୩୭ତମ ଜାତୀୟ କ୍ରୀଡ଼ା ପ୍ରତିଯୋଗିତା ଏଠାରେ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଅନ୍ତିମ ଦିବସରେ ଟେବୁଲ ଟପ୍ପର ମହାରାଷ୍ଟ୍ରକୁ ଯୋଗାସନରେ ୩ ସ୍ୱର୍ଣ୍ଣ ପଦକ ଏବଂ ଅନ୍ୟ ଗୋଟିଏ ଶୁଟିଂରୁ ମିଳିଛି। ଏଥିସହିତ ଏହି ରାଜ୍ୟ ୧୯୯୪ ପରେ ପ୍ରଥମ ଥର ପଦକ ତାଲିକାର ଶୀର୍ଷରେ ରହି ଓଭର ଅଲ୍ ଚାମ୍ପିୟନ ଭାବେ ରାଜା ଭାଲିନ୍ଦ୍ର ସିଂ ରୋଲିଂ ଟ୍ରଫି ହାସଲ କରିଛି। ମହାରାଷ୍ଟ୍ର ୮୦ ସ୍ୱର୍ଣ୍ଣ, ୬୯ ରୌପ୍ୟ ଓ ୭୯ ବ୍ରୋଞ୍ଜ ସହ ମୋଟ ୨୨୮ ପଦକ ହାସଲ କରିଛି। ଅନ୍ୟପକ୍ଷରେ ୨୦୦୭ରେ ଗୁଆହାଟୀ ସଂସ୍କରଣ ପରଠାରୁ ଏପର୍ଯ୍ୟନ୍ତ ଶୀର୍ଷରେ ରହି ଆସିଥିବା ସର୍ଭିସେସ୍ ୬୬ ସ୍ୱର୍ଣ୍ଣ, ୨୭ ରୌପ୍ୟ ଓ ୩୩ ବ୍ରୋଞ୍ଜ ସହ ଦ୍ୱିତୀୟ ସ୍ଥାନକୁ ଖସିଛି। ହରିୟାଣା ୬୨ ସ୍ୱର୍ଣ୍ଣ, ୫୪ ରୌପ୍ୟ ଓ ୭୩ ବ୍ରୋଞ୍ଜ ସହ ତୃତୀୟ ହୋଇଥିବା ବେଳେ ମଧ୍ୟପ୍ରଦେଶ ଓ କେରଳ ଯଥାକ୍ରମେ ଚତୁର୍ଥ ଓ ପଞ୍ଚମ ହୋଇଛନ୍ତି। ଆୟୋଜକ ଗୋଆ ଏହାର ଶ୍ରେଷ୍ଠ ପ୍ରଦର୍ଶନ ସହ ୨୭ସ୍ୱର୍ଣ୍ଣ ସମେତ ୯୨ ପଦକ ଜିତି ୯ମ ସ୍ଥାନ ଅଧିକାର କରିଛି। କର୍ନାଟକ ସୁଇମର ଶ୍ରୀହରି ନଟରାଜ (୮ ସ୍ୱର୍ଣ୍ଣ, ୧ ରୌପ୍ୟ ଓ ୧ ବ୍ରୋଞ୍ଜ) ଶ୍ରେଷ୍ଠ ପୁରୁଷ ଆଥଲେଟ ବିବେଚିତ ହୋଇଥିବା ବେଳେ ଜିମ୍ନାଷ୍ଟ ସଂଯୁକ୍ତା ପ୍ରାସେନ କାଲେ ଓ ଓଡ଼ିଶାର ପ୍ରଣତି ନାୟକ (ପ୍ରତ୍ୟେକ ୪ ସ୍ୱର୍ଣ୍ଣ ଓ ୧ ରୌପ୍ୟ) ଜାତୀୟ କ୍ରୀଡ଼ାର ଶ୍ରେଷ୍ଠ ମହିଳା ଆଥଲେଟ ବିବେଚିତ ହୋଇଛନ୍ତି। ଏହି ଚାମ୍ପିୟନଶିପ୍‌ରେ ୪୨ଟି କ୍ରୀଡ଼ା ବିଭାଗରେ ପ୍ରାୟ ୧୧,୦୦୦ ଖେଳାଳି ଭାଗ ନେଇଥିଲେ। ଅନ୍ତିମ



ଉଦ୍‌ଯାପନୀ ଉତ୍ସବରେ ଅନୁଷ୍ଠିତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ।

### ପଦକ ତାଲିକା ଶୀର୍ଷରେ ମହାରାଷ୍ଟ୍ର

ଦିବସରେ ୧୨ଟି ସ୍ୱର୍ଣ୍ଣ ପଦକ ପାଇଁ ପ୍ରତିଯୋଗିତା ହୋଇଥିଲା। ମାତ୍ର ଏହା ପୂର୍ବରୁ ମହାରାଷ୍ଟ୍ର ପ୍ରଥମ ସ୍ଥାନ ଅଧିକାର କରିସାରିଥିଲା। ଡକ୍ଟର ଶ୍ୟାମ ପ୍ରସାଦ ମୁଖାର୍ଜୀ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମାନ୍ୟବର ଉପରାଷ୍ଟ୍ରପତି ଜଗଦୀପ ଧନକର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଜାତୀୟକ୍ରୀଡ଼ାର ପରବର୍ତ୍ତୀ ସଂସ୍କରଣ ଆୟୋଜକ ଉତ୍ତରାଖଣ୍ଡକୁ ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ପତାକା ହସ୍ତାନ୍ତର କରାଯାଇଥିଲା। ସେହି ରାଜ୍ୟର କ୍ରୀଡ଼ା ମନ୍ତ୍ରୀ ରେଖା ଆର୍ଯ୍ୟା ତାହା ଗ୍ରହଣ କରିଥିଲେ। ଉଦ୍‌ଯାପନନୀ ଉତ୍ସବରେ ଯୋଗଦେଇଥିବା ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷଙ୍କ ମଧ୍ୟରେ ଗୋଆ ରାଜ୍ୟପାଳ ଜି. ଶ୍ରୀଧରନ ପିଲାଇ, ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ,ରାଜ୍ୟ ବନ୍ଦର ବିଭାଗ ମନ୍ତ୍ରୀ ଶ୍ରୀପଦ ନାୟକ, ଆଇଓଏ ସଭାପତିତଥା ରାଜ୍ୟ ସଭା ଏମ୍‌ପି ପି.ଟି. ଉଷା ଏବଂ ଗୋଆ କ୍ରୀଡ଼ାମନ୍ତ୍ରୀ ଗୋବିନ୍ଦ ଗୌଡେ ପ୍ରମୁଖ ଉପସ୍ଥିତ ଥିଲେ।




## ରାଜ୍ୟସ୍ତରୀୟ କ୍ୟାରମ ୨୪ରୁ

**ଭୁବନେଶ୍ୱର, ୯।୧୧ (ବିଜୟ ରଣା)**

ଚଳିତମାସ ୨୪ରୁ ୨୮ ପର୍ଯ୍ୟନ୍ତ ପୁରୁଣା ଭୁବନେଶ୍ୱରସ୍ଥିତ ଗଙ୍ଗାଯମୁନା ଉନ୍ନୟନ ପରିଷଦ ଆନୁକୂଲ୍ୟରେ ଭୁବନେଶ୍ୱର ଜିଲା କ୍ୟାରମ ସଂଘ ସହଯୋଗରେ ଏକ ରାଜ୍ୟସ୍ତରୀୟ କ୍ୟାରମ୍ ପ୍ରତିଯୋଗିତା ଆୟୋଜନ ସ୍ଥିରୀକୃତ ହୋଇଛି। ଏଥିରେ ରାଜ୍ୟ କ୍ୟାରମ୍ ସଂଘର ମାନ୍ୟତାପ୍ରାପ୍ତ ଜିଲାସ୍ତରୀୟ ଖେଳାଳିମାନେ ଭାଗ ନେଇପାରିବେ। ଏହି ପ୍ରତିଯୋଗିତାରେ ଦଳଗତ ପୁରୁଷ ସିଙ୍ଗଲ୍ସ, ବୟସ୍କ ସିଙ୍ଗଲ୍ସ, ମହିଳା ସିଙ୍ଗଲ୍ସ ମିଳିତ ଇଭେଣ୍ଟ ଅନୁଷ୍ଠିତ ହେବ ବୋଲି ରାଜ୍ୟ କ୍ୟାରମ୍ ସମ୍ପାଦକ ଶେଖ୍ ଅବ୍ଦୁଲ୍ଲା ଏକ ପ୍ରେସ୍ ଇସ୍ତାହାର ଜରିଆରେ ଜଣାଇଛନ୍ତି।

# ଓଡ଼ିଶାରେ ହେବ ଖୋ ଖୋ ଏଚ୍‌ପିସି


ଏମ୍‌ଓୟୁ ସ୍ୱାକ୍ଷର ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଏଏମ୍‌ଏନ୍‌ଏସ୍ ପ୍ରତିନିଧି କେଇଜି କୁବୋଟା ଓ ଅନ୍ୟମାନେ।

## ଆର୍ସେଲର ମିତ୍ତଲ ସହ ମୁଖ୍ୟମନ୍ତ୍ରୀଙ୍କ ଏମ୍‌ଓୟୁ ସ୍ୱାକ୍ଷର

**ଭୁବନେଶ୍ୱର,୯।୧୧ (ସରୋଜ ଜେନା)**

ରାଜ୍ୟରେ ଖୋ ଖୋ ହାଇ ପର୍ଫମାନ୍ସ ସେଣ୍ଟର ଖୋଲିବା ପାଇଁ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଏକ ଏମ୍‌ଓୟୁ ସ୍ୱାକ୍ଷର କରିଛନ୍ତି। ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ (ଏଏମ୍‌ଏନ୍‌ଏସ୍) ସହ ଏହି ଚୁକ୍ତି ସ୍ୱାକ୍ଷର କରାଯାଇଛି। ଏଏମ୍‌ଏନ୍‌ଏସ୍ ସହଯୋଗରେ ରାଜ୍ୟରେ ଏକ ଏଚ୍‌ପିସି ଖୋଲାଯିବା ଦ୍ୱାରା ଏହି ସ୍ୱଦେଶୀ ଖେଳକୁ ରାଜ୍ୟ ସରକାର ପ୍ରୋତ୍ସାହନ ଦେବାକୁ ଚାହୁଁଛନ୍ତି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଓଡ଼ିଶା ସରକାରଙ୍କ ୫ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ ଭି. କାର୍ତ୍ତିକେୟନ୍ ପାଣ୍ଡିଆନ, କ୍ରୀଡା ଓ ଯୁବସେବା ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା ଓ କ୍ରୀଡା ସଚିବ ଆର. ଭିନିଲ କ୍ରିଷ୍ଣା ଏହି ଏମ୍‌ଓୟୁ ସ୍ୱାକ୍ଷର ସମୟରେ ଉପସ୍ଥିତ ଥିଲେ। ଏଏମ୍‌ଏନ୍‌ଏସ୍ ପକ୍ଷରୁ କେଇଜି କୁବୋଟା ଓ ସୁପର୍ଣ୍ଣା ନନ୍ଦ ଉପସ୍ଥିତ ରହି ସରକାରଙ୍କ ସହ ଏମ୍‌ଓୟୁ ସ୍ୱାକ୍ଷର କରିଥିଲେ।

ଏହି ଚୁକ୍ତି ଅନୁସାରେ ହାଇ ପର୍ଫମାନ୍ସ ସେଣ୍ଟର ପାଇଁ ଆବଶ୍ୟକ ଭିତ୍ତିଭୂମି ଓଡ଼ିଶା ସରକାର ପ୍ରଦାନ କରିବେ। ଅନ୍ୟ ପକ୍ଷରେ ଅଭିଜ୍ଞ କୋଚ୍ ପ୍ରଦାନ କରି ଖୋ ଖୋ ପ୍ରତିଭାଙ୍କ ଉନ୍ନତି ଦାୟିତ୍ୱ ଏଏମ୍‌ଏନ୍‌ଏସ୍ ଉପରେ ନ୍ୟସ୍ତ ରହିବ। ପୂର୍ବରୁ କଳିଙ୍ଗ ଷ୍ଟାଡିୟମରେ ଏକାଧିକ ଏଚ୍‌ପିସି ସ୍ଥାପନ କରିବା ସହିତ କ୍ରୀଡାର ଉନ୍ନତି ପାଇଁ ବ୍ୟବସ୍ଥା କରାଯାଇଛି। ଏପରି ସ୍ଥିତିରେ ଏକ ଖୋ ଖୋ ଏଚ୍‌ପିସି ରାଜ୍ୟରେ କ୍ରୀଡା ଇକୋସିଷ୍ଟମକୁ ଆହୁରି ସଙ୍ଗଠିତ କରିବ। ପୂର୍ବରୁ କର୍ପୋରେଟ୍ ହାଉସ୍ ଓ ରାଜ୍ୟ ସରକାରଙ୍କ ସହଯୋଗରେ ହକି, ଫୁଟବଲ୍,ସନ୍ତରଣ, ଆଥଲେଟିକ୍ସ, ଜିମ୍ନାଷ୍ଟିକ, ଶୁଟିଂ ଓ ଭାରୋତ୍ତୋଳନ ଆଦି ଖେଳରେ ଅନେକ ପ୍ରତିଭା ସାମ୍ନାକୁ ଆସିଥିବା ବେଳେ ବର୍ତ୍ତମାନ ସ୍ୱଦେଶୀ କ୍ରୀଡା ଖୋ ଖୋ ମଧ୍ୟ ଏହି ତାଲିକାରେ ସାମିଲ ହେବାକୁ ଯାଉଛି। ଏହା ପୂର୍ବରୁ ଏଏମ୍‌ଏନ୍‌ଏସ୍ ସହଯୋଗରେ ଅଲ୍ଟିମେଟ୍ ଖୋ ଖୋ ଲିଗ୍ ଆରମ୍ଭ ହୋଇଥିଲା। ପ୍ରଥମ ସଂସ୍କରଣରେ ଓଡ଼ିଶା ଜଗରନଟ୍ସ ଏଥିରେ ଚାମ୍ପିୟନ ମଧ୍ୟ ହୋଇଥିଲା। ଏହା ବ୍ୟତୀତ ଏଏମ୍‌ଏନ୍‌ଏସ୍ ଓ ଓଡ଼ିଶା ସରକାର ମିଳିତ ଭାବରେ ଜିମ୍ନାଷ୍ଟିକ୍ସ ଏଚ୍‌ପିସି ସ୍ଥାପନ କରିଥିଲେ। ନିକଟରେ ୩୭ତମ ଜାତୀୟ କ୍ରୀଡାରେ ଓଡ଼ିଶାର ଜିମ୍ନାଷ୍ଟ ମାନେ ୪ ସ୍ୱର୍ଣ୍ଣ ଓ ୪ ରୌପ୍ୟ ପଦକ ସହ ୮ ପଦକ ଜିତିଥିଲେ।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ନଭେମ୍ବର ୧୦/୨୦୨୩ (୧୨+୮=୨୦ ପୃଷ୍ଠା) Bhubaneswar, Friday, November 10/2023 Page 20 ₹ 7.00





## ପାକ୍ ଗୁଳିରେ ଯବାନ ଶହୀଦ

ଅନ୍ତର୍ଜାତୀୟ ସୀମାରେଖା ସେପଟୁ ପାକିସ୍ତାନୀ ରେଞ୍ଜରମାନଙ୍କ ଗୁଳିମାଡ଼ରେ ବିଏସ୍‌ଏଫ୍‌ର ଜଣେ ହେଡ୍ କନ୍‌ଷ୍ଟେବଲ ଶହୀଦ ହୋଇଛନ୍ତି। ହେଡ୍ କନ୍‌ଷ୍ଟେବଲ ଲାଲ୍ ଫାମ୍ କିମା ଗୁଳିମାଡ଼ରେ ଆହତ ହେବା ପରେ ତାଙ୍କୁ ପ୍ରଥମେ ସ୍ଥାନୀୟ ହସ୍ପିଟାଲ ଓ ପରେ ଜମ୍ମୁର ଜିଏମ୍‌ସି ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ୫୦ ବର୍ଷୀୟ କିମାଙ୍କ ଘର ମିଜୋରାମ୍‌ର ଐଜ୍ୱଲରେ। ରାମଗଡ଼ ସେକ୍ଟରରେ ବୁଧବାର ବିଳମ୍ବିତ ରାତିରେ ପାକ୍ ରେଞ୍ଜରମାନେ ଗୁଳି ଚଳାଇବାରୁ ବିଏସ୍‌ଏଫ୍ ଏହାର ଜବାବ ଦେଇଥିଲା।

# ସବୁ ଜୀବନର ମୂଲ୍ୟ ସମାନ

## ପ୍ୟାରିସ୍‌ରେ ଗାଜା ସହାୟତା ସମ୍ମିଳନୀ

- ୫୦ ପାଶ୍ଚାତ୍ୟ ଓ ଆରବୀୟ ରାଷ୍ଟ୍ର ସାମିଲ
- ଯୁଦ୍ଧବିରତି ପାଇଁ ମାକ୍ରଁଙ୍କ ଆହ୍ୱାନ

ପ୍ୟାରିସ୍,୯।୧୧

ଗାଜାରେ ଇସ୍ରାଏଲ ଏବଂ ପାଲେଷ୍ଟିନୀୟ ସଶସ୍ତ୍ର ଗୋଷ୍ଠୀ ହମାସ୍ ମଧ୍ୟରେ ମାସାଧିକ କାଳ ଧରି ଚାଲିଥିବା ଯୁଦ୍ଧର ଅନ୍ତ ଘଟାଇବା ପାଇଁ ଫ୍ରାନ୍ସ ରାଷ୍ଟ୍ରପତି ଇମାନ୍ୱେଲ ମାକ୍ରଁ ଆହ୍ୱାନ ଦେଇଛନ୍ତି। ସମସ୍ତଙ୍କ ଜୀବନର ମୂଲ୍ୟ ସମାନ କହି ଗାଜାବାସୀଙ୍କୁ ତୁରନ୍ତ ମାନବୀୟ ସହାୟତା ଯୋଗାଯିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି।

ଯୁଦ୍ଧ ପ୍ରଭାବିତ ଗାଜାକୁ ସହାୟତା ଏବଂ ସେଠାକାର ନିରସ୍ତ୍ର ଜନତାଙ୍କୁ ସୁରକ୍ଷା ଦେବା ପାଇଁ ଇସ୍ରାଏଲକୁ ବୁଝାଇବା ସକାଶେ ଗୁରୁବାର ପ୍ୟାରିସ୍‌ରେ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜାତିସଂଘ, ଆମେରିକା, ୟୁରୋପୀୟ ସଂଘ (ଇୟୁ) ସମେତ ଜୋର୍ଡାନ, ଇଜିପ୍ଟ ଓ ଉପସାଗରୀୟ ଦେଶଗୁଡ଼ିକର ପ୍ରତିନିଧି ଏଥିରେ ଯୋଗଦେଇଛନ୍ତି। ଇସ୍ରାଏଲକୁ ନିମନ୍ତ୍ରଣ କରାଯାଇ ନାହିଁ। ସମ୍ମିଳନୀକୁ ସମ୍ବୋଧିତ କରି ରାଷ୍ଟ୍ରପତି ମାକ୍ରଁ କହିଛନ୍ତି, ଇସ୍ରାଏଲୀ ସୈନ୍ୟ ହମାସ୍ ବିରୋଧୀ ଅଭିଯାନରେ ଗାଜା ଷ୍ଟ୍ରିପ୍ ଉପରେ ରକେଟ୍ ମାଡ଼ ଜାରି ରଖିଥିବାବେଳେ ସେଠାକାର ନାଗରିକଙ୍କୁ ଜରୁରୀ ମାନବୀୟ ସହାୟତା ଦିଆଯିବା ଆବଶ୍ୟକ। ସବୁ ଜୀବନର ସମାନ ମୂଲ୍ୟ ରହିଛି। ସାର୍ବଜନୀନ ଓ ମାନବୀୟ ମୂଲ୍ୟବୋଧକୁ ନେଇ ଯେଉଁମାନେ ଆମ ସହ ଅଛନ୍ତି, ସେମାନଙ୍କ ପାଇଁ କୌଣସି ପ୍ରକାର ଦୋମୁହାଁ ନୀତି ରହିବ ନାହିଁ। ବିନା ନିୟମରେ ଆତଙ୍କବାଦ ବିରୋଧରେ ଲଢ଼େଇକୁ ଆଗକୁ ନିଆଯାଇପାରିବ ନାହିଁ। ଏକଥା ଇସ୍ରାଏଲକୁ ଜଣାଅଛି। ଆମ ସମସ୍ତଙ୍କ ପାଇଁ ଆତଙ୍କବାଦର ଜାଲ ସମାନ ବୋଲି ମାକ୍ରଁ ପ୍ରକାଶ କରିଥିବା ତାଙ୍କ ଅଫିସ୍ ସୂତ୍ରରୁ ପ୍ରକାଶ।


ଇମାନ୍ୱେଲ ମାକ୍ରଁ

ଅକ୍ଟୋବର ୭ରେ ଯୁଦ୍ଧ ଆରମ୍ଭ ହେବା ପରଠୁ ୧.୫ ନିୟୁତ ଲୋକ ବା ଗାଜା ଜନସଂଖ୍ୟାର ପ୍ରାୟ ୭୦% ଗଣପଳାୟନ କଲେଣି। ପାଲେଷ୍ଟିନୀୟ ଅଞ୍ଚଳରେ ଏହି ସଙ୍କଟର ସମାଧାନ ନିମନ୍ତେ ୧.୨ ବିଲିୟନ୍ ଆମେରିକୀୟ ଡଲାର ସହାୟତା ଆବଶ୍ୟକ। ଦୁଇ-ରାଷ୍ଟ୍ର ସମାଧାନ ସୂତ୍ର ଆପଣାଇ ମଧ୍ୟପ୍ରାଚ୍ୟକୁ ଶାନ୍ତି ଫେରାଇ ଆଣିବା ପାଇଁ କୂଟନୈତିକ ଉଦ୍ୟମ ଲୋଡ଼ା। ପାଲେଷ୍ଟାଇନ୍ ପ୍ରଧାନମନ୍ତ୍ରୀ ମୋହାମଦ ଶତାୟେହ ଏଥିରେ ଯୋଗଦେଇ ଯୁଦ୍ଧରେ ପୂର୍ଣ୍ଣଚ୍ଛେଦ ପକାଇବାକୁ ଅନ୍ତର୍ଜାତୀୟ ସମୁଦାୟକୁ ଅନୁରୋଧ କରିଛନ୍ତି। ଆଉ କେତେ ପାଲେଷ୍ଟିନୀୟ ନିହତ ହେଲେ ଯୁଦ୍ଧ ଶେଷ ହେବ ବୋଲି ସେ ପ୍ରଶ୍ନ କରିଛନ୍ତି।

## ଦିନକୁ ୪ ଘଣ୍ଟା ଅସ୍ତ୍ରବିରତି

ୱାଶିଂଟନ୍,୯।୧୧

ଗାଜାର ଉତ୍ତର ଭାଗରେ ଗୁରୁବାରଠାରୁ ଦିନକୁ ୪ ଘଣ୍ଟା ଅସ୍ତ୍ରବିରତି ପାଇଁ ଇସ୍ରାଏଲ ରାଜି ହୋଇଥିବା ହ୍ୱାଇଟ୍ ହାଉସ୍ କହିଛି। ଯୁଦ୍ଧ ପ୍ରଭାବିତ ଅଞ୍ଚଳରୁ ପାଲେଷ୍ଟିନୀୟମାନଙ୍କୁ ପଳାୟନ ସୁଯୋଗ ଦେବା ଲାଗି ଏହି ମଧ୍ୟମପନ୍ଥା ବାହାର କରାଯାଇଥିବା ବାଇଡେନ୍ ପ୍ରଶାସନ କହିଛି। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ସୋମବାର ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କୁ ଫୋନ୍ କରି ଅନ୍ୟୁନ ୩ ଦିନ ପାଇଁ ଯୁଦ୍ଧ ବନ୍ଦ ପ୍ରସ୍ତାବ ଦେଇଥିଲେ। କିନ୍ତୁ ହମାସ୍ ସମସ୍ତ ୨୩୯ ପଣବନ୍ଦୀଙ୍କୁ ନ ଛାଡ଼ିବା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଅସ୍ତ୍ରବିରତି ଅସମ୍ଭବ ବୋଲି ନେତାନ୍ୟାହୁ କହିଥିଲେ।

## ସଂକ୍ଷେପରେ

### ମଣିପୁରରୁ ମିଳିଲା ୨ ମୃତଦେହ

ଇମ୍ଫାଲ,୯।୧୧(ପି.ଟି.)

ମଣିପୁରର ଇମ୍ଫାଲ ଇଷ୍ଟ ଏବଂ ଇମ୍ଫାଲ ୱେଷ୍ଟ ଜିଲାରୁ ଜଣେ ମହିଳାଙ୍କ ସମେତ ୨ ଜଣଙ୍କ ଗୁଳିବିଦ୍ଧ ମୃତଦେହ ମିଳିଛି। ବୁଧବାର ଇମ୍ଫାଲ ୱେଷ୍ଟ ଜିଲାର ତାଇରେନ୍‌ପୋକ୍‌ପି ଅଞ୍ଚଳରୁ ମଧ୍ୟବୟସ୍କ ମହିଳାଙ୍କ ମୃତଦେହ ମିଳିଥିଲା। ତାଙ୍କ ମୁଣ୍ଡରେ ଗୁଳି ବାଜିଥିବା ପୋଲିସ କହିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ସେହିପରି ଇମ୍ଫାଲ ଇଷ୍ଟ ଜିଲାର ତାଖୋକ୍ ମପାଲ ମାଖା ଅଞ୍ଚଳରୁ ମଙ୍ଗଳବାର ବିଳମ୍ବିତ ରାତିରେ ଜଣେ ୪୦ ବର୍ଷୀୟଙ୍କ ମୃତଦେହ ମିଳିଥିଲା। ତାଙ୍କର ୨ ହାତ ପଛପଟୁ ବନ୍ଧାଯାଇ ମୁଣ୍ଡକୁ ଗୁଳି କରାଯାଇଥିଲା। ପୋଲିସ ମାମଲା ରୁଜୁକରି ତଦନ୍ତ କରୁଛି। ନିକଟରେ କାଙ୍ଗଚୁପ୍ ପାର୍ବତ୍ୟାଞ୍ଚଳରୁ ୪ ଜଣଙ୍କୁ ଅଜଣା ଲୋକ ଅପହରଣ କରିନେଇଥିଲେ। ମୃତ ମହିଳା ଅପହୃତମାନଙ୍କ ମଧ୍ୟରୁ ଅନ୍ୟତମ ବୋଲି ବିଶ୍ୱାସ କରାଯାଉଛି। ଗତ ମେ' ମାସରୁ ମଣିପୁରରେ ଜାତିଆଣ ହିଂସା ଲାଗିରହି ୨୦୦ରୁ ଅଧିକ ଲୋକଙ୍କ ଜୀବନ ଯିବା ସହ ହଜାର ହଜାର ଲୋକେ ଘରଦ୍ୱାର ଛାଡ଼ି ପଳାଇଯାଇଛନ୍ତି। ହିଂସାକାଣ୍ଡରେ ପ୍ରଭାବିତ ହୋଇ ନ ଥିବା ୪ଟି ପାର୍ବତ୍ୟାଞ୍ଚଳ ଜିଲା ସଦର ମହକୁମାରୁ ରାଜ୍ୟ ସରକାର ମୋବାଇଲ ଇଣ୍ଟରନେଟ୍ ବ୍ୟାନ୍ ପ୍ରତ୍ୟାହାର କରିନେଇଛନ୍ତି। ସେହି ଜିଲାଗୁଡ଼ିକ ହେଲେ ନାଗା ବହୁଳ ଉଖ୍ରୁଲ, ସେନାପତି, ଚାଣ୍ଡେଲ ଏବଂ ତାମେଙ୍ଗଲୋଙ୍ଗ।

### ଆମେରିକାରେ ଭାରତୀୟ ଛାତ୍ରଙ୍କୁ ଛୁରିଭୁସି ହତ୍ୟା

ନୂଆଦିଲ୍ଲୀ,୯।୧୧

ଆମେରିକାର ଇଣ୍ଡିଆନା ରାଜ୍ୟରେ ଜଣେ ୨୪ ବର୍ଷୀୟ ଭାରତୀୟ ଛାତ୍ରଙ୍କୁ ଗତ ମାସ ୨୯ରେ ଛୁରିରେ ଆକ୍ରମଣ କରାଯାଇଥିଲା। ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବରୁଣ ରାଜ ପୁଚା ନାମକ ଏହି ଛାତ୍ରଙ୍କର ବୁଧବାର ମୃତ୍ୟୁ ଘଟିଛି। ବରୁଣ ଭଲ୍‌ପାରାଇସୋ ୟୁନିଭର୍ସିଟିର କମ୍ପ୍ୟୁଟର ସାଇନ୍ସ ଛାତ୍ର। ସେ ଏକ ଫିଟ୍‌ନେସ୍ ସେଣ୍ଟର ଯାଇଥିବାବେଳେ ଜୋର୍ଡାନ୍ ଆଣ୍ଡାଡେ ନାମକ ଜଣେ ଯୁବକ ତାଙ୍କୁ ଛୁରାମାଡ଼ କରିଥିଲେ ବୋଲି ପୋଲିସ କହିଛି। ବରୁଣ ତାଙ୍କୁ ହତ୍ୟା କରିବାକୁ ଆସିଥିଲେ ବୋଲି ଜୋର୍ଡାନ ପୋଲିସକୁ କହିଛନ୍ତି। ସେ ବରୁଣଙ୍କୁ ପୂର୍ବରୁ ଜାଣି ନ ଥିଲେ। ଜିମ୍‌ରେ ତାଙ୍କୁ ଦେଖିବା ପରେ ଅଜବ ଲାଗିଥିଲା ଓ ସେ ଭୟ ଅନୁଭବ କରି ପ୍ରତିକ୍ରିୟା ଦେଖାଇଥିଲେ ବୋଲି କହିଛନ୍ତି।

### କେଜ୍‌ରିୱାଲଙ୍କ ରିଭ୍ୟୁ ପିଟିଶନ ହାଇକୋର୍ଟରେ ଖାରଜ

#### ମୋଦିଙ୍କ ଡିଗ୍ରୀ ବିବାଦ

ଅହମଦାବାଦ,୯।୧୧

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶିକ୍ଷାଗତ ଡିଗ୍ରୀକୁ ନେଇ ବିବାଦ ଦେଖାଦେଇଥିବାବେଳେ ଏହା ଉପରେ ପୂର୍ବ ରାୟର ସମୀକ୍ଷା କରିବା ଲାଗି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଦାଏର କରିଥିବା ରିଭ୍ୟୁ ପିଟିଶନ୍‌କୁ ଗୁଜରାଟ ହାଇକୋର୍ଟ ଖାରଜ କରିଦେଇଛନ୍ତି। ପୂର୍ବରୁ କେନ୍ଦ୍ରୀୟ ସୂଚନା ଆୟୋଗ (ସିଆଇସି) ପ୍ରଧାନମନ୍ତ୍ରୀଙ୍କ ଡିଗ୍ରୀ ସମ୍ପର୍କରେ ତଥ୍ୟ ଦେବା ପାଇଁ ଗୁଜରାଟ ବିଶ୍ୱବିଦ୍ୟାଳୟକୁ ନିର୍ଦ୍ଦେଶ ଦେଇଥିବାବେଳେ ହାଇକୋର୍ଟ ଏହାକୁ ଖାରଜ କରିଥିଲେ। ସିଆଇସିଙ୍କ ନିର୍ଦ୍ଦେଶନାମା ବିରୋଧରେ ଗୁଜରାଟ ବିଶ୍ୱବିଦ୍ୟାଳୟର ଅପିଲ୍‌କୁ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ବୀରେନ୍ ବୈଷ୍ଣବ ଗତ ମାର୍ଚ୍ଚରେ ଗିରଫ କରିଥିଲେ।

## ୱାଶିଂଟନ୍ ପୋଷ୍ଟରେ ବିବାଦୀୟ କାର୍ଟୁନ 'ହମାସ୍'

ୱାଶିଂଟନ୍,୯।୧୧

ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ବ୍ୟଙ୍ଗଚିତ୍ର କରି 'ଗାର୍ଡିଆନ୍'ର ସବୁଠୁ ପୁରୁଣା କାର୍ଟୁନିଷ୍ଟ ଚାକିରିରୁ ବିଦାହେବାର କିଛି ସପ୍ତାହ ପରେ ପାଶ୍ଚାତ୍ୟର ଆଉ ଏକ ଖବରକାଗଜରେ ପ୍ରକାଶିତ ଏକ କାର୍ଟୁନ୍‌କୁ ନେଇ ଝଡ଼ ସୃଷ୍ଟି ହୋଇଛି। ଆମେରିକୀୟ ଦୈନିକ 'ୱାଶିଂଟନ୍ ପୋଷ୍ଟ'ର ଓପିନିୟନ୍ ପେଜ୍‌ରେ ଗୁରୁବାର ଏକ କାର୍ଟୁନ୍‌ରେ ପାଲେଷ୍ଟିନୀୟ ଓ ଆରବୀୟମାନଙ୍କୁ ଭୁଲ୍ ଭାବେ ଚିତ୍ରଣ କରାଯାଇଛି। ହ୍ୟୁମାନ୍ ଶିଲ୍ଡ (ମାନବ ଢାଲ) ଶୀର୍ଷକ ଉକ୍ତ ବ୍ୟଙ୍ଗଚିତ୍ରରେ କଳାରଙ୍ଗର ସୁଟ୍ ପିନ୍ଧିଥିବା ଜଣେ ବ୍ୟକ୍ତିଙ୍କ ଉପରେ ୪ ଜଣ ପିଲା ଚଢ଼ିଛନ୍ତି। ତାଙ୍କ ପଛରେ ଜଣେ ଆତଙ୍କିତ ମହିଳା ଲୁଚିଛନ୍ତି। ବ୍ୟକ୍ତିଙ୍କ ସୁଟ୍‌ରେ ଇଂଲିଶରେ ଲେଖାଅଛି 'ହମାସ୍'। ସେ କହୁଛନ୍ତି, ନାଗରିକଙ୍କୁ ଆକ୍ରମଣ କରିବାକୁ ଇସ୍ରାଏଲ ସାହସ କଲା କିପରି।

ଦୁଇଥର ପୁଲିଜର ପୁରସ୍କାର ପାଇଥିବା କାର୍ଟୁନିଷ୍ଟ ମିଖାଏଲ ରାମିରେଜଙ୍କ ଦ୍ୱାରା ଅଙ୍କିତ ଏହି ବ୍ୟଙ୍ଗଚିତ୍ରକୁ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଜର୍ନାଲିଷ୍ଟ, ଶିକ୍ଷାବିତ୍ ଓ ନିୟମିତ ପାଠକମାନେ ଏହାକୁ ମୁସଲିମ୍ ବିରୋଧୀ, ବୈଷମ୍ୟବାଦୀ ଓ ନକାରାତ୍ମକ କହି ନିନ୍ଦା କରିଛନ୍ତି। ଏହାକୁ ନେଇ ବିବାଦ ସୃଷ୍ଟି ହେବା ପରେ ୱାଶିଂଟନ୍ ପୋଷ୍ଟ ଓପିନିୟନ୍ ଏଡିଟର ଡାଭିଡ୍ ଶିପ୍ଲେ ଦୁଃଖ ପ୍ରକାଶ କରିବା ସହ କ୍ଷମା ମାଗିଛନ୍ତି।




## ଫିଲ୍ମ ସ୍କ୍ରିନିଂ ବେଳେ ଗଣ୍ଡଗୋଳ

### ଗେଲ୍ ଗେଡୋଟ୍ ଆୟୋଜନ କରିଥିଲେ

ଲସ୍ ଏଞ୍ଜେଲସ୍,୯।୧୧

ହମାସ୍‌ର ଇସ୍ରାଏଲ ଆକ୍ରମଣ କଥାବସ୍ତୁ ଉପରେ ଆଧାରିତ ଏକ ଫିଲ୍ମର ସ୍କ୍ରିନିଂ ବେଳେ ଗଣ୍ଡଗୋଳ ହୋଇଛି। ଲସ୍ ଏଞ୍ଜେଲସ୍‌ସ୍ଥିତ ପିକୋ ବୁଲେଭାର୍ଡର ମ୍ୟୁଜିୟମ୍ ଅଫ୍ ଟୋଲେରେନ୍ସରେ ବୁଧବାର ରାତିରେ ୪୩ ମିନିଟ୍ ବିଶିଷ୍ଟ 'ବିଅରିଂ ୱିଟ୍‌ନେସ୍'ର ସ୍କ୍ରିନିଂ ଚାଲିଥିବା ସମୟରେ ବାହାରେ ପୋଲିସ ଉପସ୍ଥିତିରେ ଦୁଇଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏହି ମାମଲାରେ ଅନେକ ଲୋକଙ୍କୁ ପୋଲିସ ଅଟକ ରଖିଛି। ଏହାର ଭିଡିଓ ସାମାଜିକ ଗଣମାଧ୍ୟମରେ ବହୁଳ ପ୍ରସାରିତ ହୋଇଛି।



ହଲିଉଡ୍ ଅଭିନେତ୍ରୀ ଗେଲ୍ ଗେଡୋଟ୍‌ଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଇସ୍ରାଏଲୀ କୂଟନୀତିଜ୍ଞ ଓ ପ୍ରତିରକ୍ଷା ଅଧିକାରୀଙ୍କ ସମେତ ୨୦୦ରୁ ଅଧିକ ବ୍ୟକ୍ତି ଯୋଗଦେଇଥିଲେ। ତେବେ ଇସ୍ରାଏଲୀ ନାଗରିକ ଗେଲ୍ ବ୍ୟକ୍ତିଗତ ଭାବେ ସେଠାରେ ଉପସ୍ଥିତ ନ ଥିଲେ ବୋଲି ହଲିଉଡ୍ ରିପୋର୍ଟର ଉଲ୍ଲେଖ କରିଛି। ଅଭିନୟ ଜଗତରେ ପାଦ ଥାପିବା ପୂର୍ବରୁ ଇସ୍ରାଏଲ ସେନାରେ କାର୍ଯ୍ୟ କରିସାରିଥିବା 'ୱଣ୍ଡର ଓମେନ୍' ଅଭିନେତ୍ରୀ ଗେଲ୍ ଇସ୍ରାଏଲର ଗଣହତ୍ୟାକୁ ସମର୍ଥନ କରୁଥିବା ନେଇ ପାଲେଷ୍ଟିନୀୟ ସମର୍ଥକମାନେ ଅଭିଯୋଗ ଆଣିଛନ୍ତି।

## ମହୁଆଙ୍କୁ ବହିଷ୍କାର ପାଇଁ ଏଥିକ୍ସ କମିଟିର ସୁପାରିସ

ନୂଆଦିଲ୍ଲୀ,୯।୧୧(ପି.ଟି.)

ପ୍ରଶ୍ନ ପଚାରିବା ପାଇଁ ଲାଞ୍ଚ ନେବା ମାମଲାରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏମ୍‌ପି ମହୁଆ ମୋଇତ୍ରଙ୍କୁ ଲୋକ ସଭାରୁ ବହିଷ୍କାର କରିବା ପାଇଁ ଏଥିକ୍ସ କମିଟି ଗୁରୁବାର ସୁପାରିସ କରିଛି। ଉକ୍ତ ସୁପାରିସ୍‌କୁ ଲୋକ ସଭା ବାଚସ୍ପତି ଓମ୍ ବିର୍ଲାଙ୍କ ପାଖକୁ ପଠାଯାଇଛି। କୌଣସି ଏମ୍‌ପିଙ୍କୁ ବହିଷ୍କାର ପାଇଁ ଲୋକ ସଭା ଏଥିକ୍ସ କମିଟି ସୁପାରିସ କରିବା ଏହା ପ୍ରଥମ ଘଟଣା ବୋଲି ଲୋକ ସଭା ସଚିବାଳୟର ଅବସରପ୍ରାପ୍ତ ମହାସଚିବ ପି.ଡି.ଟି. ଆଚାରୀ କହିଛନ୍ତି। ୨୦୦୫ରେ ପ୍ରଶ୍ନ ପାଇଁ ଲାଞ୍ଚ ମାମଲାରେ ୧୧ ଜଣ ଏମ୍‌ପିଙ୍କୁ ରାଜ୍ୟ ସଭା ଏଥିକ୍ସ କମିଟି ଓ ଲୋକ ସଭା ଇନ୍‌କ୍ୱାରି କମିଟିର ସୁପାରିସକ୍ରମେ ବହିଷ୍କାର କରାଯାଇଥିଲା।

ଭାଜପା ଏମ୍‌ପି ବିନୋଦ କୁମାର ସୋଙ୍କରଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିର ବୈଠକ ବସି ମହୁଆଙ୍କୁ ବହିଷ୍କାର ନିମନ୍ତେ ସୁପାରିସ କରିବା ପାଇଁ ରିପୋର୍ଟ ଗୃହୀତ ହୋଇଥିଲା। ବହିଷ୍କାର ସପକ୍ଷରେ ୬ ସଦସ୍ୟ ମତ ଦେଇଥିବାବେଳେ ୪ ଜଣ ବିରୋଧ କରିଥିଲେ ବୋଲି ସୋଙ୍କର କହିଛନ୍ତି। କମିଟିର ସୁପାରିସ ପକ୍ଷପାତମୂଳକ ଓ ଠିକ୍ ନୁହେଁ ବୋଲି ୪ ବିରୋଧୀ ସଦସ୍ୟ କହିଛନ୍ତି। କଂଗ୍ରେସ ଏମ୍‌ପି ପ୍ରନୀତ କୌର ରିପୋର୍ଟ ସପକ୍ଷରେ ଭୋଟ ଦେଇଥିବା ଏକ ସୂତ୍ରରୁ ଜଣାପଡ଼ିଛି। ପାର୍ଲାମେଣ୍ଟର ଆଗାମୀ ଅଧିବେଶନରେ କମିଟିର ଅଧ୍ୟକ୍ଷ ଉକ୍ତ ରିପୋର୍ଟକୁ ଗୃହରେ ଉପସ୍ଥାପନ କରିବା ପରେ ଏହା ଉପରେ ବିତର୍କ ହେବ ଏବଂ ମହୁଆଙ୍କୁ ବହିଷ୍କାର ପାଇଁ ସରକାରଙ୍କ ପ୍ରସ୍ତାବ ଉପରେ ଭୋଟ ନିଆଯିବ।


ମହୁଆ ମୋଇତ୍ର

## ୮ ଭାରତୀୟଙ୍କୁ 'ଇକୋ ଓସ୍କାର'

ସିଙ୍ଗାପୁର,୯।୧୧

'ଇକୋ ଓସ୍କାର' ଭାବେ ପରିଚିତ ୨୦୨୩ର ଆର୍ଥଶଟ୍ ପୁରସ୍କାର ଭାରତରୁ ୮ ଜଣଙ୍କୁ ମିଳିଛି। ପ୍ରିନ୍ସ ୱିଲିୟମ୍ ଏହି ପୁରସ୍କାର ପ୍ରତିଷ୍ଠା କରିଥିଲେ। ପୁରସ୍କାର ବାବଦରେ ବିଜେତାଙ୍କୁ ୧ ନିୟୁତ ପାଉଣ୍ଡ ମିଳିବ। ୨୦୧୩ରେ ଏସ୍‌୪ଏସ୍‌ର ଟେକ୍‌ନୋଲୋଜିର ପ୍ରତିଷ୍ଠା କରିଥିବା ନିଧି ପନ୍ତ, ବୈଭବ ଟିଡ୍‌କେ, ସ୍ୱପ୍ନିଲ କୋକ୍‌ଟେ, ଗଣେଶ ଭେରେ, ଶୀତଲ ସୋମାନି, ତୁଷାର ଗୱାରେ ଏବଂ ଅଶ୍ୱିନ ପାୱାଡେ ପୁରସ୍କାର ପାଇଛନ୍ତି। ବିଶ୍ୱକୁ ବର୍ଜ୍ୟ ମୁକ୍ତ କରିବା ବର୍ଗରେ ସେମାନେ ପୁରସ୍କୃତ ହୋଇଛନ୍ତି। ସେହିପରି ଫିକ୍ସ ଆୱାର ପ୍ଲାନେଟ୍ ବର୍ଗରେ ଆଦିଥ ମୂର୍ତ୍ତିଙ୍କ 'ବୁମିତ୍ର' ପୁରସ୍କୃତ ହୋଇଛି।

## ଜାତି କୋଟା ବୃଦ୍ଧି ପ୍ରସ୍ତାବ ବିହାର ବିଧାନସଭାରେ ଗୃହୀତ

ପାଟନା,୯।୧୧(ପି.ଟି.)

ବିହାରର ଅବହେଳିତ ଜାତିଗୁଡ଼ିକ ପାଇଁ ସରକାରୀ ନିଯୁକ୍ତି ଓ ଶିକ୍ଷାନୁଷ୍ଠାନରେ ସ୍ଥାନ ସଂରକ୍ଷଣ ସୀମା ୫୦ ପ୍ରତିଶତରୁ ୬୫ ପ୍ରତିଶତ ବୃଦ୍ଧି ପ୍ରସ୍ତାବକୁ ଗୁରୁବାର ରାଜ୍ୟ ବିଧାନସଭାରେ ଅନୁମୋଦନ ମିଳିଛି। ଫଳରେ ରାଜ୍ୟରେ ମୋଟ କୋଟା ୭୫ ପ୍ରତିଶତକୁ ବୃଦ୍ଧି ପାଇଛି। ଆର୍ଥିକ ଦୁର୍ବଳ ଶ୍ରେଣୀଙ୍କ ପାଇଁ ୧୦ ପ୍ରତିଶତ ସଂରକ୍ଷଣକୁ ମିଶାଇ ମୋଟ କୋଟା ୭୫ ପ୍ରତିଶତରେ ପହଞ୍ଚିଲା ବୋଲି ଏହି ଅବସରରେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ବିଧାନସଭାରେ କହିଛନ୍ତି।

ମୋଟ ସ୍ଥାନ ସଂରକ୍ଷଣ ୫୦ ପ୍ରତିଶତରୁ ଅଧିକ ହୋଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ ସୀମା ଧାର୍ଯ୍ୟ କରିଥିବାବେଳେ ବିହାର ସରକାର ଏହାକୁ ଏଡ଼ାଇଯାଇ ଅନୁସୂଚିତ ଜାତି, ଜନଜାତି, ଅତ୍ୟନ୍ତ ପଛୁଆ ବର୍ଗ ଓ ଅନ୍ୟାନ୍ୟ ପଛୁଆ ବର୍ଗଙ୍କ ପାଇଁ ୬୫ ପ୍ରତିଶତ ସଂରକ୍ଷଣକୁ ବିଧାନସଭାରେ ସର୍ବସମ୍ମତକ୍ରମେ ଗୃହୀତ କରାଇଛନ୍ତି। ରାଜ୍ୟ ସରକାର ଜାତିଗତ ସର୍ଭେ ଆଧାରରେ ଏହି ସଂରକ୍ଷଣ ବିଲ୍ ପ୍ରସ୍ତୁତ ହୋଇଥିଲା। ସେହି ଅନୁଯାୟୀ ଅନୁସୂଚିତ ଜାତିଙ୍କ ପାଇଁ ବିଲ୍‌ରେ କୋଟା ୧୬ ପ୍ରତିଶତରୁ ୨୦ ପ୍ରତିଶତକୁ ବଢ଼ାଯାଇଥିବାବେଳେ ଅନୁସୂଚିତ ଜନଜାତିଙ୍କ କୋଟା ୧ ପ୍ରତିଶତରୁ ବଢ଼ି ୨ ପ୍ରତିଶତ ହୋଇଛି। ଅତ୍ୟନ୍ତ ପଛୁଆ ବର୍ଗ (ଇବିସି)ଙ୍କ ପାଇଁ କୋଟା ୧୮ ପ୍ରତିଶତରୁ ୨୫ ପ୍ରତିଶତକୁ ବୃଦ୍ଧି କରାଯାଇଥିବାବେଳେ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି)ଙ୍କ କ୍ଷେତ୍ରରେ ଏହାକୁ ୧୨ରୁ ବଢ଼ାଇ ୧୫ ପ୍ରତିଶତ କରାଯାଇଛି। ଜାତିଗତ ସର୍ଭେରୁ ଆମକୁ ବିଭିନ୍ନ ଜାତିଙ୍କ ସମ୍ପର୍କରେ ସବିଶେଷ ତଥ୍ୟ ମିଳିଛି। ସମାଜର ପଛୁଆ ବର୍ଗଙ୍କୁ ସାମାଜିକ, ଶିକ୍ଷାଗତ ଓ ଆର୍ଥିକ କ୍ଷେତ୍ରରେ ଉନ୍ନତି ପାଇଁ ଆମେ ଉକ୍ତ ତଥ୍ୟକୁ ବ୍ୟବହାର କରି ଅଧିକ ପଦକ୍ଷେପ ଗ୍ରହଣ କରିବୁ ବୋଲି ନୀତୀଶ କହିଛନ୍ତି। କେନ୍ଦ୍ର ସରକାର ଦେଶବ୍ୟାପୀ ଜାତି ଜନଗଣନା କରି ସଂରକ୍ଷଣ ବଢ଼ାଇଲେ ଆମେ ଖୁସି ହେବୁ ବୋଲି ବିହାର ମୁଖ୍ୟମନ୍ତ୍ରୀ କହିଛନ୍ତି।

## କାତାରକୁ ଅପିଲ୍ କଲା ଭାରତ

### ୮ ଭାରତୀୟଙ୍କୁ ମୃତ୍ୟୁ ଦଣ୍ଡାଦେଶ

ନୂଆଦିଲ୍ଲୀ,୯।୧୧(ପି.ଟି.)

ଭାରତୀୟ ନୌସେନାର ୮ ଜଣ ପୂର୍ବତନ ଅଧିକାରୀଙ୍କୁ ଗୁପ୍ତଚର ବୃତ୍ତିରେ ସମ୍ପୃକ୍ତି ଅଭିଯୋଗରେ ଗତ ମାସ ୨୬ ତାରିଖରେ କାତାରସ୍ଥିତ ଏକ କୋର୍ଟ ମୃତ୍ୟୁ ଦଣ୍ଡାଦେଶ ଦେଇଥିଲେ। ଏହା ବିରୋଧରେ ଭାରତ ସରକାର ଏକ ଅପିଲ୍ ଦାଏର କରିଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି। ଦୋହାସ୍ଥିତ ଭାରତୀୟ ଦୂତାବାସ ସେମାନଙ୍କ ପାଇଁ ଆଉ ଏକ କନ୍‌ସୁଲାର ଆକ୍ସେସ୍ ପାଇଛି। ସେମାନଙ୍କୁ ନୂଆଦିଲ୍ଲୀ ସବୁ ପ୍ରକାର ଆଇନଗତ ଓ କନ୍‌ସୁଲାର ସହାୟତା ଯୋଗାଇଦେବା ଜାରି ରଖିବ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଅରିନ୍ଦମ୍ ବାଗ୍‌ଚୀ କହିଛନ୍ତି। କ୍ୟାପ୍ଟେନ ନଭତେଜ ସିଂ ଗିଲ୍, କ୍ୟାପ୍ଟେନ ବୀରେନ୍ଦ୍ର କୁମାର ବର୍ମା, କ୍ୟାପ୍ଟେନ ସୌରଭ ବଶିଷ୍ଠ, କମାଣ୍ଡର ଅମିତ ନାଗପାଲ, କମାଣ୍ଡର ପୂର୍ଣ୍ଣେନ୍ଦୁ ତିୱାରୀ, କମାଣ୍ଡର ସୁଗୁଣାକର ପାକଲା, କମାଣ୍ଡର ସଞ୍ଜୀବ ଗୁପ୍ତା ଓ ନାବିକ ରାଗେଶ ଭାରତୀୟ ନୌସେନାର ବିଭିନ୍ନ ପଦପଦବୀରେ କାର୍ଯ୍ୟ କରୁଥିଲେ।

## 'ନାଗରିକଙ୍କ ପାଇଁ ନ୍ୟାୟପାଳିକା ରହିଛି, ରହିବ'

### ସିଜେଆଇ ଭାବେ ବର୍ଷେ ପୂରଣ କଲେ ଜଷ୍ଟିସ୍ ଚନ୍ଦ୍ରଚୂଡ଼

ପାଟନା,୯।୧୧(ପି.ଟି.)

ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଭାବେ ଜଷ୍ଟିସ ଡି.ୱାଇ. ଚନ୍ଦ୍ରଚୂଡ଼ ଗୁରୁବାର ବର୍ଷେ ପୂରଣ କରିଛନ୍ତି। ଦେଶର ନାଗରିକମାନଙ୍କ ପାଇଁ ନ୍ୟାୟପାଳିକା ରହିଛି ଓ ସବୁବେଳେ ରହିବ ବୋଲି ଏହି ଅବସରରେ ସେ ଏକ ଶକ୍ତିଶାଳୀ ବାର୍ତ୍ତା ଦେଇଛନ୍ତି। ସେମାନଙ୍କ ମୌଳିକ ଅଧିକାରର ସୁରକ୍ଷା ପାଇଁ ନ୍ୟାୟପାଳିକା ରହିଛି, ଏନେଇ ଜନସାଧାରଣଙ୍କ ଆତ୍ମବିଶ୍ୱାସ ରହିବା ଆବଶ୍ୟକ ବୋଲି ଜଷ୍ଟିସ୍ ଚନ୍ଦ୍ରଚୂଡ଼ କହିଛନ୍ତି। ସେ ମୌଳିକ ପ୍ରସଙ୍ଗଗୁଡ଼ିକ ଉପରେ ରାୟ ପ୍ରଦାନ କରିଆସିବା ସହ ନ୍ୟାୟ ପ୍ରଦାନ ବ୍ୟବସ୍ଥାର ଦକ୍ଷତା ବଢ଼ାଇବା ପାଇଁ ସଂସ୍କାର ଉପରେ ସବୁବେଳେ ଗୁରୁତ୍ୱ ଦେଇଆସିଛନ୍ତି। ୬୩ ବର୍ଷୀୟ ଜଷ୍ଟିସ୍ ଚନ୍ଦ୍ରଚୂଡ଼ ଗତବର୍ଷ ନଭେମ୍ବର ୯ରେ ସିଜେଆଇ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ସେ ଏହି ପଦବୀରେ ଆହୁରି ବର୍ଷେ ରହିବେ। ଗତ ବର୍ଷକ ମଧ୍ୟରେ ଜଷ୍ଟିସ୍ ଚନ୍ଦ୍ରଚୂଡ଼ ଅନେକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି। ସମଲିଙ୍ଗୀ ବିବାହକୁ ସ୍ୱୀକୃତି ଆବେଦନକୁ ଅଗ୍ରାହ୍ୟ କରିଦେବା ତାଙ୍କର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ରାୟ।


ଜଷ୍ଟିସ ଡି.ୱାଇ. ଚନ୍ଦ୍ରଚୂଡ଼

### ସୁପ୍ରିମକୋର୍ଟର ୩ ନୂଆ ବିଚାରପତି ଶପଥ ନେଲେ

ନୂଆଦିଲ୍ଲୀ,୯।୧୧(ପି.ଟି.)

ସୁପ୍ରିମକୋର୍ଟର ନୂଆ ବିଚାରପତି ଭାବେ ଜଷ୍ଟିସ୍ ସତୀଶ ଚନ୍ଦ୍ର ଶର୍ମା, ଅଗଷ୍ଟାଇନ୍ ଜର୍ଜ ମସି ଏବଂ ସନ୍ଦିପ୍ ମେହେଟ୍ଟା ଗୁରୁବାର ଶପଥ ନେଇଛନ୍ତି। ସୁପ୍ରିମକୋର୍ଟ ପରିସରରେ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ ସେମାନଙ୍କୁ ଶପଥ ପାଠ କରାଇଥିଲେ। ୩ ନୂଆ ବିଚାରପତିଙ୍କୁ ମିଶାଇ ସର୍ବୋଚ୍ଚ ଅଦାଲତର ବିଚାରପତି ସଂଖ୍ୟା ୩୪ରେ ପହଞ୍ଚିଛି। ଦିଲ୍ଲୀ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଶର୍ମା, ରାଜସ୍ଥାନ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ମସି ଏବଂ ଗୌହାଟୀ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ମେହେଟ୍ଟାଙ୍କୁ ଗୁରୁବାର କେନ୍ଦ୍ର ସରକାର ସୁପ୍ରିମକୋର୍ଟ ବିଚାରପତି ଭାବେ ନିଯୁକ୍ତି ପ୍ରଦାନ କରିଥିଲେ। ଗତ ୬ ତାରିଖରେ ସୁପ୍ରିମକୋର୍ଟ କଲେଜିୟମ୍ ସେମାନଙ୍କର ନାମ ସୁପାରିସ କରିଥିଲା।

## ଫୁର୍ସତ

## ବିଶ୍ୱ ଶାନ୍ତି ପାଇଁ ବିଜ୍ଞାନ

### ବିଶ୍ୱ ବିଜ୍ଞାନ ଦିବସ

ଏବେ ବିଶ୍ୱ ଶାନ୍ତି ଅପରିହାର୍ଯ୍ୟ ହୋଇଛି। ବିଜ୍ଞାନର ବିକାଶ ସହିତ ବିଭିନ୍ନ ଦେଶ ନିଜର ପ୍ରତିରକ୍ଷାକୁ ଦୃଢ଼ କରିବାରେ ଲାଗିଛନ୍ତି। ପୁଣି ଏଥିରେ ଆଣବିକ ଶକ୍ତିର ବି ଉପଯୋଗ କରାଯାଉଛି। ଏହାଦ୍ୱାରା ବିଶ୍ୱ ଶାନ୍ତି ବ୍ୟାହତ ହେବାର ଆଶଙ୍କା ରହିଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ନଭେମ୍ବର ୧୦ରେ ଶାନ୍ତି ଏବଂ ବିକାଶ ପାଇଁ ବିଶ୍ୱ ବିଜ୍ଞାନ ଦିବସ ପାଳିତ ହେଉଛି। ଏହି ଦିବସ ସମାଜରେ ବିଜ୍ଞାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥାଏ। ମିଳିତ ଜାତିସଂଘର ଶିକ୍ଷା, ବିଜ୍ଞାନ ଏବଂ ସାଂସ୍କୃତିକ ସଂଗଠନ (ୟୁନେସ୍କୋ) ଦ୍ୱାରା ଶାନ୍ତି ଏବଂ ବିକାଶ ଲାଗି ବିଶ୍ୱ ବିଜ୍ଞାନ ଦିବସ ପାଳନ ସକାଶେ ୨୦୦୧ରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ପ୍ୟାରିସଠାରେ ୨୦୦୧ ଅକ୍ଟୋବର-ନଭେମ୍ବରରେ ଅନୁଷ୍ଠିତ ୟୁନେସ୍କୋର ସାଧାରଣ ସମ୍ମିଳନୀରେ ଏହି ଦିବସ ପାଳନକୁ ଅନୁମୋଦନ ମିଳିଥିଲା। ଏହା ପୂର୍ବରୁ ଅକ୍ଟୋବର ୨୦୦୦ରେ ୟୁନେସ୍କୋର କାର୍ଯ୍ୟନିର୍ବାହୀ ବୋର୍ଡ ଏହି ପ୍ରସ୍ତାବକୁ ସ୍ୱୀକୃତି ପ୍ରଦାନ କରିଥିଲା। ୨୦୦୨ ନଭେମ୍ବର ୧୦ରେ ପ୍ରଥମ ଥର ପାଇଁ ଏହା ପାଳନ କରାଯାଇଥିଲା। ବିଜ୍ଞାନକୁ ସମାଜ ସହିତ ଅଧିକ ଘନିଷ୍ଠ କରିବା ସହ ଲୋକଙ୍କୁ ବିଜ୍ଞାନର ବିକାଶ ବିଷୟରେ ଅବଗତ କରାଇବା ଏହି ଦିବସର ମୁଖ୍ୟ ଲକ୍ଷ୍ୟ। ଆମେ ନିଜ ଘର ବୋଲି କହୁଥିବା ପୃଥିବୀର ସୁରକ୍ଷା ନେଇ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯାଇଥାଏ। ଶାନ୍ତିପୂର୍ଣ୍ଣ ଭାବେ ବିଜ୍ଞାନର ଉପଯୋଗ କରାଇବା ଉଦ୍ଦେଶ୍ୟ ନେଇ ଏହି ଦିବସ ପାଳନ ଅବସରରେ ବିଶ୍ୱସ୍ତରରେ ପ୍ରଚାର କରାଯାଇଥାଏ।



## ଡିପ୍‌ଫେକ୍‌ର ଶିକାର ହେଲେ ସାରା

**ମୁମ୍ବାଇ:** ବଲିଉଡ ଅଭିନେତ୍ରୀ ରଶ୍ମିକା ମନ୍ଦାନା ଏବଂ କ୍ୟାଟ୍ରିନା କୈଫଙ୍କ ପରେ ଏବେ ସଚିନ ତେନ୍ଦୁଲକରଙ୍କ ଝିଅ ସାରା ତେନ୍ଦୁଲକର ଡିପ୍‌ଫେକ୍ ଟେକ୍ନୋଲୋଜିର ଶିକାର ହୋଇଛନ୍ତି। ସାରାଙ୍କ ଏକ ନକଲି ଫଟୋଶପ୍ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଫଟୋରେ ସାରା ତେନ୍ଦୁଲକର ତାଙ୍କ ତଥାକଥିତ ପ୍ରେମିକ ତଥା ଭାରତୀୟ କ୍ରିକେଟର ଶୁଭମନ ଗିଲଙ୍କ ବେକରେ ହାତ ଥିବା ଦେଖିବାକୁ ମିଳିଛି। ଧୋନି ପୋପା ନାମକ ଜଣେ ୟୁଜର୍ସ ଏହି ଫଟୋ ଶେୟାର କରିଛନ୍ତି। ଏଥିସହ ଏହାର କ୍ୟାପସନରେ ଲେଖା ଅଛି ସାରା ନିଶ୍ଚିତ କରିଛନ୍ତି ଯେ ସେ ଶୁଭମନ ଗିଲଙ୍କୁ ଡେଟ କରୁଛନ୍ତି। ଏହି ପୋଷ୍ଟ ପରେ ସୋସିଆଲ ମିଡିଆରେ ଏହି ଫଟୋ ଭାଇରାଲ ହୋଇଛି। ତେବେ ଅନ୍ୟ ଜଣେ ୟୁଜର୍ସ ସମାନ ଫଟୋ ଉପରେ କମେଣ୍ଟ ଦେଇ ସତ୍ୟ ପ୍ରକାଶ କରିଛନ୍ତି। ୟୁଜର୍ସ ସାରାଙ୍କ ପ୍ରକୃତ ଫଟୋ ଶେୟାର କରିଛନ୍ତି ଏବଂ କହିଛନ୍ତି ଯେ ଏହି ଫଟୋ ଫେକ। ସାରା ଶୁଭମନ ଗିଲଙ୍କ ସହ ନୁହେଁ ବରଂ ତାଙ୍କ ଭାଇ ଅର୍ଜୁନ ତେନ୍ଦୁଲକରଙ୍କ ବେକରେ ହାତ ପକାଇଛନ୍ତି। ଦକ୍ଷିଣ ଭାରତୀୟ ଅଭିନେତ୍ରୀ ରଶ୍ମିକା ମନ୍ଦାନାଙ୍କ ଏକ ଭିଡିଓ ସାମାଜିକ ଗଣମାଧ୍ୟମ ମଞ୍ଚଗୁଡ଼ିକରେ ବହୁଳ ପ୍ରସାରିତ ହେବାରେ ଲାଗିଛି। ଏଥିରେ ସେ କଳାରଙ୍ଗର ବସ୍ତ୍ର ପରିଧାନ କରି ଲିଫ୍ଟରେ ପ୍ରବେଶ କରୁଥିବା ଦେଖିବା ମିଳୁଛି। ଯିଏ ଦେଖିଲେ ବି ଧୋକା ଖାଇଯିବେ। ଭାବିବେ ଏହା ସେହି ୨୧ ବର୍ଷୀୟା 'ପୁଷ୍ପା'ଫେମ ରଶ୍ମିକା। କିନ୍ତୁ ବାସ୍ତବରେ ସେ ରଶ୍ମିକା ନୁହନ୍ତି, ତାଙ୍କ ଭଳି ଅବିକଳ ଦେଖାଯାଉଥିବା ଭିନ୍ନ ଜଣେ ଯୁବତୀ।



ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ନଭେମ୍ବର ୧୦/୨୦୨୩ Bhubaneswar, Friday, November 10/2023





**ନାବାଳିକାଙ୍କୁ ଦୁର୍ବ୍ୟବହାର, ଯୁବକ ଗିରଫ**

ଭୁବନେଶ୍ୱର, (ସୂର୍ଯ୍ୟକାନ୍ତ ବେହେରା) : ନାବାଳିକାଙ୍କୁ ଦୁର୍ବ୍ୟବହାର କରିବା ଅଭିଯୋଗରେ ଏୟାରଫିଲ୍ଡ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ସ୍ଥାନୀୟ ଥାନା ଅଞ୍ଚଳରେ ରହୁଥିବା ସୁନ୍ଦରଗଡର ଦିଲ୍ଲୀପ ଲାକ୍ରା (୩୨)। ପୀଡିତାଙ୍କ ମା'ଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା (ନଂ.୨୭୭/୨୩) ରୁଜୁ କରି ଗୁରୁବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଦିଲାପଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ।

## ସଂକ୍ଷେପରେ

### ଜୁଆ ଆଡ୍ଡାରେ ଚଢ଼ାଉବେଳେ ପୋଲିସକୁ ପଥର ମାଡ଼

ଭୁବନେଶ୍ୱର,୯।୧୧(ସୂର୍ଯ୍ୟକାନ୍ତ ବେହେରା)

ରାଜଧାନୀ ଭୁବନେଶ୍ୱରରେ କମିଶନରେଟ ପୋଲିସ ପୁଣି ଆକ୍ରମଣ ଶିକାର ହୋଇଛି। ଜୁଆ ଆଡ୍ଡା ଉପରେ ଚଢାଉ କରିବାକୁ ଯାଇଥିବାବେଳେ ଦୁର୍ବୃତ୍ତମାନେ ପିସିଆର୍ ଭ୍ୟାନକୁ ପଥର ମାଡ କରିଥିବା ସୂଚନା ମିଳିଛି। ଇନ୍‌ଫୋସିଟି ଥାନା ଅନ୍ତର୍ଗତ ଶିଖରଚଣ୍ଡୀ ନଗରରେ ଏଭଳି ଘଟଣା ବୁଧବାର ରାତିରେ ଘଟିଛି। ତେବେ ପୋଲିସ କର୍ମଚାରୀମାନେ ଗାଡିରୁ ନ ଓହ୍ଲାଇବାରୁ ପଥର ମାଡରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଘଟଣା ପରେ ପୋଲିସ ଜଣେ ସନ୍ଦିଗ୍ଧଙ୍କୁ ଉଠାଇ ଆଣି ପରେ ଛାଡି ଦେଇଥିବା ଜଣାପଡିଛି। ଅପରପକ୍ଷେ ପୋଲିସ ଲୋକଲଜ୍ଜା ଭୟରେ ପଥର ମାଡ ହୋଇ ନ ଥିବା କହୁଛି। ସୂଚନାନୁସାରେ, ସହରରେ ଦିନକୁ ଦିନ ଚୋରି, ଛିନ୍‌ତାଇ, ହତ୍ୟା ଘଟଣା ବଢ଼ିବାରେ ଲାଗିଛି। ଏ ପରିସ୍ଥିତିରେ କମିଶନରେଟ ପୋଲିସକୁ ଆକ୍ରମଣ ଘଟଣା ଜନସାଧାରଣଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

### ଦୁଇ ଅଭିଯୁକ୍ତଙ୍କୁ ୨ ବର୍ଷ ଲେଖାଏ ଜେଲ ଦଣ୍ଡ

**ଚୋରି ମାମଲାରେ ରାୟ ପ୍ରକାଶ**

ଭୁବନେଶ୍ୱର,୯।୧୧(ସୂର୍ଯ୍ୟକାନ୍ତ ବେହେରା)

ତିନୋଟି ଚୋରି ମାମଲାରେ ଭୁବନେଶ୍ୱର ପ୍ରଥମଶ୍ରେଣୀ କୋର୍ଟ-୩ ପକ୍ଷରୁ ଗୁରୁବାର ରାୟ ପ୍ରକାଶ ପାଇଛି। ବିଚାରପତି ପୂଜା ଜୈନ ନୟାପଲ୍ଲୀ ଥାନା ଅଞ୍ଚଳରେ ଘଟିଥିବା ଏସବୁ ଚୋରି ମାମଲାରେ ସମ୍ପୃକ୍ତ ଥିବା ଅଭିଯୁକ୍ତ ବିଶ୍ୱଜିତ ବେହେରା ଓ ଗଜେନ୍ଦ୍ର ନାୟକଙ୍କୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡ ଶୁଣାଇଛନ୍ତି। ଅଭିଯୁକ୍ତଦ୍ୱୟଙ୍କୁ ୨ବର୍ଷ ଲେଖାଏ କାରାଦଣ୍ଡାଦେଶ ସହିତ ୫୦୦ ଟଙ୍କା ଲେଖାଏ ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ ସାକ୍ଷୀଙ୍କ ବୟାନ ଓ ବିଭିନ୍ନ ଦସ୍ତାବିଜକୁ ଆଧାର କରି ଏହି ଦଣ୍ଡାଦେଶ ଶୁଣାଇଛନ୍ତି । ଏହି ମାମଲାକୁ ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରୋସିକ୍ୟୁଟର କଳ୍ପତରୁ ସାହୁ ଏବଂ ସରୋଜ ସ୍ୱାଇଁ ପରିଚାଳନା କରିଥିଲେ। ସୂଚନାନୁସାରେ, ନୟାପଲ୍ଲୀ ଥାନା ଅଞ୍ଚଳରେ ବିଭିନ୍ନ ସମୟରେ ଅଭିଯୁକ୍ତଦ୍ୱୟ ଘରେ ପଶି ବହୁ ମୂଲ୍ୟବାନ୍ ଜିନିଷ ଚୋରି କରି ନେଇଥିଲେ। ଅଭିଯୋଗ ପରେ ପୋଲିସ ୩ଟି ମାମଲା ରୁଜୁ କରି ଭିନ୍ନ ଭିନ୍ନ ସମୟରେ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

### ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟର ନୂତନ ଅଧକ୍ଷା ଡା. ସବିତା ମହାପାତ୍ର

ପୁରୀ, ୯।୧୧(ଅଜିତ୍ ମହନ୍ତି)

ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ନୂତନ ଅଧକ୍ଷା ଭାବେ ବରିଷ୍ଠ ପ୍ରଫେସର ଡାକ୍ତର ସବିତା ମହାପାତ୍ର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ପୂର୍ବରୁ ବଲାଙ୍ଗୀରସ୍ଥିତ ଭୀମଭୋଇ ଭେଷଜ ମହାବିଦ୍ୟାଳୟର ଅଧକ୍ଷା ଥିଲେ। ଗତ ସପ୍ତାହରେ ତାଙ୍କୁ ପୁରୀର ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟକୁ ବଦଳି କରାଯାଇଛି। ଗୁରୁବାର ପ୍ରଫେସର ଡା. ମହାପାତ୍ର ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ପ୍ରଥମେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରି ଆଶୀର୍ବାଦ ନେଇଥିଲେ। ପରେ ମହାବିଦ୍ୟାଳୟକୁ ଆସି ଅଧୀକ୍ଷକ ପ୍ରଫେସର କୌଶିକ ମିଶ୍ରଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଥିଲେ।

# ରାଜଧାନୀର ୨୧ ସ୍ଥାନରେ ବାଣ ବିକ୍ରି

ଭୁବନେଶ୍ୱର, ୯।୧୧ (ବନ୍ଦନା ସେଠୀ)



**ସ୍ୱଚ୍ଛ, ସବୁଜ ଦୀପାବଳିକୁ ବିଏମ୍‌ସିର ଗୁରୁତ୍ୱ**

- ତଦାରଖ ପାଇଁ ମିଳିତ ସ୍କ୍ୱାଡ୍ ଗଠି
- ଖାଦ୍ୟର ଗୁଣବତ୍ତା, ସ୍ୱଚ୍ଛତା ରକ୍ଷା କରିବାକୁ ନିର୍ଦ୍ଦେଶ

ଚଳିତବର୍ଷ ରାଜଧାନୀର ୨୧ ସ୍ଥାନରେ ବାଣ ବିକ୍ରି ହେବ। ବିଏମ୍‌ସି ଅଞ୍ଚଳରେ ଥିବା ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗ (ଜିଏ)ର ଏସବୁ ସ୍ଥାନ ବ୍ୟତୀତ ଅନ୍ୟ କେଉଁଠାରେ ବାଣ ବିକ୍ରି ହୋଇପାରିବ ନାହିଁ। ପ୍ରତ୍ୟେକ ଦୋକାନୀ ନିଜ ଦୋକାନରେ ଦୁଇଟି ଲେଖାଏ ଡଷ୍ଟବିନ୍ ସହ ସୁରକ୍ଷା ଦୃଷ୍ଟିରୁ ଆବଶ୍ୟକ ପାଣି ଓ ବାଲି ମଧ୍ୟ ମହଜୁଦ ରଖିବେ। ନିଜ ଦୋକାନ ସହ ଦୋକାନର ୫ ମିଟର ପରିଧିକୁ ସ୍ୱଚ୍ଛ ରଖିବେ। ଏହି କାର୍ଯ୍ୟକୁ ତଦାରଖ କରିବା ପାଇଁ ବିଏମ୍‌ସି, କମିଶନରେଟ ପୋଲିସ ଏବଂ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ମିଳିତ ସ୍କ୍ୱାଡ୍ ଗଠନ କରାଯାଇଛି। ୩ଟି ଜୋନ୍‌ରେ ଥିବା ଏହି ଦୋକାନଗୁଡିକୁ ସ୍କ୍ୱାଡ୍ ସଦସ୍ୟମାନେ ନିୟମିତ ପ୍ରଦକ୍ଷିଣ କରିବେ ବୋଲି ମେୟର ସୁଲୋଚନା ଦାସ ସୂଚନା ଦେଇଛନ୍ତି। ଚଳିତ ଦୀପାବଳିକୁ ସ୍ୱଚ୍ଛ, ସବୁଜ ଓ ସୁରକ୍ଷିତ କରିବା ପାଇଁ ଗୁରୁବାର ବିଏମ୍‌ସି ମୁଖ୍ୟାଳୟରେ ମେୟରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଲୋକର ପର୍ବକୁ ସୁରକ୍ଷିତ ଭାବେ ପାଳନ କରିବା ସହ ସ୍ୱାସ୍ଥ୍ୟକର ଖାଦ୍ୟ ଉପରେ ପ୍ରାଧାନ୍ୟ ଦିଆଯାଇଛି।

ସାଧାରଣତଃ ଦୀପାବଳିରେ ଅଧିକ ମିଷ୍ଟାନ୍ନ ବିକ୍ରି ହୋଇଥାଏ। ତେଣୁ ବିଏମ୍‌ସି ଅଞ୍ଚଳରେଥିବା ସମସ୍ତ ମିଷ୍ଟାନ୍ନ ଭଣ୍ଡାରକୁ ଖାଦ୍ୟର ଗୁଣବତ୍ତା ଏବଂ ସ୍ୱଚ୍ଛତା ରକ୍ଷା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କୌଣସି ସ୍ଥାନରେ ଅପମିଶ୍ରଣ, ବାସି ବା ସଂକ୍ରମିତ ଖାଦ୍ୟର ସୂଚନା ମିଳିଲେ ତୁରନ୍ତ ତାହାକୁ ସିଲ କରାଯିବ। ଖାଦ୍ୟ ସୁରକ୍ଷା ଟିମ୍ ଖାଦ୍ୟର ମାନ ପରୀକ୍ଷା କରିବା ପାଇଁ ମୋବାଇଲ ଟେଷ୍ଟିଂ ଲାବ୍‌ର ଉପଯୋଗ କରିବେ। ଅପରପକ୍ଷେ ଦୀପାବଳିକୁ ସ୍ୱଚ୍ଛ, ସବୁଜ ଓ ସୁରକ୍ଷିତ କରି ଏଥିରୁ ଆନନ୍ଦ ନେବାକୁ ମେୟର ଅପିଲ କରିଛନ୍ତି। ବୈଠକରେ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୂପକାର, କର୍ପୋରେଟର ଶୁଭ୍ରାଂଶୁ ଶେଖର ପଟ୍ଟନାୟକ, କର୍ପୋରେଟର ରାଜକିଶୋର ଦାସ, ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ, ଶୁଭେନ୍ଦୁ କୁମାର ସାହୁ, ସୂର୍ଯ୍ୟବଂଶୀ ମୟୂର ବିକାଶ, ଡେପୁଟି କମିଶନର ଡ. ମନୋରଂଜନ ସାହୁ, ସିଏଚ୍‌ଓ ଡା. ଦୀପକ କୁମାର ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ବାଣ ବ୍ୟବସାୟୀଙ୍କ ପାଇଁ ନିର୍ଦ୍ଦେଶାବଳୀ ଜାରି

**ଜରୁରିକାଳୀନ ପରିସ୍ଥିତିରେ ୧୧୨କୁ କଲ୍ କରିବାକୁ ପରାମର୍ଶ**

ଭୁବନେଶ୍ୱର,୯।୧୧(ସୂର୍ଯ୍ୟକାନ୍ତ ବେହେରା)

ଦୀପାବଳିକୁ ନଜର ରଖି ଅଗ୍ନିଶମ ବିଭାଗ ପକ୍ଷରୁ ସ୍ଥାୟୀ ଓ ଅସ୍ଥାୟୀ ବାଣ ବେପାରୀଙ୍କ ପାଇଁ ନିର୍ଦ୍ଦେଶାବଳୀ ଜାରି କରାଯାଇଛି। ସ୍ୱୀକୃତିପ୍ରାପ୍ତ ଆବେଦନକାରୀଙ୍କୁ ଦୋକାନରେ ବାଣ ବିକ୍ରି ଏବଂ ବାଣ ସଂରକ୍ଷିତ ରଖିବା ନିମନ୍ତେ ଅନୁମତି ଦିଆଯାଇଛି। ବିସ୍ଫୋରକ କିମ୍ବା ଅନ୍ୟାନ୍ୟ ସାମଗ୍ରୀ ରଖିବା କିମ୍ବା ବିକ୍ରି କରିବାକୁ ବାରଣ କରାଯାଇଛି । ଅସ୍ଥାୟୀ ଦୋକାନୀମାନେ ବିକ୍ରି ପାଇଁ ଉଦ୍ଦିଷ୍ଟ ବାଣଗୁଡିକୁ ଉପଯୁକ୍ତ ଓ ସୁରକ୍ଷିତ ଭାବରେ ରଖି ବିକ୍ରି କରିପାରିବେ। ଅନଧିକୃତ ବ୍ୟକ୍ତିମାନେ ସେଠାକୁ ପ୍ରବେଶ କରିବେ ନାହିଁ। ଚତୁଃପାର୍ଶ୍ୱରେ ପଲିଥିନ କିମ୍ବା ଦହନଶୀଳ ପଦାର୍ଥ ବ୍ୟବହାରକୁ ନିଷିଦ୍ଧ କରାଯାଇଥିବାବେଳେ ଦୋକାନ ସାମ୍ନାରେ ନ ରହି ପରସ୍ପରଠାରୁ ଅତି କମ୍‌ରେ ୧୦ ଫୁଟ ଓ କୌଣସି ସୁରକ୍ଷିତ କାର୍ଯ୍ୟସ୍ଥଳଠାରୁ ୧୫୦ ଫୁଟ ଦୂରତାରେ ରହି କାରବାର କରିବେ। ନିରାପତ୍ତା ଦୂରତା ମଧ୍ୟରେ କୌଣସି ତେଲ ଦୀପ, ଗ୍ୟାସ ଦୀପ କିମ୍ବା ଖୋଲା ଲାଇଟ ବ୍ୟବହାର କରାଯିବ ନାହିଁ। ବିଦ୍ୟୁତ୍‌ଲାଇଟଗୁଡିକୁ ଖୋଲା କିମ୍ବା ଝୁଲୁଥିବା ନମନୀୟ ତାର ଦ୍ୱାରା ନ ରଖି କାନ୍ଥ କିମ୍ବା ଛାତରେ ସ୍ଥାୟୀ ଭାବେ ଲଗାଇବାକୁ କୁହାଯାଇଛି। ଏହାସହ ସୁଇଚଗୁଡିକ କାନ୍ଥରେ ସ୍ଥାୟୀ ଭାବେ ଲଗାଯାଇ ପ୍ରତି ଧାଡ଼ିରେ ଥିବା କୋଠରି ପାଇଁ ଏକ ମାଷ୍ଟର ସୁଇଚ ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଇଛି। ସେହିପରି କୌଣସି ଦୋକାନର ୫୦ ମିଟର ଦୂରତା ମଧ୍ୟରେ ବାଣ ପ୍ରଦର୍ଶନ ନିଷିଦ୍ଧ ରହିବା ସହ ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନ/ ପରିସରରେ ୫୦ରୁ ଅଧିକ ଦୋକାନ ରହିବା ଉଚିତ ନୁହେଁ। ଦୋକାନରେ ଥିବା ବାଣକୁ ବିଦ୍ୟୁତ ରହିତ ପାତ୍ରରେ କିମ୍ବା ସ୍ଥିରୀକୃତ ମୂଳ ପ୍ୟାକେଟରେ ରଖିବାକୁ କୁହଯାଇଛି। ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ବାଣ ଦୋକାନ ସମ୍ମୁଖରେ ଗାଡ଼ି ପାର୍କିଂ ଓ ଧୂମପାନକୁ ବାରଣ ପାଇଁ ବୋର୍ଡ ଲଗାଇବାକୁ କୁହାଯାଇଛି। ସେହିଭଳି ଅଗ୍ନି ନିର୍ବାପକ ଯନ୍ତ୍ର, ଓଦା ବସ୍ତା ଓ ୨୦୦ ଲିଟର କ୍ଷମତା ବିଶିଷ୍ଟ ପାଣି ଡ୍ରମ ଏବଂ ଶୁଖିଲା ବାଲି ଥିବା ଗୋଟିଏ ବାଲ୍ଟି ରଖିବାକୁ କୁହାଯାଇଛି। ଅପରପକ୍ଷେ ସ୍ଥାୟୀ ବାଣ ବିକ୍ରୟ ନିମନ୍ତେ ଉଦ୍ଦିଷ୍ଟ ଦୋକାନଗୁଡିକ ସାଧାରଣତଃ ଇଟା, ପଥର କିମ୍ବା କଂକ୍ରିଟରେ ନିର୍ମିତ ହେବା ସହ ଅନ୍ୟ ମହଲାଠାରୁ ଅଲଗା ହେବା ଦରକାର। ବିଶେଷକରି ତଳ ମହଲାରେ ରହିବା ସହ ପୃଥକ ପ୍ରବେଶ ଓ ପ୍ରସ୍ଥାନ ଦ୍ୱାର ରହିବା ଆବଶ୍ୟକ। କବାଟ ଗୁଡିକ ବାହାରକୁ ଖୋଲାଯିବାର ବ୍ୟବସ୍ଥା ରଖିବା ଆବଶ୍ୟକ। ଦୋକାନ ପାଖକୁ ଅଗ୍ନିଶମ ସେବା ସଂସ୍ଥାର ଯାନବାହନ ଓ ଉପକରଣ ଯିବା ପାଇଁ ଉପଯୁକ୍ତ ରାସ୍ତା ଥିବା ଆବଶ୍ୟକ। କୌଣସି ଘଟଣା ଘଟିଲେ ଜରୁରିକାଳୀନ ସେବା ୧୧୨କୁ କଲ କରି ଜଣାଇବାକୁ ପରାମର୍ଶ ଦିଆଯାଇଛି।

# ବିବିଧତା, ବହୁଳତା ଭିତରେ ଭାରତୀୟତା ଆମ ମୂଳ ପରିଚୟ




ଉତ୍ତରାଖଣ୍ଡ ପ୍ରତିଷ୍ଠା ଦିବସ ଅବସରରେ ରାଜ୍ୟପାଳ ରଘୁବର ଦାସଙ୍କ ସହ ଉତ୍ତରାଖଣ୍ଡର ଅଧିକାରୀ ଓ ଅନ୍ୟମାନେ।

**ରାଜଭବନରେ ଉତ୍ତରାଖଣ୍ଡ ପ୍ରତିଷ୍ଠା ଦିବସ**

ଭୁବନେଶ୍ୱର,୯।୧୧(ଶର୍ମିଷ୍ଠା ପାଣିଗ୍ରାହୀ)

ବିଭିନ୍ନତା ମଧ୍ୟରେ ଆମ ମୂଳ ପରିଚୟ ହେଉଛି ଆମେ ସମସ୍ତେ ଭାରତୀୟ। ଏହି ପରିଚୟକୁ ଆହୁରି ସଶକ୍ତ ଓ ପ୍ରତିଷ୍ଠିତ କରିବାକୁ ପ୍ରତ୍ୟେକେ ନିଜ ନିଜ ସ୍ତରରେ ପ୍ରୟାସ କରିବା ହିଁ 'ଏକ ଭାରତ ଶ୍ରେଷ୍ଠ ଭାରତ'ର ଆଧାର ବୋଲି ରାଜ୍ୟପାଳ ରଘୁବର ଦାସ ପ୍ରକାଶ କରିଛନ୍ତି। ଗୁରୁବାର ରାଜଭବନରେ ଆୟୋଜିତ ଉତ୍ତରାଖଣ୍ଡ ରାଜ୍ୟ ପ୍ରତିଷ୍ଠା ଦିବସ ସମାରୋହରେ ଯୋଗଦେଇ ରାଜ୍ୟପାଳ ଦାସ କହିଛନ୍ତି, ଆମର ଭାଷା ଅନେକ, କିନ୍ତୁ ଭାବ ଏକ। ଏହି ଭାବ ଓ ଭାବନା ଆମକୁ ଏକତାର ରଜ୍ଜୁରେ ବାନ୍ଧି ରଖିଛି। ଦେବ ଭୂମି ଭାବରେ ଖ୍ୟାତ ଉତ୍ତରାଖଣ୍ଡ ଆମର ସାଂସ୍କୃତିକ ଓ ଭାବଗତ ପରିଚିତିକୁ ପରିପୁଷ୍ଟ କରିଛି ବୋଲି ରାଜ୍ୟପାଳ କହିଥିଲେ। ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ସ୍ୱାଗତ ଭାଷଣ ଦେଇ ଏଭଳି ଉତ୍ସବ ପାଳନର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଉତ୍ତରାଖଣ୍ଡର ଡ. ଦୀପା ଖୁଲ୍‌ବେ, ସଚିନ୍ କୁମାର ପ୍ରମୁଖ ଓଡ଼ିଶାରେ ନିଜର ଅନୁଭବ, ଅନୁଭୂତି ଓ ଉପଲବ୍ଧି ସମ୍ପର୍କରେ କହିଥିଲେ। ରାଜ୍ୟପାଳଙ୍କ ଲୋକସମ୍ପର୍କ ଅଧିକାରୀ ସଂଗ୍ରାମ ଦେଓଭଞ୍ଜ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### କୃଷ୍ଣକଥା ଶ୍ରବଣ ମାଧ୍ୟମରେ ଜୀବନର ଶ୍ରେୟପ୍ରାପ୍ତି ସମ୍ଭବ

ଭୁବନେଶ୍ୱର,୯।୧୧(ଶର୍ମିଷ୍ଠା ପାଣିଗ୍ରାହୀ)

ଭକ୍ତି-ଜ୍ଞାନ-ବୈରାଗ୍ୟର ଆଧାର ହେଉଛନ୍ତି ସାକ୍ଷାତ୍ ଭାଗବତ। ଜୀବର ଆଧ୍ୟାତ୍ମିକ-ଉତ୍ତରଣ ସହ ଶୁଦ୍ଧଚେତନାର ପରିପ୍ରକାଶ ପାଇଁ ନିତ୍ୟ ମୂଳଭାଗବତ ପାଠ କରିବା ଉପାଦେୟ। ଶ୍ରୀମଦ୍‌ଭାଗବତ ବର୍ଣ୍ଣିତ କୃଷ୍ଣକଥା ଶ୍ରବଣ ମାଧ୍ୟମରେ ଜୀବନର ଶ୍ରେୟ ପ୍ରାପ୍ତି ସମ୍ଭବ ବୋଲି ରାଧାବଲ୍ଲଭ ମଠର ମଠାଧୀଶ ବାବା ରାମକୃଷ୍ଣ ଦାସ ମତବ୍ୟକ୍ତ କରିଛନ୍ତି। ଗୁରୁବାର ଭୁବନେଶ୍ୱର ଭଞ୍ଜଭାରତୀ ପକ୍ଷରୁ ଗୀତଗୋବିନ୍ଦ ସଦନଠାରେ ଆରମ୍ଭ ହୋଇଥିବା ଦୁଇଦିନିଆ 'କୃଷ୍ଣକଥା' ସତ୍‌ସଙ୍ଗରେ ଯୋଗଦେଇ ସେ ଏହା କହିଛନ୍ତି। ଅନୁଷ୍ଠାନର ସଭାପତି ନୀଳାଦ୍ରିମୋହନ ଶତପଥୀଙ୍କ ପୌରୋହିତ୍ୟରେ ଆୟୋଜିତ ସତ୍‌ସଙ୍ଗରେ ଭଞ୍ଜଭାରତୀର ସମ୍ପାଦକ ତଥା କଥାବାଚକ ଡ. କୃଷ୍ଣକେଶବ ଷଡଙ୍ଗୀ ମୂଳସଂସ୍କୃତ ଭାଗବତ-ଆଧାରରେ 'କୃଷ୍ଣକଥା' ଚର୍ଚ୍ଚା କରିଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଉପସଭାପତି ମିଲନ କୁମାର ସାହୁ, କୋଷାଧ୍ୟକ୍ଷା ଶୈଳଜା ମିଶ୍ର, ସଦସ୍ୟ ସୁକାନ୍ତ ଗିରି, ସ୍ୱୟଂପ୍ରଜ୍ଞା ସାହୁ, ନନ୍ଦକିଶୋର ଜେନା, ପ୍ରସନ୍ନ ବେହେରା, ବିଜୟା ମିଶ୍ର, ଅଶୋକ କୁମାର ମିଶ୍ର, ବିମଳ ଲୋଚନ ପଟ୍ଟନାୟକ, ଡ. ବେଣୁଧର ଦାସ, ପବିତ୍ରମୋହନ ସାହୁ, ସୁରେଶ୍ୱର ପାଣିଗ୍ରାହୀ, ଦିଲୀପ ଦାସ ଓ ଦୀପ୍ତିମୟୀ ଦାସ ପ୍ରମୁଖ ପରିଚାଳନା କରିଥିଲେ।

# ଲିଙ୍ଗରାଜ ମନ୍ଦିରରୁ ବର୍ଜ୍ୟ ଉଠାଇବ ବିଏମ୍‌ସିର ସ୍ୱତନ୍ତ୍ର ଗାଡ଼ି 'ଅର୍ପଣ'

ଭୁବନେଶ୍ୱର, ୯।୧୧ (ବନ୍ଦନା ସେଠୀ)

ଶ୍ରୀ ଲିଙ୍ଗରାଜଙ୍କ ଛଡାଫୁଲ, ବେଲପତ୍ର, ତୁଳସୀ ଆଦି ପରିବହନ କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଏକ ସ୍ୱତନ୍ତ୍ର ଗାଡି ପ୍ରଦାନ କରାଯାଇଛି। ଏହି ଗାଡିର ନାମ 'ଅର୍ପଣ' ରଖାଯାଇଛି। ଲିଙ୍ଗରାଜ ମନ୍ଦିରରୁ ଦୈନିକ ବାହାରୁଥିବା ଛଡାଫୁଲ, ଲାଗି ହୋଇଥିବା ବେଲ ଓ ତୁଳସୀ ପତ୍ର, ନଡିଆ କତା, କଦଳୀ ଚୋପା, ଧୂପ ଓ ଦୀପ ଆଦି ବର୍ଜ୍ୟକୁ ସ୍ୱତନ୍ତ୍ର ଗାଡିରେ ପରିବହନ କରିବା ପାଇଁ ପୂଜକଙ୍କ ପକ୍ଷରୁ ଦୀର୍ଘଦିନରୁ ଦାବି ହୋଇଆସୁଥିଲା। ଏହି ଗାଡି କେବଳ ମନ୍ଦିରରୁ ବାହାରୁଥିବା ବର୍ଜ୍ୟ ପରିବହନ କରିବ। ବୁଧବାର ପୂର୍ବାହ୍ନରେ ମେୟରଙ୍କ ସହ ଟିମ୍ ପକ୍ଷରୁ ଲିଙ୍ଗରାଜଙ୍କ ମନ୍ଦିର ଭିତର ଓ ବାହାର ପାଇଁ ସ୍ୱତନ୍ତ୍ର ଗାଡି ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ଏହାକୁ ପାଳନ କରିଥିବାରୁ ପୂଜକଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି। କାର୍ଯ୍ୟକ୍ରମରେ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୂପକାର, ସ୍ଥାନୀୟ କର୍ପୋରେଟର ଶିବ ପ୍ରସାଦ ବେହେରା, କର୍ପୋରେଟର ଚନ୍ଦ୍ରଶେଖର ମଲ୍ଲିଆ, ମନ୍ଦିର ପ୍ରଶାସନ, ପୂଜକଙ୍କ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।



ଗୃହ ବିଭାଗ ସାଂସ୍କୃତିକ ପରିଷଦର ୨ ଦିନିଆ ବାର୍ଷିକ ଉତ୍ସବର ଉଦ୍‌ଯାପନ ଅବସରରେ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ପରିବେଷିତ ନାଟକ 'ନିଧିବାବୁ ଘରେ ଅଛ'ର ଏକ ଦୃଶ୍ୟ।

# ଗୃହ ବିଭାଗ ସାଂସ୍କୃତିକ ପରିଷଦର ବାର୍ଷିକ ଉତ୍ସବ

ଭୁବନେଶ୍ୱର,୯।୧୧(ଶର୍ମିଷ୍ଠା ପାଣିଗ୍ରାହୀ)

ଗୃହ ବିଭାଗ ସାଂସ୍କୃତିକ ପରିଷଦର ୨ ଦିନିଆ ବାର୍ଷିକ ଉତ୍ସବ ରବୀନ୍ଦ୍ର ମଣ୍ଡପଠାରେ ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ସାଂସ୍କୃତିକ ପରିଷଦର ସାଧାରଣ ସଭାରେ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ସନ୍ତୋଷ କୁମାର ସୁଆର ଓ ଅନ୍ୟତମ ଅତିଥି ଅତିରିକ୍ତ ଶାସନ ସଚିବ ନିବେଦିତା ପୃଷ୍ଟି ଯୋଗ ଦେଇଥିଲେ। ପରିଷଦର କାର୍ଯ୍ୟକାରୀ ସଭାପତି ତାପସ କୁମାର ସାହୁ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ସଭାପତି ଆଲୋକ ବେଉରା ପରିଷଦର ବାର୍ଷିକ ବିବରଣୀ ପାଠ କରିଥିଲେ। ଅନ୍ୟତମ ଉପସଭାପତି ଚକ୍ରଧର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ପରିଷଦର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ ସହଯୋଗ ଓ ଅଂଶଗ୍ରହଣ ନିମନ୍ତେ ବିଭାଗର ପୂର୍ବତନ ଉପଶାସନ ସଚିବ ନିରଞ୍ଜନ ବେହେରା ଓ ସାଂସ୍କୃତିକ ପରିଷଦର କାର୍ଯ୍ୟକାରୀ ସଭାପତି ତାପସ କୁମାର ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ପରିଷଦର ସଦସ୍ୟ ଅମରେନ୍ଦ୍ର ବେହେରାଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଚିତ୍ରକଳା ପ୍ରଦର୍ଶିତ କରାଯାଇଥିଲା। ବିଭାଗର କଳାକାରଙ୍କ ଦ୍ୱାରା ନାଟକ 'ନିଧିବାବୁ ଘରେ ଅଛ' ପରିବେଷଣ କରାଯାଇଥିଲା। ଯେଉଁଥିରେ ନିଧି ଭୂମିକାରେ ନିରଞ୍ଜନ ବେହେରା ଓ ଅନ୍ୟାନ୍ୟ ଭୂମିକାରେ ତାପସ କୁମାର ସାହୁ, ସୌମେନ୍ଦ୍ର ପାତ୍ର, ଜିତେନ୍ଦ୍ର କର, ଅମରେନ୍ଦ୍ର, ସୋନାଚାନ୍ଦ, ବିମଳ, ପୁଷ୍ପାଞ୍ଜଳି, ଲତା, ବିକ୍ରମ, ରୋଶନ, ସ୍ୱୟଂସିଦ୍ଧ, ସରିତ, ତନ୍ମୟ ଅଭିନୟ କରିଥିଲେ। ସେହିପରି ଦ୍ୱିତୀୟ ସନ୍ଧ୍ୟାରେ ବିଭାଗର କଳାକାରଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ ଓ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା। ଏଥିରେ ପୌରାଣିକ କଥାବସ୍ତୁ ଉପରେ ଆଧାରିତ ନୃତ୍ୟାଭିନୟ 'ଆହେ ନୀଳ ଶୈଳ' ଦର୍ଶକଙ୍କ ଦ୍ୱାରା ଉଚ୍ଚ ପ୍ରଶଂଶିତ ହୋଇଥିଲା। ସାଧାରଣ ସମ୍ପାଦକ ବିଜୟ ସ୍ୱରୂପ ପଣ୍ଡା ପରିଚାଳନା କରିଥିଲା।

# ଉଚ୍ଛ୍ୱାସର ରଙ୍ଗରେ ସମ୍ବର୍ଦ୍ଧିତ ହେଲେ ୫ଗୁରୁ

ଭୁବନେଶ୍ୱର,୯।୧୧(ଶର୍ମିଷ୍ଠା ପାଣିଗ୍ରାହୀ)

ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପୁରାତନ ଛାତ୍ରୀଛାତ୍ର ମଙ୍ଗଳ ସମିତି ପକ୍ଷରୁ ଗୁରୁବାର ଉଚ୍ଛ୍ୱାସର ରଙ୍ଗ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ୩ଦିନ ଧରି ହେବାକୁ ଥିବା ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସନ୍ଧ୍ୟାରେ ଅତିଥି ଭାବେ ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଦିଲୀପ ରାଉତରାଏ, ପୂର୍ବତନ ବିଧାୟକ ଦିଲ୍ଲୀପ ଶ୍ରୀଚନ୍ଦନ, କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀର ସାଧାରଣ ସଭ୍ୟ ଡ. ସଞ୍ଜୟ କୁମାର ଚୌଧୁରୀ, ସମିତିର ସଭାପତି ଲାଲା ବୀରେନ ରାୟ ଓ ସାଧାରଣ ସମ୍ପାଦକ ଦୀପିକା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଗୁରୁ ଗୋପାଳ ଚନ୍ଦ୍ର ପଣ୍ଡା, ଗୁରୁ ଗୋବିନ୍ଦ୍ର ଚନ୍ଦ୍ର ପାଲ୍, ଡ. ବିଜୟ କୁମାର ଜେନା, ଶୁଭକାନ୍ତ କୁଣ୍ଡୁ, କେ. ଭୁବନେଶ୍ୱରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଭୁବନେଶ୍ୱରସ୍ଥିତ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପୁରାତନ ଛାତ୍ରଛାତ୍ରୀ କଲ୍ୟାଣ ସମିତି ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଗୁରୁବାର ଅନୁଷ୍ଠିତ ୧୦ମ ବାର୍ଷିକ ଉତ୍ସବ 'ଉଚ୍ଛ୍ୱାସର ରଙ୍ଗ'ରେ ଗୁରୁ ଗୋପାଳ ପଣ୍ଡାଙ୍କୁ ଅତିଥିମାନେ ସମ୍ମାନିତ କରୁଛନ୍ତି। (ଫଟୋ- ବିକାଶ ନାୟକ)

# ଖୋଲିବ ବିଶ୍ୱ ଦକ୍ଷତା କେନ୍ଦ୍ରର ଦ୍ୱିତୀୟ କ୍ୟାମ୍ପସ

ଭୁବନେଶ୍ୱର,୯।୧୧(ଶର୍ମିଷ୍ଠା ପାଣିଗ୍ରାହୀ)

ଦକ୍ଷତା ବିକାଶ କ୍ଷେତ୍ରରେ ଓଡ଼ିଶାର ଅଭିଯାନ ଆଉ ଗୋଟିଏ ପାଦ ଆଗକୁ ବଢ଼ିଛି। ରାଜ୍ୟର ଯୁବତୀଯୁବକଙ୍କୁ ଅତ୍ୟାଧୁନିକ ତଥା ଶିଳ୍ପ-ଉପଯୋଗୀ ତାଲିମ ଦେବା ପାଇଁ 'ସ୍କିଲ୍ଡ ଇନ୍ ଓଡ଼ିଶା' କାର୍ଯ୍ୟକ୍ରମ ଅଧୀନରେ ରାଜ୍ୟ ସରକାର ବିଶ୍ୱ ଦକ୍ଷତା କେନ୍ଦ୍ର କାର୍ଯ୍ୟ ପରିସରକୁ ବ୍ୟାପକ କରିବାକୁ ଯାଉଛନ୍ତି। ଏହାର ଦ୍ୱିତୀୟ କ୍ୟାମ୍ପସର ସ୍ଥାପନା ଓ ପରିଚାଳନା ଲାଗି ସିଙ୍ଗାପୁରସ୍ଥିତ ଆଇଟିଇ ଏଜୁକେଶନ ସର୍ଭିସେସ (ଆଇଟିଇଇଏସ) ସହ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଗୁରୁବାର ଭୁବନେଶ୍ୱରଠାରେ ଏହି ବୁଝାମଣାପତ୍ର ସ୍ୱାକ୍ଷର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ ପ୍ରମୁଖ ସଚିବ ଉଷା ପାଢୀ ଏବଂ ଆଇଟିଇଇଏସ୍‌ର ସିଇଓ ବ୍ରୁସ ପୋହ ଦସ୍ତଖତ କରିଥିଲେ। ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଉନ୍ନୟନ କମିଶନର ଅନୁ ଗର୍ଗ ଏବଂ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣର ଅଧକ୍ଷା ତଥା ବିଶ୍ୱ ଦକ୍ଷତା କେନ୍ଦ୍ରର ସିଇଓ ଅଲକା ମିଶ୍ର ଉପସ୍ଥିତ ଥିଲେ। ବିଶ୍ୱ ଦକ୍ଷତା କେନ୍ଦ୍ରର ଦ୍ୱିତୀୟ କ୍ୟାମ୍ପସ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ କରିବାକୁ ଲକ୍ଷ୍ୟ ରଖାଯାଇଛି। ସେଠାରେ ୯ଟି ଅତ୍ୟାଧୁନିକ ବିଷୟରେ ତାଲିମ ପାଠ୍ୟକ୍ରମ ଦିଆଯିବ। ଏଥିରେ ରହିଛି ହସ୍ପିଟାଲିଟି ଫୁଡ୍ ଆଣ୍ଡ୍ ବେଭେରେଜ ଅପରେଶନ୍ସ, ହସ୍ପିଟାଲିଟି ହୋଟେଲ ଅପରେଶନ୍ସ, ଡିଜିଟାଲ ଆନିମେଶନ, ହେଲଥ କେୟାର ଆସିଷ୍ଟାଣ୍ଟ ଟ୍ରେନିଂ, ଲଜିଷ୍ଟିକ୍ସ ଆଣ୍ଡ ସପ୍ଲାଏ ଚେନ ମ୍ୟାନେଜମେଣ୍ଟ, ଏରୋସ୍ପେସ ଟେକ୍ନୋଲୋଜି, ଏରୋସ୍ପେସ ଆଭିଓନିକ୍ସ, ମେରାଇନ ଇଞ୍ଜିନିୟରିଂ ଏବଂ ନର୍ସିଂ ପାଠ୍ୟକ୍ରମ। ବୈଷୟିକ ଶିକ୍ଷା ଏବଂ ଦକ୍ଷତା ବିକାଶ କ୍ଷେତ୍ରରେ ଅନ୍ତର୍ଜାତୀୟ ସ୍ତରରେ ପରିଚିତ ସିଙ୍ଗାପୁରସ୍ଥିତ ଆଇଟିଇଇଏସ୍‌ର ସହଯୋଗକ୍ରମେ ବିଶ୍ୱ ଦକ୍ଷତା କେନ୍ଦ୍ରର ପାଠ୍ୟକ୍ରମ ଓ ତାଲିମ କାର୍ଯ୍ୟକ୍ରମ ପରିଚାଳନା କରାଯାଉଛି। ଅତ୍ୟାଧୁନିକ ତଥା ଶିଳ୍ପ ଉପଯୋଗୀ ପାଠ୍ୟକ୍ରମ, ବିଶ୍ୱସ୍ତରୀୟ ଲାବୋରେଟୋରି, ୮୦ ପ୍ରତିଶତ ପ୍ରାକ୍ଟିକାଲ ତାଲିମ ବ୍ୟବସ୍ଥା ସହ ଛାତ୍ରୀଛାତ୍ରଙ୍କୁ ଆବଶ୍ୟକ ଜୀବନ କୌଶଳ ତାଲିମ ବିଶ୍ୱ ଦକ୍ଷତା କେନ୍ଦ୍ରର ପ୍ରମୁଖ ଆକର୍ଷଣ। ବର୍ତ୍ତମାନ ସ୍କୁଲ ଅଫ୍ ଇଞ୍ଜିନିୟରିଂ ଓ ସ୍କୁଲ ଅଫ ସର୍ଭିସେସ ବିଭାଗ ଅଧୀନରେ ମୋଟ ୭ଟି ବିଷୟରେ ବିଭିନ୍ନ ତାଲିମ ପାଠ୍ୟକ୍ରମ ରହିଛି।




ଏମଓୟୁ ଅବସରରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ ଏବଂ ଆଇଟିଇଇଏସ୍‌ର ସିଇଓ ବ୍ରୁସ ପୋହ ଦସ୍ତଖତ କରିଥିଲେ।

**ଆରମ୍ଭ ହେବ ୯ ନୂଆ ତାଲିମ୍ ପାଠ୍ୟକ୍ରମ**

## ସଂକ୍ଷେପରେ

### ଖୋର୍ଦ୍ଧା ବ୍ଲକ କଂଗ୍ରେସ ସଭାପତି ହେଲେ ରଘୁନାଥ ମଙ୍ଗରାଜ

ଖୋର୍ଦ୍ଧା,୯।୧୧(ପ୍ରଭାତ ପାଣିଗ୍ରାହୀ)

ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଶରତ କୁମାର ପଟ୍ଟନାୟକ ଖୋର୍ଦ୍ଧା ବ୍ଲକ କଂଗ୍ରେସ ସଭାପତିଭାବେ ମଲ୍ଲିପୁର ଗ୍ରାମ ପଞ୍ଚାୟତ ବିଙ୍କୁ ଗ୍ରାମର ରଘୁନାଥ



ମଙ୍ଗରାଜଙ୍କୁ ନିଯୁକ୍ତି ଦେଇଛନ୍ତି। ଏନେଇ ଉପସଭାପତି ବିଭୂତି ଭୂଷଣ ମିଶ୍ର ସୂଚନା ଦେଇଛନ୍ତି। ଖୋର୍ଦ୍ଧା ବ୍ଲକ କଂଗ୍ରେସ କମିଟିର ସଭାପତି ଥିବା ପଦ୍ମ ଚରଣ ରାୟଙ୍କ ମୃତ୍ୟୁ ପରେ ଏହି ପଦବୀ ଖାଲି ପଡ଼ିଥିଲା। ମଙ୍ଗରାଜ ଦୀର୍ଘ ବର୍ଷ ହେବ କଂଗ୍ରେସର ଜଣେ ସକ୍ରିୟ କର୍ମୀଭାବେ କାର୍ଯ୍ୟ କରିଆସୁଥିଲେ। ତାଙ୍କ ଉପରେ ଆସ୍ଥା ଓ ବିଶ୍ୱାସ ରଖି ଖୋର୍ଦ୍ଧା ବ୍ଲକ ସଭାପତି ଭାବେ ନିଯୁକ୍ତି ଦେଇଥିବାରୁ ରାଜ୍ୟ ସଭାପତି ପଟ୍ଟନାୟକ ଓ ଜିଲା ସଭାପତି ତଥା ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଏବଂ ରାଜ୍ୟ ଓ ଜିଲା ନେତୃବର୍ଗଙ୍କୁ ମଙ୍ଗରାଜ ଧନ୍ୟବାଦ ଦେଇଛନ୍ତି। ମଙ୍ଗରାଜ ସଭାପତି ହେବା ପରେ ଖୋର୍ଦ୍ଧା ବ୍ଲକର ସମସ୍ତ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଆନନ୍ଦର ଲହରି ଖେଳିଯାଇଛି। ସେହିପରି ଦଳ ଆହୁରି ମଜଭୁତ ହେବ ବୋଲି ସେ ଆଶା ରଖିଛନ୍ତି।

### ଜୁଆ ଆଡ୍ଡାରେ ଚଢ଼ାଉ, ୪ ଗିରଫ

**ବାଲୁଗାଁ,୯।୧୧(ସଂଗ୍ରାମ ପାଇକରାୟ):** ବାଲୁଗାଁ ଥାନା ପୋଲିସ ଗୁରୁବାର ଜୁଆଆଡ୍ଡାରେ ଚଢ଼ାଉ କରି ୪ଜଣଙ୍କୁ ଗିରଫ କରିବା ସହିତ ୫ଟି ବାଇକ୍ ଜବତ କରିଛି। ଚିଲିକା ବ୍ଲକ୍ ସାମନ୍ତସିଂହାରପୁର ଗ୍ରାମ ନିକଟ ବାତ୍ୟା ଆଶ୍ରୟସ୍ଥଳୀ ଗୃହରେ କିଛିଦିନ ହେବ ଜୁଆଖେଳ ଚାଲୁଥିବା ନେଇ ଥାନାରେ ଅଭିଯୋଗ ହୋଇ ଆସୁଥିଲା। ଗୁରୁବାର ମଧ୍ୟାହ୍ନରେ ଉକ୍ତ ଆଶ୍ରୟସ୍ଥଳୀ ଗୃହରେ ଜୁଆଖେଳ ଚାଲିଥିବା ଖବରପାଇ ଆଇଆଇସି ଜୟପ୍ରକାଶ ପରିଡ଼ାଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ପହଞ୍ଚି ଚଢ଼ାଉ କରିଥିଲେ। ପୋଲିସକୁ ଦେଖି କେତେଜଣ ଖସି ପଳାଇବାରେ ସକ୍ଷମ ହୋଇଥିବା ବେଳେ ୪ଜଣ ଧରାପଡ଼ିଥିଲେ। ଘଟଣାସ୍ଥଳରୁ ପୋଲିସ ୮,୨୫୦ଟଙ୍କା, ତାସ୍, ଦୁଇଟି ମୋବାଇଲ ଓ ୫ଟି ବାଇକ୍ ଜବତ କରିଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୩୧୮/୨୩) ରୁଜୁ କରି ଅଧିକ ତଦନ୍ତ ଚଳାଇଛି।

### ମଦ ଜବତ, ଜଣେ ଗିରଫ

**କୃଷ୍ଣପ୍ରସାଦ,୯।୧୧(କୈଳାସ ଚନ୍ଦ୍ର ପଟ୍ଟନାୟକ):** ପୁରୀ ଜିଲା କୃଷ୍ଣପ୍ରସାଦ ଥାନା ଅଧୀନ ମୋରଡ଼ା ଗ୍ରାମରେ ପୋଲିସ ଚଢ଼ାଉ କରି ୧୧୨ ପ୍ୟାକେଟ ଦେଶୀରନ୍ଧା ମଦ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ସେ ହେଲେ ଏହି ଗ୍ରାମର ବିନାୟକ ତ୍ରିପାଠୀ। ଏନେଇ ଥାନାରେ ଏକ ମାମଲା (ନଂ.୧୬୭/୨୩) ରୁଜୁ ପରେ ବିନାୟକଙ୍କୁ କୋର୍ଟଚାଲାଣ କରାଯାଇଛି। ଆଇଆଇସି ବସନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଏସ୍ଆଇ ଚନ୍ଦ୍ରଶେଖର ନାୟକ, ହାବିଲଦାର ନିତ୍ୟାନନ୍ଦ ପାତ୍ର ସଦଳବଳେ ଚଢ଼ାଉ କରିଥିଲେ।

# ଜଳସେଚନ ସୁବିଧା ନାହିଁ, ଉଜୁଡୁଛି ଫସଲ

- ଜମି ଫାଟି ଆଁ, ଶୁଖିଗଲାଣି ଧାନକେଣ୍ଡା
- ୧୬.୧୩% ଜମିରେ ହୋଇଛି ଜଳସେଚନ ବ୍ୟବସ୍ଥା

ବେଗୁନିଆ,୯।୧୧(ହର ପ୍ରସନ୍ନ ପଣ୍ଡା)

ଚାଷୀ ଓ ଚାଷର ଉନ୍ନତି ପାଇଁ ସରକାର ବହୁ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ହେଲେ ଚାଷଜମିକୁ ଜଳସେଚନ ପାଇଁ ପ୍ରଶାସନିକସ୍ତରରେ ଉପଯୁକ୍ତ ପଦକ୍ଷେପ ନିଆଯାଇ ନ ଥିବାରୁ ଚାଷୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ଦୃଶ୍ୟ ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଞ୍ଚଳରେ ଦେଖିବାକୁ ମିଳିଛି। ସରକାରଙ୍କ ଧାର୍ଯ୍ୟ ନିୟମ ଅନୁଯାୟୀ ଏହି ବ୍ଲକ ଅଞ୍ଚଳର ଚାଷୀଙ୍କ ହିତରେ ୩୩% ଜମିରେ ଜଳସେଚନ ବ୍ୟବସ୍ଥା ରହିବା ପରିବର୍ତ୍ତେ ଏବେ ୧୬.୧୩% ହୋଇଛି। ଯେତିକି ହୋଇଛି ତାହା ମଧ୍ୟ ବହୁ ଚାଷୀଙ୍କ ହିତରେ ଲାଗୁନି। ଫଳରେ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଅନ୍ୟପକ୍ଷରେ ନିଅଣ୍ଟିଆ ବର୍ଷା ଯୋଗୁ ଚଳିତବର୍ଷ ଖରିଫ ଚାଷ ବାଧାପ୍ରାପ୍ତ ହୋଇଛି। ଜମିରେ ପାଣି ନ ଥିବାରୁ ଧାନ ଫସଲ ଉଜୁଡ଼ି ଯାଉଥିବା ବେଳେ ଆଗକୁ ରବି ଫସଲକୁ ନେଇ ଆଶଙ୍କା ଦେଖାଯାଇଛି।

ସୂଚନାଥାଉ କି, ଚଳିତବର୍ଷ ଖରିଫ ଚାଷ କାମ ଆରମ୍ଭରୁ ଆବଶ୍ୟକତାଠାରୁ ୧୬ ପ୍ରତିଶତ କମ୍ ବର୍ଷା ହୋଇଥିଲା। ବିଳମ୍ବରେ ହେଲେ ମଧ୍ୟ ଭାଦ୍ରବ ମାସରେ ସ୍ୱାଭାବିକ ବର୍ଷା ହେବାରୁ ଧାନଚାଷ



ସେଚ ପଏଣ୍ଟ ଅଚଳ ହୋଇପଡିଛି।

ଆଗେଇଥିଲା। ପୁଣି ଆଶ୍ୱିନ ମାସ ଆରମ୍ଭରୁ ବର୍ଷା ହେଉନାହିଁ। ଜଳସେଚନର ସୁବିଧା ନ ଥିବା ଓ ବର୍ଷା ଅଭାବରୁ ୮୦% ଜମିରେ ଧାନଥୋଡ଼ ଶୁଖିଗଲାଣି। ଫଳରେ ମରୁଡ଼ି ପରିସ୍ଥିତି ଉପୁଜିଛି। ଅନ୍ୟପଟେ ବେଗୁନିଆ ବ୍ଲକ ଅଞ୍ଚଳକୁ ମରୁଡ଼ି ଘୋଷଣା ଦାବିରେ କିଛିଦିନ ପୂର୍ବେ ଜିଲାପାଳ, ବିଭାଗୀୟ ଅଧିକାରୀଙ୍କୁ ଚାଷୀମାନେ ଦାବିପତ୍ର ପ୍ରଦାନ କରିଛନ୍ତି। ଏପରିକି ସ୍ଥାୟୀ ଜଳସେଚନର ବ୍ୟବସ୍ଥା ଥିଲେ ଫସଲ ନଷ୍ଟ ହୋଇ ନ ଥା'ନ୍ତା ବୋଲି ଚାଷୀଙ୍କ ପକ୍ଷରୁ କୁହାଯାଇଛି। ଗତ ଅଗଷ୍ଟ ୨୨ରେ ୫-ଟି ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ ବେଗୁନିଆକୁ ଆସିଥିବା ବେଳେ ଚାଷୀଙ୍କ ହିତରେ ଜଳସେଚନ ଯୋଜନା ପ୍ରତି ଗୁରୁତ୍ୱ ଦେବାକୁ ସ୍ଥାନୀୟ ବିଧାୟକ ଓ ୨୧ ପଞ୍ଚାୟତର ସରପଞ୍ଚଙ୍କ ଦସ୍ତଖତ ଥାଇ ଏକ ନିବେଦନପତ୍ର ପ୍ରଦାନ କରାଯାଇଥିଲା। ଏହାପରେ ଜଳସେଚନ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ପାଇଁ ଜିଲାପାଳ ଓ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ କୌଣସି ପଦକ୍ଷେପ ନ ନିଆଯିବାରୁ ଚାଷୀ ଦିନବନ୍ଧୁ ବିଶ୍ୱାଳ, ରାମଚନ୍ଦ୍ର ବେହେରା, ବଳରାମ ନାୟକଙ୍କ ସମେତ ବହୁ ଚାଷୀ ସଙ୍ଗଠନ ପକ୍ଷରୁ ଅସନ୍ତୋଷ ଦେଖାଦେଇଛି। ପ୍ରକାଶ ଯେ, ଏହି ବ୍ଲକର ୮୦% ଲୋକେ ଚାଷ ଉପରେ ନିର୍ଭର କରନ୍ତି। ଧାନ ଓ ରବି ଫସଲକୁ ଗୁରୁତ୍ୱ ଦିଆଯାଇଥାଏ। ଜଳସେଚନର ସେଭଳି ସୁବିଧା ନ ଥିବାରୁ ଚାଷୀମାନେ ବର୍ଷା ଉପରେ ନିର୍ଭର କରିଥା'ନ୍ତି। ଏହି ବ୍ଲକ ଅଞ୍ଚଳର ସରକାରଙ୍କ ପକ୍ଷରୁ ଚାଷୀଙ୍କ ହିତରେ ୬୨ଟି କେନାଲ,୨୪୨ ଲିଫ୍ଟ ପଏଣ୍ଟ, ଡଗ୍ ୱେଲ ୧୧୮ଟି ଏବଂ ଅନ୍ୟାନ୍ୟ ୨୬ଟି ସେଚକେନ୍ଦ୍ରର ବ୍ୟବସ୍ଥା ହୋଇଛି। ସେହିପରି ବେସରକାରୀ ସେଚ ପ୍ରକଳ୍ପ ୩୧ଟି, ଲିଫ୍ଟ ପଏଣ୍ଟ ୧୬୯ଟି ବ୍ୟବସ୍ଥା କରାଯାଇଛି। ଏହାକୁ ନେଇ ସରକାରଙ୍କ ଧାର୍ଯ୍ୟ ୩୩ ଶତକଡା ହେବାକୁ ଥିବା ବେଳେ ଏପର୍ଯ୍ୟନ୍ତ ୧୬.୩% ବାସ୍ତବରେ ହେଉଛି। ଅନ୍ୟପକ୍ଷରେ ବିଭିନ୍ନ ସ୍ଥାନରେ ବିଭାଗୀୟ ପରିଚାଳନା ତ୍ରୁଟି ଯୋଗୁ ସେଚ ପଏଣ୍ଟ ଅଚଳ ହୋଇପଡିଛି।

## ଠକେଇ ଅଭିଯୋଗରେ ଠିକାଦାର ଗିରଫ

### ୪ ଦାମୀ ଗାଡ଼ି ଜବତ

ଖୋର୍ଦ୍ଧା,୯।୧୧(ପ୍ରଭାତ ପାଣିଗ୍ରାହୀ)

ଠକେଇ ଅଭିଯୋଗରେ ଖୋର୍ଦ୍ଧା ପୋଲିସ ଜଣେ ଠିକାଦାରଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ବେଗୁନିଆ ଥାନା ଅଧୀନ ଗଡ଼ମାଣତ୍ରିର ତ୍ରିନାଥ ମୁଦୁଲି। ତାଙ୍କ ନିକଟରୁ ୪ଟି ଦାମୀଗାଡ଼ି ଜବତ ହୋଇଛି। ସୂଚନା ମୁତାବକ, ଭୁବନେଶ୍ୱରରେ ତ୍ରିନାଥ ରହି ବିଭିନ୍ନ ଘର, ପ୍ରତିଷ୍ଠାନରେ ବିଦ୍ୟୁତ୍ ୱ୍ୟାରିଂ କାମ କରିବା ପାଇଁ ଠିକାରେ ନେଉଥିଲେ। ଖୋର୍ଦ୍ଧାରେ ଏକ ଘରେ ବିଦ୍ୟୁତ୍ ସାମଗ୍ରୀ ଲାଗିବ କହି ଭୁବନେଶ୍ୱର ବ୍ୟବସାୟୀ ସଚିନ୍ଦ୍ର କୁମାର ରଥଙ୍କଠାରୁ ୪ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ବାକିରେ ଆଣି ୭ଦିନ ମଧ୍ୟରେ ଟଙ୍କା ପରିଶୋଧ କରିବେ ବୋଲି ତ୍ରିନାଥ ଚୁକ୍ତି କରିଥିଲେ। ତେବେ ରଥ ବକେୟା ଟଙ୍କା ପାଇଁ ବାରମ୍ବାର ତ୍ରିନାଥଙ୍କୁ ଦେବାକୁ କହିଥିଲେ ମଧ୍ୟ ଦିନ ଗଡ଼ାଇ ଚାଲିଥିଲେ। ଶେଷରେ ନିରାଶ ହେବାରୁ ରଥ ଖୋର୍ଦ୍ଧା ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ତଦନ୍ତ ଚଳାଇ ତ୍ରିନାଥଙ୍କ ସମସ୍ତ ବ୍ୟାଙ୍କ ଆକାଉଣ୍ଟକୁ ସିଜ୍ କରିବା ସହ ତାଙ୍କୁ ଗିରଫ କରିଥିଲା। ତ୍ରିନାଥ ଏଭଳି ବହୁ ଲୋକଙ୍କୁ ଠକିଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି।

## ଉନ୍ନୟନ ଯୋଜନା ଲୋକଙ୍କ ପାଖରେ ପହଞ୍ଚାଅ



କାର୍ଯ୍ୟକ୍ରମରେ ବିଜେଡି ନେତା ଓ କର୍ମୀମାନେ।

ବାଲୁଗାଁ,୯।୧୧(ସଂଗ୍ରାମ ପାଇକରାୟ)

ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ଗୁରୁବାର ବାଲୁଗାଁ ଅଶୋକନଗରସ୍ଥିତ ବଣିକ ସଂଘ ସଭାଗୃହରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଚିଲିକା ନିର୍ବାଚନମଣ୍ଡଳୀର ୬ନଂ. ଜୋନ ଏବଂ ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ ନେତୃବୃନ୍ଦଙ୍କୁ ନେଇ ଅନୁଷ୍ଠିତ ଏହି ଶିବିରକୁ ପର୍ଯ୍ୟବେକ୍ଷକ ରାଜା ଚକ୍ର ପରିଚାଳନା କରିଥିଲେ। ଅତିଥିଭାବେ ବିଜେଡି ମୁଖପାତ୍ର ସୋଫିଆ ଆଲାମ ଓ ଲୋରା ମହାପାତ୍ର ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିବା ସହ ଆଗାମୀ ନିର୍ବାଚନ ପାଇଁ ସଙ୍ଗଠନକୁ ସୁଦୃଢ଼ ସହ ଲୋକଙ୍କ ନିକଟରେ ପହଞ୍ଚି ରାଜ୍ୟ ସରକାରଙ୍କ ବିକାଶମୂଳକ ବାର୍ତ୍ତାକୁ ଲୋକାଭିମୁଖୀ ପାଇଁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ବାଲୁଗାଁ ଏନ୍ଏସି ଅଧ୍ୟକ୍ଷା ସୁକାନ୍ତି ପାଇକରାୟ, ଖୋର୍ଦ୍ଧା ଜିଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ଯୁବ ସଙ୍ଗଠକ ପ୍ରଭାସ ସୁନ୍ଦରାୟ, ମାନସ ରଞ୍ଜନ ପ୍ରଧାନ, ଉତ୍ପଳ ପାଇକରାୟ, ବାଣପୁର ନଗରପାଳ ମିଟୁ ନାୟକ, ପ୍ରକାଶ କୁମାର ପ୍ରଧାନ, ସନ୍ତୋଷ କୁମାର ଜାଲି, ଜୟକୃଷ୍ଣ ସ୍ୱାଇଁଙ୍କ ସମେତ ପଞ୍ଚାୟତ ଓ ଏନ୍ଏସିର ବହୁ ମହିଳା ପୁରୁଷ ଅଂଶଗ୍ରହଣ କରିଥିଲେ।

## ଜୋନାଲସ୍ତରୀୟ କଳା ଉତ୍ସବ, ବ୍ୟାଣ୍ଡ ପ୍ରତିଯୋଗିତା




ଅତିଥିଙ୍କ ଗହଣରେ ପ୍ରତିଯୋଗୀମାନେ।

ଖୋର୍ଦ୍ଧା,୯।୧୧(ପ୍ରଭାତ ପାଣିଗ୍ରାହୀ)

ବକ୍ସି ଜଗବନ୍ଧୁ ଉଚ୍ଚ ବିଦ୍ୟାଳୟଠାରେ ଜୋନାଲସ୍ତରୀୟ କଳା ଉତ୍ସବ ଓ ବ୍ୟାଣ୍ଡ ପ୍ରତିଯୋଗିତା ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ କନ୍ଧମାଳ ୫ଟି ଜିଲାକୁ ନେଇ ଗଠିତ ଜୋନ୍‌ର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ବିଭାଗରେ ୭୦ଜଣରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ଆଗାମୀ ରାଜ୍ୟସ୍ତରୀୟ ସୁରଭିରେ ନଭେମ୍ବର ୧୪ ରୁ ୧୬ ତାରିଖରେ ଅନୁଷ୍ଠିତ ରାଜ୍ୟ କଳା ଓ ବ୍ୟାଣ୍ଡ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଏହି କାର୍ଯ୍ୟକ୍ରମକୁ ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ ସ୍ନିଗ୍ଧା ମିଶ୍ର, ବିଜେବି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଭାକର ସାହୁ ଓ ସମଗ୍ର ଶିକ୍ଷାର ଏସ୍‌ସି ଓ ଏସ୍‌ଟି ବିଭାଗର ସଂଯୋଜିକା ସୁନିତା ପଟ୍ଟନାୟକ ପ୍ରମୁଖ ସଂଯୋଜନା କରିଥିଲେ। ଶିକ୍ଷକ ଅଗାଧୁ ସେଠୀ, ଶିବ ପ୍ରସାଦ ମହାପାତ୍ର, ମୃତ୍ୟୁଞ୍ଜୟ ମହାପାତ୍ର, ପ୍ରସନ୍ନ ମହାପାତ୍ର, ଚିନ୍ମୟ ମାର୍ଥା, ଶିକ୍ଷୟିତ୍ରୀ ମମିତା ସାହୁ ଓ ଗୀତାଞ୍ଜଳି ସାହୁ ପରିଚାଳନା କରିଥିଲେ। ସରକାର ଶିକ୍ଷା ସହିତ କଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦେଉଛନ୍ତି। ପିଲାଙ୍କ ସୃଜନଶୀଳତା ସହ କଳାତ୍ମକ ପ୍ରତିଭା ବିକାଶ ଦିଗରେ ଏହି ପ୍ରତିଯୋଗିତା ବେଶ ସହାୟକ ହୋଇପାରିଛି ବୋଲି ମତପ୍ରକାଶ ପାଇଥିଲା।

## ପରୀକ୍ଷାକେନ୍ଦ୍ର ପରିଦର୍ଶନ କଲେ ଜିଲା ଶିକ୍ଷା ଅଧିକାରୀ

**କୃଷ୍ଣପ୍ରସାଦ,୯।୧୧(କୈଳାସ ଚନ୍ଦ୍ର ପଟ୍ଟନାୟକ):** ପୁରୀ ଜିଲାର ସମସ୍ତ ବ୍ଲକରେ ଗୁରୁବାର ତୃତୀୟ ଶ୍ରେଣୀ ମେଧା ବୃତ୍ତି ପରୀକ୍ଷା-୨୦୨୩ ଅନୁଷ୍ଠିତ ହୋଇଯାଇଛି। କୃଷ୍ଣପ୍ରସାଦ ବ୍ଲକର ହରିହର ନୋଡାଲ ବିଦ୍ୟାପୀଠ ପଣସପଦା, ନାରାୟଣ ବିଦ୍ୟାପୀଠ ଚିଲିକା ନୂଆପଡ଼ା, ମାଲୁଦ ନୋଡାଲ ହାଇସ୍କୁଲରେ ପରୀକ୍ଷାକେନ୍ଦ୍ର ହୋଇଥିଲା। ୩ଟି ପରୀକ୍ଷାକେନ୍ଦ୍ରରେ ମୋଟ ୨୧୪ ଜଣ ପରୀକ୍ଷା ଦେଇଥିଲେ। ଜିଲା ଶିକ୍ଷା ଅଧିକାରୀ(ଡିଇଓ) ଡ.ବିଶ୍ୱଜିତ ଘୋଷ କୃଷ୍ଣପ୍ରସାଦ ବ୍ଲକ ଗସ୍ତ କରି ପରୀକ୍ଷାକେନ୍ଦ୍ର ପରିଦର୍ଶନ କରିଥିଲେ। ବିଆରସିସି ସତ୍ୟବ୍ରତ ସାହୁ, ବ୍ଲକ ଶିକ୍ଷା ଅଧିକାରୀ ମଙ୍ଗୁଳି ଚରଣ ଜେନା, ଅତିରିକ୍ତ ଶିକ୍ଷା ଅଧିକାରୀ ସିଦ୍ଧେଶ୍ୱର କରଣ ସହଯୋଗ କରିଥିଲେ। ପ୍ରବୀର ଚନ୍ଦ୍ର ଜେନା, ଦୁର୍ଗା ପ୍ରସାଦ ମିଶ୍ର, ଅଖିଳ ନାୟକ ପ୍ରମୁଖ ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱ ତୁଲାଇଥିଲେ।

## ୬ ବାଇକ୍ ଜବତ

**ଗମ୍ଭାରୀମୁଣ୍ଡା,୯।୧୧(ଦିଲୀପ ସ୍ୱାଇଁ):** ନାଚୁଣୀ ଥାନା ପୋଲିସ ଗୁରୁବାର ବିଭିନ୍ନ ସ୍ଥାନରେ ଯାଞ୍ଚ କରି ୬ଟି ବାଇକ୍ ଜବତ କରିଛି। ବେପରୁଆ ଗାଡ଼ି ଚାଳନା, ବିକଟାଳ ଶବ୍ଦ କରୁଥିବା ଏବଂ ଲାଇସେନ୍ସ ନ ଥିବା ଅଭିଯୋଗରେ ଏହି ବାଇକଗୁଡ଼ିକ ଜବତ କରାଯାଇଥିବା ଜଣାପଡ଼ିଛି। ଏହି ଥାନା ଅଞ୍ଚଳରେ ଦିନକୁ ଦିନ ଅମାନିଆ ଗାଡ଼ି ଚାଳକଙ୍କ ପ୍ରାଦୁର୍ଭାବ ବଢ଼ିଚାଲିଥିଲା। ଏନେଇ ଅଭିଯୋଗ ପରେ ପୋଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ପ୍ରକାଶ ଯେ, ବୁଧବାର ବାଣପୁର ପୋଲିସ ପକ୍ଷରୁ ଯାଞ୍ଚ କରାଯାଇ ୫ଟି ବାଇକ ଜବତ କରାଯାଇଥିଲା।

## ବିଜେଡିର ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଖୋର୍ଦ୍ଧା ଜିଲା ବିଜେଡି ସଭାପତି ଏବଂ ଅନ୍ୟମାନେ।

ଜଟଣୀ,୯।୧୧(ରବୀନ୍ଦ୍ର ନାଥ ମହାକୁଡ଼)

ଜଟଣୀରେ ବିଜେଡି ପକ୍ଷରୁ ଅନୁଷ୍ଠିତ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ କର୍ମୀମାନଙ୍କୁ ଆହ୍ୱାନ ଦିଆଯାଇଛି। ପ୍ରଥମ ଦିବସରେ ଖୋର୍ଦ୍ଧା ବ୍ଲକର ୬ଟି ଏବଂ ଭୁବନେଶ୍ୱର ବ୍ଲକର ୯ଟି ପଞ୍ଚାୟତର କର୍ମୀ ଯୋଗ ଦେଇଥିବା ବେଳେ ଗୁରୁବାର ଜଟଣୀ ବ୍ଲକର ୧୫ଟି ପଞ୍ଚାୟତ ଓ ପୌରାଞ୍ଚଳର ୨୩ଟି ୱାର୍ଡର ଶତାଧିକ କର୍ମୀ ଯୋଗଦେଇଥିଲେ। ପ୍ରଥମ ଦିବସରେ ଖୋର୍ଦ୍ଧା ଜିଲା ବିଜେଡି ସଭାପତି ବିଭୂତି ଭୂଷଣ ବଳବନ୍ତରାୟ, ପର୍ଯ୍ୟବେକ୍ଷକ ଶ୍ରୀମୟୀ ମିଶ୍ର ଯୋଗ ଦେଇଥିବା ବେଳେ ଅନ୍ତିମ ଦିବସରେ ଉପରୋକ୍ତ ଅତିଥିଙ୍କ ସହିତ ଜଟଣୀ ଓ ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ କୈଳାସ ପାତ୍ର, ଖୋର୍ଦ୍ଧା ଜିଲା ସହ ପର୍ଯ୍ୟବେକ୍ଷକ ସୁଧାଂଶୁ ମିଶ୍ର, ଜଟଣୀ ନଗରପାଳ ଅନନ୍ତ ବେହେରା, ଜିଲା ସମ୍ପାଦକ ଅନନ୍ତ ଶତପଥୀ, ମନମୋହନ ରାଉତରାୟ, ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଛୋଟରାୟ, ରାଜ୍ୟ ମହିଳା ମୋର୍ଚ୍ଚା ସମ୍ପାଦିକା ନମିତା ପାଳଙ୍କ ସମେତ ବହୁ କାଉନସିଲର ଓ ବିଜେଡି ନେତା ଯୋଗଦେଇଥିଲେ। ଉକ୍ତ ଶିବିରରେ ପ୍ରଶିକ୍ଷକ ଭାବେ ଇପ୍ସିତା ସାହୁ ଏବଂ ମଧୁସ୍ମିତା ନାୟକ ଉପସ୍ଥିତ ରହି ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ବୋଲଗଡ଼,୯।୧୧(ଦେବବ୍ରତ ହୋତା)

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ନିର୍ଦ୍ଦେଶକ୍ରମେ ବୋଲଗଡ଼ ବ୍ଲକ ପ୍ରଶାସନ ଆନୁକୂଲ୍ୟରେ ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟଠାରେ ଗୁରୁବାର ବ୍ଲକସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କାମଦେବ ନାୟକଙ୍କ ସୂଚନା ଅନୁଯାୟୀ, ଉକ୍ତ ଶିବିରରେ ମୋଟ୍ ୩୫୫ଜଣ ଦିବ୍ୟାଙ୍ଗ ପଞ୍ଜୀକରଣ କରିଥିଲେ। ସେମାନଙ୍କୁ ଖୋର୍ଦ୍ଧା ଜିଲା ମେଡିକାଲ ବୋର୍ଡର ବିଭିନ୍ନ ବିଭାଗର ବିଶେଷଜ୍ଞ ଡା. ଅୟସ୍କାନ୍ତ ଶତପଥୀ, ଆଲୋକ ଜ୍ୟୋତି ସାହୁ, ଅଜୟ କୁମାର ସିଂହ, ସରୋଜ ରଞ୍ଜନ ନାୟକ ପ୍ରମୁଖ ପରୀକ୍ଷା କରିଥିଲେ। ମଣ୍ଡଳ ଉନ୍ନୟନ ଅଧିକାରୀ ଶରତ ଚନ୍ଦ୍ର ମଲ୍ଲିକ, ଏବିଡିଓ ଡ. ରତିକାନ୍ତ ମିଶ୍ର ପ୍ରମୁଖ ଅସ୍ଥିଶଲ୍ୟ, ଗଳା, ନାସା ଓ କର୍ଣ୍ଣ, ଚକ୍ଷୁ ବିଭାଗ, ମାନସିକ ରୋଗ, ଶ୍ରବଣ ବାଧିତଭାବେ ମେଡିକାଲ ବୋର୍ଡ ଡାକ୍ତରଙ୍କ ଦ୍ୱାରା ଚିହ୍ନଟ ହୋଇଥିବା ୨୨୦ ଜଣଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ।

# ବିଭିନ୍ନ ଦାବିରେ କଂଗ୍ରେସର ସଂକୀର୍ତ୍ତନ ସତ୍ୟାଗ୍ରହ




ସଂକୀର୍ତ୍ତନ ସତ୍ୟାଗ୍ରହରେ ଉପସ୍ଥିତ କଂଗ୍ରେସ ନେତା ଓ କର୍ମୀମାନେ।

ଗମ୍ଭାରୀମୁଣ୍ଡା/ବୋଲଗଡ଼,୯।୧୧ (ଦିଲୀପ ସ୍ୱାଇଁ/ଦେବବ୍ରତ ହୋତା)

ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ରାଜ୍ୟର ବିଭିନ୍ନ ଜଗନ୍ନାଥ ମନ୍ଦିରରେ କଂଗ୍ରେସ ଦଳ ପକ୍ଷରୁ ସଂକୀର୍ତ୍ତନ ସତ୍ୟାଗ୍ରହ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହିକ୍ରମରେ ଖୋର୍ଦ୍ଧା ଜିଲା କଂଗ୍ରେସ କମିଟି ଉପସଭାପତି ପ୍ରଦୀପ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ବାଣପୁର ବଡ଼ହନ୍ତୁଆଡ଼ସ୍ଥିତ ଚରଣ ଚକଦେବଙ୍କ ମନ୍ଦିରଠାରେ ସଂକୀର୍ତ୍ତନ ସତ୍ୟାଗ୍ରହ ହୋଇଥିଲା। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଜନସାଧାରଣଙ୍କ ନିମନ୍ତେ ଚାରିଦ୍ୱାର ଖୋଲିବା, ରତ୍ନଭଣ୍ଡାର ଖୋଲାଯାଇ ମହାପ୍ରଭୁଙ୍କ ଅଳଙ୍କାର ଗଣତି କରିବା, ଭଣ୍ଡାର ଘର ମରାମତି ବେଦାନ୍ତ କମ୍ପାନୀ ଦ୍ୱାରା ଅଧିଗ୍ରହଣ ହୋଇଥିବା ଜଗନ୍ନାଥଙ୍କ ଅମୃତମଣୋହି ଜମିକୁ ତୁରନ୍ତ ଫେରସ୍ତ କରିବା ଆଦି ଦାବିରେ କଂଗ୍ରେସ କର୍ମୀମାନେ ସତ୍ୟାଗ୍ରହ କରିଥିଲେ। ବାଣପୁର ବ୍ଲକ ସଭାପତି ଅକ୍ଷୟ ମହାପାତ୍ର, ବାଣପୁର ବିଜ୍ଞାପିତ ପରିଷଦ ସଭାପତି ବିଜୟ ରଥ, ସନ୍ତୋଷ ଷଡ଼ଙ୍ଗୀ, ଯୁବ କଂଗ୍ରେସ ସଭାପତି ଗୋପୀନାଥ ରଣା, ଛାତ୍ର କଂଗ୍ରେସ ସଭାପତି ଧର୍ମେନ୍ଦ୍ର ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ, ଲକ୍ଷ୍ମୀଧର ସାହୁ, କୁଳମଣି ଜେନା, ଦୁର୍ଯ୍ୟୋଧନ ବେହେରା, ବସନ୍ତ ବିଶୋଇ, ତ୍ରିନାଥ ସୁବୁଦ୍ଧି, ଯଦୁ ମୁଦୁଲି, କୃଷ୍ଣ ଚନ୍ଦ୍ର ସାହୁ, ଉଗ୍ରସେନ ବିଶ୍ୱାଳ, ପ୍ରକାଶ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବୋଲଗଡ଼ ବ୍ଲକ କଂଗ୍ରେସ ପକ୍ଷରୁ ତୃତୀୟା ଦେବ ଭାବେ ପୂଜା ପାଉଥିବା ଜଗନ୍ନାଥ ମନ୍ଦିରଠାରେ ପୃଥ୍ୱୀବଲ୍ଲଭ ପଟ୍ଟନାୟକଙ୍କ ନେତୃତ୍ୱରେ ସଂକୀର୍ତ୍ତନ ସତ୍ୟାଗ୍ରହ ହୋଇଥିଲା। ସଂକୀର୍ତ୍ତନ ଦଳଙ୍କ ପ୍ରଦର୍ଶନ ସହ ବ୍ଲକର ୧୯ଟି ପଞ୍ଚାୟତର ଶତାଧିକ କଂଗ୍ରେସ କର୍ମୀ ସତ୍ୟାଗ୍ରହ କରିଥିଲେ। ଏହି ସତ୍ୟାଗ୍ରହରେ ବ୍ଲକ କଂଗ୍ରେସ ସଭାପତି ସଞ୍ଜୟ କୁମାର ସୁବୁଦ୍ଧି, ମାଧବ ବିଶ୍ୱାଳ, ପ୍ରଭାତ ପରିଡ଼ା, ବିଜୟ ମହାନ୍ତି, ରଘୁନାଥ ସାହୁ, ରାଧାଶ୍ୟାମ ରାୟଗୁରୁ ମହାପାତ୍ର, ଗଣେଶ ପ୍ରଧାନ, ପ୍ରସନ୍ନ ସାମନ୍ତରାୟ, କୁଞ୍ଜବିହାରୀ ପ୍ରଧାନ, ଭାସ୍କର ହୋତା, ନବ କିଶୋର ପଣ୍ଡା, କୃଷ୍ଣ ପଟ୍ଟଯୋଷୀ, ଟୁନା ପୃଷ୍ଟି, ବନମାଳୀ ସେନାପତି, ନିରଞ୍ଜନ ସାମନ୍ତରାୟ, ରାଜା ପ୍ରଧାନ, ମୋଜ ଖାଁ, ଟୁନା ଖାଁ, ପବିତ୍ର ଶ୍ରୀଚନ୍ଦନ, ସୀମାଞ୍ଚଳ ଖଣ୍ଡାଇ ପ୍ରମୁଖ ଉପସ୍ଥିତ ଥିଲେ।

# ଜଟଣୀରେ ଖୋଲିଲା ବାଣ ବଜାର




ଜଟଣୀ,୯।୧୧(ରବୀନ୍ଦ୍ର ନାଥ ମହାକୁଡ଼)

ରବିବାର ଆଲୋକର ପର୍ବ ଦୀପାବଳି। ରଙ୍ଗିନ ଆଲୋକ ସାଙ୍ଗକୁ ଦୀପରେ ଝଲସି ଉଠିବ ଗାଁଠୁ ସହର। ଏହି ପରିପ୍ରେକ୍ଷୀରେ ଗୁରୁବାର ଜଟଣୀ ଷଣ୍ଢପୁରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ନିକଟ ଖଣି ଅଞ୍ଚଳରେ ବାଣ ବଜାର ଖୋଲାଯାଇଛି। ୧୧୫ଟି ଖୁଚୁରା ବାଣ ଦୋକାନ ଖୋଲାଯାଇଥିବା ବେଳେ ୮ରୁ ଊର୍ଦ୍ଧ୍ୱ ହୋଲସେଲ ଗୋଦାମରେ ବାଣ ବିକ୍ରି ହେଉଛି। ବିଭିନ୍ନ ପ୍ରକାର ବାଣ ରହିଥିବା ବେଳେ ପାଗ ଅନୁକୂଳ ଥିବାରୁ ବେପାର ଭଲ ହେବା ନେଇ ବ୍ୟବସାୟୀ ଆଶା ରଖିଛନ୍ତି। ସରକାରୀ ନିୟମ ଅନୁଯାୟୀ ବାଣ ବିକ୍ରି କରାଯିବ। ସାର୍ଟିଫିକେଟପ୍ରାପ୍ତ ବାଣ ପ୍ରସ୍ତୁତକାରୀ କମ୍ପାନୀର ବାଣ ବିକ୍ରି ଓ ଫୁଟାଇବା ଅନୁମତି ରହିଛି। ପ୍ରଥମ ଦିନରେ ବାଣ କିଣିବା ପାଇଁ ଜିଲା ଏବଂ ଆଖପାଖ ବିଭିନ୍ନ ଜିଲାର ଲୋକଙ୍କ ଗହଳି ଦେଖିବାକୁ ମିଳିଛି। କୌଣସି ଅଘଟଣ ଏଡ଼ାଇବା ପାଇଁ ଦୋକାନ ନିକଟରେ ବାଲି ବସ୍ତା, ପାଣି ଡ୍ରମ, ଅଖା, ଅଗ୍ନି ନିର୍ବାପକ ଯନ୍ତ୍ର ରଖାଯାଇଛି। ଗ୍ରାହକଙ୍କ ପାଇଁ ପାନୀୟ ଜଳ, ଶୌଚାଳୟର ବ୍ୟବସ୍ଥା ସହ ଖାଦ୍ୟ ଷ୍ଟଲ ମଧ୍ୟ ଖୋଲାଯାଇଛି। ସକାଳ ୯ରୁ ରାତି ୧୦ଟା ପର୍ଯ୍ୟନ୍ତ ବାଣ ବଜାର ଖୋଲାଯିବ ବୋଲି ଜଟଣୀ ବାଣବଜାର ବ୍ୟବସାୟୀ ସଂଘ ସଭାପତି ଶିବପ୍ରସାଦ ମହାପାତ୍ର ଏବଂ ଉପଦେଷ୍ଟା ଚିତ୍ତରଞ୍ଜନ ଦଳାଇ କହିଛନ୍ତି।

### ଏମାନେ ଯାହା କୁହନ୍ତି...

" ପାଗ ଅନୁକୂଳ ରହିଥିବାରୁ ଚଳିତବର୍ଷ ଭଲ ବ୍ୟବସାୟ ହେବା ନେଇ ଆଶା ରଖିଛୁ। ସୁପ୍ରିମକୋର୍ଟଙ୍କ ଗାଇଡ୍‌ଲାଇନ ଏବଂ ସରକାରଙ୍କ ନିୟମ ଅନୁସାରେ କେବଳ ମାନ୍ୟତାପ୍ରାପ୍ତ ଗ୍ରୀନ ବାଣ ବିକ୍ରି କରାଯାଉଛି। ବିଭିନ୍ନ ଭେରାଇଟିର ବାଣ ରହିଛି। ବିଗତବର୍ଷଅପେକ୍ଷା ଚଳିତବର୍ଷବାଣ ଦରକମ୍ ରହିଛି।

**-ପ୍ରମୋଦ ଦାସ, ହୋଲସେଲ୍ ବାଣ ବିକ୍ରେତା**

" ଅନ୍ୟ ବର୍ଷମାନଙ୍କ ଅପେକ୍ଷା ବର୍ତ୍ତମାନ ଲୋକଙ୍କର ବାଣ ଫୁଟାଇବା ପ୍ରତି ଆଗ୍ରହ ବଢ଼ିଛି। ସରକାରଙ୍କ ନିୟମ ମୁତାବକ ବାଣ ମିଳୁଥିବାରୁ ଲୋକେ ଖୁସି ଅଛନ୍ତି। ବିଭିନ୍ନ କମ୍ପାନୀର ବାଣ କିଣି ନେଉଛନ୍ତି। ବର୍ତ୍ତମାନ କେବଳ ସବୁଜ ବାଣ କିମ୍ବା ପେସୋ ମାନ୍ୟତାପ୍ରାପ୍ତ ବାଣ ବିକ୍ରି କରାଯାଉଛି। ଶବ୍ଦ କିମ୍ବା ବାୟୁ ପ୍ରଦୂଷଣକାରୀ ବାଣ ବିକ୍ରି କରାଯାଉନାହିଁ।

**- ଜିତେନ୍ଦ୍ର କୁମାର ପଟ୍ଟନାୟକ, ହୋଲ୍‌ସେଲ ଓ ଖୁଚୁରା ବାଣ ବ୍ୟବସାୟୀ**

" ଚଳିତ ଦୀପାବଳିରେ ମନଭରି ବାଣ ଫୁଟାଇବୁ। ବାଣ ଫୁଟାଇବାରେ ଖୁବ୍ ମଜା ଆସିଯିବ। ତେବେ ତାଳଫୋଟକା, ଧପଧପି, ନଡ଼ିଆ ବମ, ସୁତୁଲି ବମ, ସାପ ବାଣ ଭଳି କିଛି ବାଣ ମିଳୁନଥିବାରୁ ମନ ଦୁଃଖ।

**-ଦିବ୍ୟେନ୍ଦୁ ମହାକୁଡ଼, ଗ୍ରାହକ**

" ପ୍ରତିବର୍ଷ ଜଟଣୀରୁ ବାଣ କିଣି ନେଇଥାଏ। ଏଠାରେ ଅନ୍ୟ ସ୍ଥାନ ଅପେକ୍ଷା ଭଲ ଓ ଶସ୍ତାରେ ବାଣ ମିଳିଥାଏ। ଚଳିତବର୍ଷ ରେଟ୍ ବି ପକେଟକୁ ସୁହାଉଛି। ବିଭିନ୍ନ ପ୍ରକାର ଗ୍ରୀନ ବାଣ ରହିଛି।

**-ଜନ୍ମେଞ୍ଜୟ ସ୍ୱାଇଁ, ଗ୍ରାହକ**

ସଂକ୍ଷେପରେ

## ଏଡିଏମ୍‌ଙ୍କୁ ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚ ଦେଲା ଦାବିପତ୍ର

ପୁରୀ, ୯।୧୧ (ଅଜିତ ମହାନ୍ତି):

ପୁରୀ ଜିଲା ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚ ପକ୍ଷରୁ ବୁଧବାର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ(ଏଡିଏମ୍)ଙ୍କୁ ଦୁଇଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ମଞ୍ଚ ପକ୍ଷରୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଜିଲା ମୁଖ୍ୟ ଚିକିତ୍ସାଳୟରେ ବରିଷ୍ଠ ନାଗରିକଙ୍କ ନିମନ୍ତେ ଆଉଟ୍‌ଡୋର ଓ ଔଷଧ ବିତରଣ କେନ୍ଦ୍ରରେ ସ୍ୱତନ୍ତ୍ର ଧାଡ଼ିର ବ୍ୟବସ୍ଥା କରାଯିବା ସହ ସ୍ୱତନ୍ତ୍ର ଚିକିତ୍ସା ତୁରନ୍ତ ଯୋଗାଇ ଦିଆଯାଉ। ଶ୍ରୀମନ୍ଦିର ନିକଟରେ ବରିଷ୍ଠ ନାଗରିକଙ୍କ ନିମନ୍ତେ ପ୍ରତ୍ୟେକ ସମୟରେ ଆମ୍ବୁଲାନ୍ସ ବ୍ୟବସ୍ଥା ଉପଲବ୍ଧ ହେଉ। ଚାରିଦ୍ୱାର ଖୋଲାଯାଉ। ବରିଷ୍ଠ ନାଗରିକମାନଙ୍କୁ ପଶ୍ଚିମ ଦ୍ୱାରରେ ଶ୍ରୀମନ୍ଦିରକୁ ଛଡ଼ାଯିବା ବ୍ୟବସ୍ଥା କରାଯାଉ ବୋଲି ମଞ୍ଚ ଦାବି କରିଛି। ଜିଲା ସବ୍‌ଜଜ୍ କୋର୍ଟ ପ୍ରାଙ୍ଗଣରୁ ଏକ ୨୦ ଜଣିଆ ପ୍ରତିନିଧି ଦଳ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁଙ୍କୁ ଦାବିପତ୍ର ଦେଇଥିଲେ। ମଞ୍ଚ ଉପଦେଷ୍ଟା ଶରତ ଚନ୍ଦ୍ର ରାୟଗୁରୁ, କାର୍ଯ୍ୟକାରୀ ସଭାପତି ନିରଞ୍ଜନ ଦାସ, ସାଧାରଣ ସମ୍ପାଦକ କୃତ୍ତିବାସ କାମଲା, ଯୋଜନା ଓ ସମନ୍ୱୟ କମିଟିର ଉପାଧ୍ୟକ୍ଷ ଡ. ମନୋଜ କୁମାର ସାମନ୍ତରାୟ, ଲକ୍ଷ୍ମୀଧର ଜେନାଙ୍କ ସହ ମଞ୍ଚର ସଦସ୍ୟମାନେ ଉପସ୍ଥିତ ରହି ଦାବିପତ୍ର ପ୍ରଦାନ କରିଥିଲେ। ସେହିପରି ଯୋଜନା ଓ ସମନ୍ୱୟ କମିଟିର ଲିଙ୍ଗରାଜ ଦାଶଙ୍କ ପରଲୋକ ଗମନରେ ତାଙ୍କ ଆତ୍ମାର ସଦ୍‌ଗତି ପାଇଁ ଜିଲାପାଳଙ୍କ ପ୍ରାଙ୍ଗଣରେ ମଞ୍ଚ ପକ୍ଷରୁ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

## କବାଡ଼ିଆ ଦୋକାନ ମାଳମାଳ : ବଢୁଛି ଚୋରା କାରବାର

ଅସ୍ତରଙ୍ଗ, ୯।୧୧ (ପ୍ରଦୀପ୍ତ କୁମାର ଦୀକ୍ଷିତ):

ଅସ୍ତରଙ୍ଗ ସମେତ ଏହି ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳରେ ମାଳ ମାଳ କବାଡ଼ିଆ ଦୋକାନ ଏବେ ଚୋରା ସାମଗ୍ରୀର ଗନ୍ତାଘର ପାଲଟିଛି। କବାଡ଼ିଆ ଦୋକାନ ନାମରେ କିଛି ଅସାମାଜିକ ବ୍ୟକ୍ତି କୋମଳମତି ଶିଶୁମାନଙ୍କୁ ବ୍ୟବହାର କରିବା ସହ ଚୋରି ସାମଗ୍ରୀ କିଣାବିକା କରୁଥିବା ଦେଖିବାକୁ ମିଳୁଛି। ଗ୍ରାମାଞ୍ଚଳରେ ଏହି ଚୋରି କାରବାର ଏବେ ବହୁଳ ମାତ୍ରାରେ ହେଉଥିବା ଜଣାଯାଇଛି। ଚୋରା ସାମଗ୍ରୀକୁ କବାଡିଆ ଦୋକାନୀମାନେ କିଲୋ ପିଛା ଶସ୍ତାରେ କିଣି ଉଚ୍ଚ ଦରରେ ବିଭିନ୍ନ ଗ୍ରାହକଙ୍କୁ ବିକ୍ରି କରୁଛନ୍ତି। ଏପରିକି କିଛି ଗ୍ରାହକ ସୁଲଭ ମୂଲ୍ୟରେ ଘର କରଣା ସାମଗ୍ରୀ କିଣିବା ଲାଗି ବିଭିନ୍ନ କବାଡିଆ ଦୋକାନଗୁଡ଼ିକରେ ଭିଡ଼ ଜମାଉଥିବା ଦେଖାଯାଉଛି। ପୋଲିସ ପକ୍ଷରୁ ସ୍ଥାନୀୟ ଅଞ୍ଚଳରେ ଥିବା କବାଡ଼ିଆ ଦୋକାନଗୁଡିକରେ ଚଢାଉ କରାଗଲେ ବହୁ ଚୋରା କାରବାରର ଗୁମର ଖୋଲିପାରନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

# ‘ଭକ୍ତଙ୍କ ପାଇଁ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲାଯାଉ’

ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ କଂଗ୍ରେସର ସଂକୀର୍ତ୍ତନ ସତ୍ୟାଗ୍ରହ



ପୁରୀ, ୯।୧୧ (ଅଜିତ୍ ମହାନ୍ତି):

ଭକ୍ତଙ୍କ ପାଇଁ ତୁରନ୍ତ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବାକୁ କଂଗ୍ରେସ ଦାବି କରିଛି। ଏହି ଦାବି ନେଇ କଂଗ୍ରେସ ପକ୍ଷରୁ ଗୁରୁବାର ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ସଂକୀର୍ତ୍ତନ ସତ୍ୟାଗ୍ରହ କରାଯାଇଛି। କଂଗ୍ରେସ କର୍ମକର୍ତ୍ତା କହିଛନ୍ତି ଯେ, ରାଜ୍ୟ ତଥା ରାଜ୍ୟ ବାହାରେ ଥିବା ଲକ୍ଷ ଲକ୍ଷ ଜଗନ୍ନାଥପ୍ରେମୀଙ୍କ ଭାବାବେଗକୁ ସରକାର ବାରମ୍ବାର କୁଠାରାଘାତ କରୁଛନ୍ତି। ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା ଦାବି ନେଇ ଗତ ଅକ୍ଟୋବର ୧୬ରେ ପୁରୀରେ ରାଜ୍ୟ କଂଗ୍ରେସ ତରଫରୁ ବିରାଟ ଜନ ଆନ୍ଦୋଳନ ଅନୁଷ୍ଠିତ ହୋଇଥିଲା। ଶରଧାବାଲିଠାରୁ ଏକ ଶୋଭାଯାତ୍ରା ବାହାରି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ୬ଦଫା ଦାବି ସମ୍ବଳିତ ସ୍ମାରକ ପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦିଆଯାଇଥିଲା। ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ ରାଜ୍ୟ ସରକାରଙ୍କୁ ଅକ୍ଟୋବର ୨୮ ତାରିଖ ସୁଦ୍ଧା ଏହି ଦାବି ମାନି ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା, ରତ୍ନଭଣ୍ଡାରର ଗଣତି ଓ ମରାମତି କାର୍ଯ୍ୟ ଆରମ୍ଭ କରିବା ସହିତ ବେଦାନ୍ତ ଦ୍ୱାରା ଅଧିଗ୍ରହଣ କରାଯାଇଥିବା ଶ୍ରୀଜଗନ୍ନାଥଙ୍କ ଅମୃତ ମଣୋହି ଜମି ଏବଂ ଚାଷୀଙ୍କ ଚାଷଜମିକୁ ଫେରାଇବା, ପୁରୀର ଭୂମିହୀନ ସେବାୟତଙ୍କୁ ଜମି ପ୍ରଦାନ ସହିତ ୮୦ ହଜାର ବାସିନ୍ଦାଙ୍କୁ ସ୍ଥାୟୀ ପଟ୍ଟା ପ୍ରଦାନ କରିବା ପାଇଁ ମହଲତ ଦେଇଥିଲେ। କିନ୍ତୁ ଏ ପର୍ଯ୍ୟନ୍ତ ରାଜ୍ୟ ସରକାର କଂଗ୍ରେସର ଦାବିକୁ ଗ୍ରହଣ କଲେ ନାହିଁ। ସମ୍ପ୍ରତି ପବିତ୍ର କାର୍ତ୍ତିକ ମାସରେ ଓଡ଼ିଶା ଏବଂ ଓଡ଼ିଶା ବାହାରୁ ଲକ୍ଷ ଲକ୍ଷ ହବିଷିଆଳି ଓ ଭକ୍ତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ପୁରୀ ଆସୁଛନ୍ତି। ତେବେ ଦିନ ଦିନ ଧରି ଅପେକ୍ଷା କଲାପରେ ମଧ୍ୟ ସେମାନେ ଠିକ୍ ଭାବେ ଜଗନ୍ନାଥଙ୍କୁ ଦର୍ଶନ କରିପାରୁ ନାହାନ୍ତି। କ୍ଷୋଭ ଓ ମନଦୁଃଖରେ ଭକ୍ତମାନେ ଜଗନ୍ନାଥଙ୍କୁ ଦର୍ଶନ ନ କରି ଫେରିଯାଉଛନ୍ତି। ଏହା ଓଡ଼ିଶାର ସଂସ୍କୃତି, ଐତିହ୍ୟ ଓ ପରମ୍ପରା ପ୍ରତି ଏକ ବଡ଼ କୁଠାରାଘାତ। ସରକାର କାହାର ସ୍ୱାର୍ଥ ପୂରଣ କରିବା ପାଇଁ ଭକ୍ତ ଓ ଭଗବାନ ମଧ୍ୟରେ ଏକ ପାଚେରି ହୋଇ ଛିଡ଼ା ହୋଇଛନ୍ତି? ପବିତ୍ର ଧର୍ମ ମାସରେ ଭକ୍ତଙ୍କୁ ଶ୍ରୀମନ୍ଦିରକୁ ଅନାୟସରେ ପ୍ରବେଶ ଓ ପ୍ରସ୍ଥାନ ପାଇଁ ଦାୟିତ୍ୱ ନିର୍ବାହ କରିବା ପରିବର୍ତ୍ତେ ଦ୍ୱାର ବନ୍ଦ କରି ରଖିବା ଜଗନ୍ନାଥ ସଂସ୍କୃତି ବିରୋଧୀ। ରାଜ୍ୟ ସରକାରଙ୍କ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ପାଖାପାଖି ୩ବର୍ଷରୁ ଅଧିକ ସମୟ ହେଲାଣି, ମାତ୍ର ଏପର୍ଯ୍ୟନ୍ତ ସମୁଦାୟ ପ୍ରକଳ୍ପର ୧୦ ଭାଗ କାମ ମଧ୍ୟ ସରିନାହିଁ। ତେଣୁ ଭକ୍ତଙ୍କ ଭାବାବେଗକୁ ଦୃଷ୍ଟିରେ ରଖି ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଗୁରୁବାର କଂଗ୍ରେସ ପକ୍ଷରୁ ଶ୍ରୀମନ୍ଦିର ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ କରି ସଂକୀର୍ତ୍ତନ ସତ୍ୟାଗ୍ରହ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା କଂଗ୍ରେସ ସଭାପତି ଜୟରାମ ପଟ୍ଟନାୟକ, ପିସିସି ସମ୍ପାଦକ ବିଶ୍ୱନାଥ ଦାଶ, ମିତ୍ରଭାନୁ ମହାପାତ୍ର, ସୀତାକାନ୍ତ ମହାନ୍ତି, ନିରଞ୍ଜନ ରଥ, ପୁରୀ ନଗର କଂଗ୍ରେସ (କ) ସଭାପତି ଛବିନ୍ଦ୍ର ପଡ଼ିଆରୀ, ପିସିସି ଉପସଭାପତି ଶିବାନନ୍ଦ ରାୟ, ସୁଜିତ୍ ମହାପାତ୍ର, ରାଜେଶ ମିଶ୍ର, ବିନାୟକ ଦାସମହାପାତ୍ର, ଜିଲା ଲିଗାଲ ସେଲ ସଭାପତି କାଳିପ୍ରସାଦ ନାୟକ ଏବଂ ଜଟଣୀ ବିଧାୟକ ସୁରେଶ ରାଉତରାୟ ପ୍ରମୁଖ ସାମିଲ ଥିଲେ। ସେହିପରି ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲା ପରିଷଦ ସଦସ୍ୟ ପୁଷ୍କର ମହାପାତ୍ର, ମଞ୍ଜୁଲତା ବାରିକ, ଭୀମସେନ ପ୍ରଧାନ, ଅମରେନ୍ଦ୍ର ପାଇକରାୟ, ବିଦ୍ୟୁଲତା ଆଚାର୍ଯ୍ୟ, ସରସ୍ୱତୀ ପାତ୍ର, ସୁକାନ୍ତ ପ୍ରଧାନ, ପ୍ରେମଜିତ ମହାନ୍ତି, ନୂତନ ଦାସମହାପାତ୍ର, ଚେତନ ମିଶ୍ର, ରଜତ ସାହୁ, ଅବିନାଶ ମିଶ୍ର, ବିଶ୍ୱରଞ୍ଜନ ମହାପାତ୍ର, ଆଶୁତୋଷ ମିଶ୍ର, ଆଦର୍ଶ ମିଶ୍ର, ମାର୍କଣ୍ଡ ମହାନ୍ତି, ଉମାକାନ୍ତ ବେହେରା, ସସ୍ମିତା ସ୍ୱାଇଁ, ଜିଲା ମୁଖପାତ୍ର ସ୍ୱାଧୀନ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



ସତ୍ୟାଗ୍ରହ ଅବସରରେ ସଂକୀର୍ତ୍ତନ ପରିବେଷଣ କରାଯାଉଛି ।

# ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷା ଡା. ସବିତା ମହାପାତ୍ର

ପୁରୀ, ୯।୧୧ (ଅଜିତ୍ ମହନ୍ତି):



ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ନୂତନ ଅଧକ୍ଷା ଭାବେ ବରିଷ୍ଠ ପ୍ରଫେସର ଡାକ୍ତର ସବିତା ମହାପାତ୍ର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ପୂର୍ବରୁ ବଲାଙ୍ଗୀରସ୍ଥିତ ଭୀମଭୋଇ ଭେଷଜ ମହାବିଦ୍ୟାଳୟର ଅଧ୍ୟକ୍ଷା ରହିଥିଲେ। ଗତ ସପ୍ତାହରେ ରାଜ୍ୟ ସରକାରଙ୍କ ନିଷ୍ପତ୍ତି କ୍ରମେ ତାଙ୍କୁ ପୁରୀର ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟକୁ ବଦଳି କରାଯାଇଛି। ଗୁରୁବାର ପ୍ରଫେସର ଡା. ମହାପାତ୍ର ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ପ୍ରଥମେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରି ଆଶୀର୍ବାଦ ନେଇଥିଲେ। ପରେ ମହାବିଦ୍ୟାଳୟକୁ ଆସି ଅଧୀକ୍ଷକ ପ୍ରଫେସର କୌଶିକ ମିଶ୍ରଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଥିଲେ। ଏହି ଅବସରରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଅଧୀକ୍ଷକ ପ୍ରଫେସର ମିଶ୍ରଙ୍କ ସମେତ ଉପାଧ୍ୟକ୍ଷ ପ୍ରଫେସର ଲଲାଟେନ୍ଦୁ ସ୍ୱାଇଁ, ପ୍ରଶାସନିକ ଅଧିକାରୀ ଇନ୍ଦିରା ସାହୁ, ବିତାଧିକାରୀ ଦୀପା ନାୟକଙ୍କ ସମେତ ବିଭିନ୍ନ ବିଭାଗର ବିଭାଗୀୟ ମୁଖ୍ୟ, ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ରମାନେ ନୂତନ ଅଧକ୍ଷାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ୨୦୨୧ ମସିହାଠାରୁ ଏହି ମହାବିଦ୍ୟାଳୟ କାର୍ଯ୍ୟକ୍ଷମ ହୋଇଥିବା ବେଳେ ତିନୋଟି ବ୍ୟାଚ୍‌ରେ ୩୦୦ ଛାତ୍ରୀଛାତ୍ର ଏମ୍‌ବିବିଏସ୍ ପାଠ୍ୟକ୍ରମ ଅଧ୍ୟୟନ କରୁଛନ୍ତି। ମହାବିଦ୍ୟାଳୟର ଉନ୍ନତି ଓ ସୁପରିଚାଳନା ଦିଗରେ କାର୍ଯ୍ୟ କରିବା ସହ ଅଧ୍ୟାପକ ଓ କର୍ମଚାରୀଙ୍କ ସହଯୋଗରେ ସମସ୍ତ କାର୍ଯ୍ୟ ସୁଚାରୁରୂପେ ଆଗେଇ ନେବାକୁ ନୂତନ ଅଧକ୍ଷା ପ୍ରଫେସର ମହାପାତ୍ର ସଂକଳ୍ପ ବ୍ୟକ୍ତ କରିଛନ୍ତି।

## ସତ୍ୟବାଦୀ, କଣାସରେ କଂଗ୍ରେସର ସତ୍ୟାଗ୍ରହ



ସାକ୍ଷୀଗୋପାଳଠାରେ କଂଗ୍ରେସ କର୍ମୀମାନେ ସତ୍ୟାଗ୍ରହ କରିଛନ୍ତି ।

ସାକ୍ଷୀଗୋପାଳ/କଣାସ, ୯।୧୧ (କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ/ ବିଭୂତି ଭୂଷଣ ତ୍ରିପାଠୀ)

ଶ୍ରୀମନ୍ଦିର ଚାରିଦ୍ୱାରରେ ଭକ୍ତଙ୍କୁ ମହାପ୍ରଭୁଙ୍କ ଦର୍ଶନ ସୁଯୋଗ, ରତ୍ନଭଣ୍ଡାର ଅଳଙ୍କାର ଗଣତି, ମଠ ମନ୍ଦିର ସୁରକ୍ଷା ଆଦି ୬ଦଫା ଦାବିରେ ଗୁରୁବାର ସତ୍ୟବାଦୀ ବ୍ଲକ କଂଗ୍ରେସ ପକ୍ଷରୁ ସାକ୍ଷୀଗୋପାଳ ମନ୍ଦିର ସମ୍ମୁଖ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ନିକଟରେ ସତ୍ୟାଗ୍ରହ କରାଯାଇଥିଲା। ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ, ସଂକୀର୍ତ୍ତନ ମଣ୍ଡଳୀ ଓ ମହିଳା ମଣ୍ଡଳୀ ହରିନାମ କୀର୍ତ୍ତନ କରି ଦାବି ପୂରଣ ପାଇଁ ଠାକୁରଙ୍କୁ ପ୍ରାର୍ଥନା କରିଥିଲେ। ହରିଚନ୍ଦନଙ୍କ ସହିତ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଜୟନ୍ତ ହୋତା, ବ୍ଲକ କଂଗ୍ରେସ ସଭାପତି ସୁବାସ ମହାପାତ୍ର, ଯୁବ କଂଗ୍ରେସ ସଭାପତି ଲିପ୍ତି ରଞ୍ଜନ ପ୍ରଧାନ, ପ୍ରସାଦ କୁମାର ନାୟକ, କାହ୍ନୁଚରଣ ପ୍ରଧାନ, କୁଳମଣି ବିଶ୍ୱାଳ ଏବଂ ଲୋକନାଥ ନାୟକ ପ୍ରମୁଖ ସାକ୍ଷୀଗୋପାଳ ଠାକୁରଙ୍କୁ ଦର୍ଶନ କରିବା ସହ ଦୀପଦାନ କରିଥିଲେ। ସେହିପରି ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନଙ୍କ ତତ୍ତ୍ୱାବଧାନରେ କଣାସ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ସଂକୀର୍ତ୍ତନ ସତ୍ୟାଗ୍ରହ କରାଯାଇଛି। ଏଥିରେ କଣାସ ବ୍ଲକ କଂଗ୍ରେସ ସଭାପତି ସଦାନନ୍ଦ ପ୍ରଧାନ, ଜିଲା କଂଗ୍ରେସ ଉପସଭାପତି ସଂଗ୍ରାମ କେଶରୀ ବଳିୟାରସିଂହ, ସମାଜସେବୀ ତ୍ରିନାଥ ଛୋଟରାୟ, ପ୍ରତାପ ପଟ୍ଟନାୟକ, ଲଲାଟକେଶରୀ ନିଶଙ୍କ, ସୁମନ୍ତ ବଳବନ୍ତ ରାୟ, ନିରଞ୍ଜନ ଜେନା ପ୍ରମୁଖ ସାମିଲ ଥିଲେ। ୫ମେଳ ସଂକୀର୍ତ୍ତନ ଦଳ ସଂକୀର୍ତ୍ତନ ପରିବେଷଣ କରିଥିଲେ ।

# କଲେଜ ଅଫ୍ ଫାର୍ମାସ୍ୟୁଟିକାଲ ସାଇନ୍ସେସ୍‌ରେ ବିପିୟୁଟି କାର୍ନିଭାଲ

ପୁରୀ, ୯।୧୧ (ଅଜିତ୍ ମହାନ୍ତି):

ବାଲିଗୁଆଳିସ୍ଥିତ କଲେଜ ଅଫ୍ ଫାର୍ମାସ୍ୟୁଟିକାଲ ସାଇନ୍ସେସ୍‌ରେ ଗୁରୁବାର ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ ପ୍ରାୟୋଜିତ ବିପିୟୁଟି କାର୍ନିଭାଲ-୨୦୨୩ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଫେସର ଡ. ଅମୀୟକାନ୍ତ ମିଶ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଶ୍ରୀଜଗନ୍ନାଥ ମେଡିକାଲ କଲେଜ ଓ ହସପିଟାଲର ପ୍ରାଧ୍ୟାପକ ଡା. ପର୍ଶୁରାମ ନାୟକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରି କହିଲେ ଯେ, ସମସ୍ତ କଲେଜ ଏହିପରି କାର୍ଯ୍ୟକ୍ରମ କରିବା ଆବଶ୍ୟକ ଯେଉଁଥିରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଜ୍ଞାନର ଆଦାନ ପ୍ରଦାନ ହେବା ସହିତ ସେମାନଙ୍କ ମଧ୍ୟରେ ଜ୍ଞାନ ବୃଦ୍ଧି ହୋଇପାରିବ। କଲେଜ ଏହିପରି କାର୍ଯ୍ୟକ୍ରମ ଆୟୋଜନ କରିଥିବାରୁ ଡା. ନାୟକ ପ୍ରଶଂସା କରିଥିଲେ। କଲେଜର ନିର୍ଦ୍ଦେଶକ ପ୍ରଫେସର ଡ. ସନ୍ତୋଷ କୁମାର ମହାପାତ୍ର ଓ ପ୍ରଧ୍ୟାପକ ଡ. ସଞ୍ଜୟ କୁମାର ନାୟକ ଉପସ୍ଥିତ ରହି ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ ଦ୍ୱାରା ଏହି କଲେଜକୁ ଚୟନ କରାଯାଇଥିବାରୁ ଧନ୍ୟବାଦ ଦେବା ସହିତ ଫାର୍ମା କୁଇଜ୍ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଓଡ଼ିଶାର ବିଭିନ୍ନ କଲେଜରୁ ଆସିଥିବା ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଥିଲେ। କଲେଜର ଅଧ୍ୟକ୍ଷ ପ୍ରଫେସର ଡ. ଅମୀୟକାନ୍ତ ମିଶ୍ର ସ୍ୱାଗତ ଭାଷଣରେ ଏଭଳି କାର୍ଯ୍ୟକ୍ରମରେ ପିଲାମାନେ ଭାଗନେବା ଦ୍ୱାରା ସେମାନଙ୍କର ଦୂରଦୃଷ୍ଟି, କାର୍ଯ୍ୟଦକ୍ଷତା ଓ ନେତୃତ୍ୱ ନେବାର ଦକ୍ଷତା ବୃଦ୍ଧି ପାଇବ ବୋଲି କହିଥିଲେ। କଲେଜର ଚେୟାରପର୍ସନ ଅନିମା ଦାସ ଯୋଗଦେଇ ପ୍ରତିଯୋଗୀମାନଙ୍କ ସଫଳତା କାମନା କରିଥିଲେ। ଅଧ୍ୟାପକ ସିଦ୍ଧେଶ୍ୱର ପ୍ରସାଦ ପାଢୀଯୋଶୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଧ୍ୟାପିକା ସୁନୀତା ମିଶ୍ର, ଅଧ୍ୟାପକ ବସନ୍ତ କୁମାର ବେହେରା, ଅସିତ୍ କୁମାର ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ପ୍ରଧ୍ୟାପକ ଚିନ୍ମୟ କେଶରୀ ସାହୁ ଧନ୍ୟବାଦ ଦେଇଥିଲେ।



ବାଲିଗୁଆଳିସ୍ଥିତ କଲେଜ ଅଫ୍ ଫାର୍ମାସ୍ୟୁଟିକାଲ ସାଇନ୍ସେସ୍‌ରେ ଆୟୋଜିତ ବିପିୟୁଟି କାର୍ନିଭାଲରେ ମଞ୍ଚାସୀନ ଅତିଥି ।

## ମଦ ଜବତ, ଜଣେ ଗିରଫ

କୃଷ୍ଣପ୍ରସାଦ, ୯।୧୧ (କୈଳାସ ଚନ୍ଦ୍ର ପଟ୍ଟନାୟକ):

କୃଷ୍ଣପ୍ରସାଦ ଥାନା ଅଧୀନ ମୋରଡ଼ା ଗ୍ରାମରେ ପୋଲିସ ଚଢ଼ାଉ କରି ୧୧୨ ପ୍ୟାକେଟ ଦେଶୀରନ୍ଧା ମଦ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ସେ ହେଲେ ଏହି ଗ୍ରାମର ବିନାୟକ ତ୍ରିପାଠୀ। ଏନେଇ ଥାନାରେ ଏକ ମାମଲା (ନଂ.୧୬୭/୨୩) ରୁଜୁ ପରେ ବିନାୟକଙ୍କୁ କୋର୍ଟଚାଲାଣ କରାଯାଇଛି। ଆଇଆଇସି ବସନ୍ତ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇ ଚନ୍ଦ୍ରଶେଖର ନାୟକ, ହାବିଲଦାର ନିତ୍ୟାନନ୍ଦ ପାତ୍ର ସଦଳବଳେ ଚଢ଼ାଉ କରିଥିଲେ।

## ୩ କୁଇଣ୍ଟାଲ ଗୋମାଂସ ଜବତ, ବାପପୁଅ ଗିରଫ

ନିମାପଡ଼ା, ୯।୧୧ (ବିଚିତ୍ରାନନ୍ଦ ସାହୁ):

ଗୋମାଂସ ଚାଲାଣ ପାଇଁ ମସୁଧା ଚଳାଇଥିବା ବେଳେ ନିମାପଡ଼ା ଥାନା ପୋଲିସ ଗୁରୁବାର ୨ଜଣ(ବାପପୁଅ)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ଦିଘାଲୋ ଅଞ୍ଚଳର ମହମ୍ମଦ ସହାବଉଦ୍ଦିନ ଓ ତାଙ୍କ ପୁଅ ମହମ୍ମଦ ସନାଉଲ୍ଲା। ସେମାନଙ୍କ ଘର ବାରିପଟୁ ୩କୁଇଣ୍ଟାଲ ଗୋମାଂସ ଜବତ ହୋଇଛି। ଜବତ ଗୋମାଂସର ଆନୁମାନିକ ମୂଲ୍ୟ ୧୫ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ। ତେବେ ଜାମିନ ନାମଞ୍ଜୁର ପରେ ବାପପୁଅଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ମୁତାବକ, ଦିଘାଲୋ ଅଞ୍ଚଳରୁ ଗୋମାଂସ ଚାଲାଣ ହେଉଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଆଇଆଇସି ବାମଦେବ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଏଏସ୍‌ଆଇ ଶିଶିର କୁମାର ମହାନ୍ତି, ଏଏସ୍‌ଆଇ ଖଦାଳ ବିଶୋଇ, ଲକ୍ଷ୍ମୀଧର ନାୟକଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ ହୋଇଥିଲା। ଏହି ଟିମ୍ ଚଢ଼ାଉ କରି ୩ କୁଇଣ୍ଟାଲ ଗୋମାଂସ ଜବତ କରିବା ସହ ବାପପୁଅଙ୍କୁ ଗିରଫ କରିଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୪୧୨/୨୩) ରୁଜୁ ହୋଇଛି। ଗୋଚାଲାଣ ଓ ଗୋମାଂସ ଚାଲାଣକାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଆଇଆଇସି ସ୍ୱାଇଁ କହିଛନ୍ତି।

# ଆୟୁର୍ବେଦ ସମ୍ଭାଷ କାର୍ଯ୍ୟକ୍ରମ

ପୁରୀ, ୯।୧୧ (ଅଜିତ୍ ମହନ୍ତି):

ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ଗୁରୁବାର ଅଷ୍ଟମ ଆୟୁର୍ବେଦ ଦିବସ ଓ ଧନ୍ୱନ୍ତରୀ ଜୟନ୍ତୀ ଉପଲକ୍ଷେ ଆୟୁର୍ବେଦ ସମ୍ଭାଷ (ସବୁଦିନ ସମସ୍ତଙ୍କ ପାଇଁ ଆୟୁର୍ବେଦ) ଏବଂ ବୈଜ୍ଞାନିକ ଆଧାରଭିତ୍ତିକ ସମ୍ଭାଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶ୍ଳୋକ ଆବୃତ୍ତି, କୁଇଜ, ଚିତ୍ରକଳା ପ୍ରଦର୍ଶନୀ, ରଙ୍ଗୋଲି ଓ ଚିତ୍ରାଙ୍କନ ପ୍ରଭୃତି ପ୍ରତିଯୋଗିତା କରାଯାଇଥିଲା। ଉକ୍ତ ମହାବିଦ୍ୟାଳୟ ଓ ଅନ୍ୟ ମହାବିଦ୍ୟାଳୟରୁ ୩ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଗୋପବନ୍ଧୁ ଆୟୁର୍ବେଦ ଅଧ୍ୟକ୍ଷ ପ୍ରଫେସର ଡାକ୍ତର ଅରୁଣ କୁମାର ଦାସ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ପ୍ରଫେସର ଡାକ୍ତର ବଲ୍ଲଭ ଜୟସିଂ ଯୋଗଦେଇଥିଲେ। କମିଟି ପ୍ରମୁଖ ପ୍ରଫେସର ଡାକ୍ତର ସୁରମା ମିଶ୍ର, ଡାକ୍ତର ଭାରତୀଲତା ଆଚାର୍ଯ୍ୟ, ପ୍ରଫେସର ଡାକ୍ତର ପ୍ରଜ୍ଞା ପ୍ରିୟଦର୍ଶିନୀ ମଲ୍ଲିକ, ପ୍ରଫେସର ଡାକ୍ତର ତନୁଚନ୍ଦ୍ର ମରେଇ, ଡାକ୍ତର ସନ୍ଧ୍ୟାରାଣୀ ବେହେରା, ଡାକ୍ତର ଜିତେନ୍ଦ୍ର ଛତ୍ରିଆ, ଡାକ୍ତର ଚନ୍ଦନ କୁମାର ସାହୁ ଏବଂ ଡାକ୍ତର ସୋନାଲିକା ଜେନା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତି ।

# ରାସ୍ତା ନିର୍ମାଣରେ ଦୁର୍ନୀତି ଅଭିଯୋଗର ତଦନ୍ତ କରାଯାଉ

ପୁରୀ, ୯।୧୧ (ଅଜିତ ମହାନ୍ତି):

ନବକଳେବର ରାସ୍ତା ନିର୍ମାଣରେ ଦୁର୍ନୀତି ହୋଇଥିବା ଅଭିଯୋଗ ଆଣି ଆମ୍ ଆଦ୍‌ମୀ ପାର୍ଟି (ଏଏପି) ପୁରୀ ଶାଖା ପକ୍ଷରୁ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପୂର୍ବରୁ ଉକ୍ତ ରାସ୍ତା ନିର୍ମାଣ ପାଇଁ ଏଏପି ଆନ୍ଦୋଳନ କରିବା ପରେ ରାସ୍ତା ପୁଣିଥରେ ନିର୍ମାଣ କରାଯାଇଥିଲା। ତେବେ ନିର୍ମାଣକୁ ବର୍ଷେ ନ ପୂରୁଣୁ ରାସ୍ତାରେ ବଡ଼ ବଡ଼ ଖାଲ ସୃଷ୍ଟି ହୋଇଛି। ସେହିପରି ସହରରେ ପେଭର ବ୍ଲକ୍ ଦୁର୍ନୀତି ନେଇ ପୂର୍ବରୁ ଏଏପି ଜିଲାପାଳଙ୍କ ଅଫିସ୍ ଘେରାଉ କରିଥିଲା। ସେତେବେଳେ ପ୍ରଶାସନ ମିଛ ପ୍ରତିଶ୍ରୁତି ଦେଇ ପୁରୀବାସୀଙ୍କୁ ଠକିଛି। ଚକ୍ରତୀର୍ଥ ରାସ୍ତା ମଧ୍ୟ ଭୁଶୁଡ଼ିପଡ଼ିଛି। ଏଭଳି ବିପଦପୂର୍ଣ୍ଣ ରାସ୍ତାରେ ଯାତାୟାତ ଯୋଗୁ ଲୋକଙ୍କ ଜୀବନ ପ୍ରତି ବିପଦ ରହୁଛି। ସରକାର କାହିଁକି ଏଭଳି କରୁଛନ୍ତି ବୋଲି ଏଏପି ଜିଲା ସମ୍ପାଦକ ସତ୍ୟଜିତ ମହାନ୍ତି ପ୍ରଶ୍ନ କରିଛନ୍ତି। ରାସ୍ତା ଦୁର୍ନୀତିର ତଦନ୍ତ ଦାବି ସତ୍ତ୍ୱେ ପ୍ରଶାସନ ଚୁପ୍ ବସିଛି। ଜିଲାପାଳ ଯଦି ସବୁ ରାସ୍ତାର ସ୍ଥାୟୀ ମରାମତି ଏବଂ ସ୍ୱେରେଜ୍ ରାସ୍ତାର ତଦାରଖ କରି ପଦକ୍ଷେପ ନ ନେବେ ତେବେ ଆମ୍ ଆଦ୍‌ମୀ ପାର୍ଟି ଆଗକୁ ଏହି ଆନ୍ଦୋଳନ ଜୋର୍‌ଦାର କରିବା ସହ ଅଖଚକ ବନ୍ଦ କରିବାକୁ ବାଧ୍ୟ ହେବ ବୋଲି ପାର୍ଟି ପକ୍ଷରୁ ଚେତାବନୀ ଦିଆଯାଇଛି। ବିକ୍ଷୋଭରେ ଏଏପି ଜିଲା ସଭାପତି ସଞ୍ଜୀବ କୁମାର ମହାନ୍ତି, ସାଧାରଣ ସମ୍ପାଦକ ସତ୍ୟଜିତ ମହାନ୍ତି, ମୁଖପାତ୍ର ଅନିଲ ସେନାପତି, ଯୁବ ସଭାପତି ଅଂଶୁମାନ ଶତପଥୀ, ସୋସିଆଲ ମିଡ଼ିଆ ଅଧ୍ୟକ୍ଷ ସମୀର ସାମନ୍ତରାୟ , ଯୁବ ସମ୍ପାଦକ ଜନ୍ମେଜୟ ଜେନା, ସୁଧାଂଶୁ ନାୟକ, ସୁନୀଲ ଜେନା, ରଞ୍ଜନ ପ୍ରଧାନ, ବୃନ୍ଦାବନ ପ୍ରଧାନ, ରଶ୍ମିରଞ୍ଜନ ରାଉତରାୟ, ରାକେଶ ନନ୍ଦ, ପ୍ରକାଶ ପ୍ରଧାନ, ସୂର୍ଯ୍ୟକାନ୍ତ ମିଶ୍ର ଏବଂ ସମାଜସେବୀ ତ୍ରିଲୋଚନ ଦାସ ପ୍ରମୁଖ ସାମିଲ ଥିଲେ।




ଏଏପି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି ।

### ତହସିଲ ପକ୍ଷରୁ ଜବରଦଖଲ ଉଚ୍ଛେଦ

ଚୌଦ୍ୱାର,(ଆଶୁତୋଷ ଦାସ): ଚୌଦ୍ୱାର ଗାନ୍ଧୀଛକ ନିକଟରେ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ସଟାଇଲ ଟେକ୍ନୋଲୋଜି (ଆଇଟିଟି)ର ଜମିରୁ ଜବରଦଖଲ ଉଚ୍ଛେଦ କରାଯାଇଛି । ଉକ୍ତ ଜମିରେ ଦୀର୍ଘବର୍ଷ ହେବ କେତେଜଣ ବ୍ୟବସାୟୀ ଘର ନିର୍ମାଣ କରି ବ୍ୟବସାୟ ଚଳାଇ ଆସୁଥିଲେ । ଉକ୍ତ ଜାଗା ଖାଲି କରିବା ପାଇଁ ଆଇଟିଟି ଅଧକ୍ଷ ଓ ତହସିଲ ଅଫିସ୍ ପକ୍ଷରୁ ବାରମ୍ବାର ଚେତାବନୀ ଦିଆଯାଇଥିଲେ ମଧ ସେମାନେ କର୍ଣ୍ଣପାତ କରୁ ନ ଥିଲେ । ଏନେଇ ଅଧକ୍ଷଙ୍କ ତରଫରୁ ଜିଲାପାଳଙ୍କୁ ନିବେଦନ କରାଯାଇଥିଲା । ଉପଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ତହସିଲଦାର ପ୍ରଜ୍ଞାନନ୍ଦ ଦାସ ଓ ପୌର ନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ରଙ୍କ ଉପସ୍ଥିତିରେ ପୋଲିସ ସହାୟତାରେ ଜବରଦଖଲ ଉଚ୍ଛେଦ କରାଯାଇଥିଲା ।



## ସଂକ୍ଷେପରେ

### ଜଙ୍ଗଲ ସୁରକ୍ଷା କମିଟି ଗଠନ କରିବାକୁ ବୈଠକ

କଟକ ସଦର,୯।୧୧(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅଧୀନ ୨୨ଟି ପଞ୍ଚାୟତରେ ଥିବା ଜଙ୍ଗଲ କିସମ ଜମିର ସୁରକ୍ଷା ଓ ବିକାଶ ପାଇଁ କମିଟି ଗଠନ କରାଯିବ । ଏଥିନିମନ୍ତେ ଏକ ପ୍ରସ୍ତୁତି ବୈଠକ ଗୁରୁବାର ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା । ଆଗାମୀ ଦିନରେ ପ୍ରତି ପଞ୍ଚାୟତରେ ପଲ୍ଲିସଭା, ଗ୍ରାମସଭା ଡକାଯାଇ ଜଙ୍ଗଲ ଅଧିକାର ଓ ସୁରକ୍ଷା କମିଟି ଗଠନ କରାଯିବ । ବହୁବର୍ଷ ଧରି ଜଙ୍ଗଲ ଜମିରେ ଲୋକେ ବସବାସ କରିବା ସହ ସାର୍ବଜନୀନ ଅନୁଷ୍ଠାନ ଗଢି ଉଠିଥିଲା । ଏହି କମିଟି ସମ୍ପୃକ୍ତ ବ୍ୟକ୍ତି ଓ ଅନୁଷ୍ଠାନକୁ ଜମିପଟ୍ଟା ଦେବା ପାଇଁ ସରକାରଙ୍କୁ ସୁପାରିସ କରିବ । ଉକ୍ତ ବୈଠକରେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରବୀନ୍ଦ୍ର ନାଥ ସାମନ୍ତରାୟ ସରକାରୀ ଯୋଜନାର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉପାଧ୍ୟକ୍ଷା ଅମ୍ବିକା ପାତ୍ର, ଅତିରିକ୍ତ ବିଡିଓ ଝାଡେଶ୍ୱର ଦାସଙ୍କ ସମେତ ସରପଞ୍ଚ, ସମିତି ସଭ୍ୟାସଭ୍ୟ ଉପସ୍ଥିତ ଥିଲେ ।

### କ୍ରିକେଟ୍: ସିଡିଏ ଡିଏଭି ଚାମ୍ପିୟନ

କଟକ,୯।୧୧(ଶିଳ୍ପା ପ୍ରିୟଦର୍ଶିନୀ)

ଡିଏଭି ଓଡ଼ିଶା ଜୋନ୍ ଆନୁକୂଲ୍ୟରେ ତ୍ରିଦିବସୀୟ ଜୋନାଲ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଛି । ସିଡିଏ ଡିଏଭି ଓ ଡିଏଭି ୟୁନିଟ୍-୮ ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା । ଏଥିରେ ସିଡିଏ ଡିଏଭି ଚାମ୍ପିୟନ ହୋଇଛି । ସିଡିଏ ଡିଏଭି ଅଧ୍ୟକ୍ଷା ନମିତା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ଚାମ୍ପିୟନ ଓ ରନର୍ସ ଅପ୍ ଟିମ୍‌କୁ ପୁରସ୍କୃତ କରିଥିଲେ ।

### ୮୨ ବିସ୍ଥାପିତଙ୍କୁ ମିଳିଲା ଗୃହ ଆବଣ୍ଟନ ପତ୍ର

କଟକ,୯।୧୧(ସୁପ୍ରିୟା ପ୍ରିୟଦର୍ଶିନୀ)

ନରଣପୁରଠାରେ ଆର୍ଥିକ ଦୁର୍ବଳ ବର୍ଗର ଲୋକଙ୍କ ପାଇଁ ନିର୍ମାଣ ହୋଇଥିବା ଆବାସରେ ରହିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) ପକ୍ଷରୁ ଗୁରୁବାର ସିଡିଏ କାର୍ଯ୍ୟାଳୟରେ ବିସ୍ଥାପିତଙ୍କୁ ଗୃହ ଆବଣ୍ଟନ ପତ୍ର ପ୍ରଦାନ କରାଯାଇଛି । ସହରର ବିଭିନ୍ନ ବସ୍ତିରୁ ଉଚ୍ଛେଦ ହୋଇଥିବା ୮୨ ଜଣଙ୍କୁ ଗୃହ ଆବଣ୍ଟନପତ୍ର ଦିଆଯାଇଛି । ଏଥିରେ ବରହମ୍ପୁର ବସ୍ତି, ପ୍ରେସ୍‌ଛକ ବସ୍ତି ଓ ପେଟାନାଳ ବସ୍ତିରେ ବେଆଇନ ଭାବେ ଘର କରି ରହୁଥିବା ଲୋକଙ୍କୁ ପର୍ଯ୍ୟାୟକ୍ରମେ ଉଚ୍ଛେଦ କରାଯାଇଥିଲା । ପ୍ରଶାସନ ପକ୍ଷରୁ ତର୍ଜମା କରାଯାଇ ବାସ ହରାଇଥିବା ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକଙ୍କୁ ଥଇଥାନ ପାଇଁ ଏକ ତାଲିକା ପ୍ରସ୍ତୁତ କରାଯାଇଥିଲା । ଉଚ୍ଛେଦ କରାଯାଇଥିବା ଗରିବ ବସ୍ତିବାସିନ୍ଦା ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହେବେ ସେଥିପ୍ରତି ଗୁରୁତ୍ୱ ଦିଆଯାଇ ଥଇଥାନର ବ୍ୟବସ୍ଥା ହାତକୁ ନିଆଯାଇଥିଲା । ସିଡିଏ ଫାଇନାନ୍ସ ସେକ୍ରେଟାରି ସତ୍ୟସାଇ ଦାସ ଉପରୋକ୍ତ ବସ୍ତି ବାସିନ୍ଦାଙ୍କୁ ଗୃହ ଆବଣ୍ଟନ ପତ୍ର ପ୍ରଦାନ କରିଥିବାବେଳେ ଯୋଜନା ଅଧିକାରୀ ବିଷ୍ଣୁ ପ୍ରସାଦ ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

# ବାଲିଯାତ୍ରା: ୧୫ ପାର୍କିଂ ସ୍ଥାନ ଚିହ୍ନଟ

- ବାଇକ ୫୦, କାର ପାଇଁ ୧୦୦ ଟଙ୍କା
- ଚଢ଼ା ଦର ନେଇ ଲୋକଙ୍କ ଅସନ୍ତୋଷ

କଟକ,୯।୧୧(ସୁପ୍ରିୟା ପ୍ରିୟଦର୍ଶିନୀ)

କଟକ ବାଲିଯାତ୍ରା ପାଇଁ ପ୍ରସ୍ତୁତି ଜୋର୍ ଧରିଛି । ଗତବର୍ଷ ଭଳି ଚଳିତବର୍ଷ ବାଲିଯାତ୍ରାରେ ଚଢା ପାର୍କିଂ ଦରକୁ ନେଇ ଅସନ୍ତୋଷ ଦେଖାଦେଇଛି । ଚଳିତବର୍ଷ ବାଲିଯାତ୍ରାରେ ଗାଡି ପାର୍କିଂ ପାଇଁ କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ୧୫ଟି ପାର୍କିଂସ୍ଥଳ ଚିହ୍ନଟ କରାଯାଇଛି । ଏଥିସହ ଗାଡି ପାର୍କିଂ ଫି' ଧାର୍ଯ୍ୟ ହୋଇଛି । ସାଇକେଲ ଏବଂ ଟ୍ରାଇସାଇକେଲ ନିମନ୍ତେ ୧୦ ଟଙ୍କା, ସ୍କୁଟର ଓ ବାଇକ୍ ପାଇଁ ୫୦ ଟଙ୍କା ରଖାଯାଇଛି । ସେହିପରି କାର୍, ଭ୍ୟାନ୍, ଅଟୋ ପାର୍କିଂ ପାଇଁ ୧୦୦ ଟଙ୍କା ଏବଂ ବସ୍, ଟ୍ରକ୍ ନିମନ୍ତେ ୧୫୦ ଟଙ୍କା ଦେୟ ଧାର୍ଯ୍ୟ ହୋଇଛି । ୧୨ ଘଣ୍ଟା ପର୍ଯ୍ୟନ୍ତ ରଖିବା ପାଇଁ ଏହି ଫି' ଧାର୍ଯ୍ୟ କରାଯାଇଛି । ପାର୍କିଂ ଲିଜ୍ ନେଇଥିବା ସଂସ୍ଥା ସମସ୍ତ ଦେୟର ଚାଟ୍ ପାର୍କିଂସ୍ଥଳରେ ଲଗାଇବା ବାଧ୍ୟତାମୂଳକ । ଧାର୍ଯ୍ୟ ମୂଲ୍ୟଠାରୁ ଅଧିକ ଟଙ୍କା ଆଦାୟ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସିଏମ୍‌ସି ପକ୍ଷରୁ କୁହାଯାଇଛି । ଅପରପକ୍ଷରେ ପାର୍କିଂ ସ୍ଥାନ ଓ ଦରକୁ ନେଇ ଅସନ୍ତୋଷ ଦେଖାଦେଇଛି । ୨ ଚକିଆ ଗାଡ଼ି ପାଇଁ ପୂର୍ବରୁ ପାର୍କିଂ ଫି' ୩୦ ଟଙ୍କା ଥିବାବେଳେ ଗତବର୍ଷଠାରୁ ୫୦ ଟଙ୍କା କରାଯାଇଛି । ଯଦି ଗରିବ ବର୍ଗ ଲୋକ ଦୁଇଟି ବାଇକ୍‌ରେ ଆସେ ତେବେ ତାଙ୍କୁ ୧୦୦ ଟଙ୍କା ଦେବାକୁ ପଡିବ । ଏହି ୧୦୦ ଟଙ୍କା ଗୋଟିଏ ଗରିବ କିମ୍ବା ମଧ୍ୟବିତ୍ତ ପରିବାରର ଲୋକଙ୍କ ପାଇଁ ବହୁତ ଅଧିକ । ତେଣୁ ପାର୍କିଂ ଫି' ହ୍ରାସ କରାଯାଉ ବୋଲି ସାଧାରଣରେ ଦାବି ହେଉଛି ।

ଅପରପକ୍ଷରେ ୧୫ଟି ପାର୍କିଂସ୍ଥାନ ପାଇଁ ସିଏମ୍‌ସି ପକ୍ଷରୁ ଗୁରୁବାରଠାରୁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଛି । ଟେଣ୍ଡର ମାଧ୍ୟମରେ ଘରୋଇ ଅନୁଷ୍ଠାନ ଏବଂ ବ୍ୟକ୍ତିଙ୍କୁ ଦାୟିତ୍ୱ ଦିଆଯିବ । ପ୍ରତି ପାର୍କିଂସ୍ଥଳକୁ ଲିଜ୍ ନେବା ପାଇଁ ଭିନ୍ନ ଭିନ୍ନ ଦେୟ ଧାର୍ଯ୍ୟ କରାଯାଇଛି । ନଭେମ୍ବର ୨୭ରୁ ଡିସେମ୍ବର ୪ ତାରିଖ ପର୍ଯ୍ୟନ୍ତ ଏହି ପାର୍କିଂଗୁଡିକ ରହିବ । ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଟେଣ୍ଡର ପ୍ରକ୍ରିୟା ଜାରି ରହିବ । ଏହାପରେ ୨୦ ତାରିଖରେ ଟେଣ୍ଡର ବାକ୍ସ ଖୋଲାଯିବ ବୋଲି ସିଏମ୍‌ସି ପକ୍ଷରୁ ସୂଚନା ମିଳିଛି । ରିଂବନ୍ଧର ପଶ୍ଚିମ ଏବଂ ପୂର୍ବ ପାର୍ଶ୍ୱରୁ ସିଲଭର ସିଟି ବୋଟିଂ କମ୍ପ୍ଲେକ୍ସ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ୭ଟି ପାର୍କିଂସ୍ଥଳୀ ରଖାଯାଇଛି । ସେହିଭଳି କାର୍ତ୍ତିକେଶ୍ୱର ଗଡାର ପୂର୍ବ ଏବଂ ପଶ୍ଚିମ ପାର୍ଶ୍ୱରେ ୨ଟି, ଖ୍ରୀଷ୍ଟିଆନ ପଡିଆ, ଦୟାଶ୍ରମ ସମ୍ମୁଖ, ଗୋରାକବର ପଡିଆ, ବକ୍ସି ବାଳିକା ଉଚ୍ଚ ବିଦ୍ୟାଳୟ ସମ୍ମୁଖ, ଭୁଆଶୁଣୀ ପଡିଆ ଓ ହାଡିଆ ପଠାରେ ଗୋଟିଏ ଲେଖାଏ ପାର୍କିଂସ୍ଥଳ କରାଯାଇଛି ।



ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା, ରତ୍ନଭଣ୍ଡାର ଖୋଲାଯାଇ ମହାପ୍ରଭୁଙ୍କ ଅଳଙ୍କାର ଗଣତି କରିବା ଭଳି ବିଭିନ୍ନ ଦାବି ନେଇ ଗୁରୁବାର କଟକ ନଗର ଜିଲା କଂଗ୍ରେସ ପକ୍ଷରୁ ଦୋଳମୁଣ୍ଡାଇ ଜଗନ୍ନାଥ ମନ୍ଦିର ସମ୍ମୁଖରେ ସଂକୀର୍ତ୍ତନ ସତ୍ୟାଗ୍ରହ ।

## ଅସହାୟ ଯୁବକ ଉଦ୍ଧାର

ମଙ୍ଗୁଳି-ଜଗତପୁର,୯।୧୧(ମାନସ ସାମଲ)

ମଙ୍ଗୁଳି ଫାଣ୍ଡିଠୁ ମାତ୍ର ୩୦୦ ମିଟର ଦୂର ଯାତ୍ରୀ ବିଶ୍ରାମଗୃହ ଚେୟାର ତଳେ ୧୦ ଦିନ ହେବ ପଡି ରହିଥିବା ଜଣେ ଅଚିହ୍ନା ଯୁବକଙ୍କୁ ଗୁରୁବାର ଉଦ୍ଧାର କରାଯାଇଛି । ପରେ ଚିକିତ୍ସା ଲାଗି ତାଙ୍କୁ କଟକ ବଡ ଡାକ୍ତରଖାନା ପଠାଯାଇଛି । ସ୍ଥାନୀୟ ବ୍ୟବସାୟୀ ତାଙ୍କୁ ଖାଇବାକୁ ଦେଲେ ମଧ ସେ ଖାଉ ନ ଥିଲେ । ସେ ଏଠାକୁ କେମିତି ଆସିଲେ ପଚାରିଲେ କହିପାରୁ ନ ଥିଲେ । କେବଳ ହାତ ହଲାଇ କହିବାକୁ ଚେଷ୍ଟା କରୁଥିଲେ । ଯୁବକଙ୍କ ବୟସ ପ୍ରାୟ ୩୫ ବର୍ଷ ହେବ ବୋଲି ଅନୁମାନ କରାଯାଉଛି । ବୁଧବାର ମଙ୍ଗୁଳି ଫାଣ୍ଡି ପୋଲିସକୁ ଏ ସମ୍ପର୍କରେ ସ୍ଥାନୀୟ କିଛି ଯୁବକ ଜଣାଇଥିଲେ । ହେଲେ ପୋଲିସ ସହାୟତା କରି ନ ଥିଲା । ଫଳରେ ଗୁରୁବାର ଅପରାହ୍ନରେ ମଙ୍ଗୁଳି ଗ୍ରାମର ୨୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ସମ୍ପୃକ୍ତ ଯୁବକଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ କଟକ ବଡ ମେଡିକାଲ ପଠାଇଥିଲେ । ଏହି ଉଦ୍ଧାର କାର୍ଯ୍ୟରେ ଗ୍ରାମର ନରେନ୍ଦ୍ର ରାଉତରାୟ, ବିକାଶ କୁମାର ରାଉତରାୟ, ହେମନ୍ତ ରାଉତରାୟ, ପ୍ରକାଶ ପରିଡା, ମନୋଜ ରାଉତରାୟ, ସତ୍ୟଜିତ୍ ବିଶ୍ୱାଳ, ସନତ ଲଳିତ ରାଉତରାୟ ପ୍ରମୁଖ ସାମିଲ ଥିଲେ ।

## ୨୧ରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

କଟକ ସଦର,୯।୧୧(ସୁଶାନ୍ତ କୁମାର ଜେନା)

ଆସନ୍ତା ୨୧ ତାରିଖରେ ବ୍ଲକସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର କନ୍ଦରପୁର କଲେଜ ପରିସରରେ ଅନୁଷ୍ଠିତ ହେବ । ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ଗୁରୁବାର ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା । ଅତିରିକ୍ତ ବିଡିଓ ଝାଡେଶ୍ୱର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ବେଣ୍ଟକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ ଡ. ବସନ୍ତ କୁମାର ସାହୁଙ୍କ ସମେତ ପାରାମେଡିକାଲ ଷ୍ଟାଫ୍ ଓ ବିଭିନ୍ନ ବିଭାଗର ପ୍ରତିନିଧି ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ପ୍ରଚାର ଓ ପ୍ରସାର ଉପରେ ଅତିରିକ୍ତ ବିଡିଓ ଦାସ ଗୁରୁତ୍ୱାରୋପ କରିଥିଲେ । ଏହି ବୈଠକରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରିୟଦର୍ଶିନୀ ମହାପାତ୍ରଙ୍କ ସମେତ ସମସ୍ତ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ ।

## ଫେବୃୟାରୀ ସୁଦ୍ଧା କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ



ଗୃହ ଓ ନଗର ଉନ୍ନୟନ ବିଭାଗ ସଚିବ ଜି. ମାଥିଭାଥାନାନ୍ କାର୍ଯ୍ୟର ସମୀକ୍ଷା କରୁଛନ୍ତି ।

କଟକ,୯।୧୧(ସୁପ୍ରିୟା ପ୍ରିୟଦର୍ଶିନୀ)

**ବକ୍ସ ଡ୍ରେନ୍ କାର୍ଯ୍ୟ ସମୀକ୍ଷାକଲେ ନଗର ଉନ୍ନୟନ ସଚିବ**

କଟକ ସହରରେ ଜାଇକା ପକ୍ଷରୁ ବକ୍ସଡ୍ରେନ୍ କାର୍ଯ୍ୟ ଜାରି ରହିଛି । ଗୁରୁବାର ଗୃହ ଓ ନଗର ଉନ୍ନୟନ ବିଭାଗ ସଚିବ ଜି. ମାଥିଭାଥାନାନ୍ ପହଞ୍ଚି ଉକ୍ତ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଆସନ୍ତା ଫେବୃୟାରୀ ସୁଦ୍ଧା କାର୍ଯ୍ୟ ସାରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ପୂର୍ବାହ୍ନରେ ସଚିବ ମାଥିଭାଥାନାନ୍ ପହଞ୍ଚି ବକ୍ସିବଜାର, ବଜ୍ରକବାଟି, ଗହ୍ମାଡିଆ, ଫ୍ରେଣ୍ଡସ୍ କଲୋନି ଓ ପ୍ରଫେସରପଡା ଅଞ୍ଚଳରେ ଜାରି ରହିଥିବା ବକ୍ସଡ୍ରେନ୍ କାର୍ଯ୍ୟ ବୁଲି ଦେଖିବା ସହ ଉପସ୍ଥିତ ଯନ୍ତ୍ରୀ ଓ ଅଧିକାରୀଙ୍କ ସହିତ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ । ଯେପରି ଜନସାଧାରଣ କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥିପ୍ରତି ଦୃଷ୍ଟିଦେବାକୁ ଯନ୍ତ୍ରୀମାନଙ୍କୁ ସେ କହିଥିଲେ । ବିଶେଷକରି ବକ୍ସିବଜାର, ମେରିଆବଜାର ଏବଂ ବଜ୍ରକବାଟିଠାରେ ଜାରି ରହିଥିବା ବକ୍ସଡ୍ରେନ୍ କାର୍ଯ୍ୟର ଅଗ୍ରଗତି ହୋଇଥିବାରୁ ସେ ସନ୍ତୋଷ ପ୍ରକାଶ କରିଥିଲେ । ୨.୫୯ କିଲୋମିଟର ବ୍ୟାପୀ ଏହି ବକ୍ସ ଡ୍ରେନ୍ ଉପରେ ମେରିଆବଜାରଠାରେ କଲ୍‌ଭର୍ଟ କାମ ଶେଷ ହୋଇଛି । ବକ୍ସିବଜାର, ବଜ୍ରକବାଟି ଓ ରାଉସାପାଟଣାରେ ଥିବା କଲ୍‌ଭର୍ଟ ନିର୍ମାଣ କାର୍ଯ୍ୟ ଡିସେମ୍ବର ସୁଦ୍ଧା ଶେଷ ହେବ ବୋଲି ୱାଟ୍‌କୋ ଡ୍ରେନେଜ୍ ବିଭାଗ ଜିଏମ୍ ଅଚ୍ୟୁତ ବିଜୟ ନନ୍ଦ ପ୍ରକାଶ କରିଛନ୍ତି । ମାଥିଭାଥାନାନ୍‌ଙ୍କ ପରିଦର୍ଶନ ସମୟରେ ସିଡିଏ ଉପାଧ୍ୟକ୍ଷ ତଥା ସିଏମସି କମିଶନର ନିଖିଲ ପଓ୍ୱନ କଲ୍ୟାଣ, ୱାଟ୍‌କୋ ସିଇଓ ପ୍ରଦୀପ୍ତ କୁମାର ସ୍ୱାଇଁ, ୱାଟ୍‌କୋର ଡ୍ରେନେଜ୍ ଓ ସ୍ୱେରେଜ୍ ବିଭାଗର ପରିଚାଳକ ବିଜୟ କୁମାର ପଣ୍ଡା, ସିଏମ୍‌ସି ସିଟି ଇଞ୍ଜିନିୟର ଅତନୁ ସାମନ୍ତଙ୍କ ସମେତ ନିର୍ମାଣ ଦାୟିତ୍ୱରେ ଥିବା ସଂସ୍ଥାର ଯନ୍ତ୍ରୀ ଓ ଅଧିକାରୀମାନେ ଉପସ୍ଥିତ ଥିଲେ ।



**ଆସୁଛି ଦୀପାବଳି:** କଟକ ପୁରୀଘାଟ ଦେବୀଗଡାଠାରେ ଖୋଲିଥିବା ବାଣ ଦୋକାନ ।

# ବକେୟା ପ୍ରାପ୍ୟ ପାଇଁ ଠିକାଦାରଙ୍କ ଧାରଣା

କଟକ,୯।୧୧ (କାର୍ତ୍ତିକ ସାହୁ)

**କଟକ କଲେଜ ଉନ୍ନୟନ କାର୍ଯ୍ୟରେ ଅନିୟମିତତା ମାମଲା**

ବିଦ୍ୟାଧରପୁରସ୍ଥିତ କଟକ କଲେଜରେ ଉନ୍ନୟନ କାର୍ଯ୍ୟ କରିଥିବା ଜଣେ ଠିକାଦାର ତାଙ୍କ ବକେୟା ପ୍ରାପ୍ୟ ପାଇବା ପାଇଁ ଫାଟକ ସମ୍ମୁଖରେ ପରିବାର ସହ ଗୁରୁବାର ଧାରଣା ଦେଇଛନ୍ତି । ସେ ହେଲେ ମଧୁପାଟଣା ଥାନା ଅନ୍ତର୍ଗତ ରାଜେନ୍ଦ୍ରନଗର ଅଞ୍ଚଳର ମାନସ ରଞ୍ଜନ ନାୟକ । ଖବରପାଇ ପୋଲିସ ହସ୍ତକ୍ଷେପ ପରେ ଧାରଣା ପ୍ରତ୍ୟାହୃତ ହୋଇଛି ।

ସୂଚନା ଅନୁସାରେ, ମାନସ ପ୍ରାୟ ୪ ବର୍ଷ ଧରି ବକେୟା ଟଙ୍କା ପାଇ ପାରୁନାହାନ୍ତି । ଏନେଇ ସେ କଲେଜ କର୍ତ୍ତୃପକ୍ଷଙ୍କଠାରୁ ଆରମ୍ଭ କରି ଅତିରିକ୍ତ ଜିଲାପାଳ ଓ ଜିଲାପାଳଙ୍କ ନିକଟରେ ଗୁହାରି କରିଥିଲେ ମଧ ସୁଫଳ ମିଳିପାରିନାହିଁ । ଶେଷରେ ସେ ପ୍ରାପ୍ୟ ମିଳିବାର ନିର୍ଭର ପ୍ରତିଶ୍ରୁତି ନ ପାଇଲେ ସପରିବାର କଲେଜ ସମ୍ମୁଖରେ ୯ ତାରିଖ ପୂର୍ବାହ୍ନ ୧୨ଟାରେ ଆତ୍ମାହୁତି ଦେବେ ବୋଲି ୨ ଦିନ ତଳେ ଲିଖିତ ଭାବେ ପ୍ରଶାସନକୁ ଜଣାଇଥିଲେ । ସେଥିରେ ସେ ଦର୍ଶାଇଥିଲେ, କଟକ କଲେଜରେ ୧ କୋଟି ୬୦ ଲକ୍ଷ ଟଙ୍କାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରିଥିଲେ । ଏ ବାବଦରେ ବିଭିନ୍ନ ପର୍ଯ୍ୟାୟରେ କେତେକ ଟଙ୍କା ପାଇଥିଲେ । ହେଲେ ଆଉ ୮୬ ଲକ୍ଷ ଟଙ୍କା ପାଇବାକୁ ବାକି ରହିଛି । ଉକ୍ତ ଟଙ୍କା ପାଇବା ପାଇଁ ବାରମ୍ବାର କଲେଜ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନକୁ ଅବଗତ କରାଇଛନ୍ତି । ଇତିମଧ୍ୟରେ କଲେଜରେ ୩ ଜଣ ଅଧକ୍ଷ ବଦଳି ହୋଇସାରିଲେଣି । ହେଲେ କେହି ତାଙ୍କ କଥା ଶୁଣିନାହାନ୍ତି । ଏପଟେ ଋଣ କରି କାର୍ଯ୍ୟ କରିଥିବାରୁ ଦିନକୁଦିନ ଋଣବୋଝ ବଢ଼ିବାରେ ଲାଗିଛି । ସବୁ ଦିଗରୁ ବିଫଳ ହେବା ପରେ ଅନ୍ୟ ଉପାୟ ନ ପାଇ ଆତ୍ମାହୁତି ଦେବାର ପନ୍ଥା ଆପଣାଇଛି ବୋଲି ସେ ଦର୍ଶାଇଥିଲେ । ଖବରପାଇ ସ୍ଥାନୀୟ ପୋଲିସ କଲେଜ ନିକଟରେ ପହଞ୍ଚି ମାନସଙ୍କୁ ବୁଝାଇଥିଲା । କଲେଜ ପରିଚାଳନା କମିଟି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲାପାଳ ଶିବ ଟପ୍ପୋଙ୍କ ଡାକରା କ୍ରମେ ପୋଲିସ ମାନସଙ୍କୁ ତାଙ୍କ ନିକଟରେ ପହଞ୍ଚାଇଥିଲା । କଲେଜ ଅଧ୍ୟକ୍ଷ ମଧ ସେଠାରେ ପହଞ୍ଚିଥିଲେ । ସମସ୍ତଙ୍କ ଉପସ୍ଥିତିରେ ଅତିରିକ୍ତ ଜିଲାପାଳ ୭ ଦିନ ମଧ୍ୟରେ ପୂର୍ବତନ ଅଧ୍ୟକ୍ଷଙ୍କୁ ଡକାଇ କାଗଜପତ୍ର ଦାଖଲ କରିବା ନିମନ୍ତେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି ।

ସୂଚନାଯୋଗ୍ୟ, ଅବସରପ୍ରାପ୍ତ ଅଧ୍ୟକ୍ଷ ସନ୍ତୋଷ କୁମାର ପଟ୍ଟନାୟକଙ୍କ ସମୟରେ ଠିକାଦାର ମାନସଙ୍କ ଦ୍ୱାରା କରାଯାଇଥିବା ଏହି ଉନ୍ନୟନ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିଲା । ଏହାର ଲୋକାଲ ଫଣ୍ଡ୍ ଅଡିଟ୍ କରାଯାଇଥିବାବେଳେ ଅନିୟମିତତା ପ୍ରମାଣିତ ହୋଇଥିଲା । ତତ୍କାଳୀନ ଅଧ୍ୟକ୍ଷ ପଟ୍ଟନାୟକଙ୍କ ଉପରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ଜଣାପଡିଛି ।

## ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ

କଣ୍ଟାପଡା, ୯।୧୧(ସୁରନାରାୟଣ ସାହୁ)

୧୪ ଦଫା ଦାବି ନେଇ କଣ୍ଟାପଡା ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ନାଏବ ସରପଞ୍ଚଙ୍କ ସମେତ ୭ ଜଣ ୱାର୍ଡ ସଭ୍ୟାସଭ୍ୟ ସୋମବାରଠାରୁ ଧାରଣାରେ ବସିଥିଲେ । ଗୁରୁବାର କଟକ ଜିଲା ପ୍ରକଳ୍ପ ଅଧିକାରୀ(ଡିପିଓ) ଚକ୍ରଧର ମାହାଳି ଧାରଣାସ୍ଥଳରେ ପହଞ୍ଚି ୱାର୍ଡ ସଭ୍ୟାସଭ୍ୟଙ୍କ ପକ୍ଷରୁ ଦିଆଯାଇଥିବା ସମସ୍ତ ଦାବି ସମ୍ପର୍କରେ ଆଲୋଚନା କରିଥିଲେ । କେତେକ ଦାବି ଉପରେ ଅନିୟମିତତା ହୋଇଥିବା ଡିପିଓ ଅନୁଭବ କରିଥିଲେ । ତେବେ ସମ୍ପୂର୍ଣ୍ଣ ଦାବି ଉପରେ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା । ସୂଚନାଯୋଗ୍ୟ, ଗତ ଅଗଷ୍ଟରେ ୧୪ଶ ଅର୍ଥ କମିଶନ ପାସ୍‌ବୁକ୍‌ରୁ ଉଠା ଯାଇଥିବା ୯ଲକ୍ଷ ୨୦ ହଜାର ୯୭୨ଟଙ୍କା ଖର୍ଚ୍ଚର ହିସାବ, ପଞ୍ଚାୟତ ମାସିକ ବୈଠକ ନୋଟିସ୍‌ରେ ନିର୍ବାହୀ ଅଧିକାରୀ ଦସ୍ତଖତ କରିବା, ବୈଠକରେ ମାସିକ ଆୟବ୍ୟୟର ମିଥ୍ୟା ବିବରଣୀ ପ୍ରଦାନ କରାଯିବା, ହରିଶ୍ଚନ୍ଦ୍ର ଯୋଜନା ଅର୍ଥର ହିସାବ ସମେତ ବିଭିନ୍ନ ଦାବି ନେଇ ନାଏବ ସରପଞ୍ଚ ସରିତା ନାୟକ, ୱାର୍ଡ ସଭ୍ୟା ପ୍ରମିଳା ଭୋଇ, ମମତା ମୁଦୁଲି(୨୦), ନିରଞ୍ଜନ ମଲ୍ଲିକ, ମମତା ମୁଦୁଲି(୩), ୱାର୍ଡସଭ୍ୟ ନରୋତ୍ତମ ମହାନ୍ତି ଓ ଉମା ଦାସ ପ୍ରମୁଖ ଧରଣାରେ ବସିଥିଲେ ।

# 'କୌଣସି ଜନସାଧାରଣ ଆଇନ ସେବାରୁ ବଞ୍ଚିତ ନ ହୁଅନ୍ତୁ'

କଟକ,୯।୧୧ (କାର୍ତ୍ତିକ ସାହୁ)

**ଜାତୀୟ ଆଇନ ସେବା ଦିବସ ପାଳିତ**

- ବାଲେଶ୍ୱର ଆଇନ ମହାବିଦ୍ୟାଳୟ ଶ୍ରେଷ୍ଠ ଆଇନ ସହାୟତା କେନ୍ଦ୍ର

ରାଜ୍ୟ ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜାତୀୟ ସେବା ଦିବସ କଟକ ସିଡିଏ ସେକ୍ଟର-୬ସ୍ଥିତ ପ୍ରାଧିକରଣ ସମ୍ମିଳନୀ କକ୍ଷରେ ଗୁରୁବାର ପାଳିତ ହୋଇଯାଇଛି । ଏଥିରେ ରାଜ୍ୟ ଆଇନ ସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ତଥା ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଯୋଗଦେଇ କୌଣସି ଜନସାଧାରଣ ଆଇନ ସେବାରୁ ବଞ୍ଚିତ ନ ହୁଅନ୍ତୁ ବୋଲି ଆହ୍ୱାନ ଦେଇଛନ୍ତି । ଏହି ଅବସରରେ ଆୟୋଜିତ ରାଜ୍ୟସ୍ତରୀୟ ପୁରସ୍କାର ବିତରଣ ଉତ୍ସବରେ ଡ. ଷଡ଼ଙ୍ଗୀ ଶ୍ରେଷ୍ଠ ବିବେଚିତ ପ୍ୟାନେଲ ଲୟର ଓ ପାରାଲିଗାଲ ସ୍ୱେଚ୍ଛାସେବୀଙ୍କୁ ପୁରସ୍କୃତ କରିଥିଲେ । ଶ୍ରେଷ୍ଠ ପ୍ୟାନେଲ ଲୟର ଭାବେ ମନୋଜ କୁମାର ପଟ୍ଟନାୟକ, ଶ୍ରେଷ୍ଠ ଗୋଷ୍ଠୀ ପାରାଲିଗାଲ ସ୍ୱେଚ୍ଛାସେବୀ ଭାବେ ରବୀନ୍ଦ୍ର କୁମାର ମହାନ୍ତି, ଶ୍ରେଷ୍ଠ ଛାତ୍ର ପାରାଲିଗାଲ ସ୍ୱେଚ୍ଛାସେବୀ ଭାବେ ବିଶ୍ୱ ରାଜହଂସ, ଶ୍ରେଷ୍ଠ କାରାଗାର ପାରାଲିଗାଲ ସ୍ୱେଚ୍ଛାସେବୀ ଭାବେ ବୌଦ୍ଧ ଜିଲା ଆଇନ ସେବା ପ୍ରାଧିକରଣର ରାଜୀବଲୋଚନ କହଁର ଏବଂ ଶ୍ରେଷ୍ଠ ଆଇନ ସହାୟତା କେନ୍ଦ୍ର ଭାବେ ମହାବିଦ୍ୟାଳୟ ସ୍ତରରେ ବାଲେଶ୍ୱର ଆଇନ ମହାବିଦ୍ୟାଳୟ, ବିଦ୍ୟାଳୟସ୍ତରରେ ଜୟପୁର ସିଟି ଉଚ୍ଚ ବିଦ୍ୟାଳୟ, କୋରାପୁଟର ଆଇନ ସେବା କେନ୍ଦ୍ରକୁ ଶ୍ରେଷ୍ଠ ରାଜ୍ୟସ୍ତରୀୟ ଆଇନ ସେବା କେନ୍ଦ୍ର ଭାବେ ପୁରସ୍କୃତ କରାଯାଇଥିଲା । ହାଇକୋର୍ଟ ରେଜିଷ୍ଟ୍ରାର ଜେନେରାଲ ପ୍ରତାପ କୁମାର ପାତ୍ର, ରାଜ୍ୟ ଆଇନ ସେବା ପ୍ରାଧିକରଣ ସଦସ୍ୟ ସଚିବ ସୁଦୀପ୍ତ ଆଚାର୍ଯ୍ୟ, ହାଇକୋର୍ଟ ଆଇନସେବା କମିଟି ସଚିବ ସୌମ୍ୟକ ପାତ୍ର, ଉପସଚିବ ସ୍ମୃତିରଞ୍ଜନ ମହାପାତ୍ର ଓ ସହ ସଚିବ ସୃଜନ ସାରସ୍ୱତ ପ୍ରମୁଖ ଉପସ୍ଥିତ ଥିଲେ ।




ଉତ୍ସବରେ ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡଙ୍ଗୀଙ୍କଠାରୁ ପୁରସ୍କାର ଗ୍ରହଣ କରିଥିବା ପ୍ୟାନେଲ ଲୟର ଓ ପାରାଲିଗାଲ ସ୍ୱେଚ୍ଛାସେବୀ ।

# 'ଅନ୍ତର୍ନିହିତ ପ୍ରତିଭାର ପରିପ୍ରକାଶ ପାଇଁ କଳା ଉତ୍ସବ ପ୍ରକୃଷ୍ଟ ମାଧ୍ୟମ'

କଟକ,୯।୧୧(ସୁପ୍ରିୟା ପ୍ରିୟଦର୍ଶିନୀ)



ଜିଲାସ୍ତରୀୟ କଳା ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ ।

**ଜିଲାସ୍ତରୀୟ କଳା ଉତ୍ସବ**

ଜିଲାସ୍ତରୀୟ କଳା ଉତ୍ସବ କଟକ ଖାନ୍‌ନଗର ହାଇସ୍କୁଲଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଖାନ୍‌ନଗର ହାଇସ୍କୁଲର ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ଷଡଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ନାୟକ ଯୋଗଦେଇ କହିଥିଲେ, ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭାର ପରିପ୍ରକାଶ ପାଇଁ କଳା ଉତ୍ସବ ଏକ ପ୍ରକୃଷ୍ଟ ମାଧ୍ୟମ । ଏଥିରେ ସମ୍ମାନିତ ଅତିଥି ଭାବେ ଜିଲା ଅନୁସୂଚିତ ଜାତି ଓ ଜନଜାତି ସଂଯୋଜିକା ଡ. ଶୁଚିସ୍ମିତା ମହାନ୍ତି, ମୁଖ୍ୟବକ୍ତା ଭାବେ ପରମାନନ୍ଦ ସାହୁ, ପ୍ରଧାନ ଶିକ୍ଷକ ମିହିର କୁମାର ପରିଡ଼ା, ଅନନ୍ତ ମିଶ୍ର, ବିଭୁପ୍ରସାଦ ନନ୍ଦ ଯୋଗଦେଇଥିଲେ । ଶିକ୍ଷୟିତ୍ରୀ ଡ. ସୁଜାତା ମହାପାତ୍ର, ଦୀପ୍ତିବାଳା ସାହୁ, ମିତାଲି ମହାନ୍ତି, ଲିପିକା ବିଦ୍ଧାଣି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ରାଜ୍ୟର ବିଶିଷ୍ଟ କଳାକାର ବିଶ୍ୱନାଥ ମିଶ୍ର, ଅଜୟ କୁମାର ବାରିକ, ଅଜୟ କୁମାର ମହାନ୍ତି, ପଦ୍ମିନୀ ସାହୁ, ପ୍ରୀତିତୃଷ୍ଣା ସାହୁ ପ୍ରମୁଖ ପ୍ରତିଯୋଗୀମାନଙ୍କ କାର୍ଯ୍ୟର ମୂଲ୍ୟାୟନ କରିଥିଲେ । ପ୍ରତି ବିଭାଗର ଜଣେ ଲେଖାଏ ବାଳିକା, ବାଳକ ଖାନ୍‌ନଗର ହାଇସ୍କୁଲରେ ଶୁକ୍ରବାରଠାରୁ ହେବାକୁ ଥିବା ଜୋନ୍‌ସ୍ତରୀୟ ପ୍ରତି ଯୋଗିତାରେ ଅଂଶଗ୍ରହଣ କରିବେ । ଜିଲାସ୍ତରୀୟ କଳା ଉତ୍ସବରେ କଣ୍ଠ ସଙ୍ଗୀତରେ ସ୍ମୃତି ସୁଧା ସାମଲ, ପ୍ରତିସ ପରିଡ଼ା, ଶୁଭାଙ୍ଗୀ ସେନାପତି ଏବଂ ସୂର୍ଯ୍ୟକାନ୍ତ ମହାପାତ୍ର, ଯନ୍ତ୍ର ସଙ୍ଗୀତରେ ତନ୍ମୟ ସାହୁ, ନୃତ୍ୟରେ ଜାହ୍ନବୀ ସାମନ୍ତରାୟ, ଶୁଭମ୍ ପ୍ରସାଦ ବେହେରା, ମୋନାଲି ପଣ୍ଡା, କଳାରେ ଅଭିଷେକ ବାରିକ, ସାୟିବା ବେଗମ, ଗୋପାଳ ରାଉତ, ଚିତ୍ରାଙ୍କନରେ ସୁଦୀକ୍ଷା ସାହୁ, ଜ୍ୟୋତିରାଦିତ୍ୟ ନାରାୟଣ, ଏକକ ଅଭିନୟରେ ସତିଶ୍ରୀ ପାଣିଗ୍ରାହୀ, ସୌମ୍ୟରଞ୍ଜନ ସେଠୀ, ସ୍ଥାନୀୟ ମୂର୍ତ୍ତି କଳାରେ ମଧୁସ୍ମିତା ସାହୁ, ବିଶ୍ୱପ୍ରକାଶ ବାରିକ କୃତିତ୍ୱ ଅର୍ଜନ କରି ଜୋନ୍‌ସ୍ତରକୁ ମନୋନୀତ ହୋଇଛନ୍ତି । ସଙ୍ଗୀତା ଦାସ, ସ୍ୱାଗତିକା ନାୟକ, ପ୍ରଭାତ କୁମାର ଷଡ଼ଙ୍ଗୀ, ନିକୁଞ୍ଜ କୁମାର ସ୍ୱାଇଁ, ସୁନିଲ ସେନାପତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୯।୧୧।୨୦୨୩

| | |
|---|---|
| ୩,୭୭,୯୪୬ ଟଙ୍କା | |
| ସୁନା | ୧୩.୧୭୦ ଗ୍ରାମ୍ |
| ରୁପା | ୨୬.୮୦୦ ଗ୍ରାମ୍ |

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ନିଖିଳ ଓଡ଼ିଶା ସ୍ୱେଚ୍ଛାସେବୀ ମହାସଂଘ ପକ୍ଷରୁ ଆଲୋଚନାଚକ୍ର, ସୂଚନା ଭବନ, ସକାଳ ୯ଟା ୩୦।
- ଭାରତୀୟ ମଜଦୁର ସଂଘ ପକ୍ଷରୁ କର୍ମଚାରୀଙ୍କ ବିଭିନ୍ନ ସମସ୍ୟାକୁ ନେଇ ସମାବେଶ, ଭାରତୀୟ ମଜଦୁର ସଂଘ ରାଜ୍ୟ କାର୍ଯ୍ୟାଳୟ, ୟୁନିଟ୍-୨, ଅଶୋକ ନଗର, ପୂର୍ବାହ୍ନ ୧୧ଟା।
- ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ ଫକୀରମୋହନ ଫାଉଣ୍ଡେଶନ ନୂଆଦିଲ୍ଲୀ ଓଡ଼ିଶା ଶାଖା ପକ୍ଷରୁ ଜାତୀୟ ଆଲୋଚନାଚକ୍ର, ଓଡ଼ିଆ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ, ପୂର୍ବାହ୍ନ ୧୧ଟା।
- ଗୁରୁକୁଳ ଗୀତାଞ୍ଜଳି ପକ୍ଷରୁ ସ୍ୱର୍ଣ୍ଣାଭ କାର୍ଯ୍ୟକ୍ରମ, ସୂଚନା ଭବନ, ସନ୍ଧ୍ୟା ୬ଟା।
- ଭୁବନେଶ୍ୱର ଭଞ୍ଜଭାରତୀ ପକ୍ଷରୁ କୃଷ୍ଣକଥା, ଗୀତଗୋବିନ୍ଦ ସଦନ, ସନ୍ଧ୍ୟା ୬ଟା ୩୦।
- ନ୍‌ଫୋସିସ୍ ଫାଉଣ୍ଡେଶନ ଏବଂ ଭାରତୀୟ ବିଦ୍ୟା ଭବନର ସାଂସ୍କୃତିକ କାର୍ଯ୍ୟକ୍ରମ, ଭଞ୍ଜ କଳାମଣ୍ଡପ, ସନ୍ଧ୍ୟା ୬ଟା ୩୦।

**ବାଲିଅନ୍ତା**

- ସରସ୍ୱତୀ ଶିକ୍ଷା ମନ୍ଦିର ପକ୍ଷରୁ ବାର୍ଷିକ ଜ୍ଞାନବିଜ୍ଞାନ ମେଳା ଓ ମୀନାବଜାର, ନହରକଣ୍ଟାସ୍ଥିତ ବିଦ୍ୟାଳୟ ପରିସର, ପୂର୍ବାହ୍ନ ୧୧ଟା।

# କଲେଜ, ବିଶ୍ୱବିଦ୍ୟାଳୟରେ ଗଢ଼ାହେବ ଉଦ୍ୟୋଗୀ ସେଲ୍

## ମୋ କଲେଜ ଓ ଏସ୍ଏସ୍ୟୁ ମଧ୍ୟରେ ଚୁକ୍ତିପତ୍ର

ଭୁବନେଶ୍ୱର,୯।୧୧(ଶର୍ମିଷ୍ଠା ପାଣିଗ୍ରାହୀ)

'ମୋ କଲେଜ ଅଭିଯାନ ପରିଚାଳନା ସଂଗଠନ' ଓ 'ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ (ଏସ୍ଏସ୍ୟୁ)' ମଧ୍ୟରେ ମଙ୍ଗଳବାର ଏକ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଛି। ଏସ୍ଏସ୍ୟୁର ଆଜୀବନ ସଭାପତି ତଥା ଆଧ୍ୟାତ୍ମିକ ଗୁରୁ ଶ୍ରୀ ଶ୍ରୀ ରବି ଶଙ୍କରଙ୍କ ଉପସ୍ଥିତିରେ 'ମୋ କଲେଜ' ଅଧ୍ୟକ୍ଷ ଆକାଶ ଦାସନାୟକ ଓ ଏସ୍ଏସ୍ୟୁର ସଭାପତି ପ୍ରଫେସର ରଜିତା କୁଲକର୍ଣ୍ଣି ଚୁକ୍ତିପତ୍ରରେ ସ୍ୱାକ୍ଷର କରିଥିଲେ। ଏହି ବୁଝାମଣା ଜରିଆରେ 'ମୋ କଲେଜ' ଅଧୀନରେ ଥିବା ରାଜ୍ୟର କଲେଜ ଓ ବିଶ୍ୱବିଦ୍ୟାଳୟରେ 'ଉଦ୍ୟୋଗୀ ସେଲ (ଇ-ସେଲ)' ଗଢାହେବ। ଏହି ସେଲ୍ ଆତ୍ମନିଯୁକ୍ତି ସୃଷ୍ଟି ତଥା କୃଷି ଭିତ୍ତିକ ଷ୍ଟାର୍ଟ-ଅପ୍ ନେଇ ବିଦ୍ୟାର୍ଥୀଙ୍କୁ ତାଲିମ୍ ଯୋଗାଇବ। ଏନେଇ ପ୍ରଥମେ କେତେଜଣ ବିଦ୍ୟାର୍ଥୀ ଓ ଷ୍ଟାଫ୍ ସଂଯୋଜିକାସଂଯୋଜକଙ୍କୁ ଚୟନ କରାଯିବ। ପରେ ସେମାନଙ୍କ ନିମନ୍ତେ ସ୍ୱତନ୍ତ୍ର ତାଲିମ (ଟ୍ରେନିଙ୍ଗ୍ ଅଫ୍ ଟ୍ରେନର୍ସ) ଯୋଗାଇ ଦିଆଯିବ। ସେଲ୍‌ର ତାଲିମପ୍ରାପ୍ତ କର୍ମକର୍ତ୍ତା ନିୟମିତ ବ୍ୟବଧାନରେ ଆତ୍ମନିଯୁକ୍ତି ସମ୍ପର୍କିତ କାର୍ଯ୍ୟକ୍ରମ, କର୍ମଶାଳା ଓ ଆଲୋଚନାଚକ୍ର ଆଦି ଆୟୋଜନ କରିବେ। ଏହି ଅବସରରେ 'ମୋ କଲେଜ' ଅଧ୍ୟକ୍ଷ ଦାସନାୟକ କହିଛନ୍ତି, ଏହି ବୁଝାମଣା ଜରିଆରେ ରାଜ୍ୟର ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ 'ଉଦ୍ୟୋଗୀ ସେଲ୍' ଗଢା ହେବ। ବିଶେଷକରି ସେଲ୍‌ର କର୍ମକର୍ତ୍ତାମାନେ କୃଷି ଓ କୃଷି ଭିତ୍ତିକ ଷ୍ଟାର୍ଟ-ଅପ୍ ଉପରେ ଅଧିକ ଗୁରୁତ୍ୱ ଦେବେ। ସେହିପରି ଏସ୍ଏସ୍ୟୁ ସଭାପତି ପ୍ରଫେସର କୁଲକର୍ଣ୍ଣି କହିଛନ୍ତି, ବୁଝାମଣାକୁ ସଫଳ କରିବା ନିମନ୍ତେ ଉଭୟ ଅନୁଷ୍ଠାନର ପାରସ୍ପରିକ ସହଯୋଗ ରହିବ, ଯାହା ଆତ୍ମନିଯୁକ୍ତି ଓ 'ଷ୍ଟାର୍ଟ-ଅପ୍ ଓଡ଼ିଶା'କ୍ଷେତ୍ରରେ ନୂଆ ଦିଶା ଦେଖାଇବ। ଚୁକ୍ତିପତ୍ର ସ୍ୱାକ୍ଷର ସମୟରେ ଏସ୍ଏସ୍ୟୁର ପ୍ରଫେସର ଆର.ଏନ୍. ଶତପଥୀ, ଡ. ବରଦା ପ୍ରସାଦ ପାଣିଗ୍ରାହୀ ଏବଂ 'ମୋ କଲେଜ'ର ଆଦିତ୍ୟ ଚୌଧୁରୀ ଉପସ୍ଥିତ ଥିଲେ।





୬ ଦଫା ଦାବି ପୂରଣ ନେଇ ଭୁବନେଶ୍ୱରସ୍ଥିତ କଂଗ୍ରେସ ଭବନ ସମ୍ମୁଖରେ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ଗୁରୁବାର ଅନୁଷ୍ଠିତ ସଂକୀର୍ତ୍ତନ ସତ୍ୟାଗ୍ରହ।

# ୧୬ରେ କ୍ଷେତ ମୂଲିଆ ଓ ଦଳିତ ସଂଗଠନର ରାଜ୍ୟସ୍ତରୀୟ କନ୍‌ଭେନ୍‌ଶନ

ଭୁବନେଶ୍ୱର, ୯।୧୧ (ବନ୍ଦନା ସେଠୀ)

ବିଭିନ୍ନ କେନ୍ଦ୍ରୀୟ କ୍ଷେତ ମୂଲିଆ ଓ ଦଳିତ ସଙ୍ଗଠନଗୁଡିକର ଏକ ମିଳିତ ବୈଠକ ଗୁରୁବାର ଭଗବତୀ ଭବନଠାରେ ଆଶିଷ କାନୁନ୍‌ଗୋଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କ୍ଷେତ ମୂଲିଆ, ଦଳିତ ଓ ଆଦିବାସୀଙ୍କ ଉପରେ ହେଉଥିବା ନିର୍ଯାତନା, ହିଂସା ଓ ଶୋଷଣକୁ ବିରୋଧ କରିବା ସହ ସେମାନଙ୍କ ସାମାଜିକ ଓ ଅର୍ଥନୈତିକ ସ୍ୱାର୍ଥର ସୁରକ୍ଷା, କେନ୍ଦ୍ରୀୟ ଆଇନ ପ୍ରଣୟନ ଦାବି ନେଇ ବୈଠକରେ ଆଲୋଚନା ହୋଇଥିଲା। ଏହି ପରିପ୍ରେକ୍ଷୀରେ ଆସନ୍ତା ୧୬ ତାରିଖରେ ଭୁବନେଶ୍ୱର ଗୀତଗୋବିନ୍ଦ ସଦନଠାରେ ଏକ ରାଜ୍ୟସ୍ତରୀୟ କନ୍‌ଭେନ୍‌ଶନ ଆୟୋଜିତ ହେବ। ଏଥିସହ ସର୍ବଭାରତୀୟ ସ୍ତରରେ ସର୍ବନିମ୍ନ ମଜୁରି ଧାର୍ଯ୍ୟ, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଅର୍ଥ ବରାଦ ବୃଦ୍ଧି, ଦଳିତ ଓ ଆଦିବାସୀଙ୍କ ବିରୋଧରେ ହେଉଥିବା ହିଂସା ଓ ନିର୍ଯାତନାର ବିଚାର ପାଇଁ ଫାଷ୍ଟଟ୍ରାକ୍ କୋର୍ଟ ପ୍ରତିଷ୍ଠା ଏବଂ କ୍ଷେତ ମୂଲିଆଙ୍କୁ ମାସିକ ୫ହଜାର ଟଙ୍କା ପେନ୍‌ସନ୍ ଆଦି ଦାବି ପୂରଣରେ ସରକାରଙ୍କ ଆଭିମୁଖ୍ୟ ନେଇ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ ବୋଲି ସ୍ଥିର ହୋଇଥିଲା। ଏଥିରେ ରାଜ୍ୟର ସମସ୍ତ ଜିଲାରୁ ବିଭିନ୍ନ ସଙ୍ଗଠନର ନିର୍ବାଚିତ ପ୍ରତିନିଧିମାନେ ଯୋଗଦେବେ ବୋଲି ସୂଚନା ଦିଆଯାଇଛି। ମିଳିତ ବୈଠକରେ ଭାରତୀୟ କ୍ଷେତ ମଜଦୁର ୟୁନିୟନ, ଅଖିଳ ଭାରତ କ୍ଷେତ ମଜଦୁର ୟୁନିୟନ, ଅଖିଳ ଭାରତୀୟ କ୍ଷେତ ଓ ଗ୍ରାମୀଣ ମଜଦୁର ସଭା, ଅଖିଳ ଭାରତ ଅଗ୍ରଗାମୀ କୃଷି ଶ୍ରମିକ ୟୁନିୟନ, ଦଳିତ ଶୋଷଣ ମୁକ୍ତି ମଞ୍ଚ ଏବଂ ଓଡ଼ିଶା ଦଳିତ ଅଧିକାର ମଞ୍ଚର ରାଜ୍ୟ ନେତୃବର୍ଗ ଯୋଗଦେଇ ଥିବାବେଳେ ଭାରତୀୟ କ୍ଷେତ ମଜଦୁର ରାଜ୍ୟ ସମ୍ପାଦକ ସୁର ଜେନା, ନିର୍ମଳ ନାୟକ, ସନ୍ତୋଷ ଦାସ, ରାମଚନ୍ଦ୍ର ମହାରଣା, ମାନସ ଜେନା ପ୍ରମୁଖ ଯୋଗଦେଇଥିଲେ।

# ଆଫ୍ରିକୀୟ ସିଂହୀ ବିନି ମୃତ

ବାରଙ୍ଗ,୯।୧୧(ଲିଙ୍ଗରାଜ ରାଉତ): ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଗୁରୁବାର ରାତିରେ ୧୮ବର୍ଷୀୟ ଆଫ୍ରିକୀୟ ସିଂହୀ ବିନିର ମୃତ୍ୟୁ ଘଟିଛି। ସେ କିଛିଦିନ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତଥିବାରୁ ଗୋଟିଏ ସ୍ଥାନରେ ପଡିରହୁଥିଲା। ୨୯ ନମ୍ବର ସିଂହ ଫିଡିଂଚାମ୍ବରରେ ନନ୍ଦନକାନନ ବନ୍ୟପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ଚିକିତ୍ସା କରାଯାଉଥିଲେ ମଧ୍ୟ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ପରିଲକ୍ଷିତ ହୋଇ ନ ଥିଲା। ଗୁରୁବାର ଭୁବନେଶ୍ୱର ଓୟୁଏଟିର ବିଶେଷଜ୍ଞ ଡାକ୍ତରୀ ଦଳ ପହଞ୍ଚି ବିନିର ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରିବା ସହ ପରିସ୍ରା, ରକ୍ତ ନମୁନା ସଂଗ୍ରହ କରିଥିଲେ। ଏଥିସହ ଚିକିତ୍ସା ସମ୍ପର୍କରେ ପଚାରି ବୁଝିବା ସହ ଫେରିଯାଇଥିଲେ। କିନ୍ତୁ ରାତିରେ ବିନିର ମୃତ୍ୟୁ ଘଟିଥିଲା। ତେବେ ବିନିର ମୃତ୍ୟୁ ପରେ ସିଂହ ସଂଖ୍ୟା ହ୍ରାସ ପାଇ ୨୨ରେ ପହଞ୍ଚିଛି।

# ଆଗାମୀ ରଥଯାତ୍ରା ପୂର୍ବରୁ ଖୋଲିବ ଗୁଣ୍ଡିଚା ମନ୍ଦିର

ପୁରୀ, ୯।୧୧(ଅଜିତ୍ ମହାନ୍ତି)

■ନିଃଶୁଳ୍କରେ ପ୍ରବେଶ କରିବେ ଭକ୍ତ
■ବର୍ତ୍ତମାନ ଚାଲିଛି ଉନ୍ନତୀକରଣ କାର୍ଯ୍ୟ

ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରୁଥିବା ଭକ୍ତମାନେ ଜନ୍ମବେଦି ଶ୍ରୀଗୁଣ୍ଡିଚା ମନ୍ଦିର ଭିତରକୁ ଯାଇପାରୁନାହାନ୍ତି। କେବଳ ବାହାରୁ ଛିଡ଼ାହୋଇ ଠାକୁରଙ୍କୁ ଦର୍ଶନ କରୁଛନ୍ତି। ଏନେଇ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ମହାମାରୀ କରୋନା ସମୟରେ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଭକ୍ତଙ୍କ ପ୍ରବେଶ ଉପରେ କଟକଣା ଲାଗୁ କରାଯାଇଥିଲା, ଯାହା ଏପର୍ଯ୍ୟନ୍ତ ବଳବତ୍ତର ରହିଛି। ତେବେ ଗୁରୁବାର ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରୀଗୁଣ୍ଡିଚା ମନ୍ଦିର ଉନ୍ନତୀକରଣ ସମେତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ବୈଠକ ପରେ ମୁଖ୍ୟ ପ୍ରଶାସକ ଦାସ କହିଛନ୍ତି, ଉନ୍ନତୀକରଣ କାର୍ଯ୍ୟ ଚାଲିଥିବାରୁ ଏବେ ଭକ୍ତଙ୍କ ପାଇଁ ଶ୍ରୀଗୁଣ୍ଡିଚା ମନ୍ଦିର



ଖୋଲାଯିବା ସମ୍ଭବ ନୁହେଁ। ଯଦି ମନ୍ଦିରର ଉନ୍ନତୀକରଣ କାର୍ଯ୍ୟ ସମୟରେ ଭକ୍ତଙ୍କୁ ପ୍ରବେଶ କରାହେବ ତା'ହେଲେ କାର୍ଯ୍ୟ ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି। ତେଣୁ ଭକ୍ତଙ୍କ ପ୍ରବେଶ ଉପରେ କଟକଣା ଜାରି ହୋଇଛି। ଉନ୍ନତୀକରଣ କାର୍ଯ୍ୟ ସରିବା ପରେ ମନ୍ଦିର ଖୋଲାଯିବ।

ମୁଖ୍ୟ ପ୍ରଶାସକ ଦାସ ଆହୁରି କହିଛନ୍ତି ଯେ, ଶ୍ରୀଗୁଣ୍ଡିଚା ମନ୍ଦିରର ଆନନ୍ଦ ବଜାର, ରୋଷଶାଳ, ଆଧ୍ୟାତ୍ମିକ ସ୍ଥଳ, ଲୀଳା କାନନ, ଆଉଟର ପେରିଫେରିଆଲ ପ୍ଲାଜା, ଶରଧାବାଲି, ବାହାରବେଢ଼ା, ପିଲିଗ୍ରୀମ୍ ପ୍ଲାଜା ଓ ପ୍ରସାଦଭବନ, ଆବିର୍ଭାବ କଥା ପ୍ରଚାର ପ୍ରସାର ସ୍ଥଳର ଉନ୍ନତୀକରଣ କରାଯାଉଛି। ଭକ୍ତଙ୍କ ସୁରକ୍ଷା ଦୃଷ୍ଟିରୁ ମନ୍ଦିର ବନ୍ଦ ରଖାଯାଇଛି। କାର୍ଯ୍ୟ ସରିବାକୁ ଆଉ ୫ରୁ ୬ମାସ ଲାଗିବ। ଏହାପରେ ଶ୍ରୀଗୁଣ୍ଡିଚା ମନ୍ଦିର ଖୋଲାଯିବ। ଆସନ୍ତା ରଥଯାତ୍ରା ପୂର୍ବରୁ କାର୍ଯ୍ୟ ଶେଷ ହେବ ଓ ମନ୍ଦିର ଖୋଲିବ ବୋଲି ଆଶା କରାଯାଉଛି। ଭକ୍ତମାନେ ନିଃଶୁଳ୍କରେ ମନ୍ଦିରରେ ପ୍ରବେଶ କରିବେ। ଉନ୍ନତୀକରଣ କାର୍ଯ୍ୟ କିଭଳି ରଥଯାତ୍ରା ପୂର୍ବରୁ ସମ୍ପୂର୍ଣ୍ଣ କରାଯିବ, ତା'ଉପରେ ଶ୍ରୀମନ୍ଦିର ପ୍ରଶାସନ ଗୁରୁତ୍ୱ ଦେଉଛି। ତତ୍ପରତାର ସହ କାର୍ଯ୍ୟ ଶେଷ କରିବାକୁ ଓବିସିସି ମଧ୍ୟ ପ୍ରତିଶ୍ରୁତି ଦେଇଛି। ଉକ୍ତ ବୈଠକରେ ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା, ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ ବୃନ୍ଦ, ପରିଚାଳନା କମିଟି ସଦସ୍ୟ, ଓବିସିସିର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।



## ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସମୀର



@ ସ୍ୱପ୍ନବ୍ରତ



@ ସୁଧାଂଶୁଶେଖର



@ ବିରଞ୍ଚିନାରାୟଣ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# କୃତ୍ରିମ ଗୋଡ଼ରେ ଚାଲିପାରିବେ ବଜରଙ୍ଗୀ

କଟକ,୯।୧୧(ଶିଲ୍ପା ପ୍ରିୟଦର୍ଶିନୀ)

ବାହାନଗା ଟ୍ରେନ୍ ଦୁର୍ଘଟଣାର ଶିକାର ହୋଇ କଟକ ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଥିବା ଶେଷ ଆହତଙ୍କୁ ଗୁରୁବାର ଡିସ୍‌ଚାର୍ଜ କରାଯାଇଛି। ସେ ହେଲେ ବିହାର କଟୋରିଆ ଥାନା ଅଞ୍ଚଳର ବଜରଙ୍ଗୀ ଠାକୁର(୨୦)। ସଫଳ ଅସ୍ତ୍ରୋପଚାର ସହ କୃତ୍ରିମ ଗୋଡ଼ ଲଗାଯାଇ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଘରକୁ ପଠାଇ ଦିଆଯାଇଥିବା ଗୁରୁବାର ଏସ୍‌ସିବି ମେଡିକାଲ ପ୍ଲାଷ୍ଟିକ୍ ସର୍ଜରୀ ବିଭାଗରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏଥିରେ ଏସ୍‌ସିବି ମେଡିକାଲ ଡିନ୍ ଡା. ପ୍ରସେନଜିତ୍ ମହାନ୍ତି, ଅଧୀକ୍ଷକ ପ୍ରଫେସର ଡା. ସୁଧାଂଶୁ ଶେଖର ସାହୁ, ପ୍ରଶାସନିକ ଅଧିକାରୀ ଅବିନାଶ ରାଉତ, ପ୍ଲାଷ୍ଟିକ ସର୍ଜରୀ ବିଭାଗର ମୁଖ୍ୟ ପ୍ରଫେସର ଡା. ବିଭୂତି ଭୂଷଣ ନାୟକ, ଅର୍ଥପେଡିକ ବିଭାଗ ଡା. ତାପସ କୁମାର ପାଣିଗ୍ରାହୀ, ବରିଷ୍ଠ ବିଶେଷଜ୍ଞ ଡା. ଅରୁଣ ଚୌଧୁରୀ ଉପସ୍ଥିତ ଥିଲେ।

ମିଳିଥିବା ସୂଚନା ଅନୁଯାୟୀ, ବାଲେଶ୍ୱର ଜିଲା ବାହାନଗାଠାରେ କିଛି ମାସ ତଳେ ଟ୍ରେନ୍ ଦୁର୍ଘଟଣା ଘଟିଥିଲା। ଏଥିରେ ଶତାଧିକ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକ ଗୁରୁତର ହୋଇଥିଲେ। ସେଥିମଧ୍ୟରୁ ୨୦୦ରୁ ଊର୍ଦ୍ଧ୍ୱ ଆହତଙ୍କୁ ଚିକିତ୍ସା ପାଇଁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। କେତେଜଣ ଆହତଙ୍କୁ ତୁରନ୍ତ ଚିକିତ୍ସା କରାଯାଇ ଘରକୁ ପଠାଇ ଦିଆଯାଇଥିଲା। ଅବଶିଷ୍ଟ ୧୭୦ରୁ ଊର୍ଦ୍ଧ୍ୱ ଆହତଙ୍କୁ ଚିକିତ୍ସା ପାଇଁ ବିଭିନ୍ନ ବିଭାଗ ଏବଂ ଆଇସିୟୁରେ ରଖାଯାଇଥିଲା। ପରବର୍ତ୍ତୀ ସମୟରେ ସେମାନଙ୍କୁ ଏସ୍‌ସିବିରୁ ଡିସ୍‌ଚାର୍ଜ କରାଯାଇଥିଲା। ହେଲେ ବଜରଙ୍ଗୀଙ୍କ ଗୋଡ ନଷ୍ଟ ହୋଇଯାଇଥିବାରୁ ତାଙ୍କର ଅସ୍ତ୍ରୋପଚାର କରାଯିବା ସହ କୃତ୍ରିମ ଗୋଡ ଲଗାଯାଇଥିଲା। ଏବେ ସେ ସୁସ୍ଥ ଅଛନ୍ତି। ଫିଜିଓଥେରାପି କରିବା ଦ୍ୱାରା ସେ ସାଧାରଣ ଭାବେ କାମ କରିପାରିବେ ବୋଲି ଅର୍ଥପେଡିକ ବିଭାଗର ଡା. ପାଣିଗ୍ରାହୀ କହିଛନ୍ତି। ଏସ୍‌ସିବି ମେଡିକାଲର ଡିନ୍ ଡା. ପ୍ରସେନଜିତ୍ ମହାନ୍ତି ବଜରଙ୍ଗୀଙ୍କ ସୁସ୍ଥ ଜୀବନ କାମନା କରିଛନ୍ତି। ଏ ସମ୍ପର୍କରେ ଏସ୍‌ସିବି ଅଧୀକ୍ଷକ ଡା. ସୁଧାଂଶୁ ଶେଖର ସାହୁ କହିଛନ୍ତି, ଟ୍ରେନ୍ ଦୁର୍ଘଟଣାରେ ଆହତଙ୍କ ଚିକିତ୍ସା କରିବା ସେତେବେଳେ ଆମ ପାଇଁ ଏକ ଚ୍ୟାଲେଞ୍ଜ ଥିଲା। ତେବେ ଏହାକୁ ଆମେ ସଫଳତାର ସହ ମୁକାବିଲା କରିଛୁ। ଟ୍ରେନ୍ ଦୁର୍ଘଟଣାର ଶେଷ ଆହତ ଥିଲେ ବଜରଙ୍ଗୀ। ତାଙ୍କଠାରେ କୃତ୍ରିମ ଗୋଡ ଲଗାଯାଇଥିବାରୁ ସେ ଅନ୍ୟମାନଙ୍କ ଭଳି ଚାଲିପାରିବେ। ପ୍ରଶାସନିକ ଅଧିକାରୀ ଅବିନାଶ ରାଉତ କହିଛନ୍ତି, ବଜରଙ୍ଗୀଙ୍କୁ ଘରେ ଛାଡ଼ିବା ପାଇଁ ଏସ୍‌ସିବି ପକ୍ଷରୁ ଆମ୍ବୁଲାନ୍ସ ବ୍ୟବସ୍ଥା କରାଯାଇଥିଲା। ଅପରପକ୍ଷରେ ବଜରଙ୍ଗୀ କହିଛନ୍ତି, ଏସ୍‌ସିବିରେ ୫ ମାସ ଧରି ଭଲ ଭାବେ ଚିକିତ୍ସା କରାଯାଇଛି। ଉନ୍ନତମାନର ଚିକିତ୍ସା ସହ ସମସ୍ତଙ୍କ ସହଯୋଗ ମିଳିଛି। ଏଥିପାଇଁ ଏସ୍‌ସିବି ମେଡିକାଲର ସମସ୍ତ ଡାକ୍ତରଙ୍କୁ ଧନ୍ୟବାଦ ଜଣାଉଛି।



ବଜରଙ୍ଗୀ ସହ ଏସ୍‌ସିବି ମେଡିକାଲ ଡିନ୍ ଡା. ପ୍ରସେନଜିତ୍ ମହାନ୍ତି ଓ ଡାକ୍ତରୀ ଟିମ୍।

## ବାହାନଗା ଦୁର୍ଘଟଣାର ଶେଷ ଆହତ ଏସ୍‌ସିବିରୁ ଡିସ୍‌ଚାର୍ଜ

# ବର୍ଷାଙ୍କୁ ଦେଢ଼ ଘଣ୍ଟା ଜେରା

## ଏମ୍‌ପି ଅନୁଭବ ମହାନ୍ତିଙ୍କ ବିରୋଧରେ ଘରୋଇ ହିଂସା ମାମଲା

କଟକ,୯।୧୧ (କାର୍ତ୍ତିକ ସାହୁ)

ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ ତାଙ୍କ ସ୍ୱାମୀ ଅଭିନେତା ତଥା ଏମ୍‌ପି ଅନୁଭବ ମହାନ୍ତିଙ୍କ ବିରୋଧରେ କଟକ ଏସ୍‌ଡିଜେଏମ୍ କୋର୍ଟରେ ରୁଜୁ କରିଥିବା ଘରୋଇ ହିଂସା ମାମଲାର ଗୁରୁବାର ଶୁଣାଣି ହୋଇଛି। ଅନୁଭବଙ୍କ ପକ୍ଷରୁ ଆଇନଜୀବୀ ଲଳିତେନ୍ଦୁ ମିଶ୍ର ଜେରା ଆରମ୍ଭ କରି ବର୍ଷାଙ୍କୁ ପ୍ରାୟ ଦେଢ଼ ଘଣ୍ଟା ଧରି ନାନା ପ୍ରଶ୍ନ ପଚାରିଥିଲେ। ଏହା ଅସମ୍ପୂର୍ଣ୍ଣ ରହିଛି। ଏହି ଶୁଣାଣିରେ ଅନୁଭବ ମଧ୍ୟ ଉପସ୍ଥିତ ଥିଲେ। ଆସନ୍ତା ୧୩ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ସୂଚନାଯୋଗ୍ୟ, ବର୍ଷାଙ୍କ ପକ୍ଷରୁ ଅନୁଭବ ଓ ତାଙ୍କ ପରିବାର ସଦସ୍ୟଙ୍କ ବିରୋଧରେ ୨୦୨୦ ମସିହାରେ ଘରୋଇ ହିଂସା ମାମଲା କଟକ ଏସ୍‌ଡିଜେଏମ୍ କୋର୍ଟରେ ଦାଏର ହୋଇଥିଲା। ସେ ପାରିବାରିକ ହିଂସାର ଶିକାର ହେଉଛନ୍ତି ବୋଲି ଅଭିଯୋଗପତ୍ରରେ ଦର୍ଶାଇଥିଲେ। ଅନୁଭବ ନିଶାସକ୍ତ ଅବସ୍ଥାରେ ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଆସୁଛନ୍ତି। ଏପରିସ୍ଥଳେ ସେ କ୍ଷତିପୂରଣ ବାବଦକୁ ଅନୁଭବଙ୍କ ନିକଟରୁ ୧୫ କୋଟି ଟଙ୍କା, ଘରଭଡ଼ା ବାବଦ ମାସିକ ୩୦ ହଜାର ଓ ତାଙ୍କର ଚଳିବାକୁ ମାସିକ ୫୦ ହଜାର ଦାବି କରିଥିଲେ। ଏଥିସହ ମହିଳା ହିଂସା ସୁରକ୍ଷା ଆଇନ ୨୦୦୫ ଅନୁସାରେ ତାଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ବର୍ଷା ପ୍ରାର୍ଥନା କରିଥିଲେ। ଅନ୍ୟପକ୍ଷରେ କଟକ ପରିବାର ଅଦାଲତରେ ସେ ଅନୁଭବଙ୍କ ନିକଟରେ ରହିବାକୁ ଚାହୁଁଥିବା ଦର୍ଶାଇ ସ୍ୱାମୀ-ସ୍ତ୍ରୀ ଭାବେ ସେମାନଙ୍କ ସମ୍ପର୍କ ପୁନଃସ୍ଥାପନ ନିମନ୍ତେ ଆବେଦନ କରିଥିଲେ। ପରିବାର ଅଦାଲତରେ ଗତ ଏକ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଏହି ମାମଲାର ଶୁଣାଣି ଚାଲିଥିଲା। ତେବେ ନିକଟରେ ପରିବାର ଅଦାଲତ ବର୍ଷାଙ୍କ ଆବେଦନକୁ ଖାରଜ କରିଥିଲେ। ସେହିପରି ଅନୁଭବଙ୍କ ପକ୍ଷରୁ ବର୍ଷାଙ୍କୁ ଛାଡ଼ପତ୍ର ଦେବା ନିମନ୍ତେ କରାଯାଇଥିବା ଆବେଦନକୁ ମଧ୍ୟ ପରିବାର ଅଦାଲତ ଖାରଜ କରିଥିଲେ।

## ହାଜର ହେଲେ ଅନୁଭବ



## ହାଇକୋର୍ଟରେ ହାଜର ହେଲେ ବର୍ଷା

କଟକ ପରିବାର ଅଦାଲତଙ୍କ ରାୟ ବିରୋଧରେ ଅଭିନେତା ତଥା ଏମ୍‌ପି ଅନୁଭବ ମହାନ୍ତି ଦାଏର କରିଥିବା ମାମଲାରେ ବର୍ଷା ପ୍ରିୟଦର୍ଶିନୀ ତାଙ୍କ ଓକିଲଙ୍କ ମାଧ୍ୟମରେ ହାଇକୋର୍ଟରେ ଗୁରୁବାର ହାଜର ହୋଇଛନ୍ତି। ହେଲେ କୌଣସି ଜବାବ ରଖି ନ ଥିବା ଜଣାପଡିଛି। ଆସନ୍ତା ୨୩ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ସୂଚନା ଅନୁସାରେ, ଅନୁଭବ ଓ ବର୍ଷାଙ୍କ ମାମଲାର ଆବେଦନ ପରିବାର ଅଦାଲତରେ ଗତ ସେପ୍ଟେମ୍ବର ୨୨ରେ ଖାରଜ ହେବା ପରେ ଅନୁଭବ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ହାଇକୋର୍ଟ ଅନୁଭବଙ୍କ ଆବେଦନକୁ ବିଚାର ପାଇଁ ଗ୍ରହଣ କରି ବର୍ଷାଙ୍କୁ ହାଜର ହେବା ନିମନ୍ତେ ନୋଟିସ୍ ଜାରି କରିଥିଲେ। ଏଥିସହ ପରିବାର ଅଦାଲତରୁ ସେମାନଙ୍କ ବିବାହ ବିଚ୍ଛେଦ ସଂକ୍ରାନ୍ତୀୟ ଦସ୍ତାବିଜ୍ ହାଇକୋର୍ଟରେ ଦାଖଲ ପାଇଁ ଆଦେଶ ଦେଇଥିଲେ।

ଧନ୍ୱନ୍ତରୀଙ୍କୁ ଆବାହନ କରିବା ସହ ସପରିବାରର ସର୍ବମଙ୍ଗଳ ପାଇଁ ନିଜ ନିଜର ଆରାଧ୍ୟଙ୍କୁ ରୀତିନୀତି ଅନୁଯାୟୀ ପୂଜାପାଠ କରାଯାଇଥାଏ। ଏପରିକି ଧନ୍‌ତେରସ୍ ଅବସରରେ ଶୁଭକାର୍ଯ୍ୟ ଆରମ୍ଭ ପୂର୍ବରୁ ସୁନା ଓ ମୂଲ୍ୟବାନ୍ ଅଳଙ୍କାର ବ୍ୟବହାର ପାଇଁ ପୂର୍ବକାଳରୁ ପ୍ରଥା ରହିଛି। ସେହିଭଳି ରାଶିଚକ୍ର ଅନୁଯାୟୀ ଲୋକମାନେ ପୁରୋହିତଙ୍କ ପରାମର୍ଶରେ ବିଭିନ୍ନ ସାମଗ୍ରୀ ସାଙ୍ଗକୁ ଠାକୁର ଠାକୁରାଣୀଙ୍କର ପ୍ରତିମା ଧାରଣ ସହିତ ଅନ୍ନ,ବସ୍ତ୍ର, ସ୍ୱର୍ଣ୍ଣ ଏବଂ ମୂଲ୍ୟବାନ୍ ଅଳଙ୍କାର ଦାନ କରିଥାନ୍ତି। ଫଳରେ ଦାତାଙ୍କର ମଙ୍ଗଳ କାମନା ସାଙ୍ଗକୁ କାମକାର୍ଯ୍ୟ ଓ କାରବାରରେ ସୁଫଳ ବା ଲାଭ ମିଳିଥାଏ ବୋଲି ବିଶ୍ୱାସ ରହିଛି।




# ସୁନା କିଣିଲେ ସୁଫଳ ମିଳେ

- ଧନ୍‌ତେରସ୍‌ରେ ଧନ ବର୍ଷା
- ବ୍ୟାପକ କଲେକ୍ସନ ସମ୍ଭାର
- ଆକର୍ଷଣୀୟ ରିହାତି ଅଫର

ଭୁବନେଶ୍ୱର,୯।୧୧(ଅଭୟ ଦାଶ)

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଧନ୍‌ତେରସ୍ ଉପଲକ୍ଷେ ସାରା ଦେଶରେ ଉତ୍ସବର ମାହୋଲ ଦେଖାଦେଇଥାଏ। ବିଶେଷକରି ଧନ୍‌ତେରସ୍‌ରେ ଧନ କ୍ରୟ (ସୁନା କିଣିଲେ) ସବୁ କ୍ଷେତ୍ର ପାଇଁ ସୁଫଳ ଦେଇଥାଏ ବୋଲି କାହିଁ କେଉଁ କାଳରୁ ଲୋକକଥା ରହିଆସିଛି। ଏପରିକି ଗାଁଠୁ ସହର ସବୁ ସ୍ଥାନରେ ଅଳଙ୍କାର ପ୍ରତିଷ୍ଠାନଗୁଡିକ ଧନ୍‌ତେରସ୍ ପାଇଁ ଧନ ବର୍ଷାର ସୁବିଧା ଗ୍ରାହକମାନଙ୍କୁ ଯୋଗାଇ ଦେଇଥାନ୍ତି। ବିଶେଷକରି କାରବାର ପାଇଁ ବ୍ୟାପକ କଲେକ୍ସନର ସମ୍ଭାର ସାଙ୍ଗକୁ ଧନ୍‌ତେରସ୍ ଉପଲକ୍ଷେ ଗ୍ରାହକଙ୍କୁ ଆକର୍ଷଣୀୟ ରିହାତି ଅଫର ଦିଆଯାଉଛି।

ଉଲ୍ଲେଖଯୋଗ୍ୟ, ଧନ୍‌ତେରସ୍ ଉପଲକ୍ଷେ ସାରା ରାଜ୍ୟର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ଯଥା- ଲାଲ୍‌ଚାନ୍ଦ୍ ଜୁଏଲର୍ସ, ଖିମ୍‌ଜୀ ଜୁଏଲର୍ସ, କଲ୍ୟାଣ ଜୁଏଲର୍ସ, ମାଲାବାର ଗୋଲ୍‌ଡ ଆଣ୍ଡ ଡାଇମଣ୍ଡସ, ଜୟ ଆଲୁକ୍କାସ, ତନିସ୍କ, ରିଲାଏନ୍ସ ଜୁଏଲର୍ସ, ପି.ସି.ଚନ୍ଦ୍ରା ଜୁଏଲର୍ସ, ଅରୁନ୍ଧତୀ ଜୁଏଲର୍ସ, ପ୍ରୀତମ ଜୁଏଲର୍ସ, ଭବାନୀ ଅଳଙ୍କାର, ଲୋକନାଥ ଜୁଏଲର୍ସ, ହିନ୍ଦୁସ୍ଥାନ ଜୁଏଲର୍ସ, ମା ଗୌରୀ ଜୁଏଲର୍ସ, ଜେ.କେ ଜୁଏଲର୍ସ, ଜାଭେରୀ ଗୋଲ୍‌ଡ ଆଣ୍ଡ ଡାଇମଣ୍ଡସ, ରୀତା ଜୁଏଲର୍ସ, କଳାମନ୍ଦିର ଜୁଏଲର୍ସ, ସ୍ୱାଇଲ ଗୋଲ୍‌ଡ ଜୁଏଲର୍ସ, ସେନ୍‌କୋ ଗୋଲ୍‌ଡ ଆଣ୍ଡ ଡାଇମଣ୍ଡ, ରୀତା ଆଣ୍ଡ ସନ୍ସ ଭଳି ଗହଣା ଦୋକାନରେ ଆକର୍ଷଣୀୟ ରିହାତି ଅଫର ସାଙ୍ଗକୁ ନୂତନ କଲେକ୍ସନର ବ୍ୟାପକ ସମ୍ଭାର ଉପଲବ୍ଧ।






ଅପରପକ୍ଷରେ ଧନ୍‌ତେରସ୍‌ର ଶୁଭ ଅବସରରେ ଲାଲ୍‌ଚାନ୍ଦ୍ ଜୁଏଲର୍ସ ପକ୍ଷରୁ ଆକର୍ଷଣୀୟ ଅଫର ସାଙ୍ଗକୁ ମନଲୋଭା କଲେକ୍ସନର ବୃହତ୍ ସମ୍ଭାରକୁ ଉନ୍ମୋଚନ କରାଯାଇଛି। ବିଶେଷ କରି ପ୍ରତି ଗ୍ରାମ ପିଛା ୬୨୫ ଟଙ୍କାର ମୂଲ୍ୟରେ ସମସ୍ତ ଏଚ୍‌ୟୁଆଇଡି ହଲ୍‌ମାର୍କଯୁକ୍ତ ସୁନା ଗହଣାର ଗଢ଼ା ମୂଲ୍ୟ ଦିଆଯାଉଥିବାବେଳେ ପ୍ରତି କ୍ୟାରେଟ ହୀରା ମୂଲ୍ୟ ଉପରେ ଫ୍ଲାଟ ୨୦,୦୦୦ ଟଙ୍କାର ରିହାତି ଏବଂ ରୁପା ଗହଣାର ଗଢ଼ା ମୂଲ୍ୟ ଉପରେ ଫ୍ଲାଟ୍ ୫୦% ରିହାତି ଗ୍ରାହକମାନଙ୍କୁ ଯୋଗାଇ ଦିଆଯାଉଛି। ସେହିଭଳି ନିର୍ଦ୍ଦିଷ୍ଟ ହାତଘଣ୍ଟା ବ୍ରାଣ୍ଡ୍‌ଗୁଡିକ ଉପରେ ଫ୍ଲାଟ୍ ୨୦%ର ରିହାତି ଓ ବ୍ରାଣ୍ଡେଡ୍ ଆଇଟମର ମୂଲ୍ୟ ଉପରେ ଫ୍ଲାଟ୍ ୧୫% ରିହାତି ପ୍ରଦାନ କରାଯାଉଛି। ଏପରିକି ଆଇଜେଏସ୍‌ଏଫ୍‌ରେ ପ୍ରତି ୨୫,୦୦୦ ଟଙ୍କା ବା ଅଧିକ କ୍ରୟ ଉପରେ ମାଗଣା ରୁପା ମୁଦ୍ରା ସାଙ୍ଗକୁ ନିଶ୍ଚିତ ଉପହାର ଦିଆଯାଉଛି। ସେହିପରି ଖିମ୍‌ଜୀ ଜୁଏଲର୍ସରେ ନଭେମ୍ବର ୩ରୁ ଧନ୍‌ତେରସ୍ ଧନବର୍ଷା ଉତ୍ସବ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ହୀରା ଗହଣାର ମୂଲ୍ୟ ଉପରେ ଫ୍ଲାଟ୍ ୨୦% ରିହାତି ଦିଆଯାଉଥିବାବେଳେ ରୁପା ଗହଣାର ଗଢା ମଜୁରି ଉପରେ ଫ୍ଲାଟ୍ ୨୫% ରିହାତି ପ୍ରଦାନ କରାଯାଉଛି। ଏପରିକି ପ୍ରତି ସୁନା ଅଳଙ୍କାରର କ୍ରୟ ବିଲ୍ ଉପରେ ଫ୍ଲାଟ୍ ୪.୫%ର ରିହାତି ଦିଆଯାଉଛି। ଅପରପକ୍ଷରେ ରିଲାଏନ୍ସ ଜୁଏଲର୍ସର ଦୀପାବଳି ଅଫର ଓ କଲେକ୍ସନ ' ସ୍ୱର୍ଣ୍ଣ ବଙ୍ଗ' ସାଙ୍ଗକୁ ସୁନା ଅଳଙ୍କାରର ଗଢା ମଜୁରି ଓ ହୀରା ଅଳଙ୍କାର କ୍ରୟ ମୂଲ୍ୟ ଉପରେ ୨୫%ର ରିହାତି ପ୍ରଦାନ କରାଯାଉଛି।



## ସ୍ୱାଇଲ୍ ଗୋଲ୍ଡର ଧନ୍‌ତେରସ୍ ଅଫର




ରାଜ୍ୟର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ସ୍ୱାଇଲ୍ ଗୋଲ୍ଡ ଜୁଏଲର୍ସ ପକ୍ଷରୁ ଚଳିତ ବର୍ଷର ଧନ୍‌ତେରସ୍ ଉପଲକ୍ଷେ ଆକର୍ଷଣୀୟ ଧନବର୍ଷା ଅଫରର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ସେହିଭଳି ଚଳିତ ବର୍ଷର ପାର୍ବଣ ଋତୁରେ ସ୍ୱତନ୍ତ୍ର ଡିଜାଇନ୍ ସାଙ୍ଗକୁ ଆକର୍ଷଣୀୟ ଅଫର୍ ଓ ରିହାତି ପ୍ରଦାନ କରାଯାଉଛି। ଏପରିକି ଚଳିତ ବର୍ଷ ଦଶହରାଠାରୁ ଗ୍ରାହକମାନେ ଆକର୍ଷଣୀୟ ଧନବର୍ଷା ଅଫରର ଲାଭ ଉଠାଉଛନ୍ତି ବୋଲି ସ୍ୱାଇଲ୍ ଗୋଲ୍ଡ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷରେ ଏହି ଅଫର୍ ଧନତେରାସ୍ ପର୍ଯ୍ୟନ୍ତ ଉପଲବ୍ଧ। ବିଶେଷକରି ଧନ୍‌ତେରସ୍ ଅବସରରେ ଗ୍ରାହକମାନେ ପ୍ରତି ୧ ଗ୍ରାମ୍ ସୁନା ଗହଣାର ଗଢ଼ା ମଜୁରୀ ଫ୍ଲାଟ୍ ୩୯୯ ଟଙ୍କା ଓ ଫ୍ଲାଟ୍ ୪୯୯ ଟଙ୍କା ରହିଛି। ସେହିପରି ଅଳଙ୍କାର ପାଇଁ ଅଗ୍ରୀମ ଦେୟ ପୈଠ କଲେ ଗଢ଼ା ମଜୁରୀ ପଡ଼ିବ ନାହିଁ। ସ୍ୱତନ୍ତ୍ର ଡିଜାଇନର ହୀରା, ସୁନା, ରୂପା ଓ ଅନ୍ୟାନ୍ୟ ରତ୍ନରେ ପ୍ରସ୍ତୁତ ଅଳଙ୍କାର ଏଠାରେ ଉପଲବ୍ଧ ବୋଲି ଷ୍ଟୋର ପକ୍ଷରୁ ସୂଚନା ଦିଆଯାଇଛି।

## ପ୍ରୀତମ ଜୁଏଲେରି ଉଦ୍‌ଘାଟିତ




ଅଭିନେତ୍ରୀ ଫାତିମା ସାନା, ମାଲିକ ପ୍ରଶାନ୍ତ ମହାପାତ୍ର ଓ ତାଙ୍କ ସ୍ତ୍ରୀ।

କେନ୍ଦୁଝର,୯।୧୧
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସହର ଲାବଣ୍ୟଛକ ନିକଟରେ ଅତ୍ୟାଧୁନିକ ସୁନା ଗହଣା ଦୋକାନ 'ପ୍ରୀତମ ଜୁଏଲେରୀ' ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ବଲିଉଡ୍ ଅଭିନେତ୍ରୀ ଫାତିମା ସାନା ସେଖ୍ ଫିତାକାଟି ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଫାତିମା ସୁନା ଗହଣା ଦୋକାନକୁ ବୁଲି ଦେଖିବା ସହ ବିଭିନ୍ନ ଡିଜାଇନର ଅତ୍ୟାଧୁନିକ ସୁନା, ରୂପା ଓ ହୀରାରେ ନିର୍ମିତ ଗହଣାକୁ ଦେଖି ବେଶ ପ୍ରଶଂସା କରିଥିଲେ। ମୁଖ୍ୟତଃ ଏଠାରେ ସୁନା ଗହଣା ବମ୍ବେ ଡିଜାଇନ, କଟକର ତାରକଶି ଡିଜାଇନ ଉପଲବ୍ଧ ରହିଛି। ଉଦ୍‌ଘାଟନ ସମୟରେ ଗ୍ରାହକଙ୍କ ଗହଳୀ ଲାଗିଥିଲା। ସୋରୁମର ସତ୍ତ୍ୱାଧିକାରୀ ପ୍ରଦୀପ କୁମାର ବାରିକ ଓ ପ୍ରଶାନ୍ତ କୁମାର ମହାପାତ୍ରଙ୍କ ପରିବାରବର୍ଗଙ୍କ ସମେତ କେନ୍ଦୁଝରଗଡ଼ ଉପନଗରପାଳ ବରଦା ପ୍ରସନ୍ନ ଦାସ ମଧ୍ୟ ଉପସ୍ଥିତ ଥିଲେ। କେନ୍ଦୁଝର ଜିଲାବାସୀଙ୍କ ଚାହିଦାକୁ ଦୃଷ୍ଟିରେ ରଖି କିଭଳି ଉନ୍ନତମାନର ସୁନା ଗହଣା ଯୋଗାଇ ଦିଆଯାଇ ପାରିବ ସେଥିପ୍ରତି ବିଶେଷ ଗୁରୁତ୍ୱ ଦିଆଯାଇଥିବା ସତ୍ତ୍ୱାଧିକାରୀ କହିଛନ୍ତି। ଉଦଘାଟନ ଦିବସଠାରୁ ଚଳିତମାସ ଶେଷ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ଗହଣା ଉପରେ ସ୍ୱତନ୍ତ୍ର ରିଆତି ପ୍ରଦାନ ଜାରି ରହିବ ବୋଲି ଅନ୍ୟତମ ସତ୍ତ୍ୱାଧିକାରୀ ବାରିକ କହିଛନ୍ତି। ଏହି ଅବସରରେ ମେଲୋଡି, ରାମ୍ପ ସୋ ସମେତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## କନକ ଜୁଏଲେରିରେ ଧନ୍‌ତେରାସ୍ ଅଫର

କେନ୍ଦୁଝର,୯।୧୧
(ନରେଶ ଚନ୍ଦ୍ର ପଟ୍ଟନାୟକ)




ନୂତନ ସ୍କୁଟି ସହ ଗ୍ରାହକ ତପନ ଘୋଷ ଓ ତାଙ୍କ ସ୍ତ୍ରୀ।

କେନ୍ଦୁଝର ଜିଲାର ଭରସାଯୋଗ୍ୟ ବିଏସ୍ ମଲରେ ଥିବା କନକ ଜୁଏଲେରି ପକ୍ଷରୁ ଧନତେରାସ ଓ ଦୀପାବଳୀ ପାଇଁ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି। ବିଏସ ମଲର ପରିଚାଳକ ବିଶ୍ୱନାଥ ରାଉଳଙ୍କ କହିବା ଅନୁଯାୟୀ କନକ ଜୁଏଲାରୀରୁ ୫୦ ଲକ୍ଷ ଟଙ୍କା ଗହଣା କିଣିଲେ ଏକ କାର ଓ ୭ ଲକ୍ଷ ଟଙ୍କାର ଗହଣା କିଣିଲେ ଗୋଟିଏ ଇଲେକ୍ଟ୍ରିକ ସ୍କୁଟର ମାଗଣାରେ ପ୍ରଦାନ କରାଯିବା ନେଇ ଘୋଷଣା କରାଯାଇଥିଲା। ଅଫର ଘୋଷଣାର ପ୍ରଥମ ଦିନରେ ହିଁ କେନ୍ଦୁଝର ସହରର ତପନ କୁମାର ଘୋଷ ୭ ଲକ୍ଷ ଟଙ୍କାର ଗହଣା କିଣି ଏକ ଇଲେକ୍ଟ୍ରିକ ସ୍କୁଟର ଉପହାରରେ ନେଇଛନ୍ତି। ଅଫର ଘୋଷଣା ପରେ କନକ ଜୁଏଲେରିରେ ଗ୍ରାହକଙ୍କ ପ୍ରବଳ ଗହଳି ପରିଲକ୍ଷିତ ହେଉଛି।

## ଆକର୍ଷଣୀୟ ଧନ୍‌ତେରସ୍ ଓ ଦୀପାବଳି ଅଫର

ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଲାଲ୍‌ଚାନ୍ଦ ଜୁଏଲର୍ସ ପକ୍ଷରୁ ଆଲୋକର ପର୍ବ ଦୀପାବଳି ଏବଂ ଧନ୍‌ତେରସ୍ ଉପଲକ୍ଷେ ଆକର୍ଷଣୀୟ ଅଫର ଦିଆଯାଉଛି। ଏପରିକି ଏଠାରେ ସମସ୍ତ ଏଚ୍‌ୟୁଆଇଡି ହଲ୍‌ମାର୍କଯୁକ୍ତ ସୁନାଗହଣାର ଗଢ଼ା ମୂଲ୍ୟ ପ୍ରତି ଗ୍ରାମ୍ ପିଛା ଫ୍ଲାଟ୍ ୬୨୫ ଟଙ୍କା ରଖାଯାଇଥିବାବେଳେ ହୀରା ମୂଲ୍ୟ ଉପରେ ଫ୍ଲାଟ୍ ୨୦,୦୦୦ ଟଙ୍କା ପ୍ରତି କ୍ୟାରେଟ୍ ପିଛା ରିହାତି ଦିଆଯାଉଛି। ଏହାବ୍ୟତୀତ ନିର୍ଦ୍ଦିଷ୍ଟ ହାତଘଣ୍ଟା ବ୍ରାଣ୍ଡ୍‌ଗୁଡ଼ିକ ଉପରେ ଫ୍ଲାଟ୍ ୨୦% ଓ ରୁପା ଗହଣାର ଗଢ଼ା ମୂଲ୍ୟ ଉପରେ ଫ୍ଲାଟ୍ ୫୦% ଏବଂ ବ୍ରାଣ୍ଡେଡ୍ ଆଇଟମ୍ ଉପରେ ଫ୍ଲାଟ୍ ୧୫% ରିହାତି ପ୍ରଦାନ କରାଯାଉଛି। ଏହାସହ ଧନ୍‌ତେର୍‌ସକୁ ଦୃଷ୍ଟିରେ ରଖି ୨୫,୦୦୦ ଟଙ୍କା କିମ୍ବା ତଦୂର୍ଦ୍ଧ୍ୱ ମୂଲ୍ୟର କିଣାକିଣି ଉପରେ ନିଶ୍ଚିତ ଉପହାର ଲାଲ୍‌ଚାନ୍ଦ ପକ୍ଷରୁ ପ୍ରଦାନ କରାଯାଉଛି। ଲାଲ୍‌ଚାନ୍ଦର ପ୍ରତ୍ୟେକ ଶୋ'ରୁମ୍‌ରେ ବିଆଇଏସ୍ ହଲ୍‌ମାର୍କଯୁକ୍ତ ପୁରୁଣା ସୁନାର ଏକ୍ସଚେଞ୍ଜ୍ ଉପରେ ୧୦୦% ସୁନା ମୂଲ୍ୟ ମିଳୁଥିବା ନେଇ ବିସ୍ତୃତ ସୂଚନା ଦିଆଯାଇଛି। ଲାଲ୍‌ଚାନ୍ଦ ଜୁଏଲର୍ସରେ ବିଶ୍ୱର ସର୍ବବୃହତ୍ ଅଳଙ୍କାର ମହୋତ୍ସବ 'ଆଇଜେଏସ୍‌ଏଫ୍-୨୦୨୩' ଚାଲିଥିବା ବେଳେ ଚଳିତ ଦୀପାବଳି ଓ ଧନ୍‌ତେରସ୍‌ରେ ଗ୍ରାହକଙ୍କର ଭାଗ୍ୟ ଚମକାଇବା ପାଇଁ ସୁବର୍ଣ୍ଣ ସୁଯୋଗ ରହିଛି। ୨୫ ହଜାର ଟଙ୍କାର ଗହଣା କ୍ରୟ ଉପରେ ନିଶ୍ଚିତ କୁପନ ଏବଂ ସୀମିତ ସଂସ୍କରଣର ରୁପା ମୁଦ୍ରା ମିଳୁଛି। ଏହି ଅବିଶ୍ୱସନୀୟ ପୁରସ୍କାର ପର୍ଯ୍ୟାୟକ୍ରମେ ଡ୍ର'ରେ ୫୦୦୦ କୁପନର ପ୍ରତି ସେଟ୍‌ରେ ୨୫ ଗ୍ରାମ୍ ସୁନାମୁଦ୍ରା ଜିତିପାରିବେ। ଏଥିସହ ୧ କିଲୋଗ୍ରାମ ସୁନାର ୫ଟି ପୁରସ୍କାର, ୧୦ ଲକ୍ଷ ଟଙ୍କା ବିଶିଷ୍ଟ ୫ଟି ଜୁଡାଉ ଜୁଏଲେରି, ୧୦ଲକ୍ଷ ଟଙ୍କା ବିଶିଷ୍ଟ ୫ଟି ଟେମ୍ପଲ୍ ଜୁଏଲେରି, ୫ ଲକ୍ଷ ଟଙ୍କା ବିଶିଷ୍ଟ ୧୦ଟି ହୀରା ଓ ମୂଲ୍ୟବାନ୍ ପଥର ଖଚିତ ଜୁଏଲେରି, ୨.୫ ଲକ୍ଷ ଟଙ୍କା ବିଶିଷ୍ଟ ୧୦ଟି ସୁନାଗହଣା ଏବଂ ଡିଭାଇନ୍ ସଲିଟେଆରରୁ ୧୦୦ଟି ହୀରା ଖଚିତ ସ୍ୱର୍ଣ୍ଣ ମୁଦ୍ରା ଜିତିବାର ଅପୂର୍ବ ସୁଯୋଗ ରହିଛି। ଏହା ସହ ଲାଲ୍‌ଚାନ୍ଦ୍‌ରେ ସମସ୍ତ ଆକାର ଏବଂ ଓଜନର ୯୯୯ଶୁଦ୍ଧତା ବିଶିଷ୍ଟ ସ୍ୱର୍ଣ୍ଣ ମୁଦ୍ରା ଉପଲବ୍ଧ। ଏହି କ୍ରମରେ ସର୍ବନିମ୍ନ ୪୦,୦୦୦ ଟଙ୍କାର ନେଣଦେଣ ଉପରେ ଏଚ୍‌ଡିଏଫ୍‌ସି ବ୍ୟାଙ୍କ୍ କ୍ରେଡିଟ୍-ଡେବିଟ୍ କାର୍ଡ ବ୍ୟବହାରକାରୀଙ୍କୁ ତୁରନ୍ତ ୫% ଏବଂ ସର୍ବାଧିକ ୩,୦୦୦ ଟଙ୍କାର ଛାଡ଼ ମିଳିବ।













# ନେତୃତ୍ୱ ନେଇପାରନ୍ତି ସୂର୍ଯ୍ୟ, ଋତୁରାଜ

**ଅଷ୍ଟ୍ରେଲିଆ ଟି୨୦ ସିରିଜ୍**

ନୂଆଦିଲ୍ଲୀ,୯।୧୧(ପି.ଟି.)

ଅଷ୍ଟ୍ରେଲିଆ ବିପକ୍ଷ ଟି୨୦ ସିରିଜ୍‌ରେ ହାର୍ଦ୍ଦିକ ପାଣ୍ଡ୍ୟା ଖେଳିପାରିବେ ନାହିଁ। ଫଳରେ ସୂର୍ଯ୍ୟକୁମାର ଯାଦବ କିମ୍ବା ଋତୁରାଜ ଗାଏକ୍ୱାଡଙ୍କ ମଧ୍ୟରୁ କେହି ଜଣେ ଭାରତୀୟ ଦଳର ନେତୃତ୍ୱ ନେବା ସ୍ପଷ୍ଟ ହୋଇଛି। ଦିନିକିଆ କ୍ରିକେଟ ବିଶ୍ୱକପ ଶେଷ ହେବାର ଠିକ୍ ପରେ ନଭେମ୍ବର ୨୩ରୁ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଟି୨୦ ସିରିଜ୍ ଖେଳାଯିବ। ଭାରତୀୟ ଷ୍ଟାର ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଆହତ ସମସ୍ୟାରୁ ମୁକୁଳିବା ପାଇଁ ଅଧିକ ସମୟ ଲାଗିବ। ତେଣୁ ସେ ଏହି ସିରିଜ୍ ପାଇଁ ଉପଲବ୍ଧ ହେବେ ନାହିଁ। ବିଶ୍ୱକପ ସେମି ଫାଇନାଲ ପରେ ହିଁ ଅଷ୍ଟ୍ରେଲିଆ ସିରିଜ ପାଇଁ ଦଳ ଘୋଷଣା କରାଯିବ। ଏହି ସିରିଜ୍ ପାଇଁ ଭାରତୀୟ ଟି୨୦ ଦଳର ଉପ ଅଧିନାୟକ ରହିଥିବା ସୂର୍ଯ୍ୟକୁମାର ଯାଦବ କିମ୍ବା ଏସିଆନ୍ ଗେମ୍ସରେ ସ୍ୱର୍ଣ୍ଣ ବିଜୟୀ ଭାରତୀୟ ଦଳର ଅଧିନାୟକ ଥିବା ଋତୁରାଜ ଗାଏକ୍ୱାଡଙ୍କୁ ଅଧିନାୟକ ନିଯୁକ୍ତ କରାଯିବ। ଏହା ସହିତ ଡିସେମ୍ବର ୧୦ରେ ଡର୍ବାନରେ ଖେଳା ଯିବାକୁ ଥିବା ଟି୨୦ ସିରିଜ୍‌ରେ ପାଣ୍ଡ୍ୟାଙ୍କ ପ୍ରତ୍ୟାବର୍ତ୍ତନର ସମ୍ଭାବନା ରହିଛି। ବିଶ୍ୱକପ ପରେ ଭାରତ ଏହାର ସିନିୟର ଖେଳାଳି ମାନଙ୍କୁ ବିଶ୍ରାମ ଦେବାକୁ ଚାହିଁବ। ଯଦି ସୂର୍ଯ୍ୟକୁମାର ଯାଦବଙ୍କୁ ଦଳ ବିଶ୍ରାମ ଦିଏ ତେବେ ଋତୁରାଜ ଗାଏକ୍ୱାଡ ଦଳର ଅଧିନାୟକ ଦାୟିତ୍ୱ ସମ୍ଭାଳିବେ।

ଆମେରିକାରେ ଖେଳାଯିବାକୁ ଥିବା ଟି୨୦ ବିଶ୍ୱକପକୁ ଦୃଷ୍ଟିରେ ରଖି ଦଳରେ ଖେଳାଳି ମାନଙ୍କୁ ସାମିଲ କରାଯିବାର ସମ୍ଭାବନା ଅଧିକ। ଆୟର୍ଲାଣ୍ଡ ସିରିଜ୍ ଓ ଏସିଆନ୍ ଗେମ୍ସ ଖେଳିଥିବା ଦଳର ଖେଳାଳି ମାନଙ୍କୁ ଏହି ସିରିଜରେ ପ୍ରାଥମିକତା ଦିଆଯିବ। ଯଶପ୍ରୀତ ବୁମରା ଓ ମହମ୍ମଦ ସିରାଜଙ୍କ ପରି ବୋଲରଙ୍କୁ ବିଶ୍ରାମ ଦିଆଯାଇ ଅର୍ଶଦୀପ ସିଂ, ମୁକେଶ କୁମାର ଓ ଆଭେଶ ଖାନଙ୍କ ପରି ଖେଳାଳିଙ୍କୁ ଏହି ଦଳରେ ସାମିଲ କରାଯିବ। ଏହା ସହ ସଞ୍ଜୁ ସାମସନ୍, ଇଶାନ କିଶନ୍ ଓ ଯୁଜବେନ୍ଦ୍ର ଚହଲଙ୍କ ପରି ଖେଳାଳି ଏହି ସିରିଜରେ ପ୍ରତ୍ୟାବର୍ତ୍ତନ କରିପାରନ୍ତି। ଅକ୍ଷର ପଟେଲ ଏହି ସିରିଜ୍‌ରେ ଖେଳିବା ନିଶ୍ଚିତ ଥିବା ବେଳେ ରବୀନ୍ଦ୍ର ଜାଡେଜାଙ୍କୁ ବିଶ୍ରାମ ଦିଆଯିବ। ସେହିପରି ସୟଦ ମୁସ୍ତାକ ଅଲୀ ଟି୨୦ ଟୁର୍ନାମେଣ୍ଟରେ ଭଲ ପ୍ରଦର୍ଶନ କରିଥିବା ରିୟାନ୍ ପରାଗ, ଅଭିଷେକ ଶର୍ମା ଓ ଭୁବନେଶ୍ୱର କୁମାରଙ୍କ ନାମ ମଧ୍ୟ ବିଚାରକୁ ନିଆଯାଇପାରେ। ଭୁବନେଶ୍ୱର ୧୬ ଉଇକେଟ ନେଇଥିବା ବେଳେ ତାଙ୍କର ଇକୋନୋମୀ ୬ରୁ କମ୍ ରହିଛି। ଅନ୍ୟ ପକ୍ଷରେ ଅଭିଷେକ ଶର୍ମା ୪୮୫ ରନ୍ କରିଥିବା ବେଳେ ରିୟାନ୍ ପରାଗ ୫୧୦ ରନ୍ ସ୍କୋର କରିବା ସହ ୧୧ ଉଇକେଟ ନେଇଛନ୍ତି। ପ୍ରଥମ ଆସାମ କ୍ରିକେଟର ଭାବରେ ରିୟାନ୍ ଭାରତୀୟ ଦଳରେ ସ୍ଥାନ ପାଇବାର ଦାବିଦାରୀ ସ୍ଥାପନ କରିଛନ୍ତି।

# ଅନ୍ତର୍ଜାତୀୟ କ୍ରିକେଟରୁ ମେଗ୍ ଲାନିଂଙ୍କ ଅବସର

ମେଲବୋର୍ନ,୯।୧୧(ପି.ଟି.)



ଅଷ୍ଟ୍ରେଲିଆ ମହିଳା କ୍ରିକେଟ ଦଳର ସଫଳ ଅଧିନାୟିକା ମେଗ୍ ଲାନିଂ ଗୁରୁବାର ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ସେ ଦୀର୍ଘ ୧୩ବର୍ଷର କ୍ୟାରିୟରରେ ୭ ବିଶ୍ୱ ଟାଇଟଲ ହାସଲ କରିଛନ୍ତି। ତନ୍ମଧ୍ୟରେ ସେ ୫ଟି ଅଧିନାୟିକା ଭାବେ ଜିତିଛନ୍ତି। ଏହି ୩୧ ବର୍ଷୀୟା ମହିଳା କ୍ରିକେଟରଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆ ଗତବର୍ଷ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଏକ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା। ସେ ସମସ୍ତ ଫର୍ମାଟରେ ମୋଟ ଉପରେ ତାଙ୍କ ଦେଶର ଖେଳାଳି ହିସାବରେ ସବୁଠାରୁ ୮୩୫୨ ରନ ୨୪୧ ଗେମ୍ (୬ ଟେଷ୍ଟ, ୧୦୩ ଅନ୍ତର୍ଜାତୀୟ ଦିନିକିଆ, ୧୩୨ ଟେଷ୍ଟ)ରେ ସ୍କୋର କରିଥିଲେ। ଲାନିଙ୍ଗ କିନ୍ତୁ ବିଶ୍ୱବ୍ୟାପୀ ଟି୨୦ ଲିଗ୍‌ରେ ଖେଳିବା ଜାରି ରଖିବେ। ଦୀର୍ଘ ୧୩ ବର୍ଷର ଅନ୍ତର୍ଜାତୀୟ କ୍ୟାରିୟରକୁ ସେ ଭଲରୂପେ ଉପଭୋଗ କରିଛନ୍ତି। ନିଷ୍ପତ୍ତି କଷ୍ଟକର ଥିଲେ ମଧ୍ୟ ଅବସର ନେବା ପାଇଁ ଏହା ଉପଯୁକ୍ତ ସମୟ ବୋଲି ସେ ସ୍ଥିର କରିଥିଲେ ବୋଲି କହିଛନ୍ତି। ବିଭିନ୍ନ ସମୟରେ ଲାନିଂଙ୍କ ଅନୁପସ୍ଥିତିରେ ଅଧିନାୟିକା ଦାୟିତ୍ୱ ତୁଲାଇ ଆସୁଥିବା ଆଲିସା ହିଲି ଆସନ୍ତା ମାସରେ ଭାରତ ଟୁର୍ ସମୟରେ ମଲ୍ଟି ଫର୍ମାଟରେ ତାଙ୍କ ଦଳର ନେତୃତ୍ୱ ନେବେ।

# ଭାରତୀୟ ଦଳରେ ଓଡ଼ିଶାର ୫ ଖେଳାଳି

**ଜୁନିୟର ମହିଳା ହକି ବିଶ୍ୱକପ**

ଭୁବନେଶ୍ୱର, ୯।୧୧ (ତପନ ସ୍ୱାଇଁ)

ଚିଲିର ସାଣ୍ଟିଆଗୋରେ ଚଳିତ ମାସ ୨୯ରୁ ଡିସେମ୍ବର ୧୦ ପର୍ଯ୍ୟନ୍ତ ଏଫ୍‌ଆଇଏଚ୍ ଜୁନିୟର ମହିଳା ହକି ବିଶ୍ୱକପ ଅନୁଷ୍ଠିତ ହେବ। ଏଥିପାଇଁ ଗୁରୁବାର ଘୋଷିତ ଭାରତୀୟ ଦଳରେ ଓଡ଼ିଶାର ୫ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଜ୍ୟୋତି ଛତ୍ରୀ, ଦିପି ମୋନିକା ଟପ୍ପୋ, ସୁନେଲିତା ଟପ୍ପୋ, ମାଧୁରୀ କିଣ୍ଡୋ ଓ ସୁଜାତା କୁଜୁର। ଭାରତ ପୁଲ୍ 'ସି'ରେ ଜର୍ମାନୀ, ବେଲ୍‌ଜିୟମ ଓ କାନାଡ଼ା ସହିତ ସ୍ଥାନ ପାଇଛି। ନଭେମ୍ବର ୨୯ରେ କାନାଡ଼ା ବିପକ୍ଷରେ ଖେଳି ଭାରତ ଅଭିଯାନ ଆରମ୍ଭ କରିବ। ଏହାପରେ ଜର୍ମାନୀକୁ ୩୦ରେ ଓ ବେଲଜିୟମକୁ ଡିସେମ୍ବର ୨ ତାରିଖରେ ଭେଟିବ। ପୁଲ୍ 'ଏ'ରେ ନେଦରଲାଣ୍ଡ୍ସ, ଦକ୍ଷିଣ ଆଫ୍ରିକା, ଅଷ୍ଟ୍ରେଲିଆ ଚିଲି, ପୁଲ୍ 'ବି'ରେ ଆର୍ଜେଣ୍ଟିନା, ସ୍ପେନ୍, ଜିମ୍ବାୱେ, କୋରିଆ ଓ ପୁଲ୍ 'ଡି'ରେ ଇଂଲଣ୍ଡ, ଆମେରିକା, ନ୍ୟୁଜିଲାଣ୍ଡ ଓ ଜାପାନ ସ୍ଥାନ ପାଇଛି। ବିଶ୍ୱକପ ପୂର୍ବରୁ ଭାରତୀୟ ଦଳ ଆର୍ଜେଣ୍ଟିନାରେ ରହି ଅଭ୍ୟାସ କରିବ ବୋଲି କୋଚ୍ ତୁଷାର ଖାଣ୍ଡେକର ସୂଚନା ଦେଇଛନ୍ତି। ଚିଲିର ସ୍ଥାନୀୟ ପରିବେଶ ସହିତ ନିଜକୁ ସାମିଲ କରିବା ପାଇଁ ଖେଳାଳିଙ୍କ ନିକଟରେ ଏକ ଉତ୍ତମ ସୁଯୋଗ ରହିବ ବୋଲି ତୁଷାର ପ୍ରକାଶ କରିଛନ୍ତି।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ